# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୮/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, January 8/ 2019 | ★★★★

୪୫ଶ ଭାଗ ୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ରେଗିନା କିଙ୍ଗଙ୍କୁ ପ୍ରଥମ ଗୋଲ୍ଡେନ୍ ଗ୍ଲୋବ ଆୱାର୍ଡ**

ଲସ୍ ଏଞ୍ଜେଲସ୍‌ର ରେଗିନା କିଙ୍ଗ୍ ସର୍ବୋତ୍ତମ ସହାୟିକା ଅଭିନେତ୍ରୀ ଭାବରେ ପ୍ରଥମ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ଜିତିପାରିଛନ୍ତି। ୦୨

୧୫ **ସନ୍ଦୀପଙ୍କ ଶତକ**

ବିକାଶ ଗ୍ରାଉଣ୍ଡରେ ସୋମବାର ଆରମ୍ଭ ହୋଇଥିବା ଗୋଆ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରି ଓଡ଼ିଶାର ସମ୍ମାନ ରଖିଛନ୍ତି ଓପନର ସନ୍ଦୀପ ପଟ୍ଟନାୟକ।



## ■ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

# ସାଧାରଣ ବର୍ଗ ଗରିବଙ୍କ ଲାଗି ୧୦% ସଂରକ୍ଷଣ

ନୂଆଦିଲ୍ଲୀ,୭।୧(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୋମବାର ବସିଥିବା କ୍ୟାବିନେଟ୍ ବୈଠକ।

ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ସୋମବାର ଅନୁମୋଦନ କରିଛି। ତେବେ ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଏକ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ କରାଇବାକୁ ପଡିବ। ଲୋକ ସଭା ନିର୍ବାଚନକୁ ଆଉ ମାତ୍ର ତିନି ମାସ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ କମିଟି ବୈଠକରେ ୧୦ ପ୍ରତିଶତ ସଂରକ୍ଷଣ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ମଙ୍ଗଳବାର ପାର୍ଲାମେଣ୍ଟ ଶୀତ ଅଧିବେଶନର ଶେଷ ଦିନ ଥିବାବେଳେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ସମ୍ବିଧାନର ଧାରା ୧୫ ଓ ୧୬ରେ ସଂଶୋଧନ ଲାଗି ଏକ ବିଲ୍ ଆସିପାରେ ବୋଲି ଜଣାପଡିଛି। ଅପର ପକ୍ଷରେ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତିକୁ ବିରୋଧୀ ସମାଲୋଚନା କରିଛନ୍ତି।

ଉଚ୍ଚ ଜାତିର ଆର୍ଥିକ ଦୁର୍ବଳ ଭାବେ କେଉଁମାନଙ୍କୁ ବିବେଚିତ କରାଯିବ ତାହାର ଏକ ମାପଦଣ୍ଡ ସରକାର ନିର୍ଦ୍ଧାରଣ କରିଛନ୍ତି। ଯେଉଁମାନଙ୍କ ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ ଏବଂ ୫ ଏକରରୁ କମ୍ ଚାଷଜମି ଥିବ ସେମାନେ ଏହି ସଂରକ୍ଷଣ ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହେବେ ବୋଲି କେନ୍ଦ୍ରମନ୍ତ୍ରୀ ଅଜୟ ସାମ୍ପଲା କହିଛନ୍ତି। ସେହିପରି ଯେଉଁମାନଙ୍କର ସହରରେ ୧୦୦୦ ବର୍ଗଫୁଟରୁ କମ୍ କ୍ଷେତ୍ରଫଳରେ ଘର ଥିବ ଏବଂ ବିଜ୍ଞାପିତ ପୌରାଞ୍ଚଳରେ ୧୦୦ ୟାର୍ଡରୁ କମ୍ ଜାଗାରେ ଘର ଥିବ କିମ୍ବା ୨୦୦ ବର୍ଗ ଗଜରୁ କମ୍ ଜାଗା ଥିବ ସେମାନେ ଏହି ପ୍ରସ୍ତାବିତ କୋଟା ସୁବିଧା ପାଇବା ଲାଗି ଯୋଗ୍ୟ ବିବେଚିତ ହେବେ। ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ମିଳୁଥିବା ବେଳେ ଉଚ୍ଚ ଜାତିର ଗରିବଙ୍କୁ ଏଭଳି ସୁବିଧା ଦେବା ଲାଗି ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା।

ତେବେ ସରକାରଙ୍କ ଏହି ଘୋଷଣା ପରେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବାବେଳେ ଅନେକ ରାଜନୈତିକ ଦଳ ବିରୋଧ କରିଛନ୍ତି। ନିର୍ବାଚନ ଆଉ ମାତ୍ର ୧୦୦ ଦିନ ବାକି ଥିବାବେଳେ ନରେନ୍ଦ୍ର ମୋଦି ସରକାରଙ୍କର ସବର୍ଣ୍ଣ ଗରିବଙ୍କ କଥା ମନେ ପଡିଲା ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ସ୍ଥାନ ସଂରକ୍ଷଣ ପରିମାଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ସମ୍ବିଧାନରେ ବ୍ୟବସ୍ଥା ରହିଛି। ଏହାଠାରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ଲାଗି ସମ୍ବିଧାନ ସଂଶୋଧନ ଜରୁରୀ ହୋଇଥିବାବେଳେ ଏଥିପାଇଁ ପାର୍ଲାମେଣ୍ଟରେ ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ଅଛି କି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

**କେଉଁମାନେ ଉପକୃତ ହେବେ**

- ■ ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍
- ■ ଚାଷଜମି ପରିମାଣ ୫ ଏକରରୁ କମ୍
- ■ ସହରରେ ୧୦୦୦ ବର୍ଗଫୁଟରୁ କମ୍ ଓ ପୌରାଞ୍ଚଳରେ ୧୦୦ ୟାର୍ଡରୁ କମ୍ ଜାଗାରେ ଘର ଥିବ

## ଆଜିଠାରୁ ୨ ଦିନିଆ ଦେଶବ୍ୟାପୀ ଧର୍ମଘଟ

ଭୁବନେଶ୍ୱର,୭।୧(ବ୍ୟୁରୋ)

- ■ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବେ ଟ୍ରେଡ୍ ୟୁନିୟନ ସଂଗଠନ
- ■ ବିଜେଡି, କଂଗ୍ରେସର ସମର୍ଥନ

୧୧ ଦଫା ନେଇ ବିଭିନ୍ନ ଟ୍ରେଡ ୟୁନିୟନ ସଂଗଠନ ଦେଶବ୍ୟାପୀ ୨ ଦିନିଆ ବନ୍ଦ ଡାକରା ଦେଇଛନ୍ତି। ଜାନୁୟାରୀ ୮ ଓ ୯ରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ହେଉଥିବା ଏହି ବନ୍ଦକୁ ରାଜ୍ୟରେ ବିଜେଡି ଓ କଂଗ୍ରେସ ମଧ୍ୟ ସମର୍ଥନ ଜଣାଇଛନ୍ତି। ଏହାଛଡ଼ା ସମସ୍ତ ବାମପନ୍ଥୀ ଦଳଗୁଡ଼ିକ ମଧ୍ୟ ବନ୍ଦ ପାଳନରେ ସାମିଲ ହେବେ। ବନ୍ଦ ପାଳନ ଯୋଗୁ ରାଜ୍ୟରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। କୌଣସି ଗାଡ଼ି ରାସ୍ତା ଉପରେ ଗଡ଼ିବ ନାହିଁ। ଶିକ୍ଷାନୁଷ୍ଠାନ ଦିନକ ପାଇଁ ବନ୍ଦ ରହିବ। ବିଭିନ୍ନ ଟ୍ରେଡ ୟୁନିୟନ ସଂଗଠନର କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ରିଜର୍ଭ ବ୍ୟାଙ୍କ, ରେଳ ଷ୍ଟେଶନରେ ପିକେଟିଂ କରି ପ୍ରତିବାଦ ଜଣାଇବେ। ବିଜେଡି ସିଧା ସଳଖ ଏହି ଧର୍ମଘଟରେ ☞ପୃଷ୍ଠା-୪

## ବନ୍ଦ ରହିବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୭।୧(ବ୍ୟୁରୋ)

ମଙ୍ଗଳବାର ରାଜ୍ୟର ସମସ୍ତ ସ୍କୁଲ ଛୁଟି ରହିବ। ଟ୍ରେଡ଼ ୟୁନିୟନଗୁଡିକ ପକ୍ଷରୁ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ୮ ଓ ୯ ତାରିଖ ଦୁଇଦିନ ଭାରତ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ୯ ତାରିଖ ବୁଧବାର ସ୍କୁଲ ବନ୍ଦ ରହିବ କି ନାହିଁ ତାହା ମଙ୍ଗଳବାର ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ସେହିଭଳି ମଙ୍ଗଳବାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ଘରୋଇ କଲେଜ ଏବଂ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ
## ଭୁବନେଶ୍ୱର ସମେତ ୧୬ ଏୟାରପୋର୍ଟରେ ନିଷିଦ୍ଧ

ନୂଆଦିଲ୍ଲୀ,୭।୧

ବିମାନ ବନ୍ଦର କର୍ତ୍ତୃପକ୍ଷ(ଏଏଆଇ) ଭୁବନେଶ୍ୱର ସମେତ ଦେଶର ୧୬ଟି ବିମାନ ବନ୍ଦର(ଏୟାରପୋର୍ଟ)ରେ ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀକୁ ନିଷିଦ୍ଧ କରିଛି। ଫଳରେ ବିମାନ ଯାତ୍ରୀମାନେ ସାଙ୍ଗରେ ଷ୍ଟ୍ର, ପ୍ଲାଷ୍ଟିକ କର୍ଟଲେ ଏବଂ ପ୍ଲାଷ୍ଟିକ ପ୍ଲେଟ ଆଦିକୁ ପାସେଞ୍ଜର ଟର୍ମିନାଲ ଓ ସିଟି ସାଇଡକୁ ନେଇପାରିବେ ନାହିଁ। ପ୍ଲାଷ୍ଟିକ ନିଷିଦ୍ଧ ହୋଇଥିବା ଏୟାରପୋର୍ଟଗୁଡିକ ହେଲା ଇନ୍ଦୋର, ଭୋପାଳ, ଅହମ୍ମଦାବାଦ, ଭୁବନେଶ୍ୱର, ତିରୁପତି, ତ୍ରିଚି, ବିଜୟୱାଡା, ଡେରାଡୁନ, ଚଣ୍ଡିଗଡ, ଭଦୋଦରା, ମଦୁରାଇ, ରାଏପୁର, ଭାଇଜାକ୍, ପୁଣେ, କୋଲକାତା ଓ ବାରାଣସୀ। ଏଏଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ବାର୍ଷିକ ୧୦ ଲକ୍ଷ ଯାତ୍ରୀ ଆତଯାତ ହେଉଥିବା ଦେଶର ୩୪ ଟି ବିମାନ ବନ୍ଦରରେ ଗୋଟିଏ ଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ନିଷିଦ୍ଧ କରାଯିବାର ଫଳାଫଳ ନିର୍ଦ୍ଧାରଣ/ସମୀକ୍ଷା ନେଇ ଏହା କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ ସହ ଆଲୋଚନା ଚଳାଇଛି।

# ଓଡ଼ିଶା ଗସ୍ତରେ ପଞ୍ଚଦଶ ଅର୍ଥ କମିଶନ

### 'ଦେଶର ଆର୍ଥିକ ବିକାଶ ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି: ନନ୍ଦକିଶୋର'

ଭୁବନେଶ୍ୱର,୭।୧(ବ୍ୟୁରୋ)



ଭୁବନେଶ୍ୱର ବିମାନ ବନ୍ଦରରୁ ବାହାରୁଛନ୍ତି ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ନନ୍ଦକିଶୋର ସିଂ (ଡାହାଣ)।

ଦେଶର ଅର୍ଥନୀତି ବିକାଶ ପାଇଁ ଓଡ଼ିଶା ଏକ ଆଗୁଆ ରାଜ୍ୟ ଭାବେ କାର୍ଯ୍ୟ କରିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏଦିଗରେ ଅର୍ଥ କମିଶନ କେଉଁ ଭୂମିକା ଗ୍ରହଣ କରି ପାରିବ ତାହା ଉପରେ ଫୋକସ କରାଯିବ ବୋଲି ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ନନ୍ଦ କିଶୋର ସିଂ କହିଛନ୍ତି। ନନ୍ଦକିଶୋର ସୋମବାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଜ୍ୟ ସରକାରଙ୍କଠାରୁ ଆମେ ସ୍ମାରକ ପତ୍ର ପାଇଛୁ। ରାଜ୍ୟ ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ଚାଷୀଙ୍କ ପାଇଁ ଋଣ ଛାଡ଼ କିମ୍ବା ଅନ୍ୟାନ୍ୟ ସହାୟତା ବିଷୟରେ ଆମେ ଆଲୋଚନା କରିବୁ ନାହିଁ। ତାହା ରାଜ୍ୟ ସରକାରଙ୍କ ବିଷୟ। ରାଜ୍ୟ ସରକାର ରାଜ୍ୟର ଆର୍ଥିକ ବିକାଶ ଓ ଅର୍ଥନୀତି ଉପରେ କ'ଣ ସବୁ ପଦକ୍ଷେପ ନେଇଛନ୍ତି, ଏପରିକି ଓଡ଼ିଶାର ଆର୍ଥିକ ବିକାଶ ଦିଗରେ କ'ଣ ସବୁ ସୁଯୋଗ ଓ ଚ୍ୟାଲେଞ୍ଜ ରହିଛି ସେଦିଗ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଶନ ଅଧ୍ୟକ୍ଷ କହିଛନ୍ତି।

ଅର୍ଥ କିମଶନ ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ରାଜ୍ୟରେ ୭ରୁ ୧୧ ତାରିଖ ଯାଏ ପରିଦର୍ଶନ କରିବେ। ୮ ତାରିଖ ଅପରାହ୍ନ ୩ଟାରୁ ୫ଟା ୫୦ ମିନିଟ ମଧ୍ୟରେ କମିଶନ ପଞ୍ଚାୟତ ଓ ପୌର ସଂସ୍ଥା ପ୍ରତିନିଧି, ବିଭିନ୍ନ ବ୍ୟବସାୟୀ ସଂଗଠନ, ଶିଳ୍ପ ସଂଗଠନ ଏବଂ ବିଭିନ୍ନ ରାଜନୀତି ଦଳ ସହିତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ୯ ତାରିଖରେ ସକାଳ ୯ଟା ୫୫ ମିନିଟରୁ ମଧ୍ୟାହ୍ନ ୧ଟା ମଧ୍ୟରେ କମିଶନ ମୁଖ୍ୟମନ୍ତ୍ରୀ, ☞ପୃଷ୍ଠା-୪

## ■ ଅଷ୍ଟ୍ରେଲିଆ ମାଟିରେ ଭାରତର ପ୍ରଥମ ଟେଷ୍ଟ ସିରିଜ ବିଜୟ

# ୭୧ ବର୍ଷ ପ୍ରତୀକ୍ଷାର ଅବସାନ

ସିଡ୍‌ନୀ, ୭।୧(ପି.ଟି.)



ବର୍ଡର-ଗାଭାସ୍କର ଟ୍ରଫି ସହ ବିରାଟ କୋହଲି।

ଦୀର୍ଘ ୭୧ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ଭାରତୀୟ କ୍ରିକେଟ ଇତିହାସରେ ଯୋଗ ହୋଇଛି ନୂଆ ଅଧ୍ୟାୟ। ଅଷ୍ଟ୍ରେଲିଆ ମାଟିରେ ସର୍ବପ୍ରଥମ ଟେଷ୍ଟ ସିରିଜ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ। ପୂର୍ବରୁ ୧୧ ଉଦ୍ୟମରେ ଯାହା ସମ୍ଭବ ହୋଇ ନ ଥିଲା ତାହା ଏବେ କାମରେ କରି ଦେଖାଇଛି ବିରାଟ ବାହିନୀ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟର ଶେଷ ଦିବସ ଖେଳ ଖରାପ ପାଗ ଯୋଗୁ ସମ୍ଭବ ହୋଇ ନ ଥିଲା। ଫଳରେ ମ୍ୟାଚ ଡ୍ର ରହିବା ସହ ଭାରତ ୨-୧ରେ ସିରିଜ ବିଜୟୀ ହୋଇ ବର୍ଡର-ଗାଭାସ୍କର ଟ୍ରଫି ହାସଲ କରିଛି। ୧୯୪୭-୪୮ ସିଜନରେ ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ଆରମ୍ଭ ହୋଇଥିଲା। ଭାରତ ସ୍ୱାଧୀନ ହେବାର ଅଳ୍ପ କିଛି ମାସ ପରେ ସେତେବେଳେ ଲାଲା ଅମରନାଥଙ୍କ ଦଳ ଅଷ୍ଟ୍ରେଲିଆ ଯାଇ ସାର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ଟିମ୍‌କୁ ଭେଟିଥିଲା। ୫ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୪-୦ରେ ବିଜୟୀ ହୋଇଥିଲା। ୧୯୬୭-୬୮ରେ ଦ୍ୱିତୀୟଥର ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିଥିବା ଭାରତୀୟ ଦଳ ମଧ୍ୟ ୦-୪ରେ ସିରିଜ ହାରିଥିଲା। ୧୯୭୭-୭୮ରେ ଅଷ୍ଟ୍ରେଲିଆ ୩-୨ରେ ସିରିଜ ଜିତିଥିବାବେଳେ ୧୯୮୦-୮୧ରେ ୧-୧ ଏବଂ ୧୯୮୫-୮୬ରେ ସିରିଜ ୦-୦ରେ ଡ୍ର ରହିଥିଲା। ୧୯୯୧-୯୨ରେ ଅଷ୍ଟ୍ରେଲିଆ ୪-୦ ଓ ୧୯୯୯-୨୦୦୦ରେ ୩-୦ରେ ସିରିଜ ବିଜୟୀ ହୋଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କନ୍‌ଷ୍ଟେବଲଙ୍କୁ ସୁଯୋଗ**

**ଆଜିର ମନ୍ତବ୍ୟ**

" ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କ ଲାଗି ମାଗଣା ଉପହାର ଘୋଷଣା କରିବା ପରିବର୍ତ୍ତେ ବିକାଶକୁ ଗୁରୁତ୍ୱ ଦେବା ଉଚିତ।

– ଏମ୍. ଭେଙ୍କାୟା ନାଇଡୁ
ଉପରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE 07.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 72 | 122 | 132 |
| BDK | 74 | 124 | 134 |
| BLS | 76 | 127 | 137 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


# ଟ୍ରକ୍ ପଛକୁ ପିଟିଲା କାର୍, ୫ ମୃତ

କେନ୍ଦ୍ରାପଡ଼ା ଅଫିସ୍/ଡେରାବିଶ, ୭।୧(ସ୍ୱ.ପ୍ର.)



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

ନୂଆବର୍ଷ କେନ୍ଦ୍ରାପଡା ଜିଲାପାଇଁ ସତେଯେପରି ଅଶୁଭ ପାଲଟିଯାଇଛି । ଗତ ୨ ତାରିଖରେ ମହାକାଳପଡା ବ୍ଲକ ଅଞ୍ଚଳରେ ଡଙ୍ଗାବୁଡି ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଏକ କାର ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣା ସମଗ୍ର ଜିଲାରେ ଆଲୋଡନ ସୃଷ୍ଟି କରିଛି।

ଡେରାବିଶ ଥାନା ଅନ୍ତର୍ଗତ ୫ ନଂ (କ) ଜାତୀୟ ରାଜପଥର ଅଳାବାଙ୍କ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ କାର ଚାଳକ କେନ୍ଦ୍ରାପଡା ବ୍ଲକ ଗରାପୁର ଗ୍ରାମର ରଘୁନାଥ ସାହୁଙ୍କ ପୁଅ ହରେକୃଷ୍ଣ (୧୮), ରାଜନଗର ବ୍ଲକ ଗୋପାଳପୁର ଗ୍ରାମର ଶରତ ଜେନାଙ୍କ ପୁଅ ରାଜେଶ (୨୨), କେନ୍ଦ୍ରାପଡା ବ୍ଲକ ପାଇକରାପୁର ଗ୍ରାମର ଅମରେନ୍ଦ୍ର ଶତପଥୀଙ୍କ ପୁଅ ଜୀବନଜ୍ୟୋତି(୧୫), ପଟ୍ଟାମୁଣ୍ଡାଇ ଥାନା ବେଲତଳ ଗ୍ରାମ ଅମୂଲ୍ୟ ସେଠୀଙ୍କ ପୁଅ ଦେବାଶିଷ (୨୨) ଓ କୈଳାସୀ ଗ୍ରାମର ନିରଞ୍ଜନ ଧଳଙ୍କ ପୁଅ ଦୀପକ(୧୮)। ଦୁର୍ଘଟଣାରେ ଗୁରୁତର ହୋଇଥିବା ଅନୁଗୁଳ ଜିଲା ସିମିଳିଆପଦା ☞ପୃଷ୍ଠା-୪

**ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା**

- ■ ଜଣେ ଗୁରୁତରଙ୍କୁ କଟକ ସ୍ଥାନାନ୍ତର
- ■ ମୃତକ ସମସ୍ତେ ରୟାଲ ଡ୍ୟାନ୍ସ ଗ୍ରୁପ୍‌ର ସଦସ୍ୟ
- ■ ଅତ୍ୟଧିକ କୁହୁଡି ଯୋଗୁ ଘଟିଲା ଦୁର୍ଘଟଣା

## ■ ଅଭିନେତ୍ରୀ ନିକିତାଙ୍କ ମୃତ୍ୟୁ ମାମଲା

# ଛାତରୁ ଠେଲି ଦେଇଥିବା ମାନିଲେ ସ୍ୱାମୀ

କଟକ ଅଫିସ, ୭।୧

ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ହତ୍ୟା କରାଯାଇଛି। ସ୍ୱାମୀ ଲିପନ ସାହୁ ତାଙ୍କୁ ଛାତରୁ ତଳକୁ ଠେଲି ଦେଇଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଉଗ୍ରରୂପ ଧାରଣ କରିଥିଲା, ଯେଉଁଥିରେ ରାଗିଯାଇ ଲିପନ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଲିପନଙ୍କୁ ଗିରଫ କରାଯାଇଛି, ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

ଡିସିପି ସିଂଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଲିପନ ନିକିତାଙ୍କ ବାପ ଘରକୁ ଜଣେ ସାଙ୍ଗଙ୍କ ସହିତ ଆସିଥିଲେ। ସେଦିନ ନିକିତା ଚିକେନ ରାନ୍ଧିଥିଲେ। ତେଣୁ ଲିପନଙ୍କୁ ରହିବା ପାଇଁ ବାଧ କରିଥିଲେ। ମାତ୍ର ଲିପନ ସାଙ୍ଗଙ୍କ ସହିତ ଚାଲି ଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ତେବେ କିଛି ସମୟ ପରେ ପୁନର୍ବାର ଲିପନ ନିକିତାଙ୍କ ଘରକୁ ଫେରିଥିଲେ। ଏହା ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ବୋଲି ସିଂ କହିଛନ୍ତି। ଘଟଣାରେ ଲିପନଙ୍କ ବାପା ମା'ଙ୍କୁ ପୋଲିସ ଜେରା କରିବ। ଯେଉଁମାନଙ୍କ ସମ୍ପୃକ୍ତି ଜଣାପଡ଼ିବ ସେମାନଙ୍କୁ ଗିରଫ କରାଯିବ ବୋଲି ଡିସିପି ସିଂ କହିଛନ୍ତି। ଅନ୍ୟପକ୍ଷରେ ପୋଲିସର ଫରେନ୍‌ସିକ ଟିମ୍ ସୋମବାର ସକାଳେ ନିକିତାଙ୍କ ଘରକୁ ଯାଇଥିଲା। ସେଠାରେ ନିକିତା ଓ ଲିପନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ସ୍ଥାନ ସହିତ ନିକିତା ଯେଉଁଠି ଛାତରୁ ଖସି ପଡ଼ିଥିଲେ ସେହି ସ୍ଥାନଗୁଡ଼ିକ ଯାଞ୍ଚ କରିଥିଲା। ସୂଚନାଥାଉ କି, ଶୁକ୍ରବାର ରାତିରେ ନିକିତା ଛାତରୁ ପଡ଼ି ଲହୁଲୁହାଣ ହେବା ପରେ ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ନିକିତାଙ୍କ ବାପା ରବିବାର ଲିପନ ଓ ତାଙ୍କ ମା'ବାପାଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୮ ଜାନୁୟାରୀ, ୨୦୧୯



"ଅନିଲ ଅମ୍ବାନୀଙ୍କୁ ଲାଭ ଦେବା ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍)କୁ ସରକାର ଦୁର୍ବଳ କରିଦେଉଛନ୍ତି ।
- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



## ସଂକ୍ଷେପରେ

### ଭଦ୍ରାଙ୍କ ଫାର୍ମ ନାଁରେ ମାମଲା



ନୂଆଦିଲ୍ଲୀ,୭।୧ (ପି.ଟି.)-ହରିୟାଣାର ଗୁରୁଗାଓଁରେ ୨୦୦୮ରେ ଜମି ଜାଲିଆତି ଘଟଣାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ଫାର୍ମ ନାଁରେ ସାନି ମନି ଲଣ୍ଡରିଂ ମାମଲା ରୁଜୁ କରିଛି। ଗତ ସେପ୍ଟେମ୍ବରରେ ହରିୟାଣା ପୋଲିସ ପକ୍ଷରୁ ଏ ସମ୍ପର୍କିତ ଏକ ଅଭିଯୋଗ ପତ୍ର ଦାଏର ହୋଇଥିଲା। ଏହାକୁ ଆଧାରକରି ଭଦ୍ରାଙ୍କ ସହ ଯୋଗାଯୋଗରେ ଥିବା ୩ ସନ୍ଦିଗ୍ଧ ଅଭିଯୁକ୍ତଙ୍କ ବିରୋଧରେ ତଲାସୀ ଅଭିଯାନ ପରେ ମନି ଲଣ୍ଡରିଂ ନିରୋଧ ଆଇନ (ପିଏମ୍ଏଲ୍ଆଇ) ଅନୁସାରେ ଏହି ମାମଲା ରୁଜୁ ହୋଇଛି। ହରିୟାଣା ପୋଲିସର ଅଭିଯୋଗ ଅନୁଯାୟୀ, ୨୦୦୮ରେ ଭୂପିନ୍ଦର ସିଂ ହୁଡା ମୁଖ୍ୟମନ୍ତ୍ରୀ ଥିବା ସମୟରେ ଭଦ୍ରାଙ୍କ ସ୍କାଇଲାଇଟ୍ ହସ୍ପିଟାଲିଟି ଫାର୍ମ ୭.୫୦ କୋଟିରେ ଅଙ୍କରେଶ୍ୱର ପ୍ରପର୍ଟିଜ୍‌ଠାରୁ ଗୁରୁଗାଓଁର ସେକ୍ଟର ୮୩ରେ ୩.୫ ଏକର ଜମି କିଣିଥିଲା। ପରବର୍ତ୍ତୀ ସମୟରେ ଏହି ଫାର୍ମ ୫୮ କୋଟିରେ ଡିଏଲ୍ଏଫ୍ କମ୍ପାନୀକୁ ଉକ୍ତ ଜମି ବିକ୍ରି କରିଥିଲା। ଅନ୍ୟପଟେ, ଏହି ଜମି ଡିଲ୍ ପ୍ରତି ବଦଳରେ ହୁଡା ସରକାର ଡିଏଲ୍ଏଫ୍ ସଂସ୍ଥାକୁ ୩୫୦ ଏକର ଜମି ଯୋଗାଇ ଦେଇଥିଲେ।

### ଲୋକ ସଭାରୁ ୪ ଏମ୍‌ପି ନିଲମ୍ବିତ

ନୂଆଦିଲ୍ଲୀ,୭।୧(ପି.ଟି.)-ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ସୋମବାର ଆଉ ୪ ଜଣ ଏମ୍‌ପିଙ୍କୁ ନିଲମ୍ବିତ କରିଛନ୍ତି। ଗୃହରେ ବିଶୃଙ୍ଖଳା ଲାଗି ଏଆଇଏଡିଏମ୍‌କେର ୩ ଜଣ ଏବଂ ଟିଡିପିର ଜଣେ ଏମ୍‌ପିଙ୍କୁ ଅଧିବେଶନର ଅବଶିଷ୍ଟ ୨ ଦିନ ପାଇଁ ନିଲମ୍ବନ କରାଯାଇଛି। ଗତ ସପ୍ତାହରେ ବାଚସ୍ପତି ବିଶୃଙ୍ଖଳିତ ୪୫ ଏମ୍‌ପିଙ୍କୁ ନିଲମ୍ବନ କରିଥିଲେ। ସୋମବାର ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କାବେରୀ ନଦୀରେ ପ୍ରସ୍ତାବିତ ବନ୍ଧ ନିର୍ମାଣକୁ ବିରୋଧ କରି ଏଆଇଏଡିଏମ୍‌କେର କେ.ଏନ. ରାମଚନ୍ଦ୍ରନ, ପି. ବେଣୁଗୋପାଳ ଏବଂ କେ.କେ. ଗୋପାଳ ପ୍ରତିବାଦ ଜଣାଇଥିବା ବେଳେ ଟିଡିପି ଏମ୍‌ପି ନରମାଲ୍ଲି ଶିବପ୍ରସାଦ ଗୃହରେ ଏକ ତାମିଲ କବିତା ଆବୃତ୍ତି କରିଥିଲେ।

# କେନ୍ଦ୍ରର ନିର୍ବାଚନୀ ଥୋପ

ନୂଆଦିଲ୍ଲୀ,୭।୧(ପି.ଟି.)

ଦୀର୍ଘ ୪ ବର୍ଷ ୮ ମାସ କ୍ଷମତାରେ ରହିବା ପରେ ଲୋକ ସଭା ନିର୍ବାଚନର ମାତ୍ର ୩ ମାସ ପୂର୍ବରୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଉଚ୍ଚ ଜାତିର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଘୋଷଣା କରିଥିବାରୁ ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଛନ୍ତି। ଲୋକଙ୍କୁ ଭଣ୍ଡାଇବା ଲାଗି ଭାଜପାର ଏହା ନିର୍ବାଚନୀ ଚାଲ୍ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ନିକଟରେ ଶେଷ ହୋଇଥିବା ତିନୋଟି ମୁଖ୍ୟ ହିନ୍ଦୀଭାଷୀ ରାଜ୍ୟ ଭାଜପା ହାତରୁ ଖସିଯିବା ପରେ ଆଗାମୀ ଲୋକ ସଭା ନିର୍ବାଚନ ଲାଗି କେନ୍ଦ୍ର ସରକାର ସ୍ଥାନ ସଂରକ୍ଷଣକୁ ନିର୍ବାଚନୀ ଥୋପ କରିଥିବା ଚର୍ଚ୍ଚା ହେଉଛି।

କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭି କହିଛନ୍ତି, ଏତେ ଦିନ କ୍ଷମତାରେ ଥାଇ ସରକାର ସବର୍ଣ୍ଣ ଗରିବଙ୍କ କଥା ଚିନ୍ତା କରିବାକୁ ସମୟ ପାଇ ନ ଥିଲେ। ଏବେ ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସେମାନଙ୍କ କଥା ମନେପଡିଲା। ଏଥିପାଇଁ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟାଗରିଷ୍ଠତା ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ୫୦ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ କରାଯାଇପାରିବ ନାହିଁ ଏହା ସରକାର ଭଲ ଭାବେ ଜାଣନ୍ତି। ତେଣୁ ସେମାନଙ୍କ ଲାଗି ଚିନ୍ତା କରୁଥିବା କଥା ଜଣାଇବା ପାଇଁ ଏହା କେବଳ ପ୍ରଚାରପତ୍ର ବୋଲି ସିଂଘଭି ଟୁଇଟ୍ କରିଛନ୍ତି। ନିକଟରେ ଭାଜପା ଛାଡ଼ିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶଓ୍ୱନ୍ତ ସିହ୍ନା ସରକାରଙ୍କ ଏହି ନିଷ୍ପତ୍ତିକୁ ଜୁମ୍‌ଲା ବୋଲି ଟୁଇଟ୍ କରିଛନ୍ତି। ଏଭଳି ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ଆଇନଗତ ପ୍ରତିବନ୍ଧକ ରହିଛି। ଏହାକୁ ପାର୍ଲାମେଣ୍ଟର ଉଭୟ ଗୃହରେ ଅନୁମୋଦନ କରାଇବା ଲାଗି ସମୟ ମଧ୍ୟ ନାହିଁ ବୋଲି ସେ କହିଛନ୍ତି।

## ଉଚ୍ଚ ଜାତି ଗରିବଙ୍କ ଲାଗି ୧୦% କୋଟା



"କେନ୍ଦ୍ରର ନିର୍ବାଚନୀ ଚାଲ୍।
– ଅଭିଷେକ ମନୁ ସିଂଘଭି



"ସରକାରଙ୍କ ଆଉ ଏକ ଜୁମ୍‌ଲା ।
– ଯଶଓ୍ୱନ୍ତ ସିହ୍ନା



"ଦଳିତଙ୍କୁ ନ୍ୟାୟ ପାଇଁ ସଂରକ୍ଷଣ ଆବଶ୍ୟକ।
– ଆସାଦୁଦ୍ଦିନ ଓ୍ୱାଇସି



"ସ୍ୱାଗତଯୋଗ୍ୟ ନିଷ୍ପତ୍ତି, ପୂର୍ବରୁ ନେବାର ଥିଲା ।
– ପିନାରାୟୀ ବିଜୟନ

### କାର୍ଯ୍ୟକାରୀ ସହଜ ନୁହେଁ

- ୫୦% ସଂରକ୍ଷଣ ସୀମା ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି
- ସମ୍ବିଧାନ ସଂଶୋଧନ ଲାଗି ସରକାରଙ୍କର ରାଜ୍ୟ ସଭାରେ ଆବଶ୍ୟକ ସଂଖ୍ୟା ନାହିଁ
- ଅର୍ଥନୈତିକ ଅନଗ୍ରସର ଚିହ୍ନଟ କଷ୍ଟକର

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ତେବେ ସରକାର ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସିପିଏମ୍ ମଧ୍ୟ ଉଚ୍ଚଜାତିର ଆର୍ଥିକ ଦୁର୍ବଳଙ୍କ ଲାଗି ସଂରକ୍ଷଣ ଚାହୁଁଥିଲା ବୋଲି ସେ କହିଛନ୍ତି।

ଏଆଇଏମଆଇଏମ ଅଧ୍ୟକ୍ଷ ଆସାଦୁଦ୍ଦିନ ଓ୍ୱାଇସି କହିଛନ୍ତି, ଏହି ସଂରକ୍ଷଣ ଦ୍ୱାରା ଦଳିତଙ୍କ ପ୍ରତି ଦୀର୍ଘଦିନରୁ ହୋଇ ଆସିଥିବା ଅନ୍ୟାୟର ସଂଶୋଧନ ହୋଇପାରିବ। ଦାରିଦ୍ର୍ୟ ଦୂରୀକରଣ ଲାଗି ଅନେକ ଯୋଜନା ହୋଇପାରେ, କିନ୍ତୁ ନ୍ୟାୟ ପାଇଁ ସଂରକ୍ଷଣ ଆବଶ୍ୟକ ବୋଲି ସେ କହିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁରଯଓ୍ୱାଲା କହିଛନ୍ତି, କଂଗ୍ରେସ ସବୁବେଳେ ସମାଜରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସରଙ୍କ ବିକାଶକୁ ସମର୍ଥନ କରି ଆସିଛି ଏବଂ ଏଥିପାଇଁ ଦଳର ସମର୍ଥନ ଜାରି ରହିବ। ତେବେ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାରଙ୍କ ଏଭଳି ଉଦ୍ୟମକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ଭାଜପା ଏହି ନିଷ୍ପତ୍ତିକୁ ଐତିହାସିକ ବୋଲି କହିଛି। ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ବିଜୟ ସାମ୍ପଲା କହିଛନ୍ତି, ସରକାରଙ୍କ ଏହି ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ। ଏହାଦ୍ୱାରା ବ୍ରାହ୍ମଣ, ବଣିଆ, ଖ୍ରୀଷ୍ଟିୟାନ, ମୁସଲମାନ ସମସ୍ତେ ଉପକୃତ ହେବେ ବୋଲି ସାମ୍ପଲା କହିଛନ୍ତି। ଅନ୍ୟତମ କେନ୍ଦ୍ରମନ୍ତ୍ରୀ ଶିବପ୍ରତାପ ଶୁକ୍ଳା କହିଛନ୍ତି, ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇ ନାହିଁ। ସରକାର ଉଚ୍ଚ ବର୍ଗର ଆର୍ଥିକ ଦୁର୍ବଳଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତି ନେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବା ଏତେଟା ସହଜ ନୁହେଁ। କାରଣ ସୁପ୍ରିମକୋର୍ଟ ସର୍ବାଧିକ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତ ଧାର୍ଯ୍ୟ କରିଛନ୍ତି। ଏହାଠାରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଅର୍ଥ ସୁପ୍ରିମକୋର୍ଟକୁ ଚାଲେଞ୍ଜ ସଦୃଶ ହେବ। ଏଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଛି। ପୂର୍ବରୁ ଯେତେସବୁ ସଂରକ୍ଷଣ ଲାଗୁ ହୋଇଛି ତାହା ଜାତି ଭିତ୍ତିକ ହୋଇଥିବାରୁ କାର୍ଯ୍ୟକାରୀ କରିବାରେ ସମସ୍ୟା ହୋଇ ନ ଥିଲା। ଅନୁସୂଚିତ ଜାତି ଓ ଜନଜାତିରେ ଆର୍ଥିକ ସ୍ୱଚ୍ଛଳ ଥାଆନ୍ତୁ କି ଦୁର୍ବଳ ଥାଆନ୍ତୁ ସମସ୍ତେ ଏହି କୋଟା ସୁବିଧା ପାଇବାକୁ ଯୋଗ୍ୟ ହେଉଥିଲେ। ସରକାର ଏବେ ଯେଉଁ କୋଟା ପ୍ରସ୍ତାବ ଆଣିଛନ୍ତି ତାହା କେବଳ ଉଚ୍ଚଜାତିର ଆର୍ଥିକ ଦୁର୍ବଳଙ୍କ ପାଇଁ। ଏହି ଆର୍ଥିକ ଦୁର୍ବଳଙ୍କୁ ଚିହ୍ନଟ କରିବା ଏକ ସମସ୍ୟା ହେବ। କୋଟା ସୁବିଧା ପାଇବା ଲାଗି ଧାର୍ଯ୍ୟ ମାନଦଣ୍ଡର ଦୁରୁପଯୋଗ ସମ୍ଭାବନା ରହିଛି।

## ■ ନାଗରିକତା ବିଲ୍ ବିବାଦ
# ଭାଜପା ହାତ ଛାଡ଼ିଲା ଏଜିପି

ଗୁଆହାଟୀ,୭।୧(ପି.ଟି.)

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଗୋଟିଏ ପରେ ଗୋଟିଏ ସହଯୋଗୀ ଭାଜପା ହାତ ଛାଡୁଛନ୍ତି। ପୂର୍ବରୁ ବିହାରରେ ଉପେନ୍ଦ୍ର କୁଶଓ୍ୱାହଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆରଏଲ୍ଏସ୍‌ପି) ଭାଜପାଠାରୁ ଦୂରେଇ ଯାଇଥିବା ବେଳେ ସୋମବାର ଆସାମରେ ଏହାର ଆଞ୍ଚଳିକ ସହଯୋଗୀ ସମ୍ପର୍କ ଛିନ୍ନ କରିଛି। କେନ୍ଦ୍ର ସରକାରଙ୍କ ନାଗରିକତା ସଂଶୋଧନ ବିଲ୍, ୨୦୧୬କୁ ବିରୋଧ କରି ଆସାମ ଗଣ ପରିଷଦ (ଏଜିପି) ଭାଜପାଠାରୁ ଦୂରେଇଯାଇଛି। ମଙ୍ଗଳବାର ଏହି ବିଲ୍ ଉପରେ ଲୋକ ସଭାରେ ଆଲୋଚନା ହେବାକୁ ଥିବାବେଳେ ଏଜିପି ଅଧ୍ୟକ୍ଷ ଅତୁଲ ବୋରା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଭାଜପା ଉକ୍ତ ବିଲ୍‌କୁ ଫେରାଇବ ନାହିଁ ବୋଲି ସ୍ପଷ୍ଟ କରିଦେବା ପରେ ସେ ମେଣ୍ଟ ଛାଡିଲେ ବୋଲି ଘୋଷଣା କରିଛନ୍ତି। ଭାଜପା ଉକ୍ତ ବିଲ୍‌କୁ ଆଗକୁ ନେଲେ ସେମାନେ ମେଣ୍ଟରୁ ଓହରିଯିବେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତ ଏବଂ ଏଜିପି ନେତାମାନେ ପୂର୍ବରୁ ଚେତାବନୀ ଦେଇଥିଲେ। ଯଦିଓ ସମର୍ଥନ ପ୍ରତ୍ୟାହାର ଆସାମ ସରକାର ଉପରେ କୌଣସି ପ୍ରଭାବ ପକାଇବ ନାହିଁ ତେବେ ଆଗାମୀ ଲୋକ ସଭା ନିର୍ବାଚନକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ନାଗରିକତା ବିଲ୍ ଗୃହୀତ ନ ହେଲେ ଆଗାମୀ ୫ ବର୍ଷ ମଧ୍ୟରେ ଆସାମ ହିନ୍ଦୁ ସଂଖ୍ୟାଲଘୁ ରାଜ୍ୟରେ ପରିଣତ ହୋଇଯିବ ବୋଲି ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି।

# ଶପଥ ନେଲେ ଶେଖ୍ ହାସିନା



ଢାକା,୭।୧(ପି.ଟି.)

ବାଂଲାଦେଶର ଲଗାତର ଚତୁର୍ଥଥର ପ୍ରଧାନମନ୍ତ୍ରୀ ଭାବେ ଶେଖ୍ ହାସିନା (୭୧) ସୋମବାର ଶପଥ ନେଇଛନ୍ତି। ଡିସେମ୍ବର ୩୦ ସାଧାରଣ ନିର୍ବାଚନରେ ତାଙ୍କ ଦଳ ଆଓ୍ୱାମି ଲିଗ୍‌ର ବିପୁଳ ଜନମତ ହାସଲ କରିଥିବାବେଳେ ଢାକାସ୍ଥିତ ବଙ୍ଗଭବନରେ ରାଷ୍ଟ୍ରପତି ମହମ୍ମଦ ଅବଦୁଲ ହମିଦ୍ ଦେଶର ପ୍ରଧାନମନ୍ତ୍ରୀ ଭାବେ ହାସିନାଙ୍କ ସମେତ ୨୪ କ୍ୟାବିନେଟ୍ ଓ ୧୯ ରାଜ୍ୟ ମନ୍ତ୍ରୀଙ୍କୁ ଶପଥ ପାଠ କରାଇଛନ୍ତି। ହସିନାଙ୍କ ନେତୃତ୍ୱାଧୀନ ଆଓ୍ୱାମି ଲିଗ୍ ଓ ଜାତୀୟ ଦଳ ମହାମେଣ୍ଟ ନିର୍ବାଚନରେ ୯୬ ପ୍ରତିଶତ ଆସନରେ ବିଜୟୀ ହୋଇଥିଲାବେଳେ ବିରୋଧୀ ଖାଲିଦା ଜିଆଙ୍କ ନେତୃତ୍ୱାଧୀନ ଦଳ ବିଏନ୍‌ପିକୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି।

## ଫୁର୍‌ସତ

# ଜେଲିଫିସ୍ ଦଂଶନର ଶିକାର ହଜାର ହଜାର ଅଷ୍ଟ୍ରେଲୀୟ

କାନବେରା:



ଅଷ୍ଟ୍ରେଲିଆର ହଜାର ହଜାର ଲୋକ ବ୍ଲୁବଟଲ୍ ଜେଲିଫିସ୍ ଦଂଶନର ଶିକାର ହୋଇଛନ୍ତି। କୁଇନ୍ସଲାଣ୍ଡ ପ୍ରଦେଶର ସମୁଦ୍ର ଉପକୂଳରେ ଜେଲିଫିସ୍ ବହୁମାତ୍ରାରେ ଲାଗିଥିବାରୁ ଏପରି ଘଟିଛି। ସର୍ଫ ଲାଇଫ୍ ସେଭିଙ୍ଗ କୁଇନ୍ସଲାଣ୍ଡ ପକ୍ଷରୁ କୁହାଯାଇଛି, ସପ୍ତାହକ ମଧ୍ୟରେ ୨୬୦୦ରୁ ଊର୍ଦ୍ଧ୍ୱ ଲୋକ ଜେଲିଫିସ୍ ଦଂଶନର ଶିକାର ହୋଇ ଚିକିତ୍ସିତ ହୋଇଛନ୍ତି। ବ୍ଲୁବଟଲ୍ ପ୍ରଜାତିର ଜେଲିଫିସ୍ ଦଂଶନ ଯନ୍ତ୍ରଣାଦାୟକ ହେଲେ ମଧ୍ୟ ଏଥିପାଇଁ କେହି ମୃତ୍ୟୁବରଣ କରନ୍ତି ନାହିଁ। ଅସ୍ୱାଭାବିକ ବାୟୁ ପ୍ରବାହ ଯୋଗୁ ଜେଲିଫିସ୍ ଦଳ ସମୁଦ୍ରକୂଳକୁ ଚାଲିଆସିଥିଲେ। ଗତ ସପ୍ତାହକ ମଧ୍ୟରେ ୧୩,୦୦୦ ଲୋକ ଜେଲିଫିସ୍ ଆକ୍ରମଣର ଶିକାର ହୋଇଛନ୍ତି। ଗତବର୍ଷ ଏହି ସମୟ ବେଳକୁ ପାଖାପାଖି ଏକ ତୃତୀୟାଂଶ ଲୋକ ଏଭଳି ଆକ୍ରମଣର ଶିକାର ହୋଇଥିଲେ। ଅଧିକାଂଶ ଦଂଶନ ଘଟଣା କୁଇନ୍ସଲାଣ୍ଡର ଜନବହୁଳ ଅଞ୍ଚଳ ଗୋଲ୍ଡକୋଷ୍ଟ ଏବଂ ସନଶାଇନ୍ କୋଷ୍ଟ ଅଞ୍ଚଳରେ ଘଟିଛି।

# ସ୍ଥଳସେନାରେ ବୃଦ୍ଧିପାଉଛି ଆତ୍ମହତ୍ୟା

ନୂଆଦିଲ୍ଲୀ:



୩ ବର୍ଷ ମଧ୍ୟରେ ୩ ସୈନ୍ୟବାହିନୀ ମଧ୍ୟରୁ ସ୍ଥଳସେନାରେ ଆତ୍ମହତ୍ୟା କରୁଥିବା ଯବାନଙ୍କ ସଂଖ୍ୟା ବୃଦ୍ଧିପାଉଛି। ୨୦୧୮ରେ ସର୍ବାଧିକ ୮୦ ସ୍ଥଳସେନା ଯବାନ ଆତ୍ମହତ୍ୟା କରିଥିବା ବେଳେ ବାୟୁସେନାର ୧୬ ଏବଂ ନୌସେନାରେ ୮ ଯବାନ ଆତ୍ମହତ୍ୟା କରିଥିବା ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ଭାମ୍ରେ ରାଜ୍ୟସଭାରେ ସୋମବାର ଏକ ଲିଖିତ ଉତ୍ତର ଦେଇ ପ୍ରକାଶ କରିଛନ୍ତି।

୨୦୧୭ରେ ସ୍ଥଳସେନାରେ ୭୫ ଯବାନ ଆତ୍ମହତ୍ୟା କରିଥିବା ବେଳେ ୨୦୧୬ରେ ଏହି ସଂଖ୍ୟା ଥିଲା ୧୦୪। ବାୟୁସେନାରେ ୨୦୧୭ରେ ଆତ୍ମହତ୍ୟାକାରୀ ଯବାନଙ୍କ ସଂଖ୍ୟା ୨୧ ହୋଇଥିବା ବେଳେ ୨୦୧୬ରେ ଏହି ସଂଖ୍ୟା ଥିଲା ୧୯। ୨୦୧୭ରେ ୫ ଏବଂ ୨୦୧୬ରେ ୬ ନୌସେନା ଯବାନ୍ ଆତ୍ମହତ୍ୟା କରିଥିବା ଉକ୍ତ ରିପୋର୍ଟରୁ ସୂଚନା ମିଳିଛି। ଆତ୍ମହତ୍ୟା ସଂଖ୍ୟା ହ୍ରାସ କରିବା ଲାଗି ସେନା ଅଫିସର ଏବଂ ଅନ୍ୟ ର୍ୟାଙ୍କ୍‌ର ଯବାନଙ୍କ ନିମନ୍ତେ ଅନେକ ସ୍ୱାସ୍ଥ୍ୟ ଅନୁକୂଳ ପରିବେଶ ସୃଷ୍ଟି କରାଯାଉଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଯବାନଙ୍କ ନିମନ୍ତେ ଉପଯୁକ୍ତ ଖାଦ୍ୟ, ଉତ୍ତମ ମାନର ସୁବିଧା ସୁଯୋଗ, ଦାମ୍ପତ୍ୟ ଜୀବନ ଅତିବାହିତ କରିବା, ପରିଭ୍ରମଣ ଏବଂ ଆମୋଦପ୍ରମୋଦ କରିବାର ସୁବିଧା ଯୋଗାଇ ଦିଆଯାଉଛି। ଯବାନଙ୍କ ଚାପ ନିୟନ୍ତ୍ରଣ ପାଇଁ ଯୋଗ ଓ ଧ୍ୟାନ କରିବାର ସୁବିଧା ଦିଆଯାଉଛି। ଏଥିସହିତ ବିଭିନ୍ନ ତାଲିମ ପ୍ରଦାନ ଏବଂ ମାନସିକ ଚାପ ହ୍ରାସ ପାଇଁ ବିଶେଷଜ୍ଞଙ୍କ ସାହାଯ୍ୟ ନିଆଯାଉଥିବା ସେ ପ୍ରକାଶ କରିଥିଲେ।

## [ଇତିହାସର ଆଇନାରେ]
### ଜାନୁୟାରୀ ୮ର ପ୍ରମୁଖ ଘଟଣା

୧୯୭୩ ଜାନୁୟାରୀ ୮ରେ ସୋଭିଏଟ୍ ସ୍ପେସ୍ ମିଶନ୍ ଲୁନା ୨୧ ଲଞ୍ଚ୍ କରାଯାଇଥିଲା। ଲୁନା ୨୧ ଥିଲା ଏକ ମାନବ ବିହୀନ ସ୍ପେସ୍ ମିଶନ୍। ସ୍ପେସ୍‌କ୍ରାଫ୍ଟ ଲୁନା ପ୍ରୋଗ୍ରାମକୁ ଲୁନା ୨୧ ମଧ୍ୟ କୁହାଯାଇଥାଏ। ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ କରିବା ଉକ୍ତ ମିଶନ୍‌ର ପ୍ରାଥମିକ ଉଦ୍ଦେଶ୍ୟ।



୨୦୦୯ ଜାନୁୟାରୀ ୮ରେ କୋଷ୍ଟାରିକାରେ ୬.୧ ତୀବ୍ରତାର ଭୂମିକମ୍ପ ଯୋଗୁ ୧୫ଜଣ ଲୋକ ମୃତ୍ୟୁବରଣ କରିବା ସହିତ ୩୨ ଆହତ ହୋଇଥିଲେ। କୋଷ୍ଟା ରିକାକୁ ଅନ୍ୟ ଅର୍ଥରେ 'ରିଚ୍ କୋଷ୍ଟ' ବୋଲି କୁହାଯାଏ। ସରକାରୀ ଭାବରେ ଏହା ରିପବ୍ଲିକ୍ ଅଫ୍ କୋଷ୍ଟା ରିକା। କେନ୍ଦ୍ରୀୟ ଆମେରିକାର ଏହି ଦେଶର ଉତ୍ତରରେ ନିକାରାଗୁଆ ଏବଂ ଉତ୍ତରପୂର୍ବରେ କାରିବିୟାନ୍ ସି ରହିଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୦.୫ |
| ଚାନ୍ଦବାଲି | ୨୭.୯ | ୧୨.୪ |
| କଟକ | ୨୮.୨ | ୧୧.୨ |
| ପାରାଦ୍ୱୀପ | ୨୭.୯ | ୧୩.୨ |
| ଭୁବନେଶ୍ୱର | ୩୧.୨ | ୧୦.୯ |
| ଗୋପାଳପୁର | ୨୮.୩ | ୧୪.୧ |
| ପୁରୀ | ୨୮.୦ | ୧୪.୨ |
| ଅନୁଗୋଳ | ୨୭.୧ | ୮.୦ |
| ବାରିପଦା | ୨୫.୪ | ୧୧.୦ |
| ଝାରସୁଗୁଡ଼ା | ୨୭.୦ | ୯.୬ |
| କେନ୍ଦୁଝର | ୨୫.୭ | ୯.୨ |
| ସମ୍ବଲପୁର | ୨୭.୪ | ୧୦.୯ |
| ସୁନ୍ଦରଗଡ଼ | --- | ୮.୫ |
| ହୀରାକୁଦ | ୨୭.୦ | ୧୧.୨ |
| ତାଳଚେର | ୩୧.୦ | ୧୧.୭ |
| ଭବାନୀପାଟଣା | ୨୮.୦ | ୧୨.୦ |
| ବଲାଙ୍ଗୀର | ୨୭.୪ | --- |
| କୋରାପୁଟ | ୨୬.୬ | ୧୧.୦ |
| ଫୁଲବାଣୀ | ୨୬.୫ | ୯.୦ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୧.୦ | ୧୫.୫ |
| ସୋନପୁର | ୨୮.୦ | ୯.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ରେଗିନା କିଙ୍ଗ୍‌ଙ୍କୁ ପ୍ରଥମ ଗୋଲ୍ଡେନ୍ ଗ୍ଲୋବ୍

ଲସ୍ ଏଞ୍ଜେଲସ୍:

ଫିଲ୍ମ ଅଭିନେତ୍ରୀ ରେଗିନା କିଙ୍ଗ୍ ସର୍ବୋତ୍ତମ ସହାୟିକା ଅଭିନେତ୍ରୀ ଭାବରେ ପ୍ରଥମ ଗୋଲ୍ଡେନ୍ ଗ୍ଲୋବ୍ ଆଓ୍ୱାର୍ଡ ଜିତିପାରିଛନ୍ତି। ବ୍ୟାରି ଜେନକିନ୍ସଙ୍କ ନିର୍ଦ୍ଦେଶନାରେ 'ଇଫ୍ ବିଏଲେ ଷ୍ଟ୍ରିଟ୍ କୁଡ୍ ଟକ୍' ସିନେମାରେ ଅଭିନୟ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ତେବେ ୫୦% ମହିଳାଙ୍କୁ ତାଙ୍କ ଭବିଷ୍ୟତର ପ୍ରକଳ୍ପରେ ସେ ନିୟୋଜିତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ହେଉଛି ରେଗିନାଙ୍କ ତୃତୀୟ ଆଓ୍ୱାର୍ଡ। ସେ ୨୦୧୬ରେ ଟିଭି ସିରିୟଲ୍ 'ଆମେରିକାନ୍ କ୍ରାଇମ୍' ପାଇଁ ମନୋନୀତ ହୋଇଥିଲେ। ଚଳିତ ବର୍ଷ ମଧ୍ୟ ଟିଭି ସିରିଜ୍ 'ସେଭେନ ସେକେଣ୍ଡ୍ସ' ପାଇଁ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସାହିତ୍ୟିକ ଜେମ୍ସ ବାଲଡ୍ୱିନ୍‌ଙ୍କ ଉପନ୍ୟାସ ଆଧାରରେ ନିର୍ମିତ ଏହି ଫିଲ୍ମରେ ଆଫ୍ରିକୀୟ-ଆମେରିକୀୟ ତରୁଣୀ-ତରୁଣ (ଟିଶ୍ ଓ ଫନି)ଙ୍କ ପ୍ରେମ କାହାଣୀକୁ ନେଇ ଗଢ଼ିଉଠିଛି। ଉଭୟେ ଏକ ଅବାଞ୍ଛିତ ଗର୍ଭଧାରଣକୁ ମାଧ୍ୟମ କରି ସେମାନଙ୍କ ସମ୍ପର୍କ ସୁଦୃଢ଼ କରିଛନ୍ତି। ଅଥଚ ଟିଶ୍‌ଙ୍କ ମା' ଭୂମିକାରେ ଅଭିନୟ କରିଥିବା ରେଗିନା ଶାରୋନ ରିଭର୍ସ ଭୂମିକାରେ ଅଭିନୟ କରି ତାଙ୍କ କନ୍ୟା ପାଇଁ ପ୍ରଚଣ୍ଡ ଓକିଲାତି କରିଛନ୍ତି। ପୁରସ୍କାର ଗ୍ରହଣ ଅବସରରେ ବିବୃତି ଦେଇ ରେଗିନା କହିଲେ, 'ତାଙ୍କ ପ୍ରକଳ୍ପରେ ସେ ମହିଳାଙ୍କୁ ଅଧିକ ସଂଖ୍ୟାରେ ସୁଯୋଗ ଦେବେ ଏବଂ କ୍ଷମତାରେ ଥିବା ମହିଳାମାନେ ମଧ୍ୟ ତାହା କରିବା ଉଚିତ।'



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲା

### ସ୍ୱତନ୍ତ୍ର ଓକିଲ ନିଯୁକ୍ତ କରିବ କ୍ରାଇମବ୍ରାଞ୍ଚ

**କଟକ ଅଫିସ, ୭।୧:** ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ୨ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ପ୍ରଥମ ଅତିରିକ୍ତ ଜିଲାଜଜ୍ ଗତ ୨୪ତାରିଖରେ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଫଳରେ କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ମାମଲାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ କ୍ରାଇମବ୍ରାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ସୋମବାର କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ମାମଲା ସଂକ୍ରାନ୍ତରେ ଆଡଭୋକେଟ୍ ଜେନେରାଲଙ୍କ ପରାମର୍ଶ ଲୋଡ଼ାଯାଇଛି। ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଓକିଲ ନିଯୁକ୍ତ କରାଯିବ, ଯାହାଦ୍ୱାରା ମାମଲାକୁ ନ୍ୟାୟାଳୟରେ ଠିକ୍ ଭାବେ ପରିଚାଳନା କରାଯାଇପାରିବ ବୋଲି ସେ କହିଛନ୍ତି।

ଜଗମୋହନ ମରାମତି ମାମଲା

### ସମୟ ନେଲା ଏଏସ୍‌ଆଇ

**କଟକ ଅଫିସ, ୭।୧:** ପୁରୀ ଶ୍ରୀମନ୍ଦିର ନାଟମଣ୍ଡପ ସମେତ ୮ଟି ପାର୍ଶ୍ୱ ମନ୍ଦିର ସ୍ଥିତି ସମ୍ପର୍କରେ ଜବାବ ଦାଖଲ ପାଇଁ ହାଇକୋର୍ଟ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏଏସ୍‌ଆଇ ହାଇକୋର୍ଟଙ୍କଠାରୁ ସମୟ ଲୋଡିଛି। ଜାନୁୟାରୀ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଉକ୍ତଦିନ ମରାମତି ସମ୍ପର୍କିତ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ କୋର୍ଟ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପୂର୍ବ ଶୁଣାଣିରେ ଏଏସ୍‌ଆଇ ପକ୍ଷରୁ ନାଟମଣ୍ଡପ ମରାମତି ସମ୍ପର୍କିତ ରିପୋର୍ଟ ଦାଖଲ କରାଯାଇଥିଲା। ତେବେ ନାଟମଣ୍ଡପର ସ୍ଥିତି ସମ୍ପର୍କରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସୋମବାର ମାମଲାର ଶୁଣାଣି ସମୟରେ ଏଏସ୍‌ଆଇ ଏହି ରିପୋର୍ଟ ଦାଖଲ କରିବାରେ ଅସମର୍ଥ ହୋଇଥିଲା। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରୁଛନ୍ତି। ସୂଚନାଥାଉକି, ପୁରୀ ଶ୍ରୀମନ୍ଦିର ଜଗମୋହନରେ ଫାଟ ସୃଷ୍ଟି ହେବାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।




# ଭାରତ ବନ୍ଦ ପାଇଁ କଡ଼ା ସୁରକ୍ଷା

**ଭୁବନେଶ୍ୱର,୭।୧ (ବ୍ୟୁରୋ)**

- ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଡିଜିପିଙ୍କ ନିବେଦନ
- ଆଇନକାନୁନ ହାତକୁ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ଆଇଆଇଟି ପରୀକ୍ଷାର୍ଥୀଙ୍କୁ ଛଡ଼ାଯିବ

କେନ୍ଦ୍ରସରକାରଙ୍କ ଶ୍ରମିକ ମାରଣ ନୀତି ଓ ୧୯୮୮ ମୋଟର ପରିବହନ ନୀତି ପରିବର୍ତ୍ତନ ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡିକ ପକ୍ଷରୁ ୮ ଓ ୯ ତାରିଖ ଦୁଇଦିନ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ନିଖିଳ ଓଡିଶା ଟ୍ୟାକ୍ସି ଓ ଅଟୋ ମହାସଂଘ ସହ ଅନ୍ୟ କେତେକ ଦଳ ସମର୍ଥନ ଜଣାଇଛନ୍ତି। ସେହିଭଳି ଭାଜପା ମଙ୍ଗଳବାର ରାଜ୍ୟ ସଚିବାଳୟ ଘେରାଉ କରିବାକୁ ଘୋଷଣା କରିଥିବା ବେଳେ ନବନିର୍ମାଣ କୃଷକ ସଂଘ ମଧ୍ୟ ରାଜଭବନ ସମ୍ମୁଖରେ ବିକ୍ଷୋଭ କରିବ। ତେଣୁ ଗୋଟିଏ ଦିନରେ ୩ ଆନ୍ଦୋଳନ ଓଡ଼ିଶା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ଭୁବନେଶ୍ୱର ପ୍ରାୟ ୩୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୨୫୦ ଅଫିସର ଓ କଟକରେ ୧୫ ପ୍ଲାଟୁନ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ଏଥିସହ ଧର୍ମଘଟକୁ ନଜରରେ ରଖି କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସୁନ୍ଦରଗଡ, ବାଲେଶ୍ୱର ଓ ସମ୍ବଲପୁର ଆଦି ପ୍ରମୁଖ ସହରରେ କଡ଼ା ସୁରକ୍ଷା ଗ୍ରହଣ କରାଯାଇଛି। ପୋଲିସ ପୂରା ସଜାଗ ରହିବା ସହ କିଛି ଘଟଣା ଘଟିଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ଧର୍ମଘଟକୁ ସଫଳ କରିବା ପାଇଁ ଡିଜିପି ଶର୍ମା ଆନ୍ଦୋଳନକାରୀଙ୍କୁ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ନିଖିଳ ଓଡିଶା ଟ୍ୟାକ୍ସି ଓ ଅଟୋ ମହାସଂଘ ସଭାପତି ସୁବାଷ ସିଂ କହିଛନ୍ତି, ଭାରତ ବନ୍ଦ ସଫଳ ହେବ। ଅନ୍ୟ ଦଳ ଓ ସଂଗଠନ ସାମିଲ୍ ହେବାକୁ ଜଣାଇଥିବାବେଳେ ଲୋକଙ୍କ ସ୍ୱତଃସ୍ଫୁର୍ତ ସମର୍ଥନ ରହିଛି। ତେବେ ମଙ୍ଗଳବାର ଆଇଆଇଟି ମେନ୍ ପରୀକ୍ଷା ଥିବାରୁ ପରୀକ୍ଷାର୍ଥୀମାନେ ଆଇକାର୍ଡ ଦେଖାଇ ଯାଇପାରିବେ ବୋଲି ସେ କହିଛନ୍ତି।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଗୋଟିଏ ଦିନରେ ତିନୋଟି ବିକ୍ଷୋଭ ଥିବାରୁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ବିଶେଷ କରି ଏୟାରପୋର୍ଟ, ରେଲ୍‌ୱେ ଷ୍ଟେଶନ ଆଦି ସ୍ଥାନରେ ପୋଲିସ ପାଟ୍ରୋଲିଂକୁ ଜୋର୍‌ଦାର କରାଯିବ। ଏହାସହ ଭାଜପାର ସଚିବାଳୟ ଘେରାଉ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯଦି ବିକ୍ଷୋଭକାରୀମାନେ ଆଇନକୁ ହାତକୁ ନିଅନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

# ଚାଷୀ ପ୍ରସଙ୍ଗକୁ ନେଇ ଆଜି ସବୁ ଦଳର ବିକ୍ଷୋଭ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

- ଦିଲ୍ଲୀରେ ବିଜେଡି କରିବ କୃଷକ ଅଧିକାର ସମାବେଶ
- ସଚିବାଳୟ ଘେରିବ ଭାଜପା
- ରାଜଭବନ ଆଗରେ ନବ ନିର୍ମାଣ କୃଷକ ସଙ୍ଗଠନର ପ୍ରତିବାଦ
- କେନ୍ଦ୍ର, ରାଜ୍ୟ ସରକାରଙ୍କ ବିରୋଧରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେବ କଂଗ୍ରେସ

କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୯୩୦ ଟଙ୍କା ନ କରିବା ପ୍ରତିବାଦରେ ମଙ୍ଗଳବାର ଦିଲ୍ଲୀରେ ବିଜେଡି ଗର୍ଜିବାକୁ ନିଷ୍ପତ୍ତି ନେଇଛି। ଅପରପକ୍ଷରେ ଏହାକୁ କାଉଣ୍ଟର କରିବାକୁ ବିରୋଧୀ ମଧ୍ୟ ରଣନୀତି ପ୍ରସ୍ତୁତ କରିଛନ୍ତି। ଭାଜପା କୃଷକ ମୋର୍ଚ୍ଚା ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମଣ୍ଡି ଖୋଲା ନ ଯିବା ନେଇ ସଚିବାଳୟ ଘେରାଉ କରିବାକୁ ଘୋଷଣା କରିଛି। ସେହିପରି କଂଗ୍ରେସ ସମାନ ଦିନ ଚାଷୀ ପ୍ରସଙ୍ଗରେ ଆନ୍ଦୋଳନ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଶେଷ ସମୟରେ ତାହା ପରିବର୍ତ୍ତନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାକୁ ସ୍ଥିର କରିଛି। ଅପରପକ୍ଷରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଧ୍ୟ ଚାଷୀ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ବିରୋଧରେ ରାଜଭବନ ଆଗରେ ବିକ୍ଷୋଭ କରିବ ବୋଲି ସୂଚନା ଦେଇଛି।

ଏ ପର୍ଯ୍ୟନ୍ତ ରାଜ୍ୟରେ ମଣ୍ଡି ଖୋଲାଯାଇ ନାହିଁ। ସରକାର ନଭେମ୍ବର ୫ ସୁଦ୍ଧା ସବୁ ମଣ୍ଡି ଖୋଲିବେ କହି ପ୍ରତିଶ୍ରୁତି ପାଳନ କଲେନାହିଁ। ଯେଉଁଥିଲାଗି ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏନେଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟବ୍ୟାପୀ ପ୍ରତିବାଦ କରି ଜିଲାପାଳମାନଙ୍କୁ ଜଣାଇଥିଲା। କିଛି ଫଳ ନ ମିଳିବା ହେତୁ କୃଷକ ମୋର୍ଚ୍ଚା ମଙ୍ଗଳବାର ସଚିବାଳୟ ଘେରାଉ କରିବା ସହ ମନ୍ତ୍ରୀଙ୍କୁ ଭେଟିବ। ଯଦି ଏଥିରେ ପ୍ରତିରୋଧ କରାଯାଏ ତେବେ ନବୀନ ନିବାସ ଘେରାଉ କରାଯିବ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।

ପ୍ରଦେଶ କଂଗ୍ରେସ କୃଷକ ସେଲ୍ ଅଧ୍ୟକ୍ଷ ଅମୀୟ ଷଡ଼ଙ୍ଗୀ କହିଛନ୍ତି ଯେ, ରାଜ୍ୟର ୯୦ ପ୍ରତିଶତ ଚାଷୀ କେବଳ ଧାନ ଚାଷ ଉପରେ ନିର୍ଭରଶୀଳ। ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ମାତ୍ର ୧୭୫୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଫଳରେ ଚାଷୀ ତା’ର ଉତ୍ପାଦନ ଖର୍ଚ୍ଚର ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛି। ନିର୍ଦ୍ଧାରିତ ସରକାରୀ ସହାୟକ ମୂଲ୍ୟ ମଧ୍ୟ ଚାଷୀ ପାଉନାହାନ୍ତି। ୨୦୧୪ ନିର୍ବାଚନ ବେଳେ ଭାଜପା କ୍ଷମତାକୁ ଆସିଲେ ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ କୃଷି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ବୃଦ୍ଧି କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏହି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ନିକଟରେ ଛତିଶଗଡ଼ ସରକାର ଚାଷୀଙ୍କ ବାସ୍ତବ ସମସ୍ୟାକୁ ଅନୁଭବ କରି ଧାନର ଏମ୍‌ଏସ୍‌ପି ଉପରେ କୁଇଣ୍ଟାଲ ପିଛା ଚାଷୀଙ୍କୁ ୭୫୦ଟଙ୍କା ବୋନସ୍ ଦେବାକୁ ଘୋଷଣା କରିଛନ୍ତି। ହେଲେ ଶାସକ ବିଜେଡି କେବଳ ଚାଷୀଙ୍କୁ ଭଣ୍ଡାଇ ଭୁଡାଇ ଚାଲିଛି। ଆସନ୍ତା ନିର୍ବାଚନ ୩ ମାସ ରହିଥିବାବେଳେ ବିଜେଡି କେବଳ ଲୋକଦେଖାଣିଆ ଭାବେ ସଂସଦ ଘେରାଉର ନାଟକ କରୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେବାକୁ ଅମୀୟ ଘୋଷଣା କରିଛନ୍ତି।

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ରାଜଭବନ ଆଗରେ ଧାରଣା ଦେବାକୁ ସୂଚନା ଦିଆଯାଇଛି। ଚାଷୀ ସମସ୍ୟାକୁ ନେଇ ଶାସକ ବିଜେଡି ନାଟକ କରିଚାଲିଛି। ବିଜେଡି ପକ୍ଷରୁ ଧାନ କୁଇଣ୍ଟାଲ୍ ୨୯୩୦ଟଙ୍କା କରିବା ଦାବିରେ ଯେଉଁ ବିକ୍ଷୋଭ ଦିଲ୍ଲୀରେ କରାଯାଉଛି ତାହା କେବଳ ଭୋଟ ରାଜନୀତି। ଛତିଶଗଡ଼ ସରକାର ଧାନ କୁଇଣ୍ଟାଲ ଉପରେ ବୋନସ ଘୋଷଣା କରି ୨୫ଶହ ଟଙ୍କା ଦେବାକୁ ନିଷ୍ପତ୍ତି କରିଛନ୍ତି। ସେହିପରି ଏଠାରେ ରାଜ୍ୟ ସରକାର କାହିଁକି ନିଜେ ମାନିଥିବା ୨୯୩୦ ଟଙ୍କା ପାଇଁ ବୋନସ ଘୋଷଣା କରୁନାହାନ୍ତି ବୋଲି ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏନେଇ ମଙ୍ଗଳବାର ରାଜଭବନ ସମ୍ମୁଖରେ ସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ସୂଚନା ଦେଇଛନ୍ତି।

## ଭାରତ ବନ୍ଦ: ହାଇକୋର୍ଟ କାର୍ଯ୍ୟରେ ଯୋଗଦେବେନି ଓକିଲ

**କଟକ ଅଫିସ, ୭।୧**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସମେତ ଦେଶର ବହୁ ସ୍ୱାଧୀନ ସଂଗଠନ ମଙ୍ଗଳବାର ଓ ବୁଧବାର ଭାରତ ବନ୍ଦ ଡାକରା ଦେଇଛନ୍ତି। ଏଥିପାଇଁ ଗାଡ଼ି ମୋଟର ଚଳାଚଳରେ ବାଧା ଉପୁଜିବା ଆଶଙ୍କା ଦେଖାଦେଇଛି। ଫଳରେ ଦୂରଦୂରାନ୍ତରୁ ହାଇକୋର୍ଟକୁ ଆସୁଥିବା ଓକିଲମାନେ ପରିବହନ କ୍ଷେତ୍ରରେ ଅସୁବିଧାର ସାମ୍ନା କରିବେ। ତେଣୁ ମଙ୍ଗଳବାର ଓ ବୁଧବାର ଓକିଲମାନେ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସୋମବାର ଅପରାହ୍ନରେ ହାଇକୋର୍ଟ ବାର୍ ଆସୋସିଏଶନ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବସିଥିଲା। ଆସୋସିଏଶନ ସଭାପତି ଆଡଭୋକେଟ ଶ୍ରୀକାନ୍ତ ନାୟକ ଓ ସମ୍ପାଦକ ଆଡଭୋକେଟ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ। ଏ ସଂକ୍ରାନ୍ତୀୟ ଏକ ରିଜୋଲ୍ୟୁଶନ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି।

■ ଭିତରକନିକାରେ ଗଣନା ଶେଷ

## କମିଲା ବିଦେଶାଗତ ପକ୍ଷୀସଂଖ୍ୟା

**ରାଜନଗର, ୭।୧ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ବିଦେଶାଗତ ପକ୍ଷୀଗଣନା ସୋମବାର ଶେଷ ହୋଇଛି। ରାଜ୍ୟର ଅନ୍ୟତମ ପକ୍ଷୀ ବିହାର ଭାବେ ପରିଚିତ ଭିତରକନିକାରେ ଗତବର୍ଷ ତୁଳନାରେ ଏ ବର୍ଷ ବିଦେଶୀ ପକ୍ଷୀସଂଖ୍ୟା ହ୍ରାସ ପାଇଛି। ୨୦୧୭-୧୮ରେ ଏହି ସଂଖ୍ୟା ୧,୧୨,୯୩୭ ଥିବାବେଳେ ଚଳିତବର୍ଷ ୩,୮୭୮ ପକ୍ଷୀ କମ୍ ଆସିଛନ୍ତି। ରାଜନଗର ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପକ୍ଷୀ ବିଶାରଦ ଡା. ପି. ବାଲ୍‌ଚନ୍ଦ୍ରନ, ପୂର୍ବତନ ରାଜ୍ୟ ବନ ସଂରକ୍ଷକ ଅଜୟ କୁମାର ଜେନା, ପକ୍ଷୀ ବିଶାରଦ ସୁନୀଲ ଦତ୍ତ, ଗୋହର ଆବେଦିନ, ଡା. ଶିବ ପରିଡା, ଡା. ବିଶ୍ୱଜିତ ମହାନ୍ତି, ଅତିରିକ୍ତ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକ, ପ୍ରଦୋଷ ପଟ୍ଟନାୟକ, ସୁବ୍ରତ ପାତ୍ର, ବିଜୟ ପରିଡ଼ା, ଦିଲ୍ଲୀପ ମହାନ୍ତି, ଶ୍ରୀରାମପଦ ଅରବିନ୍ଦ ମିଶ୍ର, ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ, ଶାଶ୍ୱତ ପତିଙ୍କ ସମେତ ୫୮ଜଣ ଗଣନାରେ ସାମିଲ ହୋଇଥିଲେ।

ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଭିତରକନିକାକୁ ଚଳିତବର୍ଷ ୭୪ ପ୍ରକାରର ୧ ଲକ୍ଷ ୯ ହଜାର ୫୯ଟି ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ଗତବର୍ଷ ୮୩ ପ୍ରକାରର ୧ ଲକ୍ଷ ୧୨ ହଜାର ୯୩୭ ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା କମିଛି। ଜାତୀୟ ଉଦ୍ୟାନରେ ମାଲେସିଆ, ଶ୍ରୀଲଙ୍କା, ପାକିସ୍ତାନ, ଜାପାନ ଓ ଆଫଗାନିସ୍ତାନର ପକ୍ଷୀମାନଙ୍କ ସମାଗମ ହୋଇଥିବା ଡିଏଫ୍‌ଓ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ୨୫ରେ ଓଡ଼ିଶା ଆସିବେ ରାହୁଲ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହି ସମୟରେ ରାହୁଲ ସାଧାରଣ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେବେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ନୂଆଦିଲ୍ଲୀଠାରେ ସୂଚନା ଦେଇଛନ୍ତି।

ନିରଞ୍ଜନ କହିଛନ୍ତି ଯେ, ରାହୁଲ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଦୁଇଟି କାର୍ଯ୍ୟକ୍ରମରେ ଯୋଗଦେବେ। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପିସିସି କାର୍ଯ୍ୟକର୍ତ୍ତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ଏହାସହ ଏକ ସାଧାରଣ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେବେ। ହେଲେ ସାଧାରଣ ସମାବେଶ କେଉଁଠାରେ ହେବ ସେନେଇ କିଛି ଚୂଡାନ୍ତ ହୋଇନାହିଁ। ଖୁବ୍‌ଶୀଘ୍ର ଆଲୋଚନା ହେବ। ଏହାସହ ରାହୁଲଙ୍କ ଫେବୃୟାରୀରେ ଦୁଇ ଦିନ ଏବଂ ମାର୍ଚ୍ଚରେ ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବା ନେଇ ନିରଞ୍ଜନ ସୂଚନା ଦେଇଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ପଦ ସମ୍ଭାଳିବା ପରେ ରାହୁଲଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ବାରମ୍ବାର ରାଜ୍ୟ ଗସ୍ତରେ ଆସି ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ସାହିତ କରିଛନ୍ତି। ଏପରିକି ଭାଜପା ନିଜ ସଙ୍ଗଠନ ସଜାଡି ରାଜ୍ୟ ରାଜନୀତିରେ ଦୁଇ ନମ୍ବର ସ୍ଥାନ ଅକ୍ତିଆର କରିସାରିଛି। କଂଗ୍ରେସ ସଙ୍ଗଠନ ରାଜ୍ୟରେ ବହୁ ଦୁର୍ବଳ ଅବସ୍ଥାରେ ଥିବାବେଳେ ରାହୁଲଙ୍କ ଓଡ଼ିଶା ଗସ୍ତର ଯଥେଷ୍ଟ ଆବଶ୍ୟକତା ରହିଥିବା ଦଳୀୟ ନେତୃବୃନ୍ଦ ମତ ରଖିଛନ୍ତି। ବହୁ ଆଗରୁ ରାହୁଲ ଓଡ଼ିଶା ଗସ୍ତରେ ଆସିବାକୁ ଚାହୁଁଥିଲେ ମଧ୍ୟ ଦଳୀୟ ନେତାମାନଙ୍କ ମଧ୍ୟରେ ଚାଲିଥିବା ଗୋଷ୍ଠୀକନ୍ଦଳ ପାଇଁ କାର୍ଯ୍ୟକ୍ରମ ବାତିଲ ହେଉଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ସାଧାରଣ ନିର୍ବାଚନ ବହୁ ସମୟ ଥିବାରୁ ରାହୁଲଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଏଥର ଚୂଡାନ୍ତ ହୋଇଛି ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ରାହୁଲଙ୍କ ସହ ଆଲୋଚନା ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ବିରୋଧରେ ନିରଞ୍ଜନ ଅଭିଯୋଗ କରିଥିବା ନେଇ ଶୁଣିବାକୁ ମିଳୁଥିଲେ ମଧ୍ୟ ପିସିସି ସଭାପତି ଏହାକୁ ଖଣ୍ଡନ କରିଛନ୍ତି। ଦୀର୍ଘଦିନ ଧରି ଶ୍ରୀକାନ୍ତ ଖଣି ପ୍ରସଙ୍ଗ ଉଠାଇ ନିରଞ୍ଜନଙ୍କୁ ସମାଲୋଚନା କରିଚାଲିଛନ୍ତି। ତେଣୁ ରାହୁଲଙ୍କୁ ଭେଟିବା ଅବସରରେ ଶ୍ରୀକାନ୍ତଙ୍କ ବିରୋଧରେ ଅଭିଯୋଗ କରିବା ନିଶ୍ଚିତ ବୋଲି କୁହାଯାଉଥିଲା। ହେଲେ ଶ୍ରୀକାନ୍ତଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ମୋ ପାଖରେ ସମୟ ନାହିଁ ବୋଲି ନିରଞ୍ଜନ ମତ ରଖିଛନ୍ତି। ଦଳର ସଙ୍ଗଠନ ଏବଂ ରାହୁଲଙ୍କ ଓଡ଼ିଶା ଗସ୍ତ ନେଇ କେବଳ ଆଲୋଚନା ହୋଇଛି ବୋଲି ନିରଞ୍ଜନ କହିଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

## ୪ ଜିଲାରେ ୭୨ଘଣ୍ଟିଆ ଅର୍ଥନୈତିକ ଅବରୋଧ

**ସମ୍ବଲପୁର, ୭।୧ (ବ୍ୟୁରୋ)**

ପଶ୍ଚିମ ଓଡିଶା ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ସୋମବାରଠାରୁ ପଶ୍ଚିମଓଡ଼ିଶାର ସମ୍ବଲପୁର, ଦେବଗଡ, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲାରେ ୭୨ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆରମ୍ଭ ହୋଇଛି। ଶିଳ୍ପ ସଂସ୍ଥାକୁ ଭାରିଯାନ ଯୋଗେ ପରିବହନ ହେଉଥିବା ସାମଗ୍ରୀକୁ ବନ୍ଦ କରାଯାଇଛି। ଏହାଦ୍ୱାରା ସମ୍ବଲପୁର-ବରଗଡ, ସମ୍ବଲପୁର-ଦେବଗଡ, ସମ୍ବଲପୁର-କଟକ, ସମ୍ବଲପୁର-ରାଉରକେଲା ରାସ୍ତାର ଉଭୟପାର୍ଶ୍ୱରେ ଭାରିଯାନଗୁଡିକ ଅଟକି ରହିଛି। ହେଲେ ଆଳୁ, ପିଆଜ, ପନିପରିବା, ଧାନ ଆଦି କୃଷିଜାତ ଦ୍ରବ୍ୟଗୁଡିକ ନେଇ ଯାଉଥିବା ଯାନଗୁଡିକୁ ଛାଡି ଦିଆଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନେଇ ପୋଲିସ ମୁତୟନ କରାଯାଇଛି । ବୁଧବାର ପର୍ଯ୍ୟନ୍ତ ଏହି ଅର୍ଥନୈତିକ ଅବରୋଧ କରାଯିବ। ସେହିଭଳି କଳାହାଣ୍ଡି ଜିଲାରେ ମଧ୍ୟ ହାଇକୋର୍ଟର ଏକ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାକାର ଓକିଲମାନେ ସୋମବାର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁରରେ ଚାଲିଥିବା ଆନ୍ଦୋଳନ ୧୨୫ ଦିନରେ ପହଞ୍ଚିଛି। ଏଥିସହ ରିଲେ ଆମରଣ ଅନଶନକୁ ୫୦ ଦିନ ପୂରିଛି। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସମ୍ବଲପୁରର ଆଇନଜୀବୀମାନେ ଆନ୍ଦୋଳନକୁ ଜୋରଦାର କରିଛନ୍ତି। ତଥାପି ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଣୁ ଏହି ଆନ୍ଦୋଳନ ଦିନକୁ ଦିନ ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ବ୍ୟାପିବାରେ ଲାଗିଛି। ଆଗାମୀ ଦିନରେ ଏହା ଉଗ୍ରରୂପ ନେବାର ଆଶଙ୍କା ରହିଛି।

■ ଝାରସୁଗୁଡ଼ାରୁ ବିମାନ ଚଳାଚଳ ଦାବି

## ପ୍ରଧାନମନ୍ତ୍ରୀଙ୍କୁ ପୁଣି ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ଝାରସୁଗୁଡ଼ା ବିମାନବନ୍ଦରରୁ ବିମାନ ଚଳାଚଳ ପାଇଁ ସୋମବାର ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଝାରୁସୁଗୁଡ଼ା ବିମାନବନ୍ଦରରୁ ଏୟାର ଇଣ୍ଡିଆର କମର୍ସିଆଲ ବିମାନ ଚଳାଚଳ ପାଇଁ ସେ ଚିଠିରେ ମୋଦିଙ୍କୁ ଅନୁରୋଧ କରଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି, ଝାରସୁଗୁଡ଼ା ରାଜ୍ୟର ଏକ ପ୍ରମୁଖ ଶିଳ୍ପ ଓ ଖଣି ଅଞ୍ଚଳ। ଗତ ସେପ୍ଟେମ୍ବର ୨୨ରେ ଝାରୁସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ ସମୟରେ ବ୍ୟବସାୟିକ ବିମାନ ଚଳାଚଳ ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଦେବେ ବୋଲି ଘୋଷଣା କରିଥିଲେ। ଝାରୁସୁଗୁଡ଼ା-ନୂଆଦିଲ୍ଲୀ ମଧ୍ୟରେ ବିମାନ ଚଳାଚଳ ପାଇଁ ବି ଅନୁରୋଧ କରାଯାଇଥିଲା। ତେବେ ଭୁବନେଶ୍ୱର-ନୂଆଦିଲ୍ଲୀ ଚଳାଚଳ କରୁଥିବା ବିମାନଗୁଡିକ ମଧ୍ୟରୁ ଗୋଟିଏ ଝାରୁସୁଗୁଡ଼ାରେ ଓହ୍ଲାଇବା ପାଇଁ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଇତିମଧ୍ୟରେ ଝାରୁସୁଗୁଡ଼ାରୁ ଏୟାର ଓଡ଼ିଶା ବିମାନ ସେବାକୁ ହଠାତ୍ ବନ୍ଦ କରିଦେଇଛି। ପଶ୍ଚିମ ଓଡ଼ିଶା ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ଉଡ଼ାଣ ପାଇଁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।




**SBI** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର, ଫୋ:୦୬୭୪-୨୫୪୯୬୬୩, ୨୫୪୯୬୧୨

**ଦଖଲ ନୋଟିସ୍**
[ରୁଲ୍-୮(୧)](ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେସୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ରଣଗ୍ରହୀତା / ଜାମିନଦାର କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା, ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ, କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସମୟ ମତେ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ରଣଗ୍ରହୀତା ଏବଂ ଜାମିନ୍‌ଦାର ତଥା ବନ୍ଧକଦାତାଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ରଣଗ୍ରହୀତା: ମେସର୍ସ ଖାନ୍ ଟ୍ରେଡିଙ୍ଗ, ସ୍ୱତ୍ୱାଧିକାରୀ: ଅବଦୁଲ ହେଦାତ ଅଲ୍ଲୀ ଖାନ୍,** ପିତା: ଅବଦୁଲ ଅଜହର୍ ଖାନ୍, **ଜାମିନ୍‌ଦାର ତଥା ବନ୍ଧକଦାତା : ଅବଦୁଲ୍ ଅଖ୍ତାର ଖାନ୍,** ପିତା : ଅବଦୁଲ୍ ଅଜହର୍ ଖାନ୍, ଉଭୟଙ୍କ ଠିକଣା : ସା: କୃଷ୍ଣ ନଗର, ପୋ: କଣାସ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୬୦ | **ଅବଦୁଲ ଅଖତର୍ ଖାନ୍,** ପିତା : ଅବଦୁଲ୍ ଅଜହର୍ ଖାନ୍‌ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ବାବଜା, ତହସିଲ/ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୯, ପ୍ଲଟ୍ ନଂ: ୦୭, କ୍ଷେତ୍ର: ଏକର ୦.୨୫୫ ଡିସିମିଲି, କିସମ-ଘରବାରି | ୧୬.୦୨.୨୦୧୮ / ୦୭.୦୧.୨୦୧୯ | ୧୯.୦୧.୨୦୧୮ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ ଟ.୧୬,୮୬,୧୧୩/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ତାରିଖ : ୦୭.୦୧.୨୦୧୯, ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦର୍ଶ
ପରିବାରବର୍ଗ


ବାବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified




### SALE

2016ରେ TVS Passenger Auto (good running condition) ବିକ୍ରିହେବ। 9178031478. D-64681




### SALE

Plot sale near AIIMS Hospital Bhubaneswar with 30'road. 8456850883. D-65311

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Schedule caste & General conversion plot sale IIT Argul Railway Station 4000 sqft. 8,00,000/-. 8249086912. D-65322

ସୁନ୍ଦରପଦା Hitech ପାଖରେ 50ft. Revenue ରୋଡଥାଇ 2500 sqft.ର ୩ଟି ଘରବାରି ପାଚେରି individual ପ୍ଲଟ ବିକ୍ରିହେବ। sqft. 600/-. 9777236619. D-65323

ନଖରା ପଞ୍ଚବଟୀ mainroad ପାଖରେ immediate ଘରକରିବା ପାଇଁ ଘରବାରି boundary ପଟ୍ଟା ଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64679

Residential plot with revenue road and electricity near Patia Railway Station. 7978441564. D-10368

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30'ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପାଚେରିସହ ପିଚୁରୋଡ୍‌କୁ ଲାଗି sqft. 480/-, ଜଟଣୀଗେଟ୍‌ରୁ 1km. ଦୂରତାରେ 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65319

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

Now Matrimonial ads. only on Wednesday & Sunday Book 1 Get 1 FREE

8acre Jatani Pipili NH 2km. from Farm house 25,00,000/-, 1acre, sqft. 2000/- Baragada, Canal road sqft. 700 to 1200 from Gohira to Janla. 6370921302, 8018996229. D-65324

ନଖରା ତ୍ରିନାଥ ବଜାରଠାରେ sc plot ଘରବାରି ପାଚେରିସହ 1200 sqft., 3,40,000/- ରେ ବିକ୍ରିହେବ। (outright) 9776934361, 9938177361. D-65325

**Fully furnished commercial property/ office space for sale 2929 sqft. super buildup area plus 495 sqft. terrace at "Forum Mart", Big Bazar building 5th floor, Unit- 1H, Kharvel Nagar, Bhubaneswar, Odisha (near Ram Mandir Square). Price per sqft. Rs. 5,600/- negotiable. Contact point: 7008729138.** D-65327

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321




Tolet ground, firstfloor (1500 sqft. each) commercial space, Bayababa Matha Lane, Bhubaneswar (preferably banks/ training institutes. 9938788911. D-47994

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Ayurvedic full body massage ladies/ gents experts therapist. 8338097451. D-64677

Experience full body massage with us by expert Enquiry: 06742597822, 7377048581. D-65286

Herbal fullbody massage with refreshment by well trained therapist. 7381239385. D-65292

Roshin ayurvedic massage club fully relaxed by smart lady home service facility available. 9937637219. D-64678

Herbal full body massage by smart/ expert therapist. Contact: 8338067247. D-65294

Newly opening ayurvedic massage smart therapist, Shree herbal. 7750020754. D-65295

Improving your health, skin care through expert therapist, excellent offer. 9668374480. D-65296

Pamper yourself this Mansoon professional massage. Contact Purple Orchid. 9776598888. D-65297

## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଆଦର୍ଶ ମେହେର**
ନି. ଲାଉମୁଣ୍ଡା, ବିଜେପୁର, ଜିଲ୍ଲା- ବରଗଡ଼
ଆଜି ତୋର ଅଷ୍ଟମ ଜନ୍ମଦିବସରେ ଶିରିଡି ସାଇ ବାବା ତୁମକୁ ଶୁଭାଶିଷ ଦିଅନ୍ତୁ। ତୁମର ଚଲାପଥ ସଦା କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ଭଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବାପା- ଶୁକଦେବ ମେହେର, ମାଆ- ସୌଦାମିନୀ ମେହେର, ଭଉଣୀ- ଲୁବୁଲି ମେହେର, ମାମୁ-ମାଇଁ ଓ ଅଜା-ଆଈ। ଧ-୧୦୪୪୫

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକ



**√ ସ୍ୱରାଜ ମିଶ୍ର (ବୁବୁନ୍)**
ମାର୍କଣ୍ଡେଶ୍ୱର ସାହି, ରଥ ଲେନ୍, ପୁରୀ
ଭଗବାନଙ୍କ ପ୍ରତି ଭକ୍ତି, ପ୍ରେମ, ସମସ୍ତଙ୍କ ପ୍ରତି ନିଷ୍କପଟ ସ୍ନେହ ଶ୍ରଦ୍ଧା ସାରା ଜୀବନ ଅଭୁଲା ସ୍ମୃତି ହୋଇ ରହିବ। ଶ୍ରୀ ଜଗନ୍ନାଥ ତୋର ଅମରଆତ୍ମାକୁ ଅମ୍ଳାନ ରଖନ୍ତୁ।
ନନା- ମନୋଜ, ବୋଉ- କଳ୍ପନା ଓ ମିଶ୍ର ପରିବାର ଧ-୧୬୦୩୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଶ୍ରୀମତୀ ସୁଚିତ୍ରା ମହାପାତ୍ର**
ଧର୍ମଭବନ, ଗଙ୍ଗନଗର ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୪୮
ତିରୋଧାନ: ୨୯।୧୨।୨୦୧୮
ମୋତେ ଏକୁଟିଆ କରି ଚାଲିଗଲ କେଉଁ ଅଜଣା ରାଇଜକୁ। ଯେଉଁଠି ଅଛ ଶାନ୍ତିରେ ରହିଥାଅ। ଅମର ଆତ୍ମା ମହାପ୍ରଭୁଙ୍କର ସାନ୍ନିଧ୍ୟଲାଭ କରୁ ଏହାହିଁ ମୋର ପ୍ରାର୍ଥନା। ତୁମର ହତଭାଗ୍ୟ ସ୍ୱାମୀ- ଧନୁର୍ଦ୍ଧର ମହାପାତ୍ର। ଶୋକସନ୍ତପ୍ତ ପରିବାରବର୍ଗ। ଧ-୧୦୩୪୪


## କିଛି ତଥ୍ୟ

୨୦୧୫-୧୬ ଆର୍ଥିକ ବର୍ଷ ଠାରୁ ୨୦୧୮ ଡିସେମ୍ବର ମାସ ପର୍ଯ୍ୟନ୍ତ ସରକାର ୮୯ ଲକ୍ଷ ଟନ୍ ତୈଳ ବୀଜ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି – **କୃଷି ମନ୍ତ୍ରଣାଳୟ**

# ଆହୁରି କମିବ ଶୀତ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲସିୟସ ବୃଦ୍ଧି ଘଟିଛି। ତେବେ ଆସନ୍ତା ୧୧ ତାରିଖ ବେଳକୁ ଶୀତ ଆହୁରି କମିଯିବ। ପାରଦ ୧ରୁ ୨ ଡିଗ୍ରୀ ଉପରକୁ ଉଠିବ। ଉତ୍ତର ପୂର୍ବ ଦିଗ ହୀମାଳୟ ଆଡୁ ରାଜ୍ୟକୁ ଆସୁଥିବା ଥଣ୍ଡା ପବନ ବନ୍ଦ ହୋଇ ଯାଇଛି। ଦିଲ୍ଲୀରେ ପଶ୍ଚିମା ବାୟୁ ପ୍ରବାହ ସାଙ୍ଗକୁ କୁହୁଡିଆ ପାଗ ହୋଇଥିବାରୁ ରାଜ୍ୟ ଭିତରକୁ ଆଉ ଥଣ୍ଡା ବାୟୁ ପ୍ରବାହିତ ହେବ ନାହିଁ। ଫଳରେ ପାରଦ ଉପରମୁହାଁ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ସୋମବାର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଉପରେ ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୭ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଶୁକ୍ରବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୯.୬, କେନ୍ଦୁଝର ୯.୨, ସୁନ୍ଦରଗଡ ୮.୫, ଫୁଲବାଣୀ ୯, ସୋନପୁର ୯.୪, ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

**ପୁରୀ ଅଫିସ,୭।୧**

ପୁରୀ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ଚିତ୍ତରଞ୍ଜନ ଖୁଣ୍ଟିଆ ସୋମବାର ପୁରୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଜଣେ ଶିକ୍ଷୟିତ୍ରୀଙ୍କ ଠାରୁ କାର୍ଯ୍ୟାଳୟ ପରିସରରେ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଧରାପଡିଥିଲେ। ଭିଜିଲାନ୍ସ ତାଙ୍କ ପାଖରୁ ରଙ୍ଗ ପ୍ରଲେପ ଦିଆ ଟଙ୍କା ଜବତ କରିଛି। ଏଥିସହିତ ସର୍ବୋଦୟ ନଗରସ୍ଥିତ ବାସଭବନ ଏବଂ କାର୍ଯ୍ୟାଳୟରେ ଚଢାଉ ଜାରି ରହିଛି।

ନିମପାଡ଼ା ଥାନା ଅନ୍ତର୍ଗତ ଦହିଜଙ୍ଗ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ସେନାପତିଙ୍କ ଅନ୍ୟତ୍ର ବଦଳି ଲାଗି କିରାଣି ଖୁଣ୍ଟିଆ ୪୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସସ୍ମିତା ପୁରୀ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଡିଏସ୍‌ପି(ଭିଜିଲାନ୍ସ)ଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଡିଇଓଙ୍କ କାର୍ଯ୍ୟାଳୟ ବାହାରେ ଅପେକ୍ଷା କରି ରହିଥିଲେ। ପୂର୍ବାହ୍ନରେ ସସ୍ମିତା ୨୦ହଜାର ଟଙ୍କା ଖୁଣ୍ଟିଆଙ୍କୁ ଦେବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଖୁଣ୍ଟିଆଙ୍କ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ତାଲିକା ପ୍ରସ୍ତୁତ ଚାଲିଛି ବୋଲି ଡିଏସପି ହର ନାରାୟଣ ପତି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ୭୧ ବର୍ଷ...

୨୦୦୩-୦୪ରେ ସିରିଜ ୧-୧ରେ ଡ୍ର ରହିଥିବାବେଳେ ୨୦୦୭-୦୮ରେ ଅଷ୍ଟ୍ରେଲିଆ ୨-୧, ୨୦୧୧-୧୨ରେ ୪-୦ ଏବଂ ୨୦୧୪-୧୫ରେ ୨-୦ରେ ସିରିଜ ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ମାଟିରେ ଭାରତର ସିରିଜ ବିଜୟ ଏକଦା ଅସମ୍ଭବ ମନେ ହେଉଥିବାବେଳେ ୧୨ଶ ଗସ୍ତରେ ଏହା ସମ୍ଭବ ହୋଇ ପାରିଛି।

ସିଡ୍‌ନୀ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୬୨୨ ରନ ସଂଗ୍ରହ କରିଥିବାବେଳେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସକୁ ୩୦୦ରେ ସୀମିତ ରଖିବାରେ ସକ୍ଷମ ହୋଇଥିଲା। ଫଳରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ଦୀର୍ଘ ୩୦ ବର୍ଷ ବ୍ୟବଧାନରେ କୌଣସି ଟେଷ୍ଟରେ ଫଲୋଅନ ହୋଇଥିଲା। ରବିବାର ୪ର୍ଥ ଦିବସ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୬ ରନ ସଂଗ୍ରହ କରିଥିଲା। ଖରାପ ପାଗ ଯୋଗୁ ସୋମବାର ୫ମ ଦିବସରେ ଗୋଟିଏ ହେଲେ ବଲ୍ ବୋଲିଂ ହୋଇ ନ ଥିଲା। ଭାରତର ଐତିହାସିକ ଟେଷ୍ଟ ସିରିଜ ବିଜୟର ଅନ୍ୟତମ କର୍ଣ୍ଣଧାର ଚେତେଶ୍ୱର ପୂଜାରା ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେ ଏହି ସିରିଜରେ ମୋଟ ୫୨୧ ରନ ସଂଗ୍ରହ କରିଥିଲେ। ୧୯୭୧ରେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ମାଟିରେ ଅଜିତ ୱାଦେକରଙ୍କ ଦଳ, ୧୯୮୬ରେ କପିଳ ଦେବ ଏବଂ ୨୦୦୭ରେ ଇଂଲଣ୍ଡ ମାଟିରେ ରାହୁଲ ଦ୍ରାବିଡଙ୍କ ଦଳ ଯାହା କରିଥିଲେ, ବର୍ତ୍ତମାନର ବିରାଟ ବାହିନୀ ଅଷ୍ଟ୍ରେଲିଆ ମାଟିରେ ତାହା କରି ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି।

## ଟ୍ରକ୍ ପଛକୁ...

ଗ୍ରାମର ସଂଗ୍ରାମ ମଲ୍ଲିକଙ୍କୁ ପ୍ରଥମେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତକ ଓ ଆହତ ସମସ୍ତେ କେନ୍ଦ୍ରାପଡାସ୍ଥିତ ରୟାଲ ଡ୍ୟାନ୍ସ ଗ୍ରୁପ୍‌ର ସଦସ୍ୟ। ଯାଜପୁର ଜିଲାର ପାଣି କୋଇଲିଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ କାର (ଓଡି-୩୩-ଏସ୍ ୮୧୫୪) ଯୋଗେ ବିଳମ୍ବିତ ରାତିରେ ଫେରୁଥିଲେ। ରାତି ପ୍ରାୟ ୨ଟା ସମୟରେ ଅଳାବାଙ୍କ ଛକ ନିକଟରେ ଥିବା ଓଜନ କଣ୍ଟା ପାଖରେ କାରଟି ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଅତ୍ୟଧିକ ମାତ୍ରାରେ କୁହୁଡି ପଡିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ଟ୍ରକ ପଛରେ ପିଟି ଦେଇଥିବା କୁହାଯାଉଛି। ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। ଖବରପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗ୍ୟାସ୍ କଟର ଯୋଗେ କାର ଭିତରୁ ସମସ୍ତଙ୍କୁ ଉଦ୍ଧାର କରି କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୫ ଜଣଙ୍କୁ ମୃତ ଘୋଷଣ କରିଥିଲେ। ଡେରାବିଶ ଥାନା ଅଧିକାରୀ ସୁଧୀର କୁମାର ସାହୁ, ଏସ୍‌ଆଇ ବିଜୟ କୁମାର ଖଟୁଆଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଥିବା ବେଳେ ଟ୍ରକଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

ସୋମବାର ସକାଳେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲାପାଳ ଦାଶରଥି ଶତପଥୀ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ପହଞ୍ଚି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରେଡକ୍ରସ୍ ଫାଣ୍ଡିରୁ ସେମାନଙ୍କ ପରିବାରକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ ମୃତକଙ୍କ ଶେଷକୃତ୍ୟ ପାଇଁ ସହାୟତା ରାଶି ପ୍ରଦାନ କରିଛନ୍ତି। ପାଟକୁରା ବିଧାୟକଙ୍କ ପ୍ରତିନିଧି ରାଜେଶ ଦାସ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

## ଓଡ଼ିଶା ଗସ୍ତରେ...

କହିଛନ୍ତି ଯେ ୨୦୨୦-୨୫ ପାଇଁ ଯୋଜନା କରିବା ଲାଗି ଅର୍ଥ କମିଶନ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଜ୍ୟ ସରକାର ଏନେଇ କମିଶନଙ୍କୁ ମେମୋରାଣ୍ଡମ ପ୍ରଦାନ କରିବେ। କମିଶନ ଅଧ୍ୟକ୍ଷ ଆଜି ଆସିଛନ୍ତି। କମିଶନଙ୍କ ଅନ୍ୟ ସଦସ୍ୟମାନେ ମଙ୍ଗଳବାର ପହଞ୍ଚିବେ। ରାଜ୍ୟର ସାମଗ୍ରିକ ବିକାଶ ନେଇ ରାଜ୍ୟ ଅଧିକାରୀ ଓ ବିଭିନ୍ନ ସଂଗଠନ ସହ ଆଲୋଚନା ହେବ। ପଞ୍ଚଦଶ କମିଶନରେ ରାଜ୍ୟ ପାଇଁ ଅନୁଦାନ ପରିମାଣ ବଢିବା ନେଇ ଆମେ ଆଶାବାଦୀ ଅଛୁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ କମିଶନ ଅଧ୍ୟକ୍ଷ ଓ ସଦସ୍ୟମାନେ ରାଜ୍ୟ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ କିପରି ଚାଲିଛି ସେ ନେଇ କ୍ଷେତ୍ର ପରିଦର୍ଶନ କରିବେ। ରାଜ୍ୟ ସରକାରଙ୍କ ଓଡ଼ିଶା ଜୀବିକା ମିଶନ(ଓଏଲଏମ), ସ୍ୱେଚ୍ଛାସେବୀ ସଂଗଠନ(ଏସଏଚ୍‌ଜି), ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ବାତ୍ୟା ଆଶ୍ରୟସ୍ଥଳ ଏବଂ ଅନ୍ୟାନ୍ୟ ବିକାଶମୂଳକ ଯୋଜନାଗୁଡ଼ିକ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ କମିଶନ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ବୁଲିବାର କାର୍ଯ୍ୟକ୍ରମ ରହିଛି। କମିଶନ ଇତିମଧ୍ୟରେ ୧୫ଟି ରାଜ୍ୟ ଗସ୍ତ କରି ସାରିଲେଣି।

ଏଠାରେ ସୂଚନା ଯୋଗ୍ୟ ଯେ ଚତୁର୍ଦ୍ଦଶ ଅର୍ଥ କମିଶନ ୨୦୧୫-୨୦ ପାଇଁ କେନ୍ଦ୍ରୀୟ ଟିକସ ବାବଦରେ ୧.୮୪ କୋଟି ଟଙ୍କା ସୁପାରିସ କରିଥିଲେ। ଯାହାକି ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ(୬୯,୩୧୬ କୋଟି) ଠାରୁ ୧୬୫ ପ୍ରତିଶତ ଅଧିକ ରହିଥିଲା। ଚତୁର୍ଦ୍ଦଶ କମିଶନ ରାଜ୍ୟଗୁଡିକ ପାଇଁ କେନ୍ଦ୍ରୀୟ ଟିକସ ବାବଦ ଅନୁଦାନକୁ ୩୨ ପ୍ରତିଶତରୁ ୪୨ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ଜନସଂଖ୍ୟା ଅନୁପାତ କମ ଥିବାରୁ ଏହା ୪.୭୭ ପ୍ରତିଶତରୁ ୪.୬୪ ପ୍ରତିଶତକୁ ଖସି ଯାଇଥିଲା। କମିଶନ ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକ ପାଇଁ ୧୦,୬୨୨.୭୯ କୋଟି ଟଙ୍କା , ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠିକୁ ୪,୧୩୦ କୋଟି ଟଙ୍କା ସୁପାରିସ କରାଯାଇଥିଲା। ସେଥିରୁ ୯୦:୧୦ ହାରରେ ରାଜ୍ୟ ସରକାର ୩,୭୧୭ କୋଟି ଥିବାବେଳେ କେନ୍ଦ୍ର ସରକାର ୪୧୩ କୋଟି ପ୍ରଦାନ କରିବାକୁ ସୁପାରିସ କରାଯାଇଥିଲା। ଚତୁର୍ଦ୍ଦଶ ଅର୍ଥ କମିଶନ ରାଜ୍ୟଗୁଡ଼ିକ ପାଇଁ ୫୩୭୩୫୪ ଟଙ୍କା ସୁପାରିସ କରିଥିବା ବେଳେ ଓଡ଼ିଶା ପାଇଁ ୧୪,୩୩୯.୭୯ କୋଟି ଟଙ୍କା ସୁପାରିସ କରାଯାଇଥିଲା। ତେବେ ପଞ୍ଚଦଶ ଅର୍ଥ କମିଶନଙ୍କ କାଳରେ କେତେକ ଟଙ୍କାର ଅନୁଦାନ ପାଇଁ କମିଶନ ସୁପାରିସ କରିବେ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ।

ରାଜ୍ୟ କ୍ୟାବିନେଟ ମନ୍ତ୍ରୀ,ବରିଷ୍ଠ ସରକାରୀ ଅଧିକାରଙ୍କ ସହ ଆଲୋଚନା କରିବେ। ୨ଟା ୩୦ ମିନିଟରେ କମିଶନ ଖବରଦାତା ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

୩ ଦିନର ରହଣି ସମୟରେ ସେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳ, ପୌରସଂସ୍ଥା, ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧି ଏବଂ ଅନ୍ୟାନ୍ୟ ସଂଗଠନର ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ନନ୍ଦକିଶୋର ପହଞ୍ଚିବା ପରେ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା ତାଙ୍କୁ ସ୍ୱାଗତ କରିଥିଲେ। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା

## ଆଜିଠାରୁ...

ସାମିଲ ହେଉ ନ ଥିଲେ ମଧ୍ୟ ଏହାର ବିଭିନ୍ନ ସଂଗଠନ ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଇ ସାମିଲ ହେଉଛନ୍ତି ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟର ଜେନେରାଲ ସେକ୍ରେଟାରୀ ସୁବାସ ସିଂ କହିଛନ୍ତି। ତେବେ ଏହି ଧର୍ମଘଟକୁ ରାଜ୍ୟ ଘରୋଇ ବସ ମାଲିକ ସଂଘ ସମର୍ଥନ କରୁ ନାହିଁ। ରାଜ୍ୟ ସରକାର ସୁରକ୍ଷା ଯୋଗାଇ ଦେଲେ ବସଚଳାଚଳ ସ୍ୱାଭାବିକ ରହିବ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ଧର୍ମଘଟକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀମାନଙ୍କୁ ସକାଳ ୯ଟା ୩୦ ମିନଟ ପୂର୍ବରୁ କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚିବାଳୟ କର୍ମଚାରୀମାନେ କାର୍ଯ୍ୟାଳୟକୁ ଯିବା ବେଳେ ପରିଚୟ ପତ୍ର ସାଥିରେ ନେଇ ଆସିବାକୁ କୁହାଯାଇଛି। ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ମାସିକ ୨୫ ହଜାର ଟଙ୍କା କରିବା, ଶ୍ରମିକ ବିରୋଧୀ ଶ୍ରମ ଆଇନରେ ସଂଶୋଧନକୁ ବାତିଲ କରିବା, ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି କଡ଼ାକଡ଼ି ଲାଗୁ କରିବା ସହ ଖିଲାପକାରୀଙ୍କୁ ଦଣ୍ଡ ଦେବାକୁ ଦାବି କରାଯାଇଛି। ଏଥିସହିତ ସ୍ଥାୟୀ କାର୍ଯ୍ୟରେ ଠିକା ନିଯୁକ୍ତିକୁ ବାତିଲ କରିବା, ସମାନ କାମକୁ ସମାନ ମଜୁରି, ଦରଦାମ୍ ନିୟନ୍ତ୍ରଣ, ନିର୍ମାଣ ଓ ଅନ୍ୟାନ୍ୟ ସମସ୍ତ ଅସଂଗଠିତ ଶ୍ରମିକମାନଙ୍କୁ ପଞ୍ଜୀକୃତ କରିବା, ଖାଲି ପଦବୀ ତୁରନ୍ତ ପୂରଣ କରିବା, ନୂଆ ପେନସନ୍ ବଦଳରେ ପୁରୁଣା ପେନସନ୍ ଲାଗୁ କରିବା, ସମସ୍ତଙ୍କୁ ନିଯୁକ୍ତି ଦେବା ଆଦି ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି।

ସିପିଆଇ(ଏମ)ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି କହିଛନ୍ତି ଯେ ମୋଦି ଶାସନ କାଳରେ ଦେଶର ସର୍ବାଧିକ ସମ୍ପତ୍ତି ବିକ୍ରି ହୋଇଛି। ୧୯୯୧ରୁ ୨୦୧୪ ମଧ୍ୟରେ ୧ ଲକ୍ଷ ୫୧ ହଜାର କୋଟି ଟଙ୍କାର ଜାତୀୟ ସମ୍ପତ୍ତି ବିକ୍ରି ହୋଇଥିବାବେଳେ ନରେନ୍ଦ୍ର ମୋଦିଙ୍କ ଶାସନର ୪ ବର୍ଷରେ ପ୍ରାୟ ୨ ଲକ୍ଷ ୧୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ବିକ୍ରି କରାଯାଇଛି। ଏନଡିଏ ସରକାର ବିଫଳତା ବିରୋଧରେ ଦେଶର ଶ୍ରମିକ ଓ କୃଷକମାନେ ପ୍ରତିବାଦ କରିବା ଆଦୌ ଅସ୍ୱାଭାବିକ ନୁହେଁ ବୋଲି ଜନାର୍ଦ୍ଦନ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ପାରିବାରିକ ସୁଖ,ସମୃଦ୍ଧି ଖୁସିରେ ମନ ପ୍ରଫୁଲ୍ଲ ରହିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଲାଭ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆପଣଙ୍କ କାମରେ ହସ୍ତକ୍ଷେପ କରିପାରନ୍ତି। ଦୂରଯାତ୍ରା କରିବାକୁ ପଡ଼ିପାରେ। ହାତକୁ ନେଇଥିବା କାମଗୁଡ଼ିକ ପାଇଁ ଟେନ୍ସନ ବୃଦ୍ଧି ପାଇପାରେ।

**ବୃଷ**

ଯେତେ ଭଲ କାମ କରନ୍ତୁନା କାହିଁକି ନିଜଲୋକମାନଙ୍କ ପରୋକ୍ଷ ସମାଲୋଚନାରୁ ମୁକୁଳି ପାରିବେ ନାହିଁ। ଆନୁଷ୍ଠାନିକ ଆଲୋଚନାକୁ କେନ୍ଦ୍ରକରି ମତପାର୍ଥକ୍ୟ ଜନିତ ସହମତି ହୋଇନପାରେ। କୌଣସି ମୂଲ୍ୟବାନ ଜିନିଷ ହଜିଯିବା କାରଣରୁ ବିରସ ମନରେ ସମୟ ଅତିବାହିତ ହେବ। ଆତ୍ମୀୟଙ୍କ ପ୍ରତି ଅନୁରାଗ ବଢ଼ିବା କାରଣରୁ ତାହାଙ୍କର କଥାରେ ହଁ ଚାଲିବେ।

**ମିଥୁନ**

ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ ଅନ୍ୟଥା ପରେ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅପେକ୍ଷା କରି ରହିଥିବା ଖବରଟି ବନ୍ଧୁଙ୍କ ଜରିଆରେ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ହୋଟେଲ, ବ୍ୟବସାୟରୁ ସୁଫଳ ମିଳିବ। ପଡ଼ୋଶୀଙ୍କୁ କଥା ପ୍ରସଙ୍ଗରେ କୌଣସି ଗୋପନକଥା କହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**କର୍କଟ**

ସମ୍ପର୍କ ହ୍ରାସଜନିତ ପାରିବାରିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। କୋର୍ଟକଚେରି ମାମଲାର ଆଶୁ ଶୁଣାଣି ହୋଇଯିବାର ସମ୍ଭାବନା ରହିଛି। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠିରେ ଦରଜଜନିତ ପୀଡ଼ା ଅନୁଭବ କରିବେ। ସଭାସମିତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସମ୍ମାନିତ ହୋଇ ପାରନ୍ତି।

**ସିଂହ**

ପରିବାରର ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି। ଲାଗି ରହିଥିବା ସମସ୍ୟା ସମାଧାନ ଦିଗରେ ବନ୍ଧୁମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପୁରାତନ ରୋଗ ପୀଡ଼ାରୁ କଷ୍ଟ ଅନୁଭବ କରିବା ସୂଚନା ରହିଛି।

**କନ୍ୟା**

ଛୋଟ ଛୋଟ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ବିରକ୍ତି ପ୍ରକାଶ କରିପାରନ୍ତି। ସାମାଜିକ ସ୍ତରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ହିତୈଷୀମାନେ ପୂର୍ବରୁ ଥିବା ସମସ୍ୟା ସମାଧାନ କରିବା ଦିଗରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟର ଅଭିବୃଦ୍ଧି ସକାଶେ ନୂତନ ଯୋଜନାର ଆକଳନ କରିବାର ସମ୍ଭାବନା ରହିଛି।

**ତୁଳା**

ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସହ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସ୍ଥାନାନ୍ତର ଚିନ୍ତା ମନରେ ଘାରୁଥିଲେ ମଧ୍ୟ କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବାର ଆଶାରଖି ମନକୁ ବୁଝାଇ ନେବେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ପାଖରେ ଆସି ଜୁଟିପାରେ।

**ବିଛା**

ଲକ୍ଷ୍ୟହାସଲରେ ପ୍ରତିବନ୍ଧକ କାରଣରୁ ମନ ଠିକ୍ ନ ରହିବ ନାହିଁ। ଅନ୍ୟମନସ୍କ ଜନିତ ବନ୍ଧୁଙ୍କର କୌଣସି କଥାକୁ ଠିକ୍ ଭାବେ ଶୁଣି କିମ୍ବା ବୁଝି ପାରିବେ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ଅପରାହ୍ନରେ ପୂର୍ଣ୍ଣାଙ୍ଗ କରିବେ। ସାଧାରଣ କଥାରେ ଅସହିଷ୍ଣୁ ମନୋଭାବ ପୋଷଣ କରି ପରିବାରରେ ଅଶାନ୍ତିର ବତାବରଣ ସୃଷ୍ଟିହେବ।

**ଧନୁ**

କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବିବାଦୀୟ ଘଟଣା ଅଥବା ବନ୍ଧୁସମ୍ପର୍କ ସ୍ଥାପନ କିମ୍ବା ଆଗାମୀ ଶୁଭକାର୍ଯ୍ୟ ସକାଶେ ଆଲୋଚନା କରିବେ। ଆତ୍ମୀୟସ୍ୱଜନଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ।

**ମକର**

ଦାୟିତ୍ୱନିର୍ବାହର ତତ୍ପରତା ମଧ୍ୟରେ ଉଚ୍ଚ ପଦାଧିକାରୀଙ୍କ ନିକଟରୁ ମାନସିକ ଚାପରେ ଅସନ୍ତୁଷ୍ଟ ରହିବେ। ଗୃହ ନିର୍ମାଣ, ଜମିଜମା କାରବାର, ଯାନ ବାହନ ମରାମତି, ବେପାର, ପରିବହନ କ୍ଷେତ୍ରରେ ସମସ୍ୟା ଆସିବ। ଶିକ୍ଷା, ପରୀକ୍ଷା, ସଭାସମିତିରେ ସଫଳତା ପାଇବେ। ଆତ୍ମୀୟ ସ୍ୱଜନ ଈର୍ଷାପରାୟଣତା ହେତୁ ସାହାଯ୍ୟ, ସହଯୋଗର ପାଖ ମାଡ଼ିବେ ନାହିଁ।

**କୁମ୍ଭ**

ବାରମ୍ବାର ବିଫଳତା ଲାଗି ରହୁଥିବାରୁ ଅନ୍ୟମନସ୍କ ହେତୁ ପ୍ରତ୍ୟେକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ବ୍ୟସ୍ତତା ସମୟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯାଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଓ ଦୂରଯାତ୍ରା ସକାଶେ ଦିନଟି ବହୁତ ଭଲ। କ୍ରୀଡ଼ା, କଳା, ସଙ୍ଗୀତ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ**

କର୍ମକ୍ଷେତ୍ରରେ ଆଗାମୀ ସମୟ ସକାଶେ ନୂତନ ଖସଡ଼ା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଲାଭ ସଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ। ଅଫିସରେ ଆଲୋଚନା ପ୍ରସଙ୍ଗରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସନ୍ଧ୍ୟା ସମୟରେ ଆଶା କରିଥିବା ଜିନିଷ ଲାଭ କରି ଖୁସି ହେବେ।

ଆଜି ପୌଷ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା। ମଙ୍ଗଳବାର, ଜାନୁୟାରୀ ୮ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସିଂହ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦିବା ଘ୯।୧୧ମି. ଗତେ, ଘ୧୦।୩୨ମି. ମଧ୍ୟେ ଘ୧୧।୫୩ମି. ଗତେ, ଘ୧।୧୪ମି. ମଧ୍ୟେ ଅମୃତ ବେଳା । ଦିବା ଘ୧୦।୩୨ମି. ଗତେ ଘ୧୧।୫୩ମି. ମଧ୍ୟେ, ଘ୨।୩୮ମି. ଗତେ, ଘ୪।୦୦ମି. ମଧ୍ୟେ, ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୩୬ମି. ଗତେ ଘ୩.୫୮ମି. ମଧ୍ୟେ ରାହୁକାଳ।

# ଆଜି ଦିଲ୍ଲୀରେ ଦମ୍ ଦେଖାଇବ ବିଜେଡି

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ଦିଲ୍ଲୀ ଦରବାରରେ ବିଜେଡି ନିଜର ଦମ୍ ଦେଖାଇବ। କେନ୍ଦ୍ର ସରକାରଙ୍କ ବିରୋଧରେ ସଂସଦ ଆଗରେ ରଣହୁଙ୍କାର ଦେବାକୁ ଶାସକ ବିଜେଡି ନିଷ୍ପତ୍ତି ନେଇଛି। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ନିଜର ଶକ୍ତି ପ୍ରଦର୍ଶନ କରିବ। ଏଥିପାଇଁ ଦଳର ମାଳମାଳ ବିଧାୟକ, ଏମ୍‌ପି, ଜିଲା ସଭାପତି ପ୍ରମୁଖ ଦିଲ୍ଲୀଠାରେ ପହଞ୍ଚିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀଙ୍କ ହକ୍ ପାଇଁ ଦିଲ୍ଲୀଠାରେ ପହଞ୍ଚିଛୁ। ୨୦୧୪ ନିର୍ବାଚନ ପୂର୍ବରୁ ମୋଦି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ପାଳନ କଲେନାହିଁ। ବାରମ୍ବାର ଏନେଇ ଜଣାଇବା ସହ ଚିଠି ଲେଖିବାପରେ ମଧ୍ୟ କୌଣସି ଲାଭ ମିଳିଲାନାହିଁ। ତେଣୁ ଦିଲ୍ଲୀଠାରେ ସମାବେଶ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଜେଡି ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ କୃଷକ ଅଧିକାର ସମାବେଶ କାର୍ଯ୍ୟକ୍ରମ କରାଯିବ। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା ନ କରିବା ନେଇ ଶାସକ ବିଜେଡି ନେତାମାନେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବେ। କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଖୋଦ୍ ମୁଖ୍ୟମନ୍ତ୍ରୀ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। ଅନ୍ୟପଟେ ଦଳର ବିଧାୟକ, ଏମ୍‌ପି, ଜିଲା ସଭାପତି ଏବଂ ଅନ୍ୟାନ୍ୟ ପଦପଦବୀର ନେତୃବୃନ୍ଦ ମଧ୍ୟ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଶନିବାର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜୋର୍‌ଦାର କରିବା ଲାଗି ଦୀର୍ଘଦିନ ହେବ ଦଳ ପକ୍ଷରୁ ପ୍ରସ୍ତୁତି ଚାଲିଛି। କାର୍ଯ୍ୟକ୍ରମ ପୂର୍ବରୁ ବିଜୁ କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଦିଲ୍ଲୀଠାରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ନୂଆଦିଲ୍ଲୀସ୍ଥିତ ତାଲକୋଟରା ଷ୍ଟାଡିୟମଠାରେ ହେବାକୁ ଥିବା ଏହି ସମାବେଶ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ ୧୨ଟାରେ ସମାବେଶରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଶେଷରେ ସନ୍ଧ୍ୟା ୬ଟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତି ଭବନ ଯାଇ ଏକ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ୱାନ୍ ବାର୍, ୱାନ୍ ଭୋଟ୍ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜବାବ ଦାଖଲ

**କଟକ ଅଫିସ, ୭।୧:** ରାଜ୍ୟର ବିଭିନ୍ନ ବାର୍‌ରେ ହେଉଥିବା ନିର୍ବାଚନରେ ଜଣେ ଆଇନଜୀବୀ ଗୋଟିଏ ଜାଗାରେ ଭୋଟ ଦେଇପାରିବେ। ୱାନ ବାର୍ ୱାନ ଭୋଟକୁ ନେଇ ଆଡଭୋକେଟ ଶିବନାରାୟଣ ବିଶ୍ୱାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସୋମବାର ହାଇକୋର୍ଟରେ ଜବାବ ଦାଖଲ କରାଯାଇଛି। ଜବାବରେ ଦର୍ଶାଯାଇଛି ଯେ, ଆଇନଜୀବୀ ପରିଷଦ ପକ୍ଷରୁ ୱାନ ବାର୍ ୱାନ୍ ଭୋଟ ପ୍ରସ୍ତାବକୁ ମାନି ନିଆଯାଇଛି। ଏ ସମ୍ପର୍କରେ ଏକ ରିଜୋଲ୍ୟୁଶନ ପାରିତ ହୋଇ ରାଜ୍ୟର ସମସ୍ତ ବାର୍‌କୁ ପଠାଯାଇଛି। ଫେବୃୟାରୀ ୨୧ରେ ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି। ବରିଷ୍ଠ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି।

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣବଳାତ୍କାର

**ରାଉରକେଲା ଅଫିସ,୭।୧:** ଷ୍ଟିଲ ସିଟିର ଏକ ପ୍ରତିଷ୍ଠିତ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଝାଡ଼ଖଣ୍ଡ ଚକ୍ରଧରପୁରଠାରେ ଗଣବଳାତ୍କାର କରାଯାଇଛି। ସୋମବାର ରାଉରକେଲା ରେଲବାଇ ଥାନାରେ ଏ ନେଇ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଗୁରୁତର ରହିଛି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ରେଲବାଇ ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୬(ଡି)ରେ ଏକ ମାମଲା (ନଂ.୫/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

## 'ନିଜକୁ ସୁରକ୍ଷା ଦେବାକୁ ମହାରଥୀଙ୍କୁ ବିଦା କଲେ'

**ଭୁବନେଶ୍ୱର, ୭।୧(ବ୍ୟୁରୋ):** ପିପିଲି ଗଣବଳାତ୍କାର ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଦାୟୀ ବୋଲି କହିଛି କଂଗ୍ରେସ। ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରୁ ଇସ୍ତଫା ଦେବା ପାଇଁ କଂଗ୍ରେସ ଦାବିକରିଛି। କଂଗ୍ରେସ ମୁଖ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଦୀପ ମହାରଥୀଙ୍କୁ ମନ୍ତ୍ରୀପଦରୁ ହଟାଇ ଦେଇଛନ୍ତି, ଯାହା ପୀଡ଼ିତାଙ୍କୁ ନ୍ୟାୟ ମିଳିବା ପାଇଁ ଯଥେଷ୍ଟ ନୁହେଁ। ମତ ପରିବର୍ତ୍ତନ କରିଥିବା ଦୁଇ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ନିଜ ପଦବୀରୁ ଇସ୍ତଫା ଦେଇ ନାହାନ୍ତି। ତେଣୁ କଂଗ୍ରେସ ଦଳ ତୁରନ୍ତ ସେମାନଙ୍କ ଇସ୍ତଫା ଦାବି କରୁଥିବା ସତ୍ୟପ୍ରକାଶ କହିଛନ୍ତି। ପିପିଲି ମାମଲାରେ ଗଠିତ ହୋଇଥିବା ଜଷ୍ଟିସ୍ ପି.କେ. ମହାନ୍ତି କମିଶନ ୨୦୧୬ରୁ ଏହାର ତଦନ୍ତ ରିପୋର୍ଟ ଦେଇସାରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ସାର୍ବଜନୀନ କରାଯାଇନାହିଁ। ତେଣୁ ତୁରନ୍ତ ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯାଉ। ଏହି ଅବସରରେ ଉପସ୍ଥିତ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି ଯେ, ପିପିଲି ଜୁଡିସିଆଲ କମିଶନଙ୍କ ନିକଟରେ ଗୃହ ସଚିବ ସତ୍ୟପାଠ ଦାଖଲ କରି କହିଥିଲେ ଯେ, ତତ୍କାଳୀନ ଥାନା ଅଧିକାରୀ ଅମୂଲ୍ୟ ଚମ୍ପତିରାୟ କର୍ତ୍ତବ୍ୟରେ ଅବହେଳା କରିଛନ୍ତି। ଏଥିଯୋଗୁ ସମଗ୍ର ରାଜ୍ୟରେ ପୋଲିସର ଭାବମୂର୍ତ୍ତି ସାଧାରଣ ଲୋକଙ୍କ ସାମ୍ନାରେ କ୍ଷୁଣ୍ଣ ହୋଇଥିବା ସେ କହିଥିଲେ। ତେଣୁ ତାଙ୍କୁ ନିଲମ୍ବନ ପରବର୍ତ୍ତୀ ସମୟରେ ବହିଷ୍କାର କରାଯାଇଥିଲା। ଏଠି ପ୍ରଶ୍ନ ଆସୁଛି ପିପିଲି ଘଟଣାକୁ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଅଧିକାରୀ ତାଙ୍କ କର୍ତ୍ତବ୍ୟ ଏବଂ ତଦନ୍ତରେ ଅବହେଳା ଯୋଗୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେଲା। ତେଣୁ ତାଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ହେବ ବୋଲି ନିଶିକାନ୍ତ ପ୍ରଶ୍ନ କରିବା ସହିତ ଏହି ଘଟଣାର ପୁନଃ ତଦନ୍ତ ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ପାଇଁ ଦାବି କରିଛନ୍ତି।

## ଆଜି ରଥକାଠ ପାଇଁ ଗଛକଟା ଅନୁକୂଳ ପୂଜା

- ନୟାଗଡ଼ ଗଲେ ୪ ଜଣିଆ ଟିମ୍
- ଆସିବ ୬୭୦ ଖଣ୍ଡ କାଠ

**ପୁରୀ ଅଫିସ,୭।୧**

ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ନୟାଗଡ଼ ବନମଣ୍ଡଳର ଦଶପଲ୍ଲା ଜଙ୍ଗଲରୁ ରଥକାଠ ସଂଗ୍ରହ କରାଯିବ। ଏହା ପୂର୍ବରୁ ବଡ଼ମୂଳସ୍ଥିତ ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ମାଳ, ମହାପ୍ରସାଦ, ପତନୀ ଲାଗି ହୋଇ ପୂଜାର୍ଚ୍ଚନା ହେବ। ଏହାପରେ ଗଛ କଟାଯାଇ କାଠ ସଂଗ୍ରହ ଅନୁକୂଳ କରାଯିବ। ଏଥିଲାଗି ସୋମବାର ଅପରାହ୍ନରେ ଦାରୁବିଗ୍ରହଙ୍କ ଲାଗି ଖଣ୍ଡୁଆ, ମାଳ, ମାହାର୍ଦ୍ଦ, ଧୂପ, ଦୀପ ନେଇ ଶ୍ରୀମନ୍ଦିର ପ୍ରଶାସନର ୪ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କ ନେତୃତ୍ୱରେ ଯାଇଥିବା ଟିମ୍‌ରେ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ କାଠ ଅମିନ ଲକ୍ଷ୍ମଣ ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇ ରହିଛନ୍ତି। ଏ ସମ୍ପର୍କରେ ନୀତି ପ୍ରଶାସକ ବିଶ୍ୱାଳ କହିଛନ୍ତି, ରଥ ସଂହିତା ଅନୁଯାୟୀ ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୫ ଖଣ୍ଡ ବଳକା ରହିଛି। ବାକି ୬୭୦ ଖଣ୍ଡ କାଠ ଏ ବର୍ଷ ଆସିବ।

ମୁଖ୍ୟ ତତ୍ତ୍ୱାବଧାରକ ମେକାପ କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାସି, ଶିମିଳି କାଠ ଆସିଥାଏ। ଏଥର ୬୭୦ ଖଣ୍ଡ କାଠ ଆସିବ। ଏଥିରେ ୪୦ ଫୁଟିଆ ଧଉରା ୭୦ ଖଣ୍ଡ ଓ ଅସନ ୩୦ ଖଣ୍ଡ, ୨୦ ଫୁଟିଆ ଧଉରା ୭୨ ଖଣ୍ଡ ଓ ଅସନ ୭୫ ଖଣ୍ଡ, ୧୨ ଫୁଟିଆ ଧଉରା ୧୬୪ ଖଣ୍ଡ ଓ ଅସନ ୧୮୪ ଖଣ୍ଡ, ୧୪ ଫୁଟ ଲମ୍ବ ୬ ଫୁଟ ଗୋଲେଇର ଫାସି କାଠ ୭୨ ଖଣ୍ଡ ଓ ଶିମିଳି ୩ ଖଣ୍ଡ ରହିଛି। ସେଥିମଧ୍ୟରୁ କଟକ ଖପୁରିଆସ୍ଥିତ ସ' ମିଲ୍‌କୁ ୩୦୪ ଖଣ୍ଡ ଯିବ। ଅବଶିଷ୍ଟ ୩୬୬ ଖଣ୍ଡ କାଠ ରଥଖଳାକୁ ଆସିବ। ପରମ୍ପରା ଅନୁଯାୟୀ, ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ।

## ଓଡ଼ିଶାର ୭ ଶିକ୍ଷାଧିକାରୀଙ୍କୁ ଜାତୀୟ ପ୍ରଶଂସାପତ୍ର ସମ୍ମାନ

**ଭୁବନେଶ୍ୱର,୭।୧(ବ୍ୟୁରୋ):** ଶିକ୍ଷାକ୍ଷେତ୍ରରେ ନୂତନତ୍ୱ ପ୍ରତିପାଦନ କରି ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରିଥିବା ଓଡ଼ିଶାର ୭ଜଣ ଶିକ୍ଷା ଅଧିକାରୀଙ୍କୁ ଜାତୀୟ ପ୍ରଶଂସାପତ୍ର ସମ୍ମାନ ମିଳିଛି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଦେଶର ୪୯ଜଣ ଶିକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରୁ ୭ଜଣ ଶିକ୍ଷା ଅଧିକାରୀ ରହିଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ମାଳୀ, ଅବସରପ୍ରାପ୍ତ କଟକ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ଗଦାଧର ବେହେରା, ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା, ଭଦ୍ରକ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ନୂଆପଡ଼ା ବ୍ଲକ ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ସମ୍ବଲପୁର ଧନକଉଡ଼ା ବ୍ଲକ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଓ ୟୁନିଟ୍-୬ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ବେହେରା। ୨୦୧୮ ମସିହା ଲାଗି ସେମାନଙ୍କୁ ଜାତୀୟ ପ୍ରଶଂସାପତ୍ର ସମ୍ମାନ ମିଳିଛି।


ଅମ୍ଳାନ
ଟସର ଓ ରେଶମ ବସ୍ତ୍ର ଓଡ଼ିଶାର ଗୌରବ...



ମକର ସଂକ୍ରାନ୍ତି ଓ ପୋଙ୍ଗଲ ଉପଲକ୍ଷେ ଅମ୍ଳାନର ହାର୍ଦ୍ଦିକ ଶୁଭେଚ୍ଛା...
ତା.୦୮.୦୧.୨୦୧୯ ରୁ ତା.୧୩.୦୧.୨୦୧୯ ପର୍ଯ୍ୟନ୍ତ
: ଭୁବନେଶ୍ୱର :
୧୪୦, ସହିଦନଗର (ରମାଦେବୀ ମହିଳା କଲେଜ ସାମ୍ନା), ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୦୫୪୭
: ପୁରୀ :
ଗ୍ରାଣ୍ଡ ସେଣ୍ଟର, ବଡଦାଣ୍ଡ, ଫୋନ୍: ୦୬୭୫୨-୨୨୦୧୮୪
: ସୁନାବେଡା :
ଏନ୍‌ଏସି ମାର୍କେଟ୍, ସିଲ୍କ ରିଲିଙ୍ଗ୍ ସେଣ୍ଟର, ସୁନାବେଡା-୩
: ବାରିପଦା :
ଷ୍ଟେସନ୍ ବଜାର, କନ୍‌ଭେଣ୍ଟ ଛକ, ବାରିପଦା
ବିଶେଷ ଆକର୍ଷଣ
କୋଟପାଡ଼ ଶାଢ଼ୀ, ଷ୍ଟୋଲ୍ ଏବଂ ଡ୍ରେସ ମେଟେରିଆଲ
ବିଶେଷ ରିହାତି ୧୦%+୨୦%
: ଜନତା ମଇଦାନ, ଭୁବନେଶ୍ୱର :
ତ୍ରୟୋଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଅମ୍ଳାନର ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର
ଇ-ମାର୍କେଟିଙ୍ଗ୍ ଠିକଣା : www.serifed.in



### ଗୁରୁତ୍ୱପୂର୍ଣ୍ଣ ସୂଚନା

ମୁଗଲସରାୟ ରେଲମଣ୍ଡଳର ସୋନ ନଗର ଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ବାତିଲ୍/ପରିବର୍ତ୍ତିତ ମାର୍ଗ

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 18311 | ସମ୍ବଲପୁର - ବାରାଣସି ଏକ୍ସପ୍ରେସ୍ | ସମ୍ବଲପୁର | 16, 20, 23 ଏବଂ 27 ଜାନୁଆରୀ, 2019 |
| 18312 | ବାରାଣସି - ସମ୍ବଲପୁର ଏକ୍ସପ୍ରେସ୍ | ବାରାଣସି | 14, 17, 21 ଏବଂ 24 ଜାନୁଆରୀ, 2019 |
| 12875 | ପୁରୀ-ଆନନ୍ଦ ବିହାର ନୀଳାଚଳ ଏକ୍ସପ୍ରେସ୍ | ପୁରୀ | 18, 20, 22 ଏବଂ 25 ଜାନୁଆରୀ, 2019 |
| 12876 | ଆନନ୍ଦ ବିହାର-ପୁରୀ ନୀଳାଚଳ ଏକ୍ସପ୍ରେସ୍ | ଆନନ୍ଦ ବିହାର | 18, 20, 22 ଏବଂ 27 ଜାନୁଆରୀ, 2019 |
| 12815 | ପୁରୀ - ଆନନ୍ଦ ବିହାର ନନ୍ଦନକାନନ୍ ଏକ୍ସପ୍ରେସ୍ | ପୁରୀ | 16.01.2019 ଏବଂ 23.01.2019 |
| 12816 | ଆନନ୍ଦ ବିହାର - ପୁରୀ ନନ୍ଦନକାନନ୍ ଏକ୍ସପ୍ରେସ୍ | ଆନନ୍ଦ ବିହାର | 24.01.2019 |

**ଗୋମୋ-ଗୟା ଓ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ମାର୍ଗ ନଯାଇ ପରିବର୍ତ୍ତିତ ମାର୍ଗ ମୁରୀ ବାର୍କାକାନା-ଗଡ଼ୱା ରୋଡ଼ ଓ ଚୁନାର ହୋଇ ପରିବର୍ତ୍ତିତ ମାର୍ଗରେ ଟ୍ରେନ୍ ଚଳାଚଳ**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡ଼ିବା ତାରିଖ |
|---|---|---|
| 12801 | ପୁରୀ - ନିୟୁ ଦିଲ୍ଲୀ ଏକ୍ସପ୍ରେସ୍ | 16.01.2019 ଠାରୁ 26.01.2019 ପର୍ଯ୍ୟନ୍ତ |
| 12802 | ନିୟୁ ଦିଲ୍ଲୀ - ପୁରୀ ଏକ୍ସପ୍ରେସ୍ | 16.01.2019 ଠାରୁ 26.01.2019 ପର୍ଯ୍ୟନ୍ତ |
| 12815 | ପୁରୀ - ଆନନ୍ଦ ବିହାର ଏକ୍ସପ୍ରେସ୍ | 17, 19, 21, 24 ଏବଂ 26 ଜାନୁଆରୀ, 2019 ପର୍ଯ୍ୟନ୍ତ |
| 12816 | ଆନନ୍ଦ ବିହାର - ପୁରୀ ଏକ୍ସପ୍ରେସ୍ | 17, 19, 21, 23. ଏବଂ 26 ଜାନୁଆରୀ, 2019 ପର୍ଯ୍ୟନ୍ତ |

ପୂର୍ବ ତଟ ରେଳପଥ
PR-425/J/18-19



### ପୂର୍ବ ତଟ ରେଳପଥ

**ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଯାତ୍ରୀ ଟିକେଟ ସୁବିଧା କେନ୍ଦ୍ର (YTSK)ର ମନୋନୟନ ଏବଂ ପରିଚାଳନା ନିମନ୍ତେ ଅଧିସୂଚନା**

ବିଜ୍ଞପ୍ତି ନଂ. SDCM/KUR/YTSK, ତା.01.01.2019ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ)/ଖୋର୍ଦ୍ଧା ରୋଡ଼ଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳର ନନ୍ ସବ୍-ଅର୍ବାନ ଗ୍ରେଡ଼ (NSG)-2 (ଭୁବନେଶ୍ୱର ଏବଂ ପୁରୀ), ନନ୍ ସବ୍-ଅର୍ବାନ ଗ୍ରେଡ଼ (NSG)-3 (ଭଦ୍ରକ, ବ୍ରହ୍ମପୁର, କଟକ, ଖୋର୍ଦ୍ଧା ରୋଡ଼ ଏବଂ ପଲାସା), ନନ୍ ସବ୍-ଅର୍ବାନ ଗ୍ରେଡ଼ (NSG)-4 (ବାଲୁଗାଁ ଏବଂ ଯାଜପୁର-କେନ୍ଦୁଝର ରୋଡ଼) ତଥା ନନ୍ ସବ୍-ଅର୍ବାନ ଗ୍ରେଡ଼ (NSG)-5 (ଅନଗୁଳ, ଛତ୍ରପୁର, ଧାନମଣ୍ଡଳ, ଇଚ୍ଛାପୁରମ୍, କେନ୍ଦୁଝରଗଡ଼, ଖଲିକୋଟ, ପାରାଦ୍ୱୀପ, ସୋମପେଟା, ତାଳଚେର ଏବଂ ତାଳଚେର ରୋଡ଼) ର ରେଳ ଷ୍ଟେସନ ବାହାରେ କମ୍ପ୍ୟୁଟରୀକୃତ ଯାତ୍ରୀ ଆରକ୍ଷଣ ପ୍ରଣାଳୀ (PRS) ସହ ଅଣସଂରକ୍ଷିତ ଟିକେଟିଙ୍ଗ୍ ପ୍ରଣାଳୀ(UTS) ଟର୍ମିନାଲଗୁଡ଼ିକର ମନୋନୟନ ଏବଂ ପରିଚାଳନା ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି। ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ଉପଲବ୍ଧ ଅଟେ।

**କାର୍ଯ୍ୟ ଅବଧି :** 03 ବର୍ଷ
**ଦରଖାସ୍ତ ଶୁଳ୍କ :** ଟ.5,000/-(ପାଞ୍ଚହଜାର ଟଙ୍କା) ପ୍ରତ୍ୟେକ (ଫେରସ୍ତଯୋଗ୍ୟ ନୁହେଁ)
**EMD ରାଶି (ଟଙ୍କାରେ) :** ଟ.10,000/- (ଦଶ ହଜାର ଟଙ୍କା) ପ୍ରତ୍ୟେକ (ଫେରସ୍ତଯୋଗ୍ୟ)।
**ଟେଣ୍ଡର ବାକ୍ସ ଖୋଲାଯିବା ତାରିଖ ଓ ସମୟ :** ତା.05.02.2019ରିଖ 1530 ଘଟିକାରେ।

ଦରଖାସ୍ତ ଫର୍ମାଟ, ନିୟମ ଓ ସର୍ତ୍ତାବଳୀ ଏବଂ ଅନ୍ୟ ବିସ୍ତୃତ ବିବରଣୀ ପୂର୍ବ ତଟ ରେଳପଥ ୱେବ୍‌ସାଇଟ୍ www.eastcoastrail.indianrailways.gov.inରୁ ଏବଂ ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ଖୋର୍ଦ୍ଧା ରୋଡ଼, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ସା/ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ପିନ୍-752050ଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇପାରିବ।

PR-424/J/18-19 — ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ (ସମନ୍ୱୟ), ଖୋର୍ଦ୍ଧା ରୋଡ଼



ରିକଭରୀ ଅଫିସରଙ୍କ ଅଦାଲତ
### ଋଣ ଅସୁଲି ପ୍ରାଧିକରଣ
ସି-୭୧, ସେକ୍ଟର-୭, ସିଡିଏ, କଟକ - ୧୪, ଓଡ଼ିଶା
**ସମ୍ପତ୍ତି ନିଲାମ ବିଜ୍ଞପ୍ତି**
ଆର୍.ପି.ନଂ: ୧୨୬/୨୦୧୭/କଟକ
(୨୦୧୪ ର ଓଏ ନଂ. ୬୪୯ ରୁ ଉଦ୍ଧୃତ)
ସତ୍ୟମେବ ଜୟତେ

**ଆନ୍ଧ୍ର ବ୍ୟାଙ୍କ, ଗୋଠପାଟଣା ଶାଖା, ସା/ପୋ.: ଗୋଠପାଟଣା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୩** ...ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
**ଦୀପଶିଖା ଦାସ ଏବଂ ଅନ୍ୟମାନେ** .....ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି"** ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ / ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା.୧୨.୦୨.୨୦୧୯ରିଖ ଅପରାହ୍ନ ୫.୦୦ଘଟିକା** ସୁଦ୍ଧା ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।

**ସମ୍ପତ୍ତି ଗୁଡିକର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ୍ ନିଲାମ ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| **ସମ୍ପତ୍ତି ଗୁଡିକର ସାରଣୀ:** ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖଣ୍ଡଗିରି, ଥାନା: ନିଉ କ୍ୟାପିଟାଲ, ଥାନା ନଂ.: ୨୩, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୪୧, ଚନ୍ଦ୍ରଶେଖରପୁର, ସତ୍ତ୍ୱ: ସ୍ଥିତିବାନ, ଖାତା ନଂ.: ୬୧୧/୧୨୦୦, ପ୍ଲଟ୍ ନଂ.: ୧୫/୪୫୭୩, କ୍ଷେତ୍ର: ଏକର୦.୦୮୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୬/୪୫୭୫, କ୍ଷେତ୍ର: ଏକର୦.୨୭୯ | ଟ.୪୮,୦୯,୦୦୦/- (ଅଠଚାଳିଶ ଲକ୍ଷ ନଅ ହଜାର ଟଙ୍କା ମାତ୍ର) / ଟ.୨,୪୦,୪୫୦/- (ଦୁଇ ଲକ୍ଷ ଚାଳିଶ ହଜାର ଚାରି ଶହ ପଚାଶ ଟଙ୍କା ମାତ୍ର) | ୧୨.୦୨.୨୦୧୯ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୧) ୧୪.୦୨.୨୦୧୯ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ (ପାଞ୍ଚ) ମିନିଟ୍ ବର୍ଦ୍ଧିତ ସମୟ ସହିତ। ୨) ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |

ଡିସିମିଲି ଏବଂ ଖାତା ନଂ.: ୬୧୧/୧୩୩୨, ପ୍ଲଟ୍ ନଂ.: ୧୭, କ୍ଷେତ୍ର: ଏକର୦.୦୬୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୬/୧୭୩୪/୪୭୪୦, କ୍ଷେତ୍ର: ଏକର୦.୦୩୬ ଡିସିମିଲି, କିସମ: ଘରବାରୀ, ପରିମିତ କ୍ଷେତ୍ର: ଏକର୦.୪୬୧ ଡିସିମିଲିରୁ ଅବିଭକ୍ତ ଜମିର ଅଂଶ ଏକର୦.୦୦୩ ଡିସିମିଲି ସହିତ ସେଠାରେ ଥିବା ବିଲ୍ଡିଂ ଯାହାକି "ସୋନାଲୀ ପ୍ୟାଲେସ୍" ଆପାର୍ଟମେଣ୍ଟର ୨ୟ ମହଲାରେ ମାର୍ବଲ ଫ୍ଲୋର ସହିତ ବ୍ଲକ୍-ବିରେ ଅବସ୍ଥିତ ଥିବା ଫ୍ଲାଟ୍ ଯାହାର ନଂ.: ୨୦୪, ପରିମିତ ସୁପର ବିଲ୍ଟ ଅପ୍ ଏରିଆ: ୧୦୦୫ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ବି-୨୦୩, ଦକ୍ଷିଣ: 'ଏ' ବ୍ଲକ୍, ପୂର୍ବ: 'ସି' ବ୍ଲକ୍, ପଶ୍ଚିମ: ଫ୍ଲାଟ୍ ନଂ.: ୨୦୧

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ / ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ http://antaressystems.com & https://tenders.gov.in କିମ୍ବା ତା.୧୨.୦୨.୨୦୧୯ରିଖ ପର୍ଯ୍ୟନ୍ତ ଶାଖା ପ୍ରବନ୍ଧକ, **ଆନ୍ଧ୍ର ବ୍ୟାଙ୍କ, ଗୋଠପାଟଣା ଶାଖା, ପୋ.: ମଳିପଡ଼ା, ଜିଲ୍ଲା: ଖୋର୍ଦ୍ଧା-୭୫୧୦୨୯, ଫୋନ୍ ନଂ.: ୦୬୭୪-୩୦୬୦୫୯୫, ଇ-ମେଲ ଆଇଡି: bm1731@andhrabank.co.in, ଯୋଗାଯୋଗ ବ୍ୟକ୍ତି: ମିସ୍ ଲୁଖିମୁନି ସୋରେନ୍, ବରିଷ୍ଠ ଶାଖା ପ୍ରବନ୍ଧକ, ଆନ୍ଧ୍ର ବ୍ୟାଙ୍କ, ଗୋଠପାଟଣା ଶାଖା, ଫୋନ୍ ନଂ.: ୦୬୭୪-୩୦୬୦୫୯୫, ଇ-ମେଲ ଆଇଡି: lukhimuni@rediffmail.com**ଙ୍କ ଠାରେ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **THE RECOVERY OFFICER, Debts Recovery Tribunal, Cuttack** ଙ୍କ ନାମରେ ଓ କଟକଠାରେ ପଇଠ ହୋଇଥିବା ପେ ଅର୍ଡର / ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା **"The Recovery Officer, DRT, Cuttack** ସପକ୍ଷରେ **RP No.: 126/2017/CTC"**, ଆକାଉଣ୍ଟ ନଂ.: ୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059 ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର୍ କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା.୧୨.୦୨.୨୦୧୯ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ।

ନିମ୍ନଲିଖିତ ଦସ୍ତାବିଜ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ୍ ଇ-ମେଲ ଆଇଡ଼ି : **ro1drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା.୧୨.୦୨.୨୦୧୯ରିଖ ଅପରାହ୍ନ ୫.୦୦ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍ :- (କ) ସଠିକ୍ ଭାବେ ପୂରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୂରଣ କରାଯାଇଥିବା ଅନ୍‌ଲାଇନ୍ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ୍, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପ୍ୟାନ୍ କାର୍ଡର ଏକ ନକଲ।

**ସଂରକ୍ଷିତ ମୂଲ୍ୟରୁ କମ୍ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋଗ୍ରାଫ୍ ଅପ୍‌ଲୋଡ କରିବାକୁ ଅନୁରୋଧ।**

**ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା.୦୧.୧୨.୨୦୧୮ରିଖରେ ଆଦିଷ୍ଟ।**

ସ୍ୱା/-(ଆର୍.ପି. ପଟ୍ଟନାୟକ)
ଋଣ ଅସୁଲି ଅଧିକାରୀ



See Career Appointment on every Wednesday & Saturday



### ଆଲ୍ଲାହାବାଦ ବ୍ୟାଙ୍କ

ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **"ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ମନୋଜ କୁମାର ସାହା,** ପିତା: ଶ୍ରୀ ବାବୁଧନ ସାହା, **୨) ଶ୍ରୀମତୀ ଅଞ୍ଜୁ ସାହା,** ସ୍ୱାମୀ: ଶ୍ରୀ ମନୋଜ କୁମାର ସାହା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୫୫୬, ମହେନ୍ଦ୍ର ପ୍ରଧାନ କଲୋନୀ, ବମିଖାଲ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦ | ୨୮.୧୦.୨୦୧୮ ସୁଦ୍ଧା ଟ.୧୮,୬୪,୩୨୩/- + ସେବାବଦ ସୁଧ | ୨୮.୧୦.୨୦୧୮ / ୦୧.୦୧.୨୦୧୯ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୬୫/୨୪୨, ପ୍ଲଟ୍ ନଂ.: ୯୬୯, ଅନୁରୂପ କନ୍‌ଭରସନ୍ ଖାତା ନଂ.: ୫୬୫/୩୪୪, ଅନୁରୂପ ସାବିକ ଖାତା ନଂ.: ୩୩, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୫୦ଡିସିମିଲି, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୧୩୧୫, ପୂର୍ବ: ପ୍ଲଟ୍ ନଂ.: ୯୬୮, ପଶ୍ଚିମ: ପ୍ଲଟ୍ ନଂ.: ୯୭୦ |
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଜାନକୀବାଳା ଦାଶ,** ସ୍ୱାମୀ: ଶ୍ରୀ ରବିନ୍ଦ୍ର କୁମାର ଦାଶ, **୨) ଶ୍ରୀ ହରି ଶଙ୍କର ଦାଶ,** ପିତା: ଶ୍ରୀ ରବିନ୍ଦ୍ର କୁମାର ଦାଶ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୪୨୭, ଚକେଇସିଆଣୀ, ପୋ.: ରସୁଲଗଡ, ଭୁବନେଶ୍ୱର-୭୫୧୦୧୦ | ୨୯.୧୦.୨୦୧୮ ସୁଦ୍ଧା ଟ.୧,୭୫,୦୬୪/- + ସେବାବଦ ସୁଧ | ୨୯.୧୦.୨୦୧୮ / ୦୪.୦୧.୨୦୧୯ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୭, ଖାତା ନଂ.: ୯୬୭, କ୍ଷେତ୍ର: ଏକର୦.୦୫୬ଡିସିମିଲିରୁ ଏକର୦.୦୧୬ଡିସିମିଲି, ଅନୁରୂପ ହାଲ୍ ବନ୍ଦୋବସ୍ତ ଖାତା ନଂ.: ୧୨୯୫, ମୌଜା: ପାଣ୍ଡରା, ଥାନା: ସହୀଦ ନଗର, ପ୍ଲଟ୍ ନଂ.: ୪୨୭/୫୬୭୪, କ୍ଷେତ୍ର: ଏକର୦.୧୯୦ଡିସିମିଲି, ମୌଜା: ଭୁବନେଶ୍ୱର ସହର ୟୁନିଟ୍-୩୮, ପାଣ୍ଡରା, ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଏଚ୍. ପତି ଏବଂ ପି. ପତି, ଦକ୍ଷିଣ: ଏଚ୍. ହୀରା, ପୂର୍ବ: ରାସ୍ତା, ପଶ୍ଚିମ: ଶ୍ରୀମତୀ ଜାନକୀ ଦାସଙ୍କର ଶଙ୍କର ବେହେରା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୭.୦୧.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



CLASSIFIED DISPLAY



LIPOSUCTION
FOR ALL YOUR QUERIES : 9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK.

TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316
- Well Developed Homestead Plot.
- For Future Investment Purpose.
- Entire Project is Electrified.
- Bank Finance is also available.
- Reasonable Price.
- First Possession then Registration.
Rs. 190/- Per Sq. ft
Mob: 7326837199, 9861747353



ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ପରିଣତ କରୁଥିବା ୭ ଦୈବୀଶକ୍ତି ଓ କଳା ବିଦ୍ୟାରେ ନିପୁଣ
୩ ଘଣ୍ଟାରେ ୧୦୦% ଗ୍ୟାରେଣ୍ଟି ସହ ସମାଧାନ
ଯଦି ଆପଣ କୌଣସି ସମସ୍ୟା କାରଣରୁ ଚିନ୍ତିତ ତେବେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରନ୍ତୁ
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବନ୍ଧନକୁ ଖୋଲାନ୍ତୁ, ପୋତା ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ଯାଦୁ-ଟୋନା, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ମନ ଚାହୁଁଥିବା ପ୍ରେମ, ରୋଗରେ ଔଷଧ କାମ ନ କରିବା, ପୁରୁଣା ଯନ୍ତ୍ରଣା, ବିଦେଶ ଯାତ୍ରା, ପିଲାମାନଙ୍କ ସମସ୍ୟା, କୋର୍ଟ କେସ୍, ଫିଲ୍ମ, ମଡେଲିଂ କ୍ୟାରିୟରରେ ସଫଳତା।
ବଶୀକରଣ — ତନ୍ତ୍ର-ମନ୍ତ୍ର — ସଉତୁଣୀ ଓ ଶତ୍ରୁ — ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା କେହି ବାହାର ଲୋକ, ଶ୍ୱଶୁର ଘର ଲୋକେ ହଇରାଣ କରୁଛନ୍ତି କି?
ସ୍ପେ. ବଶୀକରଣ, ମୁଠକରଣୀ ଓ କଳାଯାଦୁ
ବାବା ଆଲାଉଦ୍ଦିନ ବଙ୍ଗାଲି
ରେଳ ଷ୍ଟେଶନ ନିକଟ
9654724520
9990987786



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ପ୍ରକୃତ ରୂପାନ୍ତର ହେଲା– ଚେତନାର ରୂପାନ୍ତର। ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ। ଏହା ସତ ଯେ ଆମର ଅଜାଣତରେ ବି, ଆମ ପ୍ରକୃତିରେ କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ। –ଶ୍ରୀମା



# କନ୍‌ଷ୍ଟେବଲଙ୍କୁ ସୁଯୋଗ

ଲୋକସଂଖ୍ୟା ବୃଦ୍ଧି ସହ ଓଡ଼ିଶାରେ ଅପରାଧ ବଢ଼ିଚାଲିଛି। ଆପରାଧିକ ମାମଲାଗୁଡ଼ିକୁ ତ୍ୱରାନ୍ୱିତ କରିବା ଲାଗି ଥାନାଗୁଡ଼ିକରେ ତଦନ୍ତକାରୀ ଅଧିକାରୀ ଯଥେଷ୍ଟ ହେଉ ନ ଥିବାରୁ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ପଦକ୍ଷେପ ନିଆଯାଇଛି। ଗୃହ ବିଭାଗ ତରଫରୁ ପ୍ରକାଶିତ ନିର୍ଦ୍ଦେଶ ଅନୁଯାୟୀ ସ୍ନାତକ ଡିଗ୍ରୀ ଅର୍ଜନ କରିଥିବା କନ୍‌ଷ୍ଟେବଲ ଓ ହାବିଲଦାରମାନେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ୩୩ଟି ଦଫା ମଧ୍ୟରେ ଆସୁଥିବା ଅପରାଧର ତଦନ୍ତ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ଆଇପିସିରେ ସମୁଦାୟ ୫୧୧ ଦଫା ରହିଛି। ସାଧାରଣତଃ ପୋଲିସର କାର୍ଯ୍ୟଧାରା ଦେଖିଲେ ଇନ୍‌ସ୍ପେକ୍ଟର ସଙ୍ଗିନ ଅପରାଧ ଯଥା ହତ୍ୟା ଓ ଆର୍ଥିକ ଅପରାଧ ମାମଲାଗୁଡ଼ିକର ତଦନ୍ତ କରିଥାଆନ୍ତି। ସବ୍-ଇନ୍‌ସ୍ପେକ୍ଟର (ଏସ୍‌ଆଇ)ଙ୍କ ଉପରେ ହତ୍ୟା ଉଦ୍ୟମ ଓ ଡକାୟତି ଘଟଣାର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆସିଷ୍ଟାଣ୍ଟ ସବ୍-ଇନ୍‌ସ୍ପେକ୍ଟର (ଏଏସ୍‌ଆଇ) ଚୋରି, ରାହାଜାନି ଭଳି ମାମଲାର ତଦନ୍ତ କରୁଛନ୍ତି। ସ୍ନାତକ ଡିଗ୍ରୀଧାରୀ କନ୍‌ଷ୍ଟେବଲ ଓ ହାବିଲଦାରଙ୍କୁ ସଶକ୍ତ କରିବା ଲାଗି ସେମାନଙ୍କୁ ତଦନ୍ତ ଅଧିକାରୀ (ଆଇଓ) ଦାୟିତ୍ୱ ଦେବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଆର୍.ପି. ଶର୍ମା ଗତବର୍ଷ ଗୃହ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ନିଶ୍ଚିତ ଭାବେ ତାଙ୍କ ପ୍ରସ୍ତାବ ଓ ଗୃହ ବିଭାଗ ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

ଓଡ଼ିଶା ପୋଲିସରେ ସମୁଦାୟ ୭୨,୧୪୫ ପଦବୀ ରହିଛି। ରାଜ୍ୟର ବିଭିନ୍ନ ଥାନାରେ ୮,୦୦୦ରୁ ଊର୍ଦ୍ଧ୍ୱ କନ୍‌ଷ୍ଟେବଲ ଓ ପ୍ରାୟ ୨୫୦୦ ହାବିଲଦାର ଅଛନ୍ତି। ଏମାନେ ଚଢ଼ାଉ ବେଳେ ଅଫିସରଙ୍କୁ ସାହାଯ୍ୟ କରିବା ସହ ଫାଇଲ ନେବାଆଣିବା କାର୍ଯ୍ୟରେ ଲାଗିଥାଆନ୍ତି। ଦେଖିବାକୁ ଗଲେ ତଳିଆ କାର୍ଯ୍ୟରେ ଏମାନଙ୍କୁ ନିୟୋଜିତ କରାଯାଇଥାଏ। ଗୃହ ବିଭାଗ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ପରେ ସ୍ନାତକପ୍ରାପ୍ତ କନ୍‌ଷ୍ଟେବଲ ଓ ହାବିଲଦାରମାନେ କାର୍ଯ୍ୟକ୍ଷେତ୍ରରେ ମର୍ଯ୍ୟାଦା ପାଇପାରିବେ। ଏଥିସହିତ ତଦନ୍ତକାରୀ ଅଧିକାରୀଜନିତ ଅଭାବରେ ପଡ଼ିଥିବା ଓଡ଼ିଶା ପୋଲିସ ଏମାନଙ୍କ ଦକ୍ଷତାକୁ ବ୍ୟବହାର କରିପାରିବେ। ଏବେ ଦିଲ୍ଲୀ, କେରଳ, ଗୁଜରାଟ, ରାଜସ୍ଥାନ, ମହାରାଷ୍ଟ୍ରରେ ହେଡ୍ କନ୍‌ଷ୍ଟେବଲମାନଙ୍କୁ ତଦନ୍ତ ଅଧିକାରୀ ଦାୟିତ୍ୱ ଅର୍ପଣ କରାଯାଇଛି। ଫଳରେ ଏଏସ୍‌ଆଇଙ୍କ କାମ ହାଲୁକା ହୋଇପାରୁଥିବାରୁ ସେମାନେ ଅନ୍ୟସବୁ ଆପରାଧିକ ମାମଲାର ତଦନ୍ତ ଲାଗି ସମୟ ପାଇପାରିବେ। ଏହାଦ୍ୱାରା ଥାନାରେ ବକେୟା ପଡ଼ି ରହିଥିବା ମାମଲା ବୋଝ କମିଯାଇପାରିବ। ତେବେ ଦକ୍ଷ କନ୍‌ଷ୍ଟେବଲ ଓ ହାବିଲଦାରଙ୍କୁ ବାଛିବା ହେଉଛି ସବୁଠାରୁ ବଡ଼ କାର୍ଯ୍ୟ। ୩ ବର୍ଷରୁ କମ୍ ଜେଲଦଣ୍ଡ ମିଳିପାରୁଥିବା ଅପରାଧର ତଦନ୍ତ ଦାୟିତ୍ୱ ଏମାନଙ୍କୁ ଦିଆଯିବାର ବ୍ୟବସ୍ଥା ସୃଷ୍ଟି କରାଯାଉଛି। ଏଥିପାଇଁ ସେମାନଙ୍କୁ ଓଡ଼ିଶା ପୋଲିସର ପ୍ରଶିକ୍ଷଣ କେନ୍ଦ୍ରରେ ୪ରୁ ୫ ସପ୍ତାହ ଯାଏ ତାଲିମ ନେବାକୁ ପଡ଼ିବ। ଏହାପରେ କାଗଜପତ୍ର କାର୍ଯ୍ୟ ଲାଗି ସେମାନଙ୍କୁ ଥାନାଗୁଡ଼ିକରେ ୪୫ ଦିନିଆ ପ୍ରଶିକ୍ଷଣ ଦିଆଯିବ। ମାମଲା ରୁଜୁ, ପ୍ରମାଣ ସଂଗ୍ରହ, କେସ୍ ଡାଏରୀ ଲେଖିବାଠାରୁ ଆରମ୍ଭ କରି ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଯେଉଁସବୁ କାର୍ଯ୍ୟ କରିବାକୁ ପଡ଼େ, ସେ ନେଇ ପ୍ରଶିକ୍ଷିତ ହେବାକୁ ପଡ଼ିବ। ଏହା ପରେ ସେମାନେ ଏକ ପରୀକ୍ଷା ଦେବେ। ଯେଉଁମାନେ ଏଥିରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ତଦନ୍ତ ଦାୟିତ୍ୱ ଦିଆଯିବ। ତେବେ ଏସବୁ ଶୁଣିବାକୁ ଭଲ ଲାଗୁଥିଲେ ମଧ୍ୟ ଏହା କଥାରେ ସୀମିତ ରହିଲେ ବ୍ୟବସ୍ଥା ଫଳପ୍ରଦ ହେବ ନାହିଁ। ସବୁଠାରୁ ମୂଳ କଥା ହେଲା ଏମାନଙ୍କୁ ଠିକ୍ ପ୍ରଶିକ୍ଷଣ ଦିଆଯାଇ କାର୍ଯ୍ୟଧାରାରେ ସାମିଲ କରିବା। ବାସ୍ତବରେ ତୃଣମୂଳ ସ୍ତରର ରିପୋର୍ଟ ଉପରେ ସବୁକିଛି ନିର୍ଭର କରିଥାଏ। ପ୍ରଥମ ତଦନ୍ତ ରିପୋର୍ଟ ପାଣିଚିଆ ବା ତ୍ରୁଟିପୂର୍ଣ୍ଣ ହେଲେ ଆଗକୁ ନ୍ୟାୟ ମିଳିବା ଏକପ୍ରକାର ଅସମ୍ଭବ ହୋଇପଡ଼େ।

ଗୋଟିଏ ପାଦ ଆଗକୁ ଯାଇ କୁହାଯାଇପାରେ ଯେ ଯୋଗ୍ୟ ବିବେଚିତ କନ୍‌ଷ୍ଟେବଲ ଓ ହାବିଲଦାରଙ୍କ କାର୍ଯ୍ୟ ତଦାରଖ କରିବା ଲାଗି ସ୍ଥାନୀୟ ଏସ୍‌ପିଙ୍କ ନେତୃତ୍ୱରେ ଏକ ଟାସ୍କଫୋର୍ସ ଗଠନ କରାଯିବା ଦରକାର। ଏଥିସହିତ ରାଜ୍ୟର ଅବସରପ୍ରାପ୍ତ ଅଭିଜ୍ଞ ପୋଲିସ ଅଫିସର ଏବଂ ଅନ୍ୟ ରାଜ୍ୟର ଦକ୍ଷ ପୋଲିସ ଅଧିକାରୀଙ୍କୁ ଡକାଯାଇ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବାର କୌଶଳ ଓ ବୈଶିଷ୍ଟ୍ୟ ବିଷୟରେ ଆଲୋଚନା ଲାଗି କର୍ମଶାଳା ଆୟୋଜନର ଆବଶ୍ୟକତା ରହିଛି। କର୍ମଶାଳାର ନିଷ୍କର୍ଷ ଓ କେତେକ କେସ୍ ଷ୍ଟଡିକୁ ଆଭ୍ୟନ୍ତରୀଣ ପୋଲିସ ମାନୁଆଲ୍‌ରେ ସନ୍ନିବେଶିତ କରାଯାଇପାରିଲେ ତଦନ୍ତ ଦିଗରେ କାର୍ଯ୍ୟ କରୁଥିବା ବା ଆଗକୁ ଦାୟିତ୍ୱ ନେବାକୁ ଥିବା ଯୁବ ପୋଲିସଙ୍କ ପାଇଁ ଏହା ଏକ ବେସ୍ (ମୂଳ) ପୁସ୍ତିକା ହୋଇପାରିବ। ଉକ୍ତ ମାନୁଆଲ୍‌କୁ ମଧ୍ୟ ସମୟକ୍ରମେ ଅପ୍‌ଡେଟ୍ କରାଯିବା ଦରକାର। ବରିଷ୍ଠ ପୋଲିସ ଅଧିକାରୀମାନେ ନୂତନ ଭାବେ ତଦନ୍ତ ଅଧିକାରୀ ହେଉଥିବା ପୋଲିସଙ୍କ କେସ୍ ଡାଏରି ଓ କୋର୍ଟକୁ ଦିଆଯିବାକୁ ଥିବା ରିପୋର୍ଟକୁ ଭଲ ଭାବେ ଯାଞ୍ଚ କରିବା ଉଚିତ। ସେହିପରି କୋର୍ଟରେ କେସ୍ ସରିଲା ପରେ ଜଣେ ଅଭିଯୁକ୍ତ କେଉଁଥିପାଇଁ ଦଣ୍ଡ ପାଇଲେ ବା ମାମଲାରୁ ଛାଡ଼ ପାଇଗଲେ, ସେହି ସମ୍ପର୍କିତ ବର୍ଣ୍ଣନା ପୋଲିସର କନ୍‌ଫିଡେନ୍ସିଆଲ ମାନୁଆଲ ବା ଗୋପନୀୟ ପୁସ୍ତିକାରେ ପ୍ରାଞ୍ଜଳ ଭାବେ ରଖାଯାଇପାରିଲେ ନୂତନ ଭାବେ ଦାୟିତ୍ୱ ନେଉଥିବା ତଦନ୍ତ ଅଧିକାରୀଙ୍କ ପାଇଁ ଏହା ଏକ ମାର୍ଗଦର୍ଶିକା ପାଲଟିଯାଇପାରନ୍ତା। ସକାରାତ୍ମକ ଦୃଷ୍ଟିରୁ ପୋଲିସର କାର୍ଯ୍ୟଧାରାକୁ ଏହିଭଳି ବ୍ୟବସ୍ଥିତ କରାଯାଇପାରିଲେ, ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା ପୋଲିସ ଏକ ଦକ୍ଷ ସୁରକ୍ଷା ବାହିନୀ ଭାବେ ଉଭା ହୋଇ ଅନ୍ୟ ରାଜ୍ୟ ପାଇଁ ମଡେଲ ହୋଇପାରନ୍ତା।

## ଚିରନ୍ତନୀ

ନୁହଇ ଧରମ ସେ ତ ଧରମର
ବାହ୍ୟ ପରିଧାନ ଏକ, ନାହିଁ ତା'ର
ଚର୍ମ ଆବରଣ
ଅପର କାରଣ।

(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 1 | | B | C | | A | | | |
| | 1 | | | | 4 | | | | | 5 | | | D | A |
| | | B | | | 3 | | | 7 | 8 | | | | | 4 |
| E | | | | 9 | 0 | | | | | B | | 2 | | C |
| C | 6 | | | | | 4 | | | E | 2 | | 8 | 3 | 1 |
| | 2 | | | | B | | 5 | | 4 | C | | | 1 | 0 |
| | | | | | 5 | 9 | | | 2 | | | 6 | B | 7 |
| | | | | | | A | | 8 | 9 | D | 0 | | | |
| 1 | | E | | | 8 | | | 2 | | | 5 | | | D |
| | 4 | | | | 1 | 3 | | | | | 6 | 9 | | |
| | | | | 3 | | 6 | C | | | 4 | | 0 | | 2 |
| 0 | | | 1 | | | 8 | | | | 6 | 9 | 3 | C | |
| | | A | | | 7 | | 2 | | | | | D | | |
| 9 | C | | A | | | D | | E | | | | | | 8 |
| 6 | | | | | 2 | 0 | | 9 | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 9 | 5 | 1 | 0 | 8 | C | B | 6 | E | 3 | 4 | 2 | 7 |
| E | 3 | 4 | 6 | D | A | 1 | 2 | 7 | 5 | 8 | 9 | 0 | B | C |
| 0 | 1 | 2 | 8 | 7 | E | 5 | 4 | 9 | D | C | B | 3 | A | 6 |
| B | 7 | 6 | C | 9 | 2 | A | D | 3 | 0 | 1 | 4 | 5 | E | 8 |
| 5 | 8 | C | 4 | B | 3 | E | 0 | 6 | A | 2 | 7 | D | 9 | 1 |
| A | 2 | 8 | D | C | 6 | 0 | E | 4 | 9 | 7 | 5 | B | 1 | 3 |
| 6 | 5 | 0 | E | 4 | 7 | D | 3 | 1 | 2 | B | A | 8 | C | 9 |
| 7 | B | 1 | 9 | 3 | 5 | 2 | 8 | A | 4 | D | C | 6 | 0 | E |
| 3 | C | D | B | 2 | 8 | 6 | 9 | 5 | E | 0 | 1 | 7 | 4 | A |
| 4 | 9 | E | A | 0 | 1 | 7 | B | C | 3 | 6 | 8 | 2 | D | 5 |
| 2 | D | 3 | 0 | 6 | 4 | 9 | 5 | 8 | 1 | A | E | C | 7 | B |
| 8 | 0 | 7 | 3 | A | 9 | B | 6 | E | C | 4 | D | 1 | 5 | 2 |
| 1 | E | A | 2 | 5 | D | C | 7 | 0 | B | 3 | 6 | 9 | 8 | 4 |
| C | 4 | 5 | 1 | 8 | B | 3 | A | 2 | 7 | 9 | 0 | E | 6 | D |
| 9 | 6 | B | 7 | E | C | 4 | 1 | D | 8 | 5 | 2 | A | 3 | 0 |

ଗତକାଲିର ଉତ୍ତର

# ଗରିବ ଚିହ୍ନେନି ଘରୋଇକରଣ



ସହଦେବ ସାହୁ

ଗରିବ ପାଇଁ ସବୁ ମହଙ୍ଗା, ଦେବଦର୍ଶନ ଓ ନିଜ ସ୍ୱାସ୍ଥ୍ୟ ବି। ଗରିବ ଅଳ୍ପାୟୁ ହୋଇ ରହିବ, ସମାଜ ଯାହାକୁ ଧର୍ମ କାମ ବୋଲି କହୁଛି ତା'ଠାରୁ ସେ ଦୂରେଇ ରହିବ। ଡାକ୍ତର ହୁଅନ୍ତୁ କି ସାଧୁସନ୍ଥ, ସମସ୍ତେ ଧନୀଙ୍କୁ, ପଇସା ଫୋପାଡ଼ି ପାରିବା ଲୋକଙ୍କୁ ପଚାରନ୍ତି, ଯତ୍ନର ସହ ଚିକିତ୍ସା କରନ୍ତି, ଭଲ ଭକ୍ତ ବୋଲି ଗଣମାଧ୍ୟମ ପ୍ରଚାର କରେ। ଭୋଟ୍ ପାଇଁ ମନ୍ତ୍ରୀମାନେ ଗରିବ-ପ୍ରାଣ ହୋଇପଡ଼ନ୍ତି କିନ୍ତୁ ବେନିୟମ କାରବାରରେ ଧନୀର ବଜ୍ର-ଆବରଣ ହୋଇଥାନ୍ତି। ଠାକୁର ଦର୍ଶନରେ ବି ଯିଏ ବେଶି ପଇସା ଦିଏ ସିଏ ଆଗେ ଦର୍ଶନ କରେ, କାରଣ ଦିଅଁ-ପୂଜା ବହୁତ ଆଗରୁ ଘରୋଇକରଣ ହୋଇଯାଇଛି, ବ୍ୟାବସାୟିକ ହୋଇ ପଡ଼ିଛି। ଠାକୁର ରଜା କି ଠାକୁର ରାଣୀ ପୂଜା କରିବାକୁ ଗଲେ ଆଉ ସମସ୍ତଙ୍କୁ ଜଗନ୍ନାଥ ମନ୍ଦିରକୁ ଯିବା ମନା,ଏ ଅତୀତର ସନ୍ତକ, ଗଣତନ୍ତ୍ର-ପୂର୍ବର ପରମ୍ପରା। ରାଜାନୁଗ୍ରହରେ ପାଳିତ ପଣ୍ଡାମାନେ ଏହାଠାରୁ ଆଉ କ'ଣ ଅଧିକା ଭାବି ପାରନ୍ତେ ! ଯେମିତି କେଉଁ ବ୍ରାଣ୍ଡର ଔଷଧ କିଣିବ ଡାକ୍ତର ଠିକ୍ କରେ, କେଉଁ ଦୋକାନରୁ ଭୋଗ ନେବ ପଣ୍ଡା କହିଦିଏ। ବଡ଼ ଲୋକ ତ ଡାକ୍ତରଙ୍କ ଚିହ୍ନା ହୋଇଥିବ, କିଛି ସାମ୍ପଲ (ନମୁନା) ଔଷଧ ମାଗଣାରେ ପାଇପାରେ, ସେବାୟତ ବା ପଣ୍ଡାଙ୍କ ପରିଚିତ ହୋଇଥିବ, ପଣ୍ଡା ତାକୁ ବାଟ କଢ଼େଇ ଦିଅଁଙ୍କ ପାଖକୁ ନେଇଯିବେ।

ଲୋକେ କହନ୍ତି, ସରକାରୀ କର୍ମଚାରୀମାନେ ଗରିବଙ୍କ କଥା ବୁଝନ୍ତି ନାହିଁ; ଗରିବଟିଏ ସରକାରୀ ଚାକିରିଆ ହୋଇଗଲେ ସାଙ୍ଗେ ସାଙ୍ଗେ ମଧ୍ୟବିତ୍ତ ବର୍ଗକୁ ଉଠିଯାଏ, କିଛି ଦିନ ଭିତରେ କେତେକ ଲକ୍ଷପତି ହୋଇ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୁଅନ୍ତି, ଆଉ କେତେକ ଚାକିରି ସରିଲା ବେଳକୁ ଯେପରି କୋଟିପତି ହୋଇଥିବେ, ତାହାର ବନ୍ଦୋବସ୍ତ କରିଥାନ୍ତି। ଧୀରେ ଧୀରେ ସେମାନେ ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଆନ୍ତି, ସେମାନେ ଦରଦ କ'ଣ ଆଉ ବୁଝିପାରନ୍ତି ନାହିଁ।

ମୁଷ୍ଟିମେୟ ହେଲେ ବି କେତେକ ପ୍ରଶାସନିକ ଅଧିକାରୀ ଭାଇ ବନ୍ଧୁଙ୍କୁ ବି କୋଟିପତି କରିଦିଅନ୍ତି, ବେନାମୀ କାରବାର କରନ୍ତି, ସମ୍ପର୍କ ଥିଲେ (ଯୋଗ୍ୟତା ନ ଥିଲେ ବି) ସରକାରୀ ଋଣ କରାଇ ଦିଅନ୍ତି, ରିଡ଼ର ପାହ୍ୟାର ଲୋକଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି କରିପାରନ୍ତି। ପ୍ରାଇଭେଟ୍ ସେକ୍ରେଟାରି ବା ଘରର ମାଳୀକୁ ବା ଗାଡ଼ି ଚାଳକଙ୍କୁ ଲୋକ-ପ୍ରତିନିଧି କରିପାରନ୍ତି। ନେତାମାନେ ବି ସେୟା କଲେଣି, ତା'ଠାରୁ ବଳିଗଲେଣି କହିଲେ ଚଳିବ। ଥରେ ନିର୍ବାଚିତ ପ୍ରତିନିଧି ହୋଇଗଲେ ସେମାନେ ଧନୀ ତ ହୁଅନ୍ତି, କୁଟୁମ୍ବମାନଙ୍କୁ ବି କୋଟିପତି କରିପକାନ୍ତି। ପ୍ରିୟାପ୍ରୀତି ରୋକିବା ଲାଗି ବିଧେୟକ ତିଆରି କରୁଥିବା ବିଧାୟକ ବା ସାଂସଦ ନିଜ ସାତପୁରୁଷ ପାଇଁ ସମ୍ପତ୍ତି କରନ୍ତି। ରାସ୍ତାକଡ଼ର ପେଟ୍ରୋଲ ପମ୍ପ, ହସ୍ପିଟାଲ ପରିସରରେ ଔଷଧ ଦୋକାନ, ରାଜପଥର ପ୍ରଶସ୍ତୀକରଣରେ ଠିକା କାମ, ରାସ୍ତାଘାଟରେ ଚାଲୁଥିବା ବସ୍, ଟ୍ରକ୍, ଡଙ୍ଗା ସବୁଥିରେ ତାଙ୍କର ମାଲିକାନା। ଲୋକପ୍ରତିନିଧିଙ୍କ ସାହାଯ୍ୟ ବିନା ସରକାରୀ ଜମିର ମାଲିକାନା ହାସଲ କରିବା, କୁଟୁମ୍ବ ବା ଚାମ୍ଚାମାନେ ରିଅଲ ଇଷ୍ଟେଟ୍ ବିଜନେସ୍ କରିବା, ନିରୀହ ଲୋକର ଜମିବାଡ଼ି ମାରିନେବା ଏବଂ ତହିଁରେ ଫ୍ଲାଟ ତିଆରି କରି କୋଟି କୋଟି ଟଙ୍କା ରୋଜଗାର କରିବା ଅସମ୍ଭବ।

ଆଗେ ଲାଞ୍ଚ ଏକ ଲୁଚାଣିଆ କାରବାର ଥିଲା, ଏବେ ନେତାଏ ଖୋଲାଖୋଲି କହିଲେଣି ଯେ 'ଆମେ ଧନୀମାନଙ୍କ କଥା ବୁଝିବୁ, ଗରିବମାନେ ଆପେ ଆପେ ମଣିଷ ହୋଇଯିବେ।' କାରଣ ଧନୀମାନେ ହିଁ ଦେଶର ଆର୍ଥିକ ଅଭିବୃଦ୍ଧିରେ ସାହାଯ୍ୟ କରୁଛନ୍ତି, ଜିଡ଼ିପି ବଢ଼ାଉଛନ୍ତି। ସେମାନଙ୍କ କଥା ଆମେ ଆଗେ ବୁଝିସାରୁ, ପରେ ସାଧାରଣ ଲୋକଙ୍କ କଥା ବୁଝିବୁ। ନେତାମାନେ କହୁଛନ୍ତି ଯେ, ପୁଞ୍ଜିବାଲାଙ୍କ ପାଇଁ କାମ କଲେ ସେମାନେ ଦେଶରେ ବେଶି ପୁଞ୍ଜି ଲଗାଇବେ, ସେମାନଙ୍କ ଧନ ଝରି ଝରି (ପର୍ କୋଲେଟ୍ କରି) ଗରିବ ପାଖକୁ ଆସିଯିବ। ବଜାର ଅର୍ଥନୀତି ଏ ନିୟମକୁ କାର୍ଯ୍ୟକାରୀ କରିବ, ସରକାର କାହିଁକି ଗରିବଙ୍କ ବିକାଶରେ ହସ୍ତକ୍ଷେପ କରିବେ ? ସାଧାରଣ ଲୋକେ କମ୍ ପଇସାରେ ବିଜୁଳି ଚାହୁଁଛନ୍ତି, ଧନୀଙ୍କୁ ବିକିସାରିବା ପରେ ଯାହା ବଳିବ ତାହା ହିଁ ସାଧାରଣ ଲୋକେ ପାଇବେ। ଏ ହେଲା ବଜାରର ଅର୍ଥନୀତି। ଘରୋଇକରଣ ହାୱାରେ ସରକାର ହସ୍ତକ୍ଷେପ କରିବେ ନାହିଁ। ଆଇଟି କମ୍ପାନୀରେ କାମ କରୁଥିବା ଲୋକେ ଗରିବ ଲୋକଙ୍କୁ କାମରେ ଲଗାଇବେ, ଲୁଗାପଟା ଧୋଇବା, ଘର ସଫା କରିବା, ପିଲାଛୁଆ ସମ୍ଭାଳିବା ଆଦି କାମକୁ ସହରତଳିର ଲୋକେ ପାଇବେ ; ତେଣୁ ଆଇଟି ବାଲାଙ୍କ ଧନର କିଛି ଅଂଶ ସାଧାରଣ ଲୋକଙ୍କ ହାତକୁ ଆସିବ। କମ୍ପାନୀମାନେ ଚାଷଜମିରେ ଆଗୁଆ ବ୍ୟବସାୟ (ଫର୍‌ୱାର୍ଡ ଟ୍ରେଡ଼ିଂ) କଲା ଭଳି ଦଲାଲମାନେ ମଣିଷ ଚାଲାଣରେ ବି ଫରୱାର୍ଡ ଟ୍ରେଡ଼ିଂ କରୁଛନ୍ତି। ତୋତେ କାମ ଯୋଗାଇ ଦେବି ତୁ ଜମିବାଡ଼ି ବିକି ବା ଧାର ଉଧାର କରି ମୋତେ ଏତେ ଟଙ୍କା ଦେ କି ସେତେ ଟଙ୍କା ଦେ– ଦଲାଲ ବା ଠିକାଦାରର ଏ କଥାରେ ଭୁଲି ଗରିବଟିଏ ଦୂରଦୂରାନ୍ତର କୋଉ ଇଟାଭାଟିର ମାଲିକ ପାଖରେ ବନ୍ଧା ପଡୁଛି ତ ବେକାର ଲୋକଟିଏ ବିଦେଶକୁ ଚାଲାଣ ହୋଇଯାଉଛି, ତା'ର ପାସ୍‌ପୋର୍ଟଟି ବନ୍ଧକ ହୋଇ ରହିଯାଉଛି। ସେ ମାଗଣା ଖଟିବ ବା ଶରୀରକୁ ବିକି ବଞ୍ଚି ରହିବ, ବଡ଼ ଲୋକ ହେବ କେବେ ?

ଆମ ନେତାଏ ଭୁଲି ଯାଉଛନ୍ତି ଯେ, ଚାକରର ମଜୁରି ବଢ଼ିଲେ ଧନୀ ଲୋକଟିଏ ଝାଡୁଦାର ଓ ପୋଛାପୋଛି ଲୋକ ନ ରଖି ଭାକୁମ୍ କ୍ଲିନର ରଖିବେ, ଲୁଗା ସଫା କରିବାକୁ ବାସନପତ୍ର ମାଜିବାକୁ ୱାଶିଂ ମେଶିନ ଓ ଡିଶ୍ ୱାଶର ମେଶିନ ରଖିବେ। ୫ କି ୭ ନୌକର ନ ରଖି ଜଣେ ଲୋକ ତ ମେଶିନ କାମ କରିନେବ। ଚା' କଫିଯନ୍ତ୍ର ତିଆରି କରିବ, ରାସ୍ତାକଡ଼ ଚା' ଦୋକାନୀ ପଇସା ପାଇବ କେଉଁଠୁ ? ଦିଲ୍ଲୀର ଧନୀ ବାଳ କଟାଳି (ସେଲୁନ୍ ମାଲିକ) ବାଳକଟା ଦୋକାନ ଖୋଲିବ, ମୁଣ୍ଡକୁ ୫୦୦ ଟଙ୍କା, ଏଥିରେ ଗାଁର ୧୦ ଟଙ୍କିଆ ଭଣ୍ଡାରିର ରୋଜଗାର ଗଲା। ଆଇଟିବାଲାଙ୍କ ଶିଶୁର ଯତ୍ନ ନେବେ ଧନୀ ପରିଚାଳିତ ଡେ କେୟାର ସଂସ୍ଥା, ଗରିବ ଆୟାର ଆବଶ୍ୟକତା ନାହିଁ। ଉପରେ ଥିବା ବଡ଼ ଲୋକଙ୍କଠାରୁ ଆପେ ଆପେ ପଇସା ବୋହିଆସି ଗରିବ ଘରେ ପଶିବ ବୋଲି ପରାଙ୍ଗଭୋଜୀ ନେତାମାନେ କିପରି କହୁଛନ୍ତି ? ତଳକୁ ବୋହି ବୋହି, ଭେଦି ଭେଦି ଯିବା ବହୁତ ଧୀର, କାଳ କାଳ ବିତିଯିବ, ଗରିବ ଆର୍ଥିକ ଉଦାରୀକରଣର ଫଳ ପାଇବ ନାହିଁ। ସେତେଦିନ ଯାଏ ଧନୀ ଗରିବର ପାର୍ଥକ୍ୟ ଏକ ବିପ୍ଳବର ଆକାର ଧରି ନ ଥିଲେ ହେଲା !

ବର୍ତ୍ତମାନର ଆହ୍ୱାନ– ଘରୋଇକରଣର ଲାଭ ଥୋପା ଥୋପା ନ ପଡ଼ି ନଈ ଭଳି ବୋହିବା ଦରକାର। ସତ୍ ଉପାୟରେ ବା ନିଜ ଝାଳରେ ରୋଜଗାର କରି କେହି କୋଟିପତି ହୋଇନାହିଁ କି ହୋଇପାରିବ ନାହିଁ। ଦେଶ ଓ ଜାତିର ସମ୍ପଦକୁ ଲୁଟ୍ କରି ବା ସରକାରୀ ମହାପାତ୍ରେଙ୍କୁ ହାତକରି, ସମାଜରେ ଦାଦାଗିରି କରି ସାଧାରଣ ଲୋକଙ୍କୁ ଦୂରେଇ ଦେଇ, ବିଲୁଆ ପରି ଚତୁର ଲୋକେ ରାତାରାତି ଧନୀ ହୁଅନ୍ତି। ଏଭଳି ଲୋକ ଆଗକାଳରେ ଅସାମାଜିକ ଶ୍ରେଣୀରେ ଗଣା ଯାଉଥିଲେ, ଏବେ ଅର୍ଥନୀତିର ଉଦାରୀକରଣରେ ସେମାନେ ସମ୍ମାନନୀୟ ଧନୀ। ଧନ ହିଁ ସମ୍ମାନ ଆଣୁଛି, ଚରିତ୍ର ନୁହେଁ କି ତ୍ୟାଗ ନୁହେଁ। ଧନ ପଛରେ ମାତିଥିବା ଲୋକ ନୀତି ନିୟମ ମାନେ ନାହିଁ, ସେ କେବଳ ପୂଜା କରେ ଟଙ୍କାକୁ। ଅର୍ଥଶାସ୍ତ୍ର ଅର୍ଥର କଥା କହେ ନୀତିର କଥା କହେ ନାହିଁ, ଯାହା ଲାଭ ବଢ଼ାଇଲା ତାହା ହେଲା ଇକୋନମିକ୍ ଆକ୍ଟିଭିଟି: ଲାଞ୍ଚ ଦେବା ଓ ଚୋରି ଜିନିଷ କିଣିବା, ସରକାରଙ୍କ ଠାରୁ ମାଗଣା ବା ରିହାତି ନେବା, ଲୋକଙ୍କୁ ଭୁଲା ବିଜ୍ଞାପନ ଜରିଆରେ ଖରାପ ବା ଶସ୍ତା ଜିନିଷକୁ ବେଶି ଦାମରେ ବିକିବା ଭଳି କାମକୁ ଇକୋନମିକ୍ ଆକ୍ଟିଭିଟି କହନ୍ତି। ଗରାଖ ମରୁ ପଛେ ଯେ ପର୍ଯ୍ୟନ୍ତ ମୋର ଲାଭ ହେଉଛି ମୋ କାମ ଏକ ଇକୋନମିକ ଆକ୍ଟିଭିଟି – ଏ ପ୍ରକାରର ସଂଜ୍ଞା ଘରୋଇକରଣର ମନ୍ତ୍ର ହୋଇ ରହିଥିବା ଯାକେ ସାଧାରଣ ଲୋକଟିଏ ଗରିବ ହୋଇ ରହିଥିବ।

ଇ–ମେଲ୍: sahadevas@yahoo.com

# ଧନୀ ଓ ଧାର୍ମିକ



ଡ. ବାସୁଦେବ ମିଶ୍ର

ଜଣେ ଧନୀଲୋକଠାରେ ଯେତିକି ଧାର୍ମିକ ଭାବନା ଆଶା କରାଯାଏ, ଜଣେ ଜ୍ଞାନୀଲୋକଠାରୁ ଯଥେଷ୍ଟ ଅଧିକ ମାତ୍ରାରେ ଧାର୍ମିକ ବିଚାର, ବିଶ୍ୱାସ ତଥା ଆଚରଣ ଆଶା କରାଯାଏ। ତା'ର କାରଣ ହେଲା, ଧନୀ ଲୋକଟି ଧନ ଆହରଣ କରିବା ସମୟରେ ଧନର ଆକର୍ଷଣରେ କେବେ କେମିତି ନୀତି, ଆଦର୍ଶଠାରୁ ଦୂରେଇଯିବା ବିଚିତ୍ର ନୁହେଁ। କିନ୍ତୁ ଜ୍ଞାନାର୍ଜନ କରୁଥିବା ସମୟରେ ସେପରି ଆଶଙ୍କାର ପ୍ରଶ୍ନ ଉଠେନାହିଁ। ବରଂ ଶାସ୍ତ୍ରପୁରାଣ ପୃଷ୍ଠାରେ ଉଲ୍ଲିଖିତ ଜ୍ଞାନର ସମ୍ଭାରକୁ ଆତ୍ମସ୍ଥ କରି କେହି ବି ଜଣେ ନୀତିବାନ, ଧର୍ମଜ୍ଞ ହୋଇପାରେ।

କିନ୍ତୁ ସର୍ବତ୍ର ଏପରି ଦେଖାଯାଏ ନାହିଁ। କଦାଚିତ୍ ଦେଖାଯାଏ, ଧାର୍ମିକତା ଧନୀ–ଦରିଦ୍ର, ଜ୍ଞାନୀ–ଅଜ୍ଞାନ ନିର୍ବିଶେଷରେ ଥାଏ। ଜଣେ ଧନୀ ହୋଇ ଧାର୍ମିକ ହୋଇପାରେ। ସୁଦାମା ପରି ଦରିଦ୍ର ମଧ୍ୟ ପରମ ଜ୍ଞାନୀ ଓ ଧାର୍ମିକ ହୋଇପାରେ। ମହାମାନୀ ଦୁର୍ଯ୍ୟୋଧନ ହସ୍ତିନାର ରାଜା ତଥା ଅଚଳାଚଳ ସମ୍ପତ୍ତିର ମାଲିକ ହୋଇ ମଧ୍ୟ ଧାର୍ମିକତାର ଧାର ଧାରି ନ ଥିଲେ। ତେବେ ପ୍ରଜାମାନଙ୍କୁ ସୁଶାସନ ଦେବାର ଜ୍ଞାନ ଯେ ତାଙ୍କର ନ ଥିଲା, ତାହା ନୁହେଁ। ପାଣ୍ଡବମାନଙ୍କର ବନବାସ ସମୟରେ ଜଣେ କିରାତ ଦୁର୍ଯ୍ୟୋଧନ–ଶାସିତ ସମଗ୍ର ହସ୍ତିନାପୁର ଭ୍ରମଣ କରି ବନବାସରେ ଥିବା ଯୁଧିଷ୍ଠିରାଦି ପାଣ୍ଡବମାନଙ୍କୁ ରାଜ୍ୟରେ ପ୍ରଜାମାନେ ଅତ୍ୟନ୍ତ ଆନନ୍ଦରେ ଜୀବନଯାପନ କରୁଛନ୍ତି ବୋଲି ଖବର ଦେଇଥିଲେ। ଅନ୍ୟାୟ ଅନୀତିର ମୂର୍ତ୍ତିମନ୍ତ ସ୍ୱରୂପରୂପେ ଜଣାଶୁଣା ଦୁର୍ଯ୍ୟୋଧନଙ୍କଠାରେ ଏତେ ଶୃଙ୍ଖଳିତ ଭାବରେ ରାଜ୍ୟ ଶାସନ କରିବାର ଜ୍ଞାନ ଆସିଲା କେଉଁଠୁ ? ବାସ୍ତବରେ ଧର୍ମ ଏବଂ ଅଧର୍ମର ଜ୍ଞାନ ସମସ୍ତଙ୍କଠାରେ ଥାଏ। ଦୁର୍ଯ୍ୟୋଧନଙ୍କର ମଧ୍ୟ ଥିଲା। ହସ୍ତିନାର ପ୍ରଜାମାନେ ପାଣ୍ଡବମାନଙ୍କୁ ଯେପରି ସମ୍ପୂର୍ଣ୍ଣରୂପେ ଭୁଲିଯିବେ, ତାହା ସୁନିଶ୍ଚିତ କରିବା ଲାଗି ସେ ସୁଶାସନ ଦେଉଥିଲେ।

ସ୍ୱଚ୍ଛତାର ସହିତ ଧନ ଅର୍ଜନ କରିବାକୁ ଶପଥ ନେଇଥିବା ଲୋକଟିର କେତେବେଳେ ଅସ୍ୱଚ୍ଛତାର ଶିଉଳିରେ ଗୋଡ଼ ଖସିଯାଏ, ତାହା ସେ ନିଜେ ଜାଣିପାରେ ନାହିଁ। ଅଶେଷ ଜ୍ଞାନର ଅଧିକାରୀ ଅଥଚ ନୀତିଭ୍ରଷ୍ଟ ଲୋକଙ୍କର ଏ ସମାଜରେ ଅଭାବ ନାହିଁ। ଶାସ୍ତ୍ରପୁରାଣରେ ଅଖଣ୍ଡ ଦକ୍ଷତା ଥିବା ଲୋକର ସାଧାରଣ ବ୍ୟବହାର ନିତାନ୍ତ ଅମାର୍ଜିତ ଥିବା ଦେଖାଯାଏ। କଥାରେ କଥାରେ ଗଭୀର ଦର୍ଶନର ବାର୍ତ୍ତା ଉଛୁଳୁଥିବା ଲୋକର ଉଚ୍ଛୃଙ୍ଖଳିତ ଆଚରଣ ଏବଂ ଦୁଷ୍କୃତିପୂର୍ଣ୍ଣ ବ୍ୟବହାର ଦେଖିଲେ ବିସ୍ମୟର ସୀମା ରହେନାହିଁ।

ଯେଉଁଠି ଧନୀ ଲୋକଟିଏ ଜ୍ଞାନୀ ଅବା ଧାର୍ମିକ ହେବା ଦେଖାଯାଏ, ସେଇଠି ସଂସାରର ଅଶେଷ ଉପକାର ସାଧିତ ହେବା ଆଶା କରାଯାଏ। କିନ୍ତୁ ଏପରି ପରିସ୍ଥିତି କ୍ୱଚିତ୍ ଆସେ। ସାଧାରଣତଃ ଆମେ ଯାହା ଦେଖୁ, ଧନ ଅଛି ତ ବିବେକ ନାହିଁ। ଧନ ଅର୍ଜନ କରୁକରୁ ନୀତି–ନୈତିକତାର ଗଣ୍ଡିଟିକୁ କେଉଁଠି ହଜେଇଦିଏ ମଣିଷ। ଜ୍ଞାନ ଅଛି ତ ତାକୁ ଠିକ୍‌ରୂପେ ପ୍ରୟୋଗ କରିବାର ଆକାଂକ୍ଷା ନାହିଁ କି ମାନସିକତା ନାହିଁ। ଜ୍ଞାନକୁ ପ୍ରୟୋଗ କରି ଧନ ଅର୍ଜନ କରିବା ତା'ର ଗୋଟାଏ ନିଶା ହୋଇଯାଉଛି। ଧାର୍ମିକତା ଅଛି ତ ସେ ନିର୍ଦ୍ଧନ ହୋଇଛି। ଧନ ଯାହାପାଖରେ ଅଛି, ତା'ର ନିର୍ବିବେକପଣିଆ ଅନେକଙ୍କୁ କଷ୍ଟ ଦେଉଛି। ଜ୍ଞାନୀ ନିଜର ଜ୍ଞାନକୁ ବିତରଣ କରିବାକୁ ନିଃସ୍ପୃହ ଏବଂ ଅକ୍ଷମ। ଧାର୍ମିକତା ନିନ୍ଦାର ଭଉଁରିରେ। ଯେତେ କମ୍ ହେଉ ପଛେ ନୈତିକତାର ସହିତ ଧନ ଅର୍ଜନ କରିବା ଉଚିତ– ଏପରି ବିଚାର ଆଉ କେଉଁଠି ଦେଖିବାକୁ ମିଳୁନାହିଁ। ପ୍ରକୃତ କଥା ହେଲା– ବଞ୍ଚିବା ପାଇଁ ଯେତିକି ଧନ ଆବଶ୍ୟକ, ତାହା ପ୍ରତିଦିନର ପରିଶ୍ରମ ଦ୍ୱାରା ଅର୍ଜନ କରାଯାଇପାରିବ। ସେପରି ବ୍ୟବସ୍ଥା ବିଧିଦ୍ୱାରା ସ୍ଥିରୀକୃତ। କିନ୍ତୁ ତା'ଦ୍ୱାରା କୁଢ଼କୁଢ଼ ସମ୍ପତ୍ତି ଠୁଳ କରିବା ସମ୍ଭବ ହେବନାହିଁ। ପ୍ରଚୁର ସମ୍ପତ୍ତି ଠୁଳ କରିବାର ଇଚ୍ଛା ଥିଲେ ଅନୈତିକତାର ସାହାଯ୍ୟ ନେବାକୁ ହୋଇଥାଏ। ଆଜିର ସମାଜରେ ଧନର ବହୁଳତାକୁ ସାମାଜିକ ପ୍ରତିଷ୍ଠାର ପ୍ରମୁଖ କାରଣରୂପେ ଗ୍ରହଣ କରାଯାଉଥିବାରୁ ଯେ କୌଣସି ମାର୍ଗରେ ଅଣନିଃଶ୍ୱାସୀ ହୋଇ ଧନ ଅର୍ଜନ କରିବାକୁ ସମସ୍ତେ ତତ୍ପର।

ଜଣେ ବିଚାରବାନ୍, ପ୍ରଜ୍ଞାବାନ୍ ଏବଂ ବୁଦ୍ଧିଦୀପ୍ତ ଭାବରେ ସାମାଜିକ ପ୍ରତିଷ୍ଠା ଲାଭ କରିବା ତଥା ସାମାଜିକ କର୍ତ୍ତବ୍ୟ ପାଳନ କରିବା, ଜ୍ଞାନ ଅର୍ଜନ କରିବାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ବିବେଚିତ ହୋଇଥାଏ। କିନ୍ତୁ ଆଜିର ଦୁନିଆର ଚିତ୍ର ଅଲଗା। ସେଇଠି ଏସବୁ କଥା ସ୍ୱପ୍ନପ୍ରାୟ ମନେହୁଏ। ଅର୍ଥସଂଗ୍ରହ ହିଁ ଜ୍ଞାନାର୍ଜନର ଏକମାତ୍ର ଉଦ୍ଦେଶ୍ୟ ବୋଲି ସାଧାରଣଭାବେ ଗ୍ରହଣ କରାଯାଏ। ଜ୍ଞାନ ଏବଂ ଧନ ଏ ଦୁହେଁ ସତେ ଯେମିତି ନିକିତିର ଦୁଇପାଖରେ ପଡି ଅନବରତ ତଉଲି ହେଉଥାନ୍ତି। ଅଧିକ ପାଠପଢ଼ି ଯେଉଁମାନେ ପ୍ରତିଷ୍ଠା ଲାଭକରନ୍ତି, ସେମାନେ କର୍ତ୍ତବ୍ୟନିଷ୍ଠା ତଥା ସାମାଜିକ ଦାୟିତ୍ୱକୁ ଭୁଲି କେବଳ ଧନସଂଗ୍ରହରେ ମନୋନିବେଶ କରନ୍ତି। ବ୍ୟଭିଚାର– ଅସାମାଜିକତାର ନଗ୍ନ ରୂପ। ଚୋରି କରିବା, ଲାଞ୍ଚ ଗ୍ରହଣ କରିବା ପରି ଅସ୍ୱୀକୃତ ଯୌନ ଲାଳସା ଚରିତାର୍ଥ କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଯାଏ। ଅସ୍ୱଚ୍ଛ ମନସହିତ ଅସାମାଜିକତାର ଶିଉଳିରେ ଥରେ ଗୋଡ଼ ଖସିବା ଆରମ୍ଭ ହେଲେ ତାହା କେବେ କେଉଁଆଡେ ଯାଏ ତା'ର ହିସାବ ମିଳେନା। ମନୁଷ୍ୟର ମନ ଅର୍ଥସର୍ବସ୍ୱ ହେଲେ ତା'ର ପରିଣାମ ଭୟଙ୍କର ହୋଇଯାଏ। ଆଜିକାଲି ଲବ୍ଧପ୍ରତିଷ୍ଠ ବ୍ୟକ୍ତିମାନଙ୍କର ବିଭିନ୍ନ କାରନାମାରେ ଧରାପଡି ଗିରଫ ହୋଇ ପୋଲିସ ଗାଡ଼ିରେ ହାଜତକୁ ନିଆଯାଉଥିବାର ଦୃଶ୍ୟ ପ୍ରାୟ ଆଖିରେ ପଡ଼େ। ସେଥିରେ ଆମେ ସାଧାରଣ ଜନତା ଖୁସି ହେବା ନା ଦୁଃଖ କରିବା ?

ଦଶରଥପୁର, ଯାଜପୁର,
ମୋ– ୯୪୩୮୩୨୮୭୫୫

## ଏଇ ଭାରତରେ

ପଶ୍ଚିମ ଦିଲ୍ଲୀରେ ଏପରି ଏକ ଗାଁ ଅଛି, ଯାହା ସମସ୍ତଙ୍କ ପାଇଁ ଅନୁକରଣୀୟ ଓ ଆଦର୍ଶ ସ୍ଥାନୀୟ। ଏହାକୁ ଯଥାର୍ଥରେ ଭଗବାନଙ୍କ ବଗିଚା ବୋଲି କୁହାଯାଏ। ଏହି ଗାଁର ଲୋକେ ପରିମଳ ଲାଗି ସରକାରଙ୍କ ଉପରେ ନିର୍ଭର କରି ନ ଥାନ୍ତି। ଗାଁର ପରିବେଶକୁ ସମସ୍ତେ ମିଳିମିଶି ସଫାସୁତୁରା ରଖନ୍ତି। ପରିବେଶ ପରିଷ୍କାର ରହିଲେ ଏହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଏ ବୋଲି ସମସ୍ତେ ଜାଣନ୍ତି। ଗାଁର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଗାଁକୁ ସଫା ରଖନ୍ତି। ଏଥିପାଇଁ ସେମାନେ ଦିନସାରା ଲାଗିରହି ପରିଶ୍ରମ କରିଥାଆନ୍ତି। ପରିବେଶକୁ ସୁନ୍ଦର ରଖିବା ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ଏହି ଗାଁର ଲୋକମାନେ ପରାମର୍ଶ ଦେଇଥାଆନ୍ତି। ଉକ୍ତ ଗାଁର ନାମ ମାବଲ୍ୟାନାଙ୍ଗ। ଗାଁର ଶତ ପ୍ରତିଶତ ଲୋକ ସାକ୍ଷର। ଏଠାରେ ରହିଛି ଏକ ନିଆରା ପରମ୍ପରା। ପରିବାରର ସମସ୍ତ ସମ୍ପତ୍ତି ବଡ଼ ଝିଅକୁ ଦିଆଯାଇଥାଏ। ଫଳରେ ବିବାହ ପରେ ଜ୍ୱାଇଁ ଶ୍ୱଶୁରଘରେ ହିଁ ରହିଥାଆନ୍ତି। ଏଠାକାର ସୁନ୍ଦର ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ପ୍ରତିବର୍ଷ ଏଠାକୁ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ପରିଭ୍ରମଣରେ ଆସି ଥାଆନ୍ତି। ପ୍ରାକୃତିକ ଦୃଷ୍ଟିରୁ ଅତ୍ୟନ୍ତ ମନୋରମ ଏହି ଗାଁକୁ ଭଗବାନଙ୍କ ବଗିଚା ବୋଲି କୁହାଯାଏ। ଆମ ଦେଶର ଅନ୍ୟ ଗାଁଗୁଡ଼ିକ ପାଇଁ ଏହା ଆଦର୍ଶ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୪

- ଟୋଗୋର ସାମରିକ ଶାସନ ତଥା ରାଷ୍ଟ୍ରପତି ନାସିଙ୍ଗବେ ଇୟାଡେମାଙ୍କୁ ହତ୍ୟା ପାଇଁ ହୋଇଥିବା ଉଦ୍ୟମରେ ୪୦ଜଣଙ୍କ ମୃତ୍ୟୁ।
- ପୂର୍ବତନ ଯୁଗୋସ୍ଲାଭିଆରେ କାର୍ଯ୍ୟରତ ଜାତିସଂଘ ସୁରକ୍ଷାବାହିନୀରେ ରୁଷିଆ ପ୍ରତିରକ୍ଷା ବାହିନୀର ୩୦୫ ଜଣ କର୍ମକର୍ତ୍ତା ଯୋଗ ଦେଇଥିବା ସୂଚନା।
- ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି) ଓ ସାଧାରଣ ବୀମା ନିଗମ (ଜିଆଇସି) ଭଳି ବୀମା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରି ଏହାକୁ ଘରୋଇକରଣ କରିବା ପାଇଁ ମାଲହୋତ୍ରା କମିଟିର ରିପୋର୍ଟରେ ପ୍ରସ୍ତାବ।

# ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କର୍ମଚାରୀଙ୍କ ଅବସର ବୟସ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀଙ୍କ ବେତନ ଓ ଅବସର ବୟସରେ ତାରତମ୍ୟ ରଖିଛନ୍ତି। ଠିକା କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରି ଦୀର୍ଘଦିନ ଧରି ସେମାନଙ୍କ ବେତନ ବୃଦ୍ଧି କରାଯାଉନାହିଁ। ଡାକ୍ତର, ଅଧ୍ୟାପକଙ୍କ ଅବସରକାଳୀନ ବୟସସୀମା ୬୫ ବର୍ଷ ହୋଇଥିବାବେଳେ ଅନ୍ୟ କର୍ମଚାରୀଙ୍କର ଏହା ୬୦ ବର୍ଷ ରଖାଯାଇଛି। ରାଜନେତାଙ୍କ ଅବସର ବୟସସୀମା ନାହିଁ। ମୋ ମତରେ ରାଜ୍ୟର ଓ ଦେଶର ସମସ୍ତ ସରକାରୀ କର୍ମଚାରୀଙ୍କ ଅବସରକାଳୀନ ବୟସସୀମା ସମାନ ରଖାଯିବା ଉଚିତ। ଏହାଦ୍ୱାରା ଗଣତନ୍ତ୍ରର ମୂଲ୍ୟବୋଧ ରକ୍ଷା ହୋଇପାରିବ। ଏହାକୁ ନେଇ ବିଭିନ୍ନ କର୍ମଚାରୀଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ଅସନ୍ତୋଷ ମଧ୍ୟ ଦୂର ହୋଇପାରିବ।

ସୁଶାନ୍ତ ଜେନା, ଚଣ୍ଡିଖୋଲ, ଯାଜପୁର

### ମୋବାଇଲ ନିଶା

କଥାରେ ଅଛି– ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣାପଡ଼େ ନାହିଁ ଟାଣେ ପଇସା। କିନ୍ତୁ ବର୍ତ୍ତମାନ ଯୁଗରେ ମୋବାଇଲ ଏହି ନିଶାର ସ୍ଥାନ ନେଇଛି। ମୋବାଇଲ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ନାନା ପ୍ରଲୋଭନ ଜାଲରେ ପକାଇଲା ପରେ ସେମାନେ ଆଉ ମୋବାଇଲ ଛାଡ଼ି ରହିପାରନ୍ତି ନାହିଁ। ଦରକାର ପଡ଼ିଲେ ନ ଖାଇ ମଧ୍ୟ ମୋବାଇଲ ରିଚାର୍ଜ କରିଥାନ୍ତି। ଦୁଃଖର କଥା, ଗ୍ରାହକମାନଙ୍କ ଏହି ମୋବାଇଲ ନିଶାର ସୁଯୋଗ ନେଇ କମ୍ପାନୀଗୁଡ଼ିକ ଲୁଟୁଛନ୍ତି। ମୋବାଇଲ ଅପରେଟିଂ କମ୍ପାନୀଗୁଡ଼ିକ ଏପରି ମନମୁଖି କାର୍ଯ୍ୟ ବନ୍ଦ କରିବା ଉଚିତ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଈଶ୍ୱର କ୍ଷମା ଦେବେ ନାହିଁ

କେନ୍ଦ୍ରାପଡାର ବାଲିସୁଆଁରେ ଯୌତୁକ ନିର୍ଯ୍ୟାତନାର ଶିକାର ହୋଇ ବୋହୂ ନିଆଁରେ ପୋଡି ପ୍ରାଣ ହରାଇବାର ଦୁଃଖଦ ଖବର ପ୍ରକାଶ ପାଇଛି। ମାତାପିତା କୋଳରେ ସ୍ନେହଶ୍ରଦ୍ଧାରେ ଛୋଟରୁ ବଡ଼ ହୋଇ ସଂସାରର କୁଟିଳ ମାନସିକତାର ଲେଶମାତ୍ର ଅଭିଜ୍ଞତା ନ ଥିବା ଝିଅଟି ଶାଶୁଘରେ ସବୁ ଲୋକଙ୍କୁ ଆପଣାର କରିବା ପ୍ରୟାସରେ ଥିବାବେଳେ ଅଚାନକ ଏପରି ବୀଭତ୍ସ ଯନ୍ତ୍ରଣାଦାୟକ ମୃତ୍ୟୁ ଯେ ପୁରସ୍କାର ସ୍ୱରୂପ ମିଳିବ ଏ କଥା ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିବ। ଏହାର ଫଳାଫଳ ଯେ କେତେ ବିଷମୟ ଏହି ଯୌତୁକଲୋଭୀମାନେ ଏବେ ବୁଝିପାରୁ ଥିବେ, ଯେତେବେଳେ ମା ଓ ୪ ଝିଅ ଗିରଫ ହୋଇ ଅନିର୍ଦ୍ଦିଷ୍ଟ କାଳ ଜେଲରେ ରହିବେ। ଘର ବି ପୋଡିଗଲା, ବାସହରା ହେଲେ। ଏବେ କାରାଗାରରେ ଘୃଣ୍ୟ ଜୀବନ କଟାଇବେ ଅନ୍ୟ ଅଭିଯୁକ୍ତମାନଙ୍କ ସହ। ବୁଦ୍ଧି, ବିବେକ କ'ଣ ସବୁ ଲୋପ ପାଇଲା ଟଙ୍କା ପଚାଶ ହଜାର ପାଇଁ ? ଈଶ୍ୱର ଏମାନଙ୍କୁ କ୍ଷମା ଦେବେନି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ। - ଶିରିଡି ସାଇବାବା



## ସଂକ୍ଷେପରେ

### ଆଇନ ସମ୍ପର୍କିତ କର୍ମଶାଳା



**ଦଶରଥପୁର,୭।୧(ଡି.ଏନ୍.ଏ.):** ଦଶରଥପୁର ତହସିଲ ପକ୍ଷରୁ ବ୍ଲକ ସମ୍ମିଳନୀ ଗୃହରେ ସୋମବାର ଓଡ଼ିଶା ଲୋକସେବା ଅଧିକାର ଆଇନ- ୨୦୧୨ର ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ନାରାୟଣ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ତହସିଲଦାର ଜ୍ୟୋତିପ୍ରକାଶ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲା ଏଚ୍ଆରଏମ୍ଏସ୍ର ଜିଲା ସଂଯୋଜକ ସୁଧାଂଶୁ ଶେଖର ଦାସ, ଜିଲା ଜରୁରୀକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା, ବ୍ଲକ ସହ କୃଷି ଅଧିକାରୀ ସମରେଶ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷା ସୁଜାତା ସାହୁ, ଉପାଧକ୍ଷ ରଞ୍ଜନ କୁମାର ପୃଷ୍ଟି, ଜିଲା ପରିଷଦ ସଭ୍ୟ ସରୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩୫ ପଞ୍ଚାୟତର ଜନପ୍ରତିନିଧି, ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସହ ତହସିଲ କର୍ମଚାରୀ ଯୋଗ ଦେଇଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମ୍ୟୁଟେସନ ଓ ଅନ୍ୟାନ୍ୟ ସାର୍ଟିଫିକେଟ୍, ଓଏଲଆର ପଟ୍ଟା ଲୋକଙ୍କୁ କିପରି ସହଜରେ ଯୋଗାଇ ଦିଆଯିବ ଏବଂ ଲୋକସେବା ଅଧିକାର ଆଇନ- ୨୦୧୨ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଜନ ପ୍ରତିନିଧିମାନେ ପଞ୍ଚାୟତବାସୀଙ୍କୁ ଏ ସମ୍ପର୍କରେ ସଚେତନ କରାଇବାକୁ କୁହାଯାଇଥିଲା।

### କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି

**ରସୁଲପୁର,୭।୧(ଡିଏନଏ):** ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତର ନାରାୟଣ ଗୋସାଇଁଙ୍କ ପୀଠରେ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକ୍ରମକୁ ସଫଳ କରବା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୪ନଂ ଜିଲାପରିଷଦ ଜୋନର ସଭ୍ୟ ରଶ୍ମୀରଞ୍ଜନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ଭାବେ ପ୍ରଭାରୀ ରଘୁନାଥ ବେହେରା, ନାରାୟଣ ସ୍ୱାଇଁ, ଗଗନ ବିହାରୀ ଦାସ, ବ୍ରଜକିଶୋର ସାମଲ, ଜୋନ ଯୁବ ସଭାପତି ଦେବୀପ୍ରସାଦ ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳୀର କାଏମା ପଞ୍ଚାୟତସ୍ଥିତ ଖେଳ ପଡିଆରେ ଆସନ୍ତା ୧୩ତାରିଖ ଅପରାହ୍ନରେ ଏକ ବିଶାଳ ସମାବେଶ ଆୟୋଜନ କରାଯିବ। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ ଦେବେ। ଏହି ସମାବେଶକୁ ସଫଳ କରିବା ପାଇଁ କର୍ମୀମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ରସୁଲପୁର ବ୍ଲକରୁ ସାମିଲ ହୋଇଥିବା ୯ ପଞ୍ଚାୟତରୁ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୪ଜଣ ପଞ୍ଚାୟତସ୍ତରୀୟ ବିଜେଡି ନେତା ରାଇ ମଲିକ, ବିଜୟ ମହାନ୍ତି, ସନ୍ତୋଷ ବାରିକ, ଶ୍ରୀଧର ପୃଷ୍ଟି ପ୍ରମୁଖ ସେମାନଙ୍କ ସମର୍ଥକଙ୍କୁ ନେଇ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତା ରମେଶ ଚନ୍ଦ୍ର ପରିଡାଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେମାନେ ଦଳରେ ସାମିଲ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

### ଦାମୋଦର ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ଧର୍ମଶାଳା, ୭।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁରସ୍ଥିତ ଦାମୋଦର ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି। ବିଦ୍ୟାଳୟ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଦେବେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତପନ କିଶୋର ଷଡଙ୍ଗୀ, ପ୍ରଧାନ ଶିକ୍ଷୟିତ୍ରୀ ବାଣୀବଲ୍ଲରୀ ଦାସ, ତନୁଜା ଦାଶ, ନବଘନ ରାଉତ, ଅଞ୍ଜନ ପ୍ରଧାନ, କୋଷାଧକ୍ଷ ନୀଳମଣି ପରିଡା ଯୋଗଦେଇଥିଲେ। ୨୫ରେ ପାଳିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ସଫଳ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏଥିସହ ଆସନ୍ତା ୧୨ରେ ହେବାକୁ ଥିବା ଶିଶୁମେଳା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, ରଚନା, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ବିଜ୍ଞାନ ମେଳାର ଆୟୋଜନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କଳିଙ୍ଗ କେଶରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ଦିଲ୍ଲୀରେ କୃଷକ ଅଧିକାର ସମାବେଶ ପ୍ରହସନ

# ଚାଷୀ କମ୍, ଅଣଚାଷୀ ବେଶି

■ ୩ ରାଜନୈତିକ ଦଳ ପକ୍ଷରୁ ଚାଷୀଙ୍କ ଅଧିକାରକୁ ଗୁରୁତ୍ୱ
■ ନିର୍ବାଚନ ପାଇଁ ଚାଷୀଙ୍କ ଭୋଟ ବ୍ୟାଙ୍କ ହାତେଇବାକୁ ପ୍ରୟାସ ଅଭିଯୋଗ
■ ସମାବେଶରେ ଯୋଗ ଦେଉଛନ୍ତି ଅଧିକ ଅଣଚାଷୀ

**ରସୁଲପୁର,୭।୧(ଡିଏନଏ)**

ଦିଲ୍ଲୀରେ ରାଜ୍ୟ ଶାସକ ଦଳ ଚାଷୀ ସମାବେଶ କରିବ। କୃଷକ ଅଧିକାର ସମାବେଶ ଜରିଆରେ ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ଦାବି କରାଯିବ। ଏଥିପାଇଁ ରାଜ୍ୟର ମାଳମାଳ ନେତା ତଥାକଥିତ ଚାଷୀଙ୍କୁ ନେଇ ଦିଲ୍ଲୀ ମୁହାଁ ହୋଇଛନ୍ତି। ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବେ। ଏପଟେ ଭାଜପା ପକ୍ଷରୁ ରାଜ୍ୟ ସଚିବାଳୟ ଘେରାଓ କରି ଚାଷୀଙ୍କ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପୁଣି କଂଗ୍ରେସ ଶାସନକୁ ଫେରିଲେ କୃଷିଋଣ ଛାଡ କରିବ ବୋଲି ଘୋଷଣା କରିସାରିଲାଣି। ଏହିଭଳି ଭାବେ ଚାଷୀଙ୍କ ଭୋଟ ବ୍ୟାଙ୍କ ହାତେଇବାକୁ ତିନି ଦଳ ମଧ୍ୟରେ ପ୍ରତିଯୋଗିତା ଲାଗି ରହିଛି । ଏହାଦ୍ୱାରା ଚାଷୀଙ୍କୁ ବିଶେଷ ଫାଇଦା ମିଳିବା ନେଇ ସନ୍ଦେହଜାତ ହେଉଛି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି। ଏହିକ୍ରମରେ ଦିଲ୍ଲୀରେ ୮ତାରିଖରେ ଆୟୋଜିତ ହେବାକୁ ଥିବା ଚାଷୀ ସମାବେଶରେ ରସୁଲପୁର ବ୍ଲକ ଅଞ୍ଚଳରୁ ଚାଷୀମାନେ ଯୋଗଦେବାକୁ ଯାଇଛନ୍ତି। ଏଠାକୁ ଯାଇଥିବା ଚାଷୀଙ୍କ ମଧ୍ୟରେ ଅନେକ ଚାଷୀ ନୁହଁନ୍ତି ବୋଲି କୁହାଯାଉଛି। ଦିଲ୍ଲୀ ଗସ୍ତରେ ଥିବା ଚାଷୀଙ୍କ ମଧ୍ୟରେ ଅନେକ ବିଜେଡି କର୍ମୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକାଦାର, ଖଣି ମାଫିଆ, ବ୍ୟବସାୟୀ ଅଟନ୍ତି ବୋଲି ଚର୍ଚ୍ଚା ହେଉଛି। ବିଜେଡି କର୍ମୀମାନେ ଦିଲ୍ଲୀକୁ ପିକ୍‌ନିକ୍ କରିବାକୁ ଯାଇଥିବା ନବନିର୍ମାଣ କୃଷକ ସଂଗଠନର ରସୁଲପୁର ବ୍ଲକ ସଂଯୋଜକ ମୁକୁନ୍ଦଦେବ ମହାନ୍ତି ଅଭିଯୋଗ କରିଛନ୍ତି।

ଏହି ବ୍ଲକ ଅଧୀନରେ ଥିବା ୧୧ଗୋଟି ପ୍ରାଥମିକ ସମବାୟ ସେବା ସମିତି(ପାକ୍ସ) ମଧ୍ୟରୁ ସମସ୍ତ ପାକ୍ସରେ ମଣ୍ଡି ଖୋଲା ଯାଇପାରି ନାହିଁ। ମଣ୍ଡିକୁ ନିର୍ଦ୍ଧାରିତ ସମୟରେ ଖୋଲିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ମଣ୍ଡିରେ ଧାନ କିଣିବା ବେଳେ ଚାଷୀଙ୍କୁ ଶୋଷଣ କରାଯାଉଛି। ଧୂଳି ଅଗାଡି ଆଳରେ କୁଇଣ୍ଟାଲ ପିଛା ୫ କିଲୋ କାଟି ଦିଆଯାଉଛି । ଅନେକ ପାକ୍ସରେ ନିଜସ୍ୱ ଗୋଦାମ ଗୃହ ନାହିଁ । ମଣ୍ଡି ନିକଟରେ ପାନୀୟ ଜଳର ବ୍ୟବସ୍ଥା ଓ ଶୌଚାଳୟ ନାହିଁ। ରାଜ୍ୟ ସରକାର ଚାଷୀଙ୍କୁ ଏ ସବୁ ସୁବିଧା ଦେବାରେ ବିଫଳ ହୋଇଛନ୍ତି । ହେଲେ ଧାନର ଏମ୍ଏସ୍‌ପି ବୃଦ୍ଧି ପାଇଁ ଦିଲ୍ଲୀ ଯିବା ଏକ ପ୍ରହସନ ବୋଲି କୃଷକ ନେତା ନିମାଇଁ ରାୟ ମତ ରଖିଛନ୍ତି । ଏହାଛାଡା ରାଜ୍ୟ ସରକାର ଚାଷୀଙ୍କ ନାଁରେ ବିଭିନ୍ନ ଯୋଜନା କରି ଅଣଚାଷୀ ତଥା ସେମାନଙ୍କ କର୍ମୀଙ୍କୁ ଫାଇଦା ଦେବାକୁ ଭିତିରି ଯୋଜନା କରିଛନ୍ତି । ସରକାର ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି । ଚାଷୀ, ଭାଗଚାଷୀ, ଜମି ମାଲିକ ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଚାଷୀଙ୍କ ନାଁରେ ଆସୁଥିବା ସରକାରୀ ସୁବିଧା ବାଟମାରଣା ହୋଇଯିବ। ଦିଲ୍ଲୀକୁ କୃଷି ସମାବେଶରେ ଯୋଗଦେବାକୁ ଯାଇଥିବା ଅଣଚାଷୀଙ୍କ ଘଟଣାରୁ ଏହା ସ୍ପଷ୍ଟ ହୋଇଯାଉଛି। ଏ ସମ୍ପର୍କରେ ଜିଲା ବିଜେଡି ସଭାପତିଙ୍କୁ ପଚାରିବାରେ, ଏଭଳି ଅଭିଯୋଗ ଆସୁଥାଇପାରେ ; କିନ୍ତୁ ଅନେକ ବିଜେଡି କର୍ମୀ ଚାଷୀ ମଧ୍ୟ ଅଟନ୍ତି। ତେଣୁ ବିରୋଧୀଙ୍କର ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି।

■ ରାସ୍ତା ଉପରେ ମାଟି ପକାଇ ଠିକାଦାରଙ୍କ ଦାଦାଗିରି

## ଘଣ୍ଟାଏ ଅଟକିଲା ଦମକଳ

**ଚଣ୍ଡିଖୋଲ,୭।୧(ଡ଼ି.ଏନ.ଏ)**



ଦମକଳ କର୍ମଚାରୀ ରାସ୍ତା ଉପରୁ ମାଟି ସଫା କରୁଛନ୍ତି।

ସହରାଞ୍ଚଳରେ ଅତ୍ୟାବଶ୍ୟକ ସେବା ଯୋଗାଉଥିବା କାରଣରୁ ଦମକଳ ଓ ଆମ୍ବୁଲାନ୍ସକୁ ଟ୍ରାଫିକ୍ ସିଗନାଲ ପୋଷ୍ଟରେ ମଧ୍ୟ ଅଟକିବାର ନିୟମ ନାହିଁ। ମାତ୍ର ସୋମବାର ଏକ ରାସ୍ତା ଉପରେ ଠିକାଦାର ମାଟି ପକାଇ ଅବରୋଧ କରିଥିବା ଯୋଗୁ ଏକ ଘଣ୍ଟା ଧରି ଦମକଳ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରି ନ ଥିଲା। ଯାହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ଦାଦାଗିରି ଯୋଗୁ ଏଭଳି ଘଟଣା ବଡ଼ଚଣା ଅଞ୍ଚଳରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ବଡ଼ଚଣା ବ୍ଲକର ଦର୍ପଣ-ସିହା ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି। ସୋମବାର ଦର୍ପଣ ତହସିଲ ଅନ୍ତର୍ଗତ ସିହା ପଞ୍ଚାୟତ ହରିଣଟିକିର ଗ୍ରାମରେ ନିଆଁ ଲାଗିଥିବା ଖବର ପାଇ ଚଣ୍ଡିଖୋଲରୁ ୨ଟି ଦମକଳ ଗାଡ଼ି ସେହି ଗ୍ରାମକୁ ସୋମବାର ପୂର୍ବାହ୍ନରେ ଯାଉଥିଲା। ତେବେ ଠିକାଦାର ମାଟି ଗଦା କରି ରାସ୍ତା ଅବରୋଧ କରିଥିବାରୁ ଏହି ଗାଡ଼ିଟି ପ୍ରାୟ ୧ଘଣ୍ଟା ଧରି ଅଟକିବାକୁ ବାଧ ହୋଇଥିଲା। ଦମକଳ ବାହିନୀ କର୍ମଚାରୀ ଓ ଗ୍ରାମବାସୀ ରାସ୍ତାରୁ ମାଟି ହଟାଇବା ପରେ ସେହି ରାସ୍ତାଦେଇ ଦମକଳ ଗାଡ଼ି ଯାଇଥିଲା। ମାତ୍ର ଠିକ୍ ସମୟରେ ଦମକଳ ଘଟଣାସ୍ଥଳରେ ପହଞ୍ଚି ନ ପାରିବାରୁ ଅଗ୍ନିକାଣ୍ଡରେ ଅଧିକ କ୍ଷତି ହୋଇଥିଲା। ଏହାସତ୍ତ୍ୱେ ଠିକାଦାର ଦମକଳ ଗାଡ଼ି ପହଞ୍ଚିବା ପରେ ମଧ୍ୟ ରାସ୍ତାରୁ ମାଟି ଉଠାଇ ନ ଥିଲେ। ଠିକାଦାରଙ୍କ ଏପରି କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ପୃକ୍ତ ଠିକାଦାର ପୂର୍ବରୁ ବିଭିନ୍ନ ରାସ୍ତା କାମ କରିବା ସମୟରେ ଏହିଭଳି ଦାଦାଗିରି କରିବା ଅଭିଯୋଗ ହୋଇଛି। ତୁରନ୍ତ ରାସ୍ତାରେ ମାଟି ପକାଇ ଅବରୋଧ କରିବା ସମ୍ପର୍କରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

■ ୨ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ଜନଶୁଣାଣି ଶିବିର

## ଧାରଣାରେ ବସିଲେ ଅଭିଯୋଗକାରୀ

**ବିରଜାକ୍ଷେତ୍ର,୭।୧(ଡି.ଏନ୍.ଏ)**



ଅଭିଯୋଗକାରୀମାନେ ଧାରଣାରେ ବସିଛନ୍ତି।

ଜନଶୁଣାଣି ଶିବିର ଆରମ୍ଭ ହେବାର ୨ଘଣ୍ଟା ପରେ ବି ଜିଲାପାଳ, ଆରକ୍ଷୀ ଅଧୀକ୍ଷକ କିମ୍ବା କୌଣସି ପଦାଧିକାରୀ ଶିବିରକୁ ନ ଆସିବାରୁ ଅଭିଯୋଗକାରୀମାନେ ଜିଲା ପ୍ରଶାସନ କାର୍ଯ୍ୟାଳୟ ବନ୍ଦ କରିବା ସହ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ଶିବିର ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଥିଲା। ଶିବିରର ସମ୍ମିଳନୀ କକ୍ଷ ଖୋଲିବା ପୂର୍ବରୁ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ବହୁ ଗରିବ ହିତାଧିକାରୀ ସରକାରୀ ସାହାଯ୍ୟ ପାଇଁ ଅପେକ୍ଷାରତ ଥିଲେ। ଦିନ ୧୦ଟାରେ ଶିବିରର ସମ୍ମିଳନୀ କକ୍ଷ ଖୋଲିଥିଲେ ହେଁ କୌଣସି ସରକାରୀ ଅଧିକାରୀ ଶିବିରରେ ପହଞ୍ଚି ନ ଥିଲେ। କେବଳ କେତେଜଣ ତଳିଆ କର୍ମଚାରୀ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଅଧିକାରୀଙ୍କୁ ଅପେକ୍ଷା କରିଥିବା ଅଭିଯୋଗକାରୀଙ୍କୁ ବୁଝାସୁଝା କରୁଥିଲେ। ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମେତ କୌଣସି ପଦାଧିକାରୀ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ନ ଥିଲେ। ଫଳରେ ଦୀର୍ଘ ୨ ଘଣ୍ଟା କାଳ ଶିବିର ବାହାରେ ଛିଡ଼ା ହୋଇ ଅଭିଯୋଗକାରୀମାନେ ଆବେଦନ କରିବାକୁ ଜନ ଅଭିଯୋଗ ଶୁଣାଣି ଶିବିରରେ ସୁଯୋଗ ନ ପାଇବାରୁ ବାଧ ହୋଇ ଶିବିର ସମ୍ମୁଖରେ ଧାରଣାରେ ବସି ରହିବା ସହ ଫାଟକକୁ ବନ୍ଦ କରିଦେଇଥିଲେ। କିଛି ସମୟ ସେମାନେ ଧାରଣାରେ ବସି ରହିବା ପରେ ତହସିଲଦାର ସୁନୀଲ କୁମାର ମେହେର ଓ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମଲ୍ଲ ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚି ବୁଝାସୁଝା କରି ଧାରଣା ପ୍ରତ୍ୟାହୃତ କରିଥିଲେ। ପରେ ପରେ ଏସ୍‌ପିଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ।

■ ଗଣପତି ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ

## ଛାତ୍ରୀଛାତ୍ର ଅନ୍ତର୍ନିହିତ ଗୁଣର ବିକାଶ କରିବାକୁ ଆହ୍ୱାନ

**ଚଣ୍ଡିଖୋଲ,୭।୧(ଡ଼ି.ଏନ.ଏ)**

ଚଣ୍ଡିଖୋଲ ସନ୍ନିକଟ ଚାରିବାଟିଆସ୍ଥିତ ଗଣପତି ଜ୍ଞାନ ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ବିନାୟକ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଅନ୍ତର୍ନିହିତ ଗୁଣର ବିକାଶ କରି ସୁନାଗରିକ ହେବା ସହିତ ବୌଦ୍ଧିକ ବିକାଶ ସହ ଅନୁଷ୍ଠାନର ଗୁଣାତ୍ମକ ଶିକ୍ଷା, ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ବିଦ୍ୟା ବିକାଶ ସମିତିର ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ରେଣୁବାଳା ମହାନ୍ତି, ଯୋଗେନ୍ଦ୍ରନାଥ ବସ୍ତିଆ, ଦାମୋଦର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅନୀଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣୀ ସାମଲ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ କେଶବ ସ୍ୱାଇଁ, ଲିପିକା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ମହାନ୍ତି, ଅନୁପମା ଗୋଛାୟତ, ଅନ୍ନପୂର୍ଣ୍ଣା ରାଉତ, ଅନୀମା ବଳ, ଅପର୍ଣ୍ଣା ଶତପଥୀ , ରାଜଶ୍ରୀ ସାହୁ, ଯାଜ୍ଞସେନୀ ନାଥ, ସ୍ୱର୍ଣ୍ଣପ୍ରଭା ପଣ୍ଡା, ମାମା ବାରିକ, ଦେବକୀ ସେଠୀ, ମୀନା ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ନରେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଝୁମ୍ପୁରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଦଶରଥପୁର,୭।୧(ଡି.ଏନ.ଏ.)**

ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ଝୁମ୍ପୁରୀ ପ୍ରାଥମିକ ବିଦ୍ୟାଳୟ ଓ ଜୟଦେବକର ୟୁପି ସ୍କୁଲର ମିଳିତ ବାର୍ଷିକ କ୍ରିଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ସିଆରସିସି ଏସ.କେ କମିରୁଦ୍ଦିନ୍‌ଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର କର, ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଲମ୍ବୋଦର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦୌଡଡିଆଁ, ଗଣିତ ରେସ, ମ୍ୟୁଜିକ ଚେୟାର, ପଟାଟୋ ରେସ, ଲଙ୍ଗ ଜମ୍ପ ଓ ହାଇ ଜମ୍ପ ଖେଳ ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ଉର୍ବସୀ ସାହୁ, ମାତାଜି ସାହୁ, ଅପରାଜିତା ସାମଲ, ସବିତା ମଲ୍ଲିକ, ଶିକ୍ଷକ ସୁଶାନ୍ତ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାପାଳଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କ ଦାବିପତ୍ର

**ବିରଜାକ୍ଷେତ୍ର,୭।୧(ଡି.ଏନ୍.ଏ)**

ଯାଜପୁର ଭାରତୀୟ ମଜଦୁର ସଂଘ ସହ ସହବନ୍ଧିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନ୍ ତରଫରୁ ୧୨ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ମାଧ୍ୟମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ସୋମବାର ପ୍ରଦାନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଯାଜପୁରସ୍ଥିତ କିଆନାଳୀ ଛକରୁ ସଂଘ ସମ୍ପାଦିକା କଲ୍ୟାଣୀ ମହାନ୍ତି ଓ ସବିତା ପାଢ଼ୀଙ୍କ ନେତୃତ୍ୱରେ ଜିଲାର ହଜାର ହଜାର ଅଙ୍ଗନୱାଡ଼ି କର୍ମୀ ଏକତ୍ରିତ ହୋଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ଏହାପରେ ଯାଜପୁର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ସଙ୍ଗଠନର ବ୍ଲକ୍ ନେତୃବୃନ୍ଦ ବକ୍ତବ୍ୟ ରଖିବା ପରେ ଜିଲା ସମ୍ପାଦିକା ଓ ସଭାନେତ୍ରୀ ନିଜର ବକ୍ତବ୍ୟ ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସଂଗଠନ ତରଫରୁ ନଭେମ୍ବର ୨୬ରୁ ଆଜିପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ହଜାର ହଜାର କର୍ମୀ ଓ ସହାୟିକା ଶୀତ କାକରରେ ଧାରଣାରେ ବସିଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସଂଘର ନିଷ୍ପତ୍ତି କ୍ରମେ ସାରା ଓଡ଼ିଶାର ସମସ୍ତ ଜିଲାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା । ସଙ୍ଗଠନ ତରଫରୁ ଦୀର୍ଘଦିନ ଧରି ଦାବିଗୁଡ଼ିକ ଯଥା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ନିୟମିତ କରିବା, କର୍ମୀଙ୍କୁ ସର୍ବନିମ୍ନ ୧୮ହଜାର ଓ ସହାୟିକାଙ୍କୁ ସର୍ବନିମ୍ନ ୯ ହଜାର ବେତନ ପ୍ରଦାନ, କେନ୍ଦ୍ରରେ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ବୃଦ୍ଧି ଇତ୍ୟାଦି ବିଭିନ୍ନ ଦାବି ସରକାରଙ୍କ ନିକଟରେ ଜଣାଇ ଆସୁଥିଲେ ମଧ୍ୟ ସରକାର ବିଚାର ନ କରିବାରୁ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବାର ନିଷ୍ପତ୍ତି ନେଇଛି । କାର୍ଯ୍ୟକ୍ରମର ଶେଷରେ ଏଡିଏମ୍ ସଭାସ୍ଥଳକୁ ଆସି ସଂଗଠନର ଦାବିପତ୍ର ଗ୍ରହଣ କରିଥିଲେ।

### ଘୋଷ ପ୍ରଦର୍ଶନ ଉଦ୍‌ଯାପିତ

**ଯାଜପୁରରୋଡ,୭।୧(ନି.ପ୍ର.)**

ସ୍ଥାନୀୟ ମୁଣ୍ଡମାଳସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଦୁଇ ଦିନ ଧରି ଆୟୋଜିତ ବିଭାଗସ୍ତରୀୟ ଘୋଷ ପ୍ରଦର୍ଶନ ଓ ପଥ ସଞ୍ଚାଳନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୁଣନିଧି ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୨୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜ୍ଞାନରଞ୍ଜନ ରାଉତ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ବିରବର ସ୍ୱାଇଁ, ସଦାନନ୍ଦ ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ଦିଲୀପ ଜେନା, ଅଭିମନ୍ୟୁ ଦାଶ, ରମେଶ ବେହେରା ପୁରସ୍କାର ପ୍ରଦାନ କରିଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଦଶରଥପୁର,୭।୧(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥିତ ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ ସୋମବାର ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଦୈତାରୀ ରାଉତ ଶିବିର ଉଦ୍‌ଘାଟନ କରି ଯେକୌଣସି ପରିସ୍ଥିତିରେ ନାରୀ ନିଜକୁ ଅବଳା କିମ୍ବା ଦୁର୍ବଳା ଭାବିବା ଅନୁଚିତ୍ ବୋଲି କହିଥିଲେ। ମହାବିଦ୍ୟାଳୟର ୨୪୦ ଜଣ ବାଳିକା ଶିବିରରେ ଭାଗ ନେଇଥିବା ବେଳେ ଏହା ୧୨ ଦିନ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି । ବରିଷ୍ଠ ପ୍ରାଧ୍ୟପକ ରବିନାରାୟଣ ଦାଶ, ସୁକାନ୍ତ କୁମାର ପାଢୀ ଓ ଅଧ୍ୟାପିକା ଝାନ ଟୁଡୁ ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମୋନାଲିସା ସାମଲ, ଭାଗ୍ୟଶ୍ରୀ ରାୟ, ସାଗରିକା ଧଳ, ତନ୍ମୟୀ ସାମଲ ଓ ପ୍ରଶିକ୍ଷିକା ସଞ୍ଜୁଲତା ରାଉତ, ଗୀତା ତରାଇ, ଦେବଯାନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

■ ଯୋଗମାୟା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭୁବନେଶ୍ୱରୀ ଚାମ୍ପିୟନ

**ଧର୍ମଶାଳା, ୭।୧(ଡି.ଏନ୍.ଏ.)**



ଚାମ୍ପିଅନ ଦଳ ଅତିଥିଙ୍କଠାରୁ ଟ୍ରଫିଗ୍ରହଣ କରୁଛନ୍ତି।

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ଗ୍ରାମ ପଞ୍ଚାୟତ ମାଝୀପାଟଣାସ୍ଥିତ ଯୋଗମାୟା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଯୋଗମାୟା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭୁବନେଶ୍ୱରୀ ଦଳ ୭ ରନ୍‌ରେ ହରିପୁର ବାଲିଆ ଦଳକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି । ଭୁବନେଶ୍ୱରୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ହରିପୁର ଦଳ ୧୧.୪ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୮୫ ରନ୍ ସଂଗ୍ରହ କରି ପରାଜୟ ହୋଇଥିଲା। ପ୍ରକାଶ ତରାଇ ଓ ପ୍ରକାଶ ଦଳାଇ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବ୍ଲକର ପୂର୍ବତନ ଅଧକ୍ଷ କିଶାନ ପଣ୍ଡା, ଅତିଥି ଭାବେ ପୂର୍ବତନ ସରପଞ୍ଚ ପିତାମ୍ବର ନାୟକ, ଯୁବ କଂଗ୍ରେସ ସଭାପତି ସଞ୍ଜୟ ରାଉତ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ହରିପୁର ଦଳକୁ ରନର୍ସଅପ୍ ଟ୍ରଫି ପ୍ରାଦନ କରିଥିଲେ।

## ମନେପକାଇଲେ ୪୧ ବର୍ଷ ତଳର ସ୍ମୃତି

**ବାଲିଚନ୍ଦ୍ରପୁର,୭।୧(ସ୍ୱ.ପ୍ର.)**

କୁଶୁପୁରସ୍ଥିତ ନନ୍ଦକିଶୋର ବିଦ୍ୟାମନ୍ଦିରର ୧୯୭୮ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ରବିବାର ସ୍ଥାନୀୟ ଓଳାଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରାଧାକାନ୍ତ ଶତପଥି, ସୁକୁମାର ସାମଲ, ରୁଦ୍ରନାରାୟଣ ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୁରାତନ ଛାତ୍ର ରୁଦ୍ରନାରାୟଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ସାରଦା ପ୍ରସନ୍ନ ମହାନ୍ତି ଛାତ୍ର ଜୀବନର ପୁରୁଣା ସ୍ମୃତିକୁ ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଛାତ୍ର ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ସୁମନ୍ତ କୁମାର ପୃଷ୍ଟି, ଗତିକୃଷ୍ଣ ବିଶ୍ୱାଳ, ଛାତ୍ରୀ ରୁକ୍ମଣୀବାଳା କର ପ୍ରମୁଖ ଏହି ବିଦ୍ୟାମନ୍ଦିରର ଉନ୍ନତି ପାଇଁ ଏକ ସ୍ୱତନ୍ତ୍ର କଲ୍ୟାଣ ପାଣ୍ଠି ଗଠନ କରିବାକୁ ମତ ଦେଇଥିଲେ। ପ୍ରାକ୍ତନ ଛାତ୍ର ବଳରାମ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

■ ଅର୍ଥାଭାବ ଯୋଗୁ ଚିକିତ୍ସା କରାଇ ପାରୁନାହାନ୍ତି କିଡ୍‌ନୀ ରୋଗୀ

## ଭିକ୍ଷାମାଗି ପୋଷୁଛନ୍ତି ପେଟ

**ଜେନାପୁର, ୭।୧(ଡି.ଏନ୍.ଏ.)**



ଅଖଜି ଦାସ

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ଗ୍ରାମ ପଞ୍ଚାୟତ ଅଧୀନ ବେଲଗାଡିଆ ଗ୍ରାମର ଅଖଜି ଦାସ(୪୦) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘବର୍ଷ ହେବ ସେ କିଡ୍‌ନୀ ରୋଗରେ ପୀଡିତ ହୋଇଥିଲେ ମଧ୍ୟ ଅର୍ଥାଭବରୁ ନିଜର ଚିକିତ୍ସା କରାଇ ପାରି ନାହାନ୍ତି। ଏଭଳିସ୍ଥିତିରେ ଭିକ୍ଷାବୃତ୍ତି କରି ପରିବାର ଭରଣପୋଷଣ କରୁଥିବାରୁ ନିଜର ଚିକିତ୍ସା ପାଇଁ ଅର୍ଥ ଯୋଗାଡ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡିଛି। ଅପରପକ୍ଷେ ଆବାସ ଯୋଜନାରୁ ଗୃହ ପାଇବାରୁ ମଧ୍ୟ ବଞ୍ଚିତ ହେଇଥିବା ଅଖଜି କହିଛନ୍ତି। ପରିବାରକୁ ସରକାରୀ ସହାୟତା ପାଇଁ ଜିଲା ପ୍ରଶାସନ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବେଲଗାଡିଆ ସ୍ଥିତ ନିଜ ବାପଘରେ ୨୫ ବର୍ଷ ହେବ ଅଖଜି ରହି ଆସୁଛନ୍ତି । ୧୭ ବର୍ଷ ହେବ ସ୍ୱାମୀ ମଳୟ ଦାସ ତାଙ୍କୁ ଛାଡି ପଳାଇଯାଇଥିବାରୁ ପୁଅ ରୁଦ୍ରନାରାୟଣଙ୍କ ସହିତ ଏକ ଭଙ୍ଗାଦଦରା ଚାଳଘରେ ରହୁଛନ୍ତି । ସରକାରୀ ସହାୟତା କେବଳ ରାଶନ କାର୍ଡ କହିଲେ ଚଳେ। ଅପରପକ୍ଷେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପରିବାରକୁ ଅଦ୍ୟାବଧି ସାମିଲ କରାଯାଇ ନାହିଁ। କିଛିବର୍ଷ ହେବ ଅଖଜି କିଡ୍‌ନୀ ରୋଗରେ ପୀଡିତ ହୋଇ ପ୍ରଥମେ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ କିଡ୍‌ନୀରେ ଚର୍ବି ଜମିଥିବାରୁ ଚିକିତ୍ସାରେ ଅଧିକ ଅର୍ଥ ଖର୍ଚ୍ଚ ହେବ ବୋଲି କହିଥିଲେ। ଗୋଟିଏ ପଟେ ନିଜର ଚିକିତ୍ସା ସାଙ୍ଗକୁ ଅପରପଟେ ପୁଅର ପାଠପଢା ଖର୍ଚ୍ଚ ବହନ କରିବା ତାଙ୍କ ପକ୍ଷରେ ଅସମ୍ଭବ ହୋଇ ପଡିଥିଲା। ତେଣୁ ଅନ୍ୟକୌଣସି କାମ କରି ନ ପାରିବାରୁ ନିରୁପାୟ ହୋଇ ଭିକ୍ଷାବୃତ୍ତି ଆପଣାଇଥିବା ସେ କହିଛନ୍ତି । ପୁଅ ରୁଦ୍ର ନାରାୟଣ ନିକଟସ୍ଥ କଲେଜରେ +୨ ଦ୍ୱିତୀୟ ବର୍ଷ କଳାରେ ପାଠ ପଢୁଥିଲେ ମଧ୍ୟ ମା'ଙ୍କୁ ସହଯୋଗ କରିବା ପାଇଁ ଏକ ଦୋକାନରେ କାମ କରୁଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ନିର୍ମଳା ସାହୁଙ୍କୁ ପଚାରିବାରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ପାଇଁ ପରିବାରକୁ ପରାମର୍ଶ ଦେଇଥିବା ସେ କହିଛନ୍ତି ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଜାନୁୟାରୀ, ୨୦୧୯

## ସଂକ୍ଷେପରେ

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ରାଜକନିକା, ୭ା୧(ଡି.ଏନ୍.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ପେଗରପଡା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ବକ୍ତୃତା, ଉଚ୍ଚଡିଆଁ,ଲମ୍ବଡିଆଁ, ନୃତ୍ୟ ଓ ସଂଗୀତ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା । ଏହି ଉପଲକ୍ଷେ ବାସନ୍ତୀ ପଡିଆରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ବିଜେଡି ନେତା ନିମାଇଁ ଚରଣ ଦାସ ଅଧକ୍ଷତା କରିଥିଲେ । ବରିଷ୍ଠ ଅଭିନେତା ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ପେଗରପଡା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ବାରିକ ସମ୍ମାନିତ ଅତିଥି ଓ ସାମାଜିକ କର୍ମୀ ରମେଶ ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜୁ ଯୁବ ବାହିନୀ ଦେଶ ଓ ସମାଜ ଗଠନରେ ନିଜକୁ ନିୟୋଜିତ କଲେ ଦେଶର ବିକାଶ ହୋଇ ପାରିବ ବୋଲି ମତ ଦେଇଥିଲେ । ପେଗରପଡା ବିଜୁଯୁବ ବାହିନୀର ସଭାପତି ପ୍ରିୟବ୍ରତ ପଣ୍ଡା, ସମ୍ପାଦକ ମୁକ୍ତିକାନ୍ତ ବାରିକ, କୋଷାଧକ୍ଷ ସୁନୀତା ମଲିକ, କୁଳମଣି ପଣ୍ଡା, ଅମରେଶ ପଲାଇ ଓ ସୁମନ୍ତ ମଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅମର ଶତପଥୀ ଏହାକୁ ସଂଯୋଜନା କରିଥିଲେ ।

### ୨ ଦିନିଆ ଭାରତ ବନ୍ଦକୁ ଜିଲା ମିଳିତ ବିରୋଧୀ ଦଳର ସମର୍ଥନ

କେନ୍ଦ୍ରାପଡା ଅଫିସ, ୭ା୧- ଜାତୀୟ ଶ୍ରମିକ କୃଷକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ୧୨ ଦଫା ଦାବି ଉପସ୍ଥାପନ କରି ମଙ୍ଗଳବାର ଓ ବୁଧବାର ସର୍ବଭାରତୀୟ ଧର୍ମଘଟ ଡକାଯାଇଛି । ଏହାକୁ ଜିଲା ମିଳିତ ବିରୋଧୀ ଦଳ ସମର୍ଥନ ଜଣାଇଛି। ଏହି ପରିପ୍ରେକ୍ଷୀରେ ସହରର କଜଳାସ୍ଥିତ ଜିଲା କଂଗ୍ରେସ ଭବନରେ ମିଳିତ ବିରୋଧି ଦଳର ବୈଠକ ସୋମବାର ଅନୁଷ୍ଠିତ ହୋଇଛି । ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରମିକ ସମସ୍ୟା, ସାମାଜିକ ସୁରକ୍ଷା ଓ ନିଯୁକ୍ତି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ଉମେଶ ଚନ୍ଦ୍ର ସିଂ ଓ ଜଗତ୍‌ଜୀବନ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

### ଭାଜପାର ନୂତନ ଜୋନ ସଭାପତି ନିଯୁକ୍ତ

**ରାଜନଗର, ୭ା୧ (ଡି.ଏନ୍.ଏ.):** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ରାଉତଙ୍କୁ ୩୧ ନଂ. ଜୋନ୍ ଭାଜପା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। କେନ୍ଦ୍ରାପଡା ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ ଏହି ଜୋନର ସଭାପତି ଥିବା ଦେବଦତ୍ତ ରାଉଳଙ୍କୁ ପଦରୁ ହଟାଇ ଦିଲ୍ଲୀପଙ୍କୁ ନୂତନ ସଭାପତି ଭାବେ ନିଯୁକ୍ତ କରିଛନ୍ତି।

■ଓଡ଼ିଶା ମତ୍ସ୍ୟଜୀବୀ ଫୋରମର ପ୍ରତିବାଦ ସଭା

# କୁମ୍ଭୀର ସ୍ଥାନାନ୍ତର ଦାବି ଜୋର ଧରିଲା

**ମହାକାଳପଡା, ୭ା୧ (ଡି.ଏନ୍.ଏ.)**

ମହାକାଳପଡା ବ୍ଲକର ଉପକୂଳ ଅଞ୍ଚଳରେ ବାସ କରୁଥିବା କୁମ୍ଭୀରଗୁଡିକୁ ଭିତରକନିକା ଜାତୀୟଉଦ୍ୟାନକୁ ସ୍ଥାନାନ୍ତର କରିବା ପାଇଁ ଦାବିଜୋର ଧରିଲା । ଏନେଇ ଖରିନାସୀସ୍ଥିତ ରେଡ୍‌କ୍ରସ୍ ଗୃହରେ ସୋମବାର ଓଡିଶା ମତ୍ସ୍ୟଜୀବୀ ଫୋରମ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପାଇଁ ମହାକାଳପଡା ବ୍ଲକର ବିଭିନ୍ନ ନଦୀ ନାଳରୁ କୁମ୍ଭୀରଗୁଡିକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଥିଲା। ଓଡିଶା ମତ୍ସ୍ୟଜୀବୀ ଫୋରମ୍ ସଭାପତି ନାରାୟଣ ଚନ୍ଦ୍ର ହଲଦାରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗସ୍ଥିତ ସର୍ବଭାରତୀୟ କ୍ଷୁଦ୍ର ମତ୍ସ୍ୟଜୀବୀ କନ୍‌ଭେନର ପ୍ରଦୀପ ଚାଟାର୍ଜୀ, ପୃଥ୍ୱିରାଜ ଶର୍ମା ଓ ସୁରେଖା ଶର୍ମା ପ୍ରମୁଖ ଯୋଗଦେଇଥିଲେ। ନଦୀ ନାଳରେ କୁମ୍ଭୀର ବଂଶ ବୃଦ୍ଧିପାଉଥିବାରୁ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ମହାକାଳପଡା ବ୍ଲକର ଖରିନାସୀ, ରାମନଗର ଓ ବଟୀଘର ଅଞ୍ଚଳରେ ଥିବା ନଦୀନାଳଗୁଡିକରେ କୁମ୍ଭୀର ବଂଶ ବୃଦ୍ଧି ପାଇବାରେ ଲାଗିଛି। ମତ୍ସ୍ୟଜୀବୀମାନେ ନଦୀନାଳରୁ ମାଛ ଧରିବାକୁ ଭୟଭୀତ ହେଉଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଖରିନାସୀ ଅଞ୍ଚଳର କେତେଜଣ ମହିଳା କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ମାତ୍ର ସେମାନଙ୍କୁ ଅଦ୍ୟାବଧି କ୍ଷତିପୂରଣ ମିଳିପାରି ନ ଥିବା ଅଭିଯୋଗ ହୋଇଥିଲା । ଏଥିଯୋଗୁ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀମାନେ କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳର ନଦୀନାଳରେ ବାସ କରୁଥିବା କୁମ୍ଭୀରମାନଙ୍କୁ ଭିତରକନିକା ଓ ଡାଙ୍ଗମାଳ ଅଞ୍ଚଳରେ ଛାଡି ଦେବାକୁ ଦାବି ହୋଇଥିଲା । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ସଭାରେ ଚେତାବନୀ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଭାରେ ସାଗର ସୁଧାମଣ୍ଡଳ, ପଦ୍ମବତୀ ହୋତାଙ୍କ ସମେତ ମତ୍ସ୍ୟଜୀବୀ, ମହିଳା ମହାସଂଘ ଓ ଯୁବ ସଂଗଠନ ସଦସ୍ୟମାନେ ଯୋଗଦେଇଥିଲେ ।



ପ୍ରତିବାଦ ସଭାରେ ଯୋଗଦେଇଥିବା ମହିଳାମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ମନ ପାଞ୍ଚୁଥାଇ ଯାହା**
**କାଳେ ପ୍ରାପତ ହୁଏ ତାହା ।**

ବ୍ୟକ୍ତି ଭିତରେ ଉଚ୍ଚ ଭାବନା ଓ କଳ୍ପନା ରହିଲେ ତାହା ବାସ୍ତବତାରେ ରୂପ ନେଇଥାଏ । ଭଲ ତଥା ସୁସ୍ଥ କଳ୍ପନା ହିଁ ସମସ୍ତ କ୍ଷେତ୍ରର ଆଧାର ଅଟେ । କଳ୍ପନାର ଶକ୍ତି ଅଦ୍ଭୁତ । ମନ ମଧ୍ୟରେ ଯିଏ ଯାହା ଚିନ୍ତା କରିଥାଏ ତାହା ଦିନେ ନା ଦିନେ ଫଳବତୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏଣେ ପୁଅ ମୁଣ୍ଡକୁ ଆଶା**
**ତେଣେ ତେଲ ଘଡ଼ିକି ଆଶା ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଯାଇଥାଏ । ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ । ଗୋଟିଏ ପଟେ କେଶ ନୁଖୁରା ନ ହୋଇଯିବା ଚିନ୍ତା ଓ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ । ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପାଇଁ ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

■ଜଙ୍ଗଲ ଜମିରେ ହେଉଛି ମେଗା ପାନୀୟ ଜଳ ପ୍ରକଳ୍ପ

# କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

**କେନ୍ଦ୍ରାପଡା ଅଫିସ, ୭ା୧**

ମହାକାଳପଡା ଓ ମାର୍ଶାଘାଇର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ୨୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରି ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ତେବେ ଏହି ପ୍ରକଳ୍ପର ପ୍ରସ୍ତାବିତ ସ୍ଥାନ ଜଙ୍ଗଲ ଜମି କିସମ ରହିଛି। ଜିଲାବାସୀଙ୍କ ପାଇଁ ଏହି ପ୍ରକଳ୍ପଟି ଅତ୍ୟାବଶ୍ୟକ ଥିବାବେଳେ ଭବିଷ୍ୟତରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ପକ୍ଷରୁ ଆରୋପ ଆସିବାର ଆଶଙ୍କା ରହିଛି। ଏଥିଯୋଗୁ ଏହାର ବାସ୍ତବିକତା ଉପରେ ଜିଲାର ସୂଚନା ଅଧିକାର କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏନେଇ ସୂଚନା ଅଧିକାର କର୍ମୀ ସମ୍ପଦ ସ୍ୱାଇଁ କୁହନ୍ତି, ପାନୀୟ ଜଳ ପ୍ରକଳ୍ପକୁ ଓଡିଶା ସୂଚନା ଅଧିକାର ଅଭିଯାନ(ଓସା) ବିରୋଧ କରେ ନାହିଁ । ତେବେ ପ୍ରକଳ୍ପ ସ୍ଥାନକୁ ନେଇ ଆପତ୍ତି ରହିଛି । ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ଗ୍ରାମର ପ୍ରସ୍ତାବିତ ପ୍ରକଳ୍ପ ଜଙ୍ଗଲ ଜମି କିସମ ବୋଲି ସରକାରୀ ରେକର୍ଡରୁ ସୂଚନା ମିଳିଛି । ଏହା ଜଙ୍ଗଲ ଜମି କିସମ ହୋଇଥିବାରୁ ବନ୍ୟ ଓ ପରିବେଶ ବିଭାଗରୁ ଏନଓସି ଆଣିବା କଥା । ଏହି ଏନ୍‌ଓସି ଜିଲା ପ୍ରଶାସନକୁ ମିଳି ନ ଥିବାବେଳେ ଭବିଷ୍ୟତରେ ଏହାକୁ ନେଇ ଆପତ୍ତି ଅଭିଯୋଗ ହେବା ଯଥେଷ୍ଟ ଆଶଙ୍କା ରହିଛି । ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ଏସମ୍ପର୍କରେ ତଦନ୍ତ କରି ବିଧିବଦ୍ଧ ପଦକ୍ଷେପ ନେବେ । ଦାବିପତ୍ର ପ୍ରଦାନ ସମୟରେ ଆଳୟ ସାମନ୍ତ ରାୟ, ପ୍ରତାପ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

# କାଳିଆ ଯୋଜନା ପାଇଁ ସଚେତନତା ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୭ା୧**

ଚାଷୀଙ୍କ ସୁଖ ଓ ସମୃଦ୍ଧି ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଛନ୍ତି । ଯୋଜନା ସମ୍ପର୍କରେ କେନ୍ଦ୍ରାପଡା ଜିଲାର ତୃଣମୂଳସ୍ତରରେ ପହଞ୍ଚାଇବାକୁ ଏକ ସଚେତନତା ରଥ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଜିଲାପାଳ ଦାଶରଥି ଶତପଥୀ ଓ ଜିଲା କୃଷି ଉପ ନିର୍ଦ୍ଦେଶକ ମିତ୍ରୋଦୟ ଦାଶ ପତାକା ହଲାଇ ଆରମ୍ଭ କରିଛନ୍ତି । ଏ ସମ୍ପର୍କରେ ଜିଲାପାଳ ଶତପଥୀ କହିଥିଲେ, ଜିଲାର ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ରବି ଓ ଖରିଫ ଚାଷ ପାଇଁ ୫ଟି ଫସଲ ଋତୁରେ ମୋଟ ୨୫ ହଜାର ଟଙ୍କା ପ୍ରଦାନ କରାଯିବ । ଗ୍ରାମାଞ୍ଚଳର ଭୂମିହୀନ ଚାଷୀ ପରିବାର କରିଥିବା ଛେଳି ପାଳନ, କୁକୁଡା ପାଳନ, ଛତୁଚାଷ ଓ ମହୁଚାଷ ଆଦି ନିମନ୍ତେ ୧୨,୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ । କ୍ଷୁଦ୍ର ନାମମାତ୍ର ତଥା ଭୂମିହୀନ କୃଷି ପରିବାର, ଚାଷୀଙ୍କୁ ଏକକାଳୀନ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତି ପରିବାରଙ୍କୁ ଦିଆଯାଉଥିବା ଜୀବନ ବୀମା ଓ ଦୁର୍ଘଟଣା ବୀମାର ଶତକଡା ୫୦ ଭାଗ ରାଶି ରାଜ୍ୟ ସରକାର ଭରଣା କରିବେ । ଏହି ଯୋଜନାରୁ ସରକାରୀ କର୍ମଚାରୀ, ଆୟକରଦାତା ବାଦ ପଡିବେ । ତାଲିକାରେ ନାମ ନ ଥିବା ଚାଷୀ ନିଜର ନାମ ସବୁଜ ଆବେଦନ ପତ୍ରରେ ପକାଇ ପାରିବେ । ଉଦ୍‌ଘାଟନୀ ଉତ୍ସବରେ ଏଡିଏମ୍ ବସନ୍ତ କୁମାର ରାଉତ ଓ କୃଷି ଅଧିକାରୀମାନେ ସାମିଲ ହୋଇଥିଲେ ।




ଜିଲାପାଳ ପତାକା ହଲାଇ ସଚେତନତା ରଥ ଉଦ୍‌ଘାଟନ କରୁଛନ୍ତି।

# ଜନଶୁଣାଣି ଶିବିରରେ ୩୫୧ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୭ା୧**

ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩୫୧ ଅଭିଯୋଗ ହୋଇଥିଲା । ସେଥିରୁ ୩୩୮ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ଅବଶିଷ୍ଟ ସାମୂହିକ ଥିଲା । ଜିଲାପାଳ ଦାଶରଥି ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଏଡିଏମ୍ ବସନ୍ତ କୁମାର ରାଉତ, ପିଡି ଦିଲୀପ କୁମାର ପରିଡା, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବହୁ ବ୍ୟକ୍ତି ବାସଗୃହ ଯୋଜନାରେ ଅନିୟମିତତା ଥିବା ଅଭିଯୋଗ କରିଥିଲେ। ସେହିପରି ପାନୀୟ ଜଳ ସମସ୍ୟା, କଳାକାର ଭତ୍ତା, ଜମି ଚିହ୍ନଟ, ରିଲିଫ ପାଣ୍ଠିରୁ ସହାୟତା, ଇନ୍ଦିରା ଆବାସ ଯୋଜନା ଓ ଭତ୍ତା ଇତ୍ୟାଦି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ରାଶନ ସାମଗ୍ରୀର ସୁଷମ ବଣ୍ଟନ ବ୍ୟବସ୍ଥା, ରାସ୍ତା ଜବରଦଖଲ ହଟାଇବା ଓ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥ ହଡପ ଆଦି ସାମୂହିକ ଅଭିଯୋଗ ହୋଇଥିଲା । ବିଭିନ୍ନ ବିଭାଗ ସହଯୋଗରେ କେତୋଟି ଅଭିଯୋଗର ସଙ୍ଗେସଙ୍ଗେ ସମାଧାନ ହୋଇଥିଲା । ଅବଶିଷ୍ଟ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ଆସନ୍ତା ୧୦ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଜିଲାପାଳ ଶତପଥୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ସୂଚନା ଅଧିକାର ଆଇନ ସଚେତନତା ଶିବିର




ସୂଚନା ଅଧିକାର ସମ୍ପର୍କରେ କର୍ମୀମାନେ ବୁଝାଉଛନ୍ତି।

**କେନ୍ଦ୍ରାପଡା ଅଫିସ, ୭ା୧**

ଓଡିଶା ସୂଚନା ଅଧିକାର ଅଭିଯାନ (ଓସା) କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ଶିବିରରେ ଜନସାଧାରଣଙ୍କ ସମସ୍ୟା ଶୁଣିବା ସହ ମୋଟ ୨୩ଟି ସୂଚନା ପାଇଁ ବିଭିନ୍ନ କାର୍ଯ୍ୟାଳୟରେ ଆବେଦନ ପତ୍ର ଦିଆଯାଇଥିଲା । ଏସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି କୁହନ୍ତି, ୨୦୦୫ରେ ପ୍ରଣୟନ ହୋଇଥିବା ସୂଚନା ଅଧିକାର ଆଇନ ଭାରତୀୟ ନାଗରିକଙ୍କ ପାଇଁ ଏକ ଅମୋଘ ଅସ୍ତ୍ର ପାଲଟିଛି । ବିଭିନ୍ନ କାର୍ଯ୍ୟାଳୟରେ ପଡି ରହୁଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜଣାପଡିବା ସହ ବହୁ ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରୁଛି । ତେବେ ତୃଣମୂଳସ୍ତରରେ ଏଥିପାଇଁ ସଚେତନତା କରାଯାଉନାହିଁ । ଏଥିପାଇଁ ଓସା ପକ୍ଷରୁ ସଚେତନତା ସୃଷ୍ଟି କରାଯିବା ସହ ବିଭିନ୍ନ ଜିଲାରେ ଶିବିର ଆୟୋଜନ କରାଯାଉଛି । ଶିବିରକୁ ତାପସ ତ୍ରିପାଠୀ, ସୀତାକାନ୍ତ ଦାଶ, ଶିବପ୍ରସାଦ ଦାଶ, ଆଳୟ ସାମନ୍ତରାୟ, ସମ୍ପଦ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

# ଭିଭିପାଟ୍ ବ୍ୟବହାର ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା ଅଫିସ, ୭ା୧**

ଆସନ୍ତା ସାଧାରଣ ନିର୍ବାଚନରେ ଇଭିଏମ୍ ସହ ଭିଭିପାଟ (ଭୋଟର ଭେରିଫାଏବୁଲ ପେପର ଅଡିଟ ଟ୍ରେଲ)ର ବ୍ୟବହାର ହେବ । ଏହା ସାଧାରଣ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ସୋମବାରଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ । ଏହି ପରିପ୍ରେକ୍ଷୀରେ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । ଜିଲାପାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଏଡିଏମ୍ ବସନ୍ତ କୁମାର ରାଉତ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ଜରୁରୀକାଳୀନ ଅଧିକାରୀ ସମ୍ବିତ ଶତପଥୀ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଜିଲାପାଳ ଶତପଥି ସୂଚନା ଦେଇଥିଲେ ଯେ, ଇଭିଏମ୍ ଓ ଭିଭିପାଟ ବ୍ୟବହାର ସମ୍ପର୍କରେ ଭୋଟରଙ୍କୁ ସଚେତନ କରିବା ପାଇଁ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଓ ପ୍ରସାର କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ଜିଲାରେ ୩୪ଟି ରୁଟ ଚାର୍ଟ ହୋଇଥିବା ବେଳେ ୧୪୩୮ ବୁଥ ସମେତ ୧୫୯୨ ରାଜସ୍ୱ ଗ୍ରାମରେ ସଚେତନତା ସୃଷ୍ଟି କରାଯିବ । ଏହି ମକ ପୋଲ ପ୍ରଦର୍ଶନୀ ସମୟରେ ୨ ଜଣ ଡେମୋନେଷ୍ଟ୍ରେଟର, ୨ ଜଣ ସହାୟକ ଓ ଜଣେ ନିରାପତ୍ତାରକ୍ଷୀ ରହିବେ । ଏହି ଟିମ ଇଭିଏମ୍ ମାଧ୍ୟମରେ ଭୋଟ ଦେବା ପଦ୍ଧତି ପ୍ରଦର୍ଶନ କରିବାସହ ଭିଭିପାଟରେ ୭ ସେକେଣ୍ଡ ପାଇଁ ପ୍ରଦର୍ଶିତ ହୋଇଥିବା ଚୟନ ଭୋଟକୁ ଭୋଟର ଦେଖିପାରିବେ ।

# ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

**ଡେରାବିଶ, ୭ା୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାଟରାଚକାଡା ପଞ୍ଚାୟତ ଅନ୍ତର୍ଗତ ଫକୀରାବାଦ ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ବିଦ୍ୟାଧର ଜଗତିଙ୍କ ୪ ବଖରା ଜଳିଯାଇଛି । ତାଙ୍କର ସମସ୍ତ ଆସବାବ ପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ଖବରପାଇ ଡେରାବିଶ ଓ କେନ୍ଦ୍ରାପଡା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଛନ୍ତି । ଅଗ୍ନିକାଣ୍ଡରେ ପ୍ରକୃତ କାରଣ ଜଣା ପଡି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ । Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି ।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ଗହୀରମଥାରୁ ୧ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୭।୧ (ଡି.ଏନ୍.ଏ.)- ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ୍ ଭାବେ ମାଛ ଧରୁଥିବା ବେଳେ ଭଦ୍ରକ ଅଞ୍ଚଳର ଗୋଟିଏ ଟ୍ରଲରକୁ ବନ ବିଭାଗର ଜବତ କରିଛି। ଏଥିସହ ୧୦ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଟ୍ରଲରୁ ୧୧ କୁଇଣ୍ଟାଲ ମାଛ, ୧୧ ଜାଲ, ଗୋଟିଏ ଜିପିଏସ୍, ୨ ଫିସ୍ ଫାଇଣ୍ଡର, ୨ ଭିଏଚ୍ଏଫ୍ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ପବିତ୍ର ମାଇତି, ସମ୍ଭୁନାଥ ମଲିକ, ସାଜନ ମଲିକ, ଗିରିଶ ମଲିକ, ଭୀମସେନ ମଲିକ, ବଂଶୀଧର ଦଲାଇ, ବାବାଜି ଦଲାଇ, ପ୍ରଫୁଲ୍ଲ ମଲିକ, ଲମ୍ବୋଦର ମଲିକ ଓ ବୈକୁଣ୍ଠ ମଲିକ। ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ର, ବନପାଳ ବିଭୂତି ତରାଇଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଟ୍ରଲର ଜବତ କରିବା ସହ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲେ।

### ବିଜୁ ଯୁବ ବାହିନୀର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ରାଜନଗର,୭।୧ (ଡି.ଏନ୍.ଏ.)- ରାଜନଗର ବ୍ଲକ ସାନବଡଗୋପାଳପୁର ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଗୋସିଗାଁ ଗର୍ତ୍ତେଶ୍ୱର ମନ୍ଦିର ପଡିଆରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ବାହିନୀର ପଞ୍ଚାୟତ ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରାକ୍ତନ ସରପଞ୍ଚ ଶୈଳେନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ସାମାଜିକ କର୍ମୀ ରତିକାନ୍ତ ବିଶ୍ୱାଳ, ସୁଜିତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶହେ, ୨ଶହ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ମ୍ୟୁଜିକ ଚେୟାର, ସ୍ଲୋ ସାଇକେଲ ରେସ ପ୍ରଭୃତି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ଯୁବତୀଯୁବକମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ବିଶ୍ୱରଞ୍ଜନ ହାତୀ, ସରୋଜ କାନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ

ମାର୍ଶାଘାଇ,୭।୧(ଡି.ଏନ୍.ଏ.): ମାଶାଘାଇ ବ୍ଲକ ଅନ୍ତର୍ଗତ ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟ ,ଶିଳିପୁରର ୧୯୮୭ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରଥମ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ଶୁକ୍ରବାର ମା' ଗୋଜବାୟାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଯୋଗେନ୍ଦ୍ର ଦାସଙ୍କ ଉଦ୍ୟମକ୍ରମେ ଦୀର୍ଘ ୩୨ ବର୍ଷ ପରେ ଆୟୋଜିତ ଏହି ବନ୍ଧୁ ମିଳନ ଯେତିକି ଉତ୍କଣ୍ଠାପୂର୍ଣ୍ଣ ଥିଲା,ସେତିକି ଆନନ୍ଦ ଦାୟକ ଥିଲା । ଅନେକ ନିଜର ପ୍ରିୟ ସାଙ୍ଗକୁ ଚିହ୍ନି ପାରୁ ନ ଥିଲେ । ଚିହ୍ନି ପାରିବା ପରେ ପରସ୍ପର ଭାବବିହ୍ୱଳ ହୋଇ ଏମିତି ଭାବରେ ମଜ୍ଜି ଯାଇଥିଲେ ଯେ, ଯାହାକୁ ଭାଷାରେ ବର୍ଣ୍ଣନା କରିହେବ ନାହିଁ । ପ୍ରଥମେ ଦିବଂଗତ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେତେବେଳର ଶିକ୍ଷା ବ୍ୟବସ୍ଥା, ଶିକ୍ଷାର ଗୁଣାତ୍ମକ ମାନ , ଗୁରୁ ଶିଷ୍ୟ ସଂପର୍କ, ସାଙ୍ଗ ମାନଙ୍କ ମଧ୍ୟରେ ନିବିଡ ବନ୍ଧୁତା ବର୍ତ୍ତମାନ ଦେଖିବାକୁ ମିଳୁନାହିଁ ବୋଲି ପୁରାତନ ଛାତ୍ର ତଥା ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ କୁମାର ରାଉତ ବୈଠକରେ ଯୋଗଦେଇ ମତ ପୋଷଣ କରିଥିଲେ । ପ୍ରମୋଦ କୁମାର ମୁଖୀ, ତାପସ ସେଠୀ, ମନୋରଞ୍ଜନ ନାୟକ ,ଛାତ୍ରୀ ନର୍ମଦା ଦାସ ଓ ବୈଜୟନ୍ତୀ ଜତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ର ରାଜେନ୍ଦ୍ର ମଲ୍ଲିକ ଭଜନ ଗାଇଥିଲେ।

### ନିଗମାନନ୍ଦ ଆଶ୍ରମର ବାର୍ଷିକୋତ୍ସବ

ମାର୍ଶାଘାଇ, ୭।୧ (ଡି.ଏନ.ଏ.)
ମାର୍ଶାଘାଇ ବ୍ଲକ ପିକରାଳିସ୍ଥିତ ନିଗମାନନ୍ଦ ଆଶ୍ରମର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନୀଳାଚଳ ସାରସ୍ୱତ ସଂଘ ପୁରୀର ସଭାପତି ଗୁରୁପ୍ରସାଦ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପଣ୍ଡିତ ଦିବାକର ଦାସ ଠାକୁର ଶ୍ରୀଶ୍ରୀ ନିଗମାନନ୍ଦଙ୍କ ଜୀବନଆଦର୍ଶ ଓ ଆଧ୍ୟାତ୍ମିକତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପିକରାଳି ଶାଖା ସଂଘ ସମ୍ପାଦକ ଦ୍ୱାରିକାନାଥ ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନଳିନୀକାନ୍ତ ବେହେରା, ଯୋଗେନ୍ଦ୍ର ପରିଡା, ପ୍ରିୟରଞ୍ଜନ ମିଶ୍ର, ନିରଞ୍ଜନ ଶତପଥୀ, ତପନ କୁମାର ରାଉତରାୟ, ଅନନ୍ତ ଗୋପାଳ ଦାସ, ବିନୋଦ ବିହାରୀ ବାରିକ, ନାରାୟଣ ପରିଡା, ସୁରେନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଟକ-ଚାନ୍ଦବାଲି ରାସ୍ତାରେ ବସିଲେ ଚାଷୀ

ପଟ୍ଟାମୁଣ୍ଡାଇ, ୭।୧ (ସ୍ୱ.ପ୍ର)



ଫର୍ମ ନମିଳିବାରୁ ଚାଷୀମାନେ କଟକ-ଚାନ୍ଦବାଲି ରାସ୍ତାରୋକୋ କରିଛନ୍ତି।

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ନାମ ପଞ୍ଜୀକରଣ ପାଇଁ ଆବେଦନ ଫର୍ମ ମିଳୁନି। ଚାଷୀମାନେ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ସୋମବାର ଅପରାହ୍ନରେ କଟକ-ଚାନ୍ଦବାଲି ରାଜପଥର ପଟ୍ଟାମୁଣ୍ଡାଇ ବ୍ଲକର ବଡମୂଳବସନ୍ତ ପଞ୍ଚାୟତର ପୋହଳ ଛକଠାରେ ନିଆଁ ଜାଳି ରାସ୍ତାରୋକୋ କରିଥିଲେ। ୨ଶହରୁ ଉର୍ଦ୍ଧ୍ୱ ଚାଷୀ ରାସ୍ତାରୋକୋରେ ବସିଥିଲେ। ସମସ୍ତ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀଙ୍କ ସମେତ ଭୂମିହୀନ ଓ କୃଷିଶ୍ରମିକଙ୍କ ବିକାଶ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା କରିଛନ୍ତି। ଏହି ଯୋଜନାରେ କେଉଁମାନେ ସୁଫଳ ପାଇବେ ତାହାର ତାଲିକା କରାଯାଇଛି। କିନ୍ତୁ କେଉଁ ଆଧାରରେ ଚାଷୀଙ୍କ ନାମ ତାଲିକାଭୁକ୍ତ ହୋଇଛି ସେ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଅନେକ ଚାଷୀଙ୍କ ନାମ ଏହି ତାଲିକାରେ ନଥିବାରୁ ଆବେଦନ ପାଇଁ ଚାଷୀମାନେ ଫର୍ମ ଆଣିବାକୁ ପଞ୍ଚାୟତ

**କାଳିଆ ଫର୍ମ ମିଳୁନି**

ଅଫିସ୍‌ରେ ପ୍ରବଳ ଭିଡ଼ ହେଉଛି। ଫଳରେ ଅନେକ ଚାଷୀ ଫର୍ମ ପାଇବାରୁ ବଞ୍ଚିତ ହଉଛନ୍ତି। ଏହାର ପ୍ରତିବାଦରେ ବଡମୂଳବସନ୍ତ ପଞ୍ଚାୟତର ବନ୍ଧସାହି, ନପଙ୍ଗ, ଇଚ୍ଛାପୁର, ବାଟିପଡା, ପୋହଳ, ପଣ୍ଡୁହୋତା, ନସିପୁର ଓ ମୂଳବସନ୍ତ ଗ୍ରାମର ଚାଷୀ କଟକ-ଚାନ୍ଦବାଲି ରାସ୍ତାରୋକୋ କରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ରାସ୍ତାରୋକୋ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ୪ଟାରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ଏହି ରାସ୍ତାରୋକୋରେ ପ୍ରଦୀପ ସ୍ୱାଇଁ, ସଞ୍ଜୟ ସେଠୀ, ଦେବବ୍ରତ ଦାସ, ବିନୁପ୍ରଭା ମଲିକ, ବେବିନା ମଲିକ, ଛବି ମଲିକ, ଦୀପ୍ତିରଞ୍ଜନ ଦାସ, ବିଭୁ ପ୍ରସାଦ ଦାସ, ସୁଶାନ୍ତ ସେଠୀ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## କାଳିଆ ପାଇଁ ବିଭିନ୍ନ ସ୍ଥାନରେ ଉତ୍ତେଜନା

ରାଜନଗର, ୭।୧ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କାଳିଆ ଯୋଜନାରେ ଚାଷୀମାନେ ଉପକୃତ ହେବାକୁ ଥିବାବେଳେ ପ୍ରକାଶ ପାଇଥିବା ସରକାରୀ ତାଲିକାରୁ ବହୁ ଚାଷୀ ବାଦ୍ ପଡ଼ିଛନ୍ତି। ଏହି ଯୋଜାନରେ ନାମ ପଞ୍ଜୀକୃତ କରିବା ପାଇଁ ଗତ ୬ତାରିଖରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ କରି ଆବେଦନ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଏହି ଫର୍ମ ପଞ୍ଚାୟତ ଅଫିସ୍‌ରେ ମିଳୁଥିବା ବେଳେ ଅନେକ ସମୟରେ ଫର୍ମ ଉପଲବ୍ଧ ରହୁ ନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜନଗର ବ୍ଲକ ଅଧୀନ ୫ଟି ପଞ୍ଚାୟତ କାର୍ଯ୍ୟାଳୟକୁ ଫର୍ମ ପାଇଁ ଯାଇଥିବା ଚାଷୀମାନଙ୍କ ମଧ୍ୟରେ ସୋମବାର ଫର୍ମ ଆଣିବାକୁ ନେଇ ଠେଲାପେଲା ହୋଇଥିବା ଦେଖାଯାଇଥିଲା। କୋଲଇପୁରରେ ଫର୍ମପାଇଁ ଲୋକମାନେ ସକାଳ ୮ଟାରୁ ଲାଇନ୍ ଲଗାଇ ଥିବା ବେଳେ ୧୧ଟା ବେଳେ ଫର୍ମ ମିଳିଥିଲା। ଏହି ସମୟରେ ଲୋକମାନେ ଠେଲା ପେଲା ହେଉଥିବା ବେଳେ ତେତେଲେଙ୍ଗା ଗ୍ରାମର ହେମନ୍ତ ମଲ୍ଲିକଙ୍କ ସ୍ତ୍ରୀ ସତ୍ୟଭାମା (୩୦) ଚେତା ହରାଇ ଭିଡ ଭିତରେ ପଡିଯାଇଥିଲେ। ସେହିପରି କଣ୍ଡିରା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ୪ଶହରୁ ଉର୍ଦ୍ଧ୍ୱ ଲୋକ ଭିଡ଼ ଜମାଇଥିଲେ। ଅପରାହ୍ନ ସାଢ଼େ ୧ଟା ବେଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାତ୍ର ୨ଶହ ଫର୍ମ ନେଇ ସେଠାରେ ପହଞ୍ଚିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଲୋକେ ପଞ୍ଚାୟତ ଅଫିସ୍ ଗେଟକୁ ଭାଙ୍ଗି ଦେଇଥିଲେ। ସେହିପରି ଘଡିଆମାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଧୁ ଚରଣ ସ୍ୱାଇଁ ଫର୍ମ ଲୋକଙ୍କୁ ବାଣ୍ଟିବା ପରିବର୍ତ୍ତେ ସରପଞ୍ଚଙ୍କ ଘରେ ପହଞ୍ଚିବାନେଇ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବରୁ ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିରଠାରେ ଫର୍ମ ବଣ୍ଟାଯିବା ପାଇଁ କୁହାଯାଇଥିବାରୁ ଲୋକମାନେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମନ୍ଦିର ନିକଟରେ ଘେରାଉ କରିଥିଲେ।

■ ପ୍ରଶାସନ ସହ ପିପିଏଲ ଜମିହରାଙ୍କ ଆଲୋଚନା

# ସପ୍ତାହ ମଧ୍ୟରେ ଦିଆଯିବ ବକେୟା ଅର୍ଥ

ପାରାଦୀପ, ୭।୧(ସ୍ୱ.ପ୍ର.)

**■ ୧୦ରେ ହେବାକୁ ଥିବା ଧର୍ମଘଟ ସ୍ଥଗିତ**

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ) ବିରୋଧରେ ଆସନ୍ତା ୧୦ ତାରିଖରେ ଜମିହରାଙ୍କ ପକ୍ଷରୁ ହେବାକୁ ଥିବା ଧର୍ମଘଟ ସ୍ଥଗିତ କରାଯାଇଛି। ସୋମବାର ଅପରାହ୍ନରେ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ଏକ ବୈଠକ ହୋଇଥିଲା। ଏଥିରେ ପିପିଏଲ ୧୧ଶହ ଜମିହରାଙ୍କ ବକେୟା ବାବଦ ଥିବା ୭କୋଟି ଟଙ୍କା ସୁଧ ସହ ଦେବାକୁ ଆଲୋଚନା ହୋଇଥିଲା। ଏଡିଏମ୍ କାହ୍ନୁଚରଣ ଧିର କହିଲେ ଯେ ଉକ୍ତ ଅର୍ଥ କମ୍ପାନୀ ସରକାରଙ୍କୁ ଦେଇସାରିଛି। ଜମି ଅଧିଗ୍ରହଣ ଅଧିକାରୀ ନ ଥିବାରୁ ଚାଷୀଙ୍କୁ ଅର୍ଥ ଦେବାରେ ବିଳମ୍ବ ହୋଇଛି। ଏବେ ପୁନଃ ଯାଞ୍ଚ ପରେ ଅର୍ଥ ଦିଆଯିବ। ଜମି ଅଧିଗ୍ରହଣ ଅଧିକାରୀ ଆସନ୍ତା ୭ ଦିନ ଭିତରେ ପ୍ଲାଷ୍ଟିକ ପାର୍କ ପାଇଁ ଯେପରି ଅର୍ଥ ଦିଆଯାଇଛି, ସେଭଳି ବ୍ୟବସ୍ଥାରେ ଦେବେ ବୋଲି ସେ କହିବା ପରେ ଉଭୟ ପକ୍ଷ ସହମତିରେ ପହଞ୍ଚିଥିଲେ। ଜମିହରା ସଙ୍ଗଠନର ସୁବାସ ମହାପାତ୍ର କହିଛନ୍ତି ଯେ ଆଲୋଚନା ଏକପ୍ରକାର ସଫଳ ହୋଇଛି। ପ୍ରଶାସନ ଆସନ୍ତା ୭ଦିନ ମଧ୍ୟରେ ଅର୍ଥ ଦେବା ବ୍ୟବସ୍ଥା ନ କଲେ ଆମେ ପୁଣି ୧୫ ରୁ ଧର୍ମଘଟ କରିବୁ। ଏଡିଏମ୍ ଧିର କହିଛନ୍ତି, ଜମି ଅଧିଗ୍ରହଣ ଅଧିକାରୀ ସମ୍ପୃକ୍ତ ଚାଷୀଙ୍କ ବକେୟା ଅର୍ଥ ଓ ଦାବିଦାର ସମ୍ପର୍କରେ ଯାଞ୍ଚ କରି ରିପୋର୍ଟ ଦେବା ପରେ ଅର୍ଥ ଦିଆଯିବ। ଅର୍ଥ ପାଇବାକୁ ଥିବା ଚାଷୀ ସେମାନଙ୍କ ପ୍ରମାଣପତ୍ର ଓ ସରକାରୀ ପରିଚୟପତ୍ର ପ୍ରଶାସନ ପାଖରେ ଦାଖଲ କଲେ ପ୍ରକ୍ରିୟା ଆରମ୍ଭ ହେବ।

## ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟ

ପଟ୍ଟାମୁଣ୍ଡାଇ, ୭।୧ (ସ୍ୱ.ପ୍ର)
ପଟ୍ଟାମୁଣ୍ଡାଇ ପୌରାଞ୍ଚଳସ୍ଥିତ ବାଲିପଡ଼ାସ୍ଥିତ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଦିବାରାତ୍ରୀ ଭଲିବଲ ଟୁର୍ନାମେଣ୍ଟ ଇତିମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସେମିଫାଇନାଲ ମ୍ୟାଚରେ ବାଲିପଡ଼ା ସହ ଭୂଇଁପୁର ଦଳ ଓ ତନୁପୁର ଦଳ ସହ ନରେନ୍ଦ୍ରପୁର ଦଳ ପରସ୍ପରକୁ ଭେଟିଥିଲେ। ବାଲିପଡା ଓ ନରେନ୍ଦ୍ରପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଲିପଡା ଦଳ ଉନ୍ନତ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା। ପୂର୍ବତନ ଭଲି ଖେଳାଳୀ ଗୋବିନ୍ଦ ଚନ୍ଦ୍ର ପରିଡ଼ା ଓ ଭୋଳାନାଥ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଟ୍ରଫି ପ୍ରଦାନ ଉତ୍ସବରେ ପୂର୍ବତନ ଶିକ୍ଷକ ଶ୍ରୀଧର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜୟୀ ଦଳକୁ ଆର୍ଥିକ ପୁରସ୍କାର ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତାଙ୍କୁ ଆର୍ଥିକ ପୁରସ୍କାର ସହ ରନର୍ସ ଟ୍ରଫି ପ୍ରଦାନ କରିଥିଲେ।

## ବିଜୁ ଯୁବବାହିନୀ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା

ରାଜନଗର, ୭।୧ (ଡି.ଏନ୍.ଏ.)
ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ହାଇସ୍କୁଲ ପଡ଼ିଆରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଚ୍ଚଡିଆଁ, ଲମ୍ଫଡିଆଁ, ଶହେ ମିଟର ଦୌଡ, ୨ଶହ ମିଟର ଦୌଡ, ସ୍ଲୋ ସାଇକେଲ, ଚେସ, କ୍ୟାରମ, ଭଲିବଲ, ବ୍ୟାଡମିଣ୍ଟନ ଆଦି ପ୍ରତିଯେଗିତା କରାଯାଇଥିଲା। ଏଥିରେ ପଞ୍ଚାୟତର ଶତାଧିକ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ବିଜୁ ଯୁବ ବାହିନୀର ସଭାପତି ବିଜୟ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ରାଉତ ମୁଖ୍ୟଅତିଥି, ଦେବେନ୍ଦ୍ର ମଣ୍ଡଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ପଟ୍ଟାମୁଣ୍ଡାଇ, ୭।୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧୀନ ବେଲତଳସ୍ଥିତ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ୩ୟ ବାର୍ଷିକ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସ୍କୁଲର ୨ଶହ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ବିଜୟ କୁମାର ରାଉତ ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦୁଝରର ରୋଟାରୀ କ୍ଲବ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି, ରୋଟାରୀୟାନ ବିଜୟ ନାଥ କାପୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ସହିତ କ୍ରୀଡାରେ ଭାଗ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ସ୍କୁଲ ନିର୍ଦ୍ଦେଶକ ଇଂ. ଦେବବ୍ରତ ସ୍ୱାଇଁ, ପୂର୍ବତନ ପ୍ରଶାସନିକ ଅଧିକାରୀ ବ୍ରଜବନ୍ଧୁ ଧଳ, ବସନ୍ତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରୋଜାଲିନ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଜୟନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡା ପ୍ରତିଯୋଗିତାରେ ମନୋରଞ୍ଜନ ବେହେରା, ଶଶିକାନ୍ତ ସାହୁ, ସବନମ ନେସା, ସନ୍ତୋଷ ଗିରି, ରିତୁ ସାହୁ, ବିଜୟ ନନ୍ଦ, ମାନସ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଳିନୀକାନ୍ତ ସ୍ୱାଇଁ, ଜ୍ଞାନରଞ୍ଜନ ଧଳ, ସୁଧାଂଶୁ ଶେଖର ସାହୁ, ଅନସୁୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କବିତା ସାହୁ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ସୈନିକଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି

ମାର୍ଶାଘାଇ, ୭।୧ (ଡି.ଏନ୍.ଏ.)



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୈନିକମାନେ।

ମାର୍ଶାଘାଇ ବ୍ଲକ କୁସୁନପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ମାର୍ଶାଘାଇ ଏବଂ ମହାକାଳପଡା ବ୍ଲକ୍ ଅବସରପ୍ରାପ୍ତ ସୈନିକମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କର୍ନେଲ ଭାବଗ୍ରାହୀ ଝଟକସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦେଶର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଉଥିବା ସୈନିକମାନଙ୍କୁ ଅବସର ପରେ ପେନସନ ସୁବିଧା, ସ୍ୱାସ୍ଥ୍ୟସେବା ଆଦି ପ୍ରତି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନଥିବା ନେଇ ଉତ୍ସବରେ ଯୋଗଦେଇ ପ୍ରାକ୍ତନ ସୈନିକମାନେ କ୍ଷୋଭ ପ୍ରକାଶ କରିଥିଲେ। ପାରାଦୀପର କୋଷ୍ଟଗାର୍ଡ କ୍ୟାଣ୍ଟିନରୁ ମିଳୁଥିବା ସାମଗ୍ରୀ ଅନେକ ସମୟରେ ସରିଯାଉ ଥିବାରୁ କେନ୍ଦ୍ରାପଡ଼ା ଅଞ୍ଚଳର ଅବସରପ୍ରାପ୍ତ ସୈନିକମାନେ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ରାପଡ଼ାରେ କ୍ୟାଣ୍ଟିନ ସୁବିଧା ଯୋଗାଇ ଦେବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ରାଜନୈତିକ କ୍ଷେତ୍ରରେ ଅବସରପ୍ରାପ୍ତ ସୈନିକମାନଙ୍କୁ ସ୍ୱତନ୍ତ୍ର ସୁଯୋଗ ଦିଆଯିବା ଦରକାର ବୋଲି ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ କ୍ୟାପଟେନ ଭିକାରୀ ଚରଣ ମହାନ୍ତି କହିଥିଲେ। କ୍ୟାପଟେନ୍ ସୁରେନ୍ଦ୍ର କୁମାର ସାହୁ, ହାବିଲଦାର ଅଭିମନ୍ୟୁ ସ୍ୱାଇଁ, ସୁବେଦାର ବିନୋଦ ଚନ୍ଦ୍ର ଦାସ, ବିକାଶ କୁମାର ମହାପାତ୍ର, ଆନନ୍ଦ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ଲକ୍ଷ୍ମୀଧର ରାଜ୍, ରବୀନ୍ଦ୍ର ସେଠୀ, ନୀହାର ରଞ୍ଜନ ମଲିକ, ବିକଳି ଚରଣ ଜେନା, ରବିନାରାୟଣ ସେଠୀ, ଶ୍ରୀଚରଣ ବେହେରା, ବଂଶୀଧର ସିଂ, ଅଜୟ କୁମାର ସାହୁ, ମହେନ୍ଦ୍ର ମହାରଣା, ଅକ୍ଷୟ କୁମାର ସାହୁଙ୍କ ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗଦେଇଥିଲେ।

■ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ

## ବାଲେଶ୍ୱରକୁ ହରାଇ ସେମିରେ ଖୋର୍ଦ୍ଧା

ରାଜନଗର, ୭।୧ (ଡି.ଏନ୍.ଏ.)

ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ମିନି ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ୩୭ତମ ଚଞ୍ଚଳା ଟ୍ରଫିର ସୋମବାର ଥିଲା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ। ଖୋର୍ଦ୍ଧାର ଷ୍ଟଡ କ୍ରିକେଟ ଆସିସିଏଶନ ଓ ବାଲେଶ୍ୱରର ୟୁ ଆଣ୍ଡ ମି ଟିମ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଖୋର୍ଦ୍ଧା ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଷ୍ଟଡ ଟିମ୍‌ର ପ୍ରବୀଣ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବନପାଳ କପିଳେନ୍ଦ୍ର ପ୍ରଧାନ, ବଡପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସହଦେବ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳବାର ହେବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ଯାଜପୁର ଇଲେଭେନଷ୍ଟାର ଓ ଖୋର୍ଦ୍ଧା ଷ୍ଟଡ୍ ମଧ୍ୟରେ ଅନୁଷ୍ଠିତ ହେବ।

## ଗରଦପୁରରେ ଇଭିଏମ୍ ସମ୍ପର୍କିତ ସଚେତନତା



ହରିଦାସପୁର ସ୍କୁଲରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

ପାଟକୁରା, ୭।୧ (ଡି.ଏନ୍.ଏ.)
ଇଭିଏମ୍‌ରେ ଭୋଟ ଦେବା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଗରଦପୁର ବ୍ଲକ ଅଞ୍ଚଳରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଭିଏମ୍ ଓ ଭିଭିପ୍ୟାଟ୍ ମେଶିନ୍‌ର ନମୁନା ରଖାଯାଇ ଲୋକମାନଙ୍କୁ ଏହା ସାହାର୍ଯ୍ୟରେ ଭୋଟ୍ ଦେବାକୁ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ଲକ ଅଧୀନ ବେତାରୀ, ହରିଦାସପୁର, ସୋଲପାଟ, କୁଳତୁଠୀ ଆଦି ୬ଟି ଗ୍ରାମରେ ଏ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପାର୍ବତୀ ବାରିକ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ପଣ୍ଡା, ବିଭୁତି ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରାଇଥିଲେ। ବିଡିଓ ଧରଣୀଧର ବେହେରା କାର୍ଯ୍ୟକ୍ରମ ତଦାରଖ କରିଥିଲେ।

■ ଅଚଳ ହୋଇ ପଡ଼ିରହିଛି ମୁଥାନାଳି ସ୍ଲୁଇସ ଗେଟ୍

# ୫ହଜାର ଏକର ଡାଲୁଅ ଧାନ ନଷ୍ଟ ଆଶଙ୍କା

ରାଜକନିକା, ୭।୧ (ଡି.ଏନ୍.ଏ.)



ଅଚଳ ହୋଇ ପଡ଼ିରହିଥିବା ମୁଥାନାଳି ସ୍ଲୁଇସ ଗେଟ୍।

**■ ମରାମତି ଅଭାବରୁ ଭାଙ୍ଗି ଗଲାଣି ସ୍ଲୁଇସ୍ ଗେଟ୍ କଂକ୍ରିଟ୍**
**■ ଜୁଆର ପାଣି ଆସି ନ ପାରି ଶୁଖିଲା ପଡ଼ିଛି ୬ ନାଳ**
**■ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ତେଜୁଛି ଅସନ୍ତୋଷ**

କୃଷିପ୍ରଧାନ କେନ୍ଦ୍ରାପଡ଼ା ଜିଲାରେ ଅବହେଳାର ଶିକାର ହେଉଛନ୍ତି ଚାଷୀ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଖରିଫ ଫସଲ, ମୁଗ ଓ ପନିପରିବା ଆଦି ଚାଷ କରି ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଶେଷରେ ନାଳ ପାଣି ଉପରେ ନିର୍ଭର କରି ଡାଲୁଅ ଧାନ ଚାଷ କରିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏହି ଫସଲ ବି ଉଜୁଡ଼ିଯିବା ଆଶଙ୍କା ଦେଖାଦେଇଛି।

କେନ୍ଦ୍ରାପଡା ଓ ଯାଜପୁର ଜିଲା ସୀମାରେ ଥିବା ମୁଥାନାଳି ସ୍ଲୁଇସ ଗେଟ୍ ୬ବର୍ଷ ପୂର୍ବେ ୩କୋଟି ଖର୍ଚ୍ଚରେ ତିଆରି କରାଯାଇଥିଲା। ଗତ ୬ବର୍ଷ ମଧ୍ୟରେ ଏହାର ଆବଶ୍ୟକ ମରାମତି କରାନଯିବାରୁ ସ୍ଲୁଇସ୍ ଗେଟ୍‌ଟି ଧୀରେ ଧୀରେ ଭାଙ୍ଗି ରୁଜି ଗଲାଣି। କଂକ୍ରିଟ୍ ଭାଙ୍ଗି ଗଳି ପଡ଼ିଥିବା ବେଳେ ଲୁହା ରଡ୍‌ରେ କଳଙ୍କି ଲାଗିଗଲାଣି। ଫଳରେ ଗେଟ୍‌ରେ ପାଣି ରୋକିବା ବା ଛାଡ଼ିବା ପାଇଁ ଲଗାଯାଇଥିବା କବାଟ ଆଉ ପଡ଼ିପାରୁନି। ବୈତରଣୀ ଜୁଆର ପାଣି ଗେଟ୍ ଦେଇ ଯାଇ ପାରୁ ନଥିବାରୁ ଏହାସହ ସଂଯୋଗ ଥିବା ଚିନ୍ତାଶୁଳ, ଠାକୁରାଣୀ, ଛତିଶା, ବନ୍ଧୁଆଣି ଓ ସାତମାଣିଆ ନାଳ ଶୁଖିଲା ପଡ଼ିଛି। ଏହି ନାଳ ପାଣି ଉପରେ ନୀର୍ଭର କରି ରାଜକନିକା ବ୍ଲକର ବଡହଲୁପଡା, ସାନହଲୁପଡା, ପଧାନପଡ଼ା, ଫାଜିଲପୁର ଓ ଯାଜପୁର ଜିଲାର ସାନକୁଆଁଳ, କେନ୍ଦୁଆକୁଳ, କଣ୍ଟିତର ଆଦି ମୌଜାର ପ୍ରାୟ ୫ହଜାର ଏକରରେ ଡାଲୁଅ ଧାନଚାଷ ହୋଇଛି। ନାଳ ଶୁଖିଲା ପଡ଼ିଥିବାରୁ କେତେକ ଚାଷ ଜମି ଫାଟି ଗଲାଣି। ତୁରନ୍ତ ନାଳରେ ପାଣି ନ ଆସିଲେ ଚଳିତବର୍ଷ ଡାଲୁଅ ଧାନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଥିବା ଚାଷୀମାନେ କହିଛନ୍ତି। ଧାରକରଜ କରି ଚାଷୀମାନେ ଚାଷ କରିଥିବା ବେଳେ ଫସଲ ଉଜୁଡ଼ି ଯିବା ଆଶଙ୍କାରେ ଚାଷୀଙ୍କ ନିଦ ହଜିଯାଇଛି। ତୁରନ୍ତ ସ୍ଲୁଇସ୍ ଗେଟ୍ ମରାମତି କରାଯିବା ନେଇ ଉଭୟ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଜିଲାପାଳ ଦୃଷ୍ଟି ଦେବାକୁ ଦୟାନିଧି ସାହୁ, ଉଦକର ମଲିକ, ମହେନ୍ଦ୍ର ମଲିକ, ଅର୍ଜୁନୀ ମଲିକ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଖରସ୍ରୋତା ଓ ବୈତରଣୀରେ ବନ୍ୟା ଯୋଗୁ ଖରିଫ ଫସଲ ନଷ୍ଟ ହେଉଥିବା ବେଳେ ଏଠାକାର ଚାଷୀମାନେ ଡାଲୁଅ ଚାଷ ଉପରେ ନିର୍ଭର କରନ୍ତି। ତେଣୁ ଚାଷୀଙ୍କ ଆବ୍ୟାକତାକୁ ଦୃଷ୍ଟିରେ ରଖି ଏହାର ମରାମତି କରାଯିବାକୁ ପଧାନପଡ଼ାର ଚାଷୀ ନରହରି ଦାସ, ବଡ଼ହଲୁପଡ଼ାର ଶତ୍ରୁଘ୍ନ ମଲିକ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀଙ୍କୁ ପଚାରିବାରେ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଜଳିଗଲା ଧାନଗଦା

କୋରେଇ,୭।୧(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ରଙ୍ଗରଙ୍ଗା ଗ୍ରାମରେ ରବିବାର ରାତିରେ ଅଲେଖ ସାହୁଙ୍କ ଧାନଗଦାରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ରାତି ଯୋଗୁ ନିଆଁ ଲିଭାଇବା ସମ୍ଭବ ହୋଇ ନ ଥିଲା। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ବିଜୁ ଯୁବ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରାୟ ୨ ଏକର ଜମିର ଧାନ ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡିନାହିଁ।

### ଅନୀଲ ଜିଲା କଂଗ୍ରେସ ସମ୍ପାଦକ

ଯାଜପୁରରୋଡ଼,୭।୧(ନି.ପ୍ର.)- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ଅନୀଲ କୁମାର ଜେନାଙ୍କୁ ଯାଜପୁର ଜିଲା କଂଗ୍ରେସ କମିଟି ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ସେ ଜିଲା ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀର କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା, କର୍ମୀଙ୍କ ମନରେ ଉତ୍ସାହ ସୃଷ୍ଟି କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ସମ୍ପାଦକ ଭାବେ ଜେନାଙ୍କ ନିଯୁକ୍ତିକୁ କଂଗ୍ରେସ ମହଲରେ ସ୍ୱାଗତ କରାଯାଇଛି।

### କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ :ସୁପର ସିକ୍ସରେ ତରଞ୍ଜିଆ

ଧର୍ମଶାଳା, ୭।୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତ ଖେଳପଡ଼ିଆରେ ଆୟୋଜିତ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଜୋନାଲସ୍ତରୀୟ ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏହ ଅବସରରେ ଆୟୋଜିତ ମ୍ୟାଚ୍‌ରେ ଜେନାପୁରକୁ ୧୯ରନ୍‌ରେ ହରାଇ ତରଞ୍ଜିଆ ଦଳ ସୁପରସିକ୍ସରେ ପ୍ରବେଶ କରିଛି। ତରଞ୍ଜିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୭ ଉଇକେଟ୍ ହରାଇ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେନାପୁର ଦଳ ବ୍ୟାଟିଂ କରି ୯ ଉଇକେଟ୍ ହରାଇ ୧୫୨ ରନ୍ କରି ପରାସ୍ତ ହୋଇଥିଲା। ପ୍ରତାପ ନାୟକ ଓ ଇନ୍ତେକାବ୍ ଆଲାମ ଖେଳ ପରିଚାଳନା କରିଥିବାବେଳେ ବାସୁଦେବ ମିଶ୍ର ଓ ବ୍ରହ୍ମାନନ୍ଦ ମହାରଣା ସ୍କୋର୍‌ରେ ସହାୟତା କରିଥିଲେ। ଆସନ୍ତା ଗୁରୁବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚୋରମୁହାଁ ସହିତ ବାରବାଟୀ ଏବଂ କଣ୍ଟିଗଡିଆ ଓ କଦମପାଳ ଦଳ ମଧରେ ଖେଳ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧକ୍ଷ ରଶ୍ମି ରଞ୍ଜନ ରାୟ ସୂଚନା ଦେଇଛନ୍ତି।

### କଂଗ୍ରେସ ପକ୍ଷରୁ କମ୍ବଳ ବଣ୍ଟନ

ଧର୍ମଶାଳା, ୭।୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ୧୪ ନମ୍ବର ଜିଲା ପରିଷଦ ଜୋନ୍‌ର ଚୋରମୁହାଁ ଗ୍ରାମପଞ୍ଚାୟତ ଅଧୀନ ଚୋରମୁହାଁ ଗ୍ରାମର ଦଳିତ ସାହିରେ କମ୍ବଳ ବଣ୍ଟନ କରାଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡା, କୃଷକନେତା ବସନ୍ତ ପରିଡା, ସୁଧାକର ରାଉତ, ପ୍ରଫୁଲ କୁମାର ରାୟ, ଦେବାଶିଷ ପରିଡା, ନକୁଳ ଜେନା ପ୍ରମୁଖ ଯୋଗଦେଇ ୪୦ଜଣ ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଥିଲେ।

■ବେଧଡ଼କ ଚାଲିଛି ବେଆଇନ କ୍ରଶର

# ଧୂଳିଧୂଆଁରେ ହନ୍ତସନ୍ତ ଅଞ୍ଚଳବାସୀ

ଜେନାପୁର, ୭।୧(ଡି.ଏନ୍.ଏ.)



ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଅଞ୍ଜିରା ମୌଜାର ମାଣ୍ଡିଆଗଡ଼ାଠାରେ ବେଆଇନଭାବେ ବହୁ କ୍ରଶର ଗଢିଉଠିଛି। କ୍ରଶ୍‌ରରୁ ନିର୍ଗତ ଧୂଳିଧୂଆଁରେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଥିବାବେଳେ ଜାତୀୟ ରାଜପଥରେ ଦୁର୍ଘଟଣା ବଢିବାରେ ଲାଗିଛି। ଅପରପକ୍ଷେ କ୍ରସରମାଲିକମାନେ ଜଙ୍ଗଲ କିସମ ପାହାଡରୁ ବେଆଇନଭାବେ ପଥର ଉତ୍ତୋଳନ କରି କ୍ରଶର୍ ଚଳାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

୫୩ନଂ ଜାତୀୟ ରାଜପଥ କଡ଼ରେ ବେଆଇନଭାବେ ଗଢି ଉଠିଥିବା କ୍ରଶରରୁ ନିର୍ଗତ ଧୂଳିଧୂଆଁ ଯୋଗୁ ଜାତୀୟ ରାଜପଥରେ ଦୁର୍ଘଟଣା ବଢିବାରେ ଲାଗିଛି। ଏହି କ୍ରଶରଗୁଡିକ ଦିନରାତି ଚାଲୁ ରହୁଥିବାରୁ ପରିବେଷ ପ୍ରଦୂଷଣ

■୨୦୧୬-୧୭ ବର୍ଷରେ ଟ୍ୟାକ୍ସଫୋର୍ସ କମିଟି ଗଠିତ
■୩୦ରୁ ଊର୍ଦ୍ଧ୍ୱ କ୍ରଶର ସିଲ୍ କରାଯାଇଥିଲା

ସାଙ୍ଗକୁ ବିଭିନ୍ନ ରୋଗ ମଧ୍ୟ ସୃଷ୍ଟି କରୁଛି। ଜାତୀୟ ରାଜପଥରେ ଅନେକାଂଶ ସମୟରେ ପଥର ଗୁଣ୍ଡ କୁହୁଡିର ଭ୍ରମ ସୃଷ୍ଟି କରୁଥିବାବେଳେ ନିକଟରେ ଥିବା ଚାଷଜମିରେ ପଥର ଗୁଣ୍ଡ ପଡିବାରୁ ଚାଷ ପ୍ରଭାବିତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୧୬-୧୭ ବର୍ଷରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଏକ ଟ୍ୟାକ୍ସଫୋର୍ସ କମିଟି ଗଠନ କରାଯାଇଥିଲା। ଏଥିରେ ପ୍ରଦୂଷଣ ବିଭାଗ, ବିଦ୍ୟୁତ୍ ବିଭାଗ, ବନ ବିଭାଗ, ଖଣି ବିଭାଗ, ରାଜସ୍ୱ ବିଭାଗ ଓ ବହୁ ପୋଲିସ ଅଧିକାରୀ ରହିଛନ୍ତି। ବିଶେଷକରି ରଥିଆ, ଭଡଙ୍ଗା, ମାଣ୍ଡିଆ, ଆରୁହା, ବରଡା, ଚଢେଇଧରା, ବାଲିସାହି ମାଣ୍ଡିଆ ଗଡା, ବାଘୁଆ, ବାଘୁଆ କୃଷ୍ଣନପୁର, ଜାତୀୟ ରାଜପଥ କଡ଼ରେ ରହିଥିବା ୩୦ରୁ ଊର୍ଦ୍ଧ୍ୱ ବେଆଇନ କ୍ରଶର କମିଟି ପକ୍ଷରୁ ସିଲ୍ କରାଯାଇଥିଲା। କିନ୍ତୁ କିଛି ବର୍ଷପରେ ପୁଣି କ୍ରଶର ମାଲିକମାନେ ପ୍ରଶାସନର ନିୟମକୁ ବେଖାତିର କରି କ୍ରସରଗୁଡିକୁ ଆରମ୍ଭ କରିଛନ୍ତି। ଫଳରେ ପରିବେଷ ପ୍ରଦୂଷଣ ହେବା ସାଙ୍ଗକୁ କ୍ରସର ପାଇଁ ଜଙ୍ଗଲ କିସମ ପାହାଡରୁ ବେଆଇନ ପଥର ଉତ୍ତୋଳନ କରାଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ଏ ନେଇ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ପଚାରିବାରେ, ତୁରନ୍ତ ଉକ୍ତ କ୍ରଶର୍‌ଗୁଡିକ ଉପରେ ଚଢ଼ାଉ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅନ୍ତର୍ଜାତୀୟ ଟାଏକୋଣ୍ଡୋରେ ରୌପ୍ୟ ବିଜେତା ରଜତ

କୋରେଇ,୭।୧(ସ୍ୱ.ପ୍ର.)

ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ୨୦୧୮ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି କୋରେଇ ବ୍ଲକ ଜହ୍ନା ପଞ୍ଚାୟତ ଜହ୍ନାକୋଣାର ରବୀନ୍ଦ୍ର କୁଅଁରଙ୍କ ପୁଅ ରଜତ। ସେ ୪୦ କିଗ୍ରା ବର୍ଗରେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ସ୍ଥାନୀୟ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲରେ ୫ମ ଶ୍ରେଣୀର ଛାତ୍ର। ପୂର୍ବରୁ ରଜତ ସର୍ବଭାରତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରି ୩ ସ୍ୱର୍ଣ୍ଣ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ହେଉଛି ତାଙ୍କର ଅନ୍ତର୍ଜାତୀୟସ୍ତରର ପ୍ରଥମ ସଫଳତା। କୋଲକାତାର ଖୁଦିରାମ ଅନୁଶୀଳନ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୋରିଆ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ଜୁନ୍ ରାଏ ଚୋ, ଆୟୋଜକ କମିଟି ସଭାପତି ସେଙ୍ଗୋକୁକ୍ ଜିଓଙ୍ଗ, ଟାଏକୋଣ୍ଡୋ



ରଜତ କୁଅଁର।

ଇନ୍ ଆକ୍ସନର ନିର୍ଦ୍ଦେଶକ ଟାଙ୍ଗ ସୁ ସିମ୍ ପ୍ରମୁଖ ରଜତଙ୍କୁ ମାନପତ୍ର ଓ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଖବର ପ୍ରସାରିତ ହେବାପରେ ରଜତଙ୍କ ଗୁରୁ ପ୍ରଫୁଲ୍ଲ ମାସାନ୍ତ, ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସମେତ କୋରେଇ ଅଞ୍ଚଳର ବିଭିନ୍ନ ସଂଗଠନ ଓ ବ୍ୟକ୍ତି ରଜତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

■ମୁଣ୍ଡାସାହି ବାସିନ୍ଦାଙ୍କୁ ଉଚ୍ଛେଦ ପ୍ରସଙ୍ଗ

# ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କାଳିଆପାଣି, ୭।୧୯ଡି.ଏନ୍.ଏ.)

ଓଡ଼ିଶା ଖଣି ନିଗମ ସିଓବିପି ପକ୍ଷରୁ ସୁକୁରୁଙ୍ଗି ମୁଣ୍ଡା ସାହି ବାସିନ୍ଦାଙ୍କୁ ଉଚ୍ଛେଦକୁ ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସୋମବାର ସାହି ବାସିନ୍ଦାଙ୍କ ପକ୍ଷରୁ ସିଓବିପିର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଧାରଣାକାରୀମାନେ କାର୍ଯ୍ୟାଳୟ ଭିତରକୁ କାହାରିକୁ ଛାଡି ନ ଥିଲେ। ଧାରଣାସ୍ଥଳରେ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା, ପରିଚାଳକ ଅବନିକାନ୍ତ ପ୍ରଧାନ ଓ ଥାନା ଏସ୍‌ଆଇ କଳାକର ନାୟକ ଗ୍ରାମବାସୀଙ୍କୁ ଧାରଣାରୁ ଓହରି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଏ ନେଇ ଆଲୋଚନା କରିବାକୁ କୁହାଯାଇଥିବା ଜଣାପଡିଛି।



ମୁଣ୍ଡାସାହି ବାସିନ୍ଦା ଧାରଣାରେ ବସିଛନ୍ତି।

ପ୍ରକାଶ ଯେ, ଓଡ଼ିଶା ଖଣି ନିଗମ ପକ୍ଷରୁ ମୁଣ୍ଡାସାହିରେ ରହୁଥିବା ୨୧ ପରିବାରକୁ ବିନା କ୍ଷତିପୂରଣରେ ଉଚ୍ଛେଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ବିରୋଧ କରି ଗତ ଶୁକ୍ରବାର ବୁଧିରାମ ମହାରଣାଙ୍କ ନେତୃତ୍ୱରେ ଶତାଧିକ ବାସିନ୍ଦା କମ୍ପାନୀର ଡମ୍ପ ନିକଟରେ ଧାରଣା ଦିଆଯାଇଥିଲା। କ୍ଷତିପୂରଣ ବାବଦକୁ ୨୫ ଲକ୍ଷ ଟଙ୍କା ସହ ଘରଡିହ ପାଇଁ ଜମି ପଟ୍ଟା ପ୍ରଦାନ ଆଦି ବିଭିନ୍ନ ଦାବିମାନ ଉପସ୍ଥାପନ କରାଯାଇଛି। ସାହି ବାସିନ୍ଦା ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ଧାରଣାସ୍ଥଳକୁ ଆଲୋଚନା କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ନ ଆସିଥିଲେ। ତେଣୁ ବାଧ୍ୟ ହୋଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ଧାରଣାକାରୀ କହିଛନ୍ତି।

## ଭାଜପାର ଜନପରାମର୍ଶ ପଦଯାତ୍ରା

ଯାଜପୁର ରୋଡ,୭।୧(ଡି.ଏନ୍.ଏ.)

କୋରେଇ ଭାଜପା ପକ୍ଷରୁ ରବିବାର ବ୍ୟାସନଗର ପୌରପରିଷଦର ୨୪,୨୫,୨୬ ନମ୍ବର ୱାର୍ଡରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଶାଳା ଛକଠାରୁ ଭାଜପା ନେତା ବିଶ୍ୱଜିତ୍ ନାୟକ ଦଳୀୟ କର୍ମୀଙ୍କ ସହ ଡିହସାହି, ମୁଣ୍ଡମାଳ, ବୀରମଣିପୁର, ବଙ୍ଗାଳିସାହି, ଖଣ୍ଡାୟତ ପ୍ରମୁଖ ଗାଁରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବାସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଉପରେ ଅବଗତ କରାଇଥିଲେ। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହଲିକ, ପ୍ରଶନ୍ନ ସାମଲ, ସବିତା ଖୁଣ୍ଟିଆ,ଇତିଶ୍ରୀ ଜେନା, ମେନାଜ ବେହେରା, ଗଣେଷ ମାଝୀ, ମାନସ ସାହୁ, ବିଜୟ ପଣ୍ଡା,ଅମୁଲ୍ୟ ସାହୁ, ଟିକନ ଦାସ, ନୀଳମାଧବ ଚକ୍ର, ଶଶିଭୁଷଣ ସେନାପତି ଓ ଆଶିଷ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ରାଜ୍ୟସ୍ତରୀୟ ଗୋପୀନାଥଜୀଉ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# କଟକକୁ ହରାଇ କେନ୍ଦୁଝର ଚାମ୍ପିୟନ

କୋରେଇ,୭।୧(ସ୍ୱ.ପ୍ର.)

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମର ଗୋପୀନାଥଜୀଉ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୪ତମ ରାଜ୍ୟସ୍ତରୀୟ ଗୋପୀନାଥଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏସଆରସିଟି କେନ୍ଦୁଝର ଓ ବନାମ ନିମପୁର କ୍ରିକେଟ କ୍ଲବ କଟକ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲା। ଜବାବରେ ନିମପୁର କଟକ ୨୩.୩୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। କେନ୍ଦୁଝରର ସନ୍ତୋଷ ସେଠୀ ସର୍ବାଧିକ ୪୫ ରନ କରିବା ସହ ୫ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। କଟକର ଅମିନ ଇକବାଲ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ରାଜେନ୍ଦ୍ର ଗାହାଣ ଓ ସେକ ଜହର ଅଲ୍ଲୀ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସମାଜିକ କର୍ମୀ ସନ୍ତୋଷ କୁମାର ବେହେରା ମୁଖ୍ୟଅତିଥି, କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ଯୁବନେତା ଜୟପ୍ରକାଶ ବିଶ୍ୱାଳ, ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ମା’ ହିଂଗୁଳା ମୋବାଇଲ ପ୍ରୋପାଇଟର ଶୁଭାଂଶୁ ଶେଖର ସାମଲ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

■ ୨୫ରୁ ରାଜ୍ୟସ୍ତରୀୟ କଳିଙ୍ଗ ଯୁବ ମହୋତ୍ସବ

# ଯୋଗଦେବେ ରାଜ୍ୟର ହେଭିୱେଟ୍ ନେତା

କୋରେଇ,୭।୧(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଶଙ୍ଖଚିଲାଠାରେ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ତୃତୀୟ ବାର୍ଷିକ ରାଜ୍ୟସ୍ତରୀୟ କଳିଙ୍ଗ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ସୋମବାର ଶଙ୍ଖଚିଲାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ରାଜ୍ୟର ବହୁ ହେଭିୱେଟ୍ ନେତା ଅତିଥିଭାବେ ଯୋଗଦେବେ। ଏ ନେଇ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ଆୟୋଜନ କରାଯିବା ସହ ପ୍ରତ୍ୟହ କବିତା ପାଠୋତ୍ସବ, ସଙ୍ଗୀତ, ନୃତ୍ୟ ଆଦି କାର୍ଯ୍ୟକ୍ରମ ହେବ ବୋଲି ମହୋତ୍ସବ କମିଟି ଅଧକ୍ଷ ମନୋଜ କୁମାର ଜେନା, ସମ୍ପାଦକ ଲକ୍ଷ୍ମୀକାନ୍ତ ରଥ ଓ ଆବାହକ ମଦନ ମୋହନ ବେହେରା ପ୍ରକାଶ କରିଛନ୍ତି। ମହୋତ୍ସବ ମାଧ୍ୟମରେ ଛାତ୍ରୀଛାତ୍ର, ଯୁବତୀ ଯୁବକଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାର ସୁଯୋଗ ସୃଷ୍ଟି କରାଯିବ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ମହୋତ୍ସବ ମାଧ୍ୟମରେ ପରିଚିତ କରାଇବା ମୂଳଲକ୍ଷ୍ୟ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ପୁସ୍ତକ ଷ୍ଟଲ୍ ଓ ବ୍ୟବସାୟୀ ପ୍ରତିଷ୍ଠାନ ମହୋତ୍ସବରେ ସହଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଚଢେଇଧରା, ୭।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ଉଚ୍ଚବିଦ୍ୟାଳୟରେ ରବିବାର ୨୦୦୦ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୯ ବର୍ଷ ପରେ ବ୍ୟାଚ୍‌ର ୪୦ ଜଣ ଛାତ୍ର ଏକତ୍ରିତ ହୋଇ ଭାବ ବେଗ ଆଦାନ ପ୍ରଦାନ କରିଥିଲେ। ପ୍ରତାପ ପଣ୍ଡା, ନରହରି ବେହେରା, ସୌଭାଗ୍ୟ ଗୋଚ୍ଛାୟତ, ତାପସ ଜେନାମଣି, ଅମର ବାରିକ, ସମୀର ଜେନା, ନିରୁଆ ବାରିକଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ।


## CORRIGENDUM

No. 248 Date: 07.01.19

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

In pursuance to Advt. No. 11810 dt- 28.12.2018, Walk-In-Interview for the post of ADDL.ANM which was scheduled to be held on dt.09.01.2019 is hereby rescheduled to dt.10.01.2019 due to Bharat Bandh on dt.09.01.2019. The other terms and conditions remain unchanged.

**Sd./- Chief District Medical & PHO Cum District Mission Director, NHM, Bargarh**

## ନିବେଦନ

ଏତଦ୍ୱାରା ବଲାଙ୍ଗୀର ଜିଲ୍ଲାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଯେ, ନିଜ ଘରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରି ବ୍ୟବହାର କରନ୍ତୁ। ବେସଲାଇନରେ ଚିହ୍ନିତ ଥିବା ହିତାଧିକାରୀମାନେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରି ସରକାରଙ୍କ ପ୍ରଦତ୍ତ ପ୍ରୋତ୍ସାହନ ରାଶି ପାଇବାରେ ସୁଯୋଗ ନିଅନ୍ତୁ ଏବଂ ବଲାଙ୍ଗୀର ଜିଲ୍ଲାକୁ ଖୋଲାମଳ ମୁକ୍ତ ଜିଲ୍ଲା ଗଠନ କରିବାରେ ସହାୟକ ହୁଅନ୍ତୁ।

“ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା” “ସ୍ୱଚ୍ଛ ବଲାଙ୍ଗୀର, ସୁସ୍ଥ ବଲାଙ୍ଗୀର”

**ନିବେଦକ- ଜିଲ୍ଲା ଜଳ ଓ ପରିମଳ ମିଶନ, ବଲାଙ୍ଗୀର**

## ବରୁଣେଶ୍ୱର ମେଳା ପାଇଁ ବିଜ୍ଞପ୍ତି

ପତ୍ର ସଂଖ୍ୟା :୧ ତା.୦୭.୦୧.୨୦୧୯

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶ୍ରୀ ବାବା ବରୁଣେଶ୍ୱର ମେଳା ଆସନ୍ତା ତା.୧୪.୦୧.୨୦୧୯ରିଖ (ସୋମବାର)ଠାରୁ ତା. ୨୨.୦୧.୨୦୧୯ରିଖ (ମଙ୍ଗଳବାର) ପର୍ଯ୍ୟନ୍ତ ଅରେଇସ୍ଥିତ ବରୁଣେଶ୍ୱର ମେଳା ପଡିଆରେ ଅନୁଷ୍ଠିତ ହେବ। ଏହି ମେଳା ପଡ଼ିଆରେ ଇଚ୍ଛୁକ ବ୍ୟକ୍ତି ଦୋକାନ ବଜାର ଦେବା ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ ସ୍ଥାନୀୟ ତହସିଲଦାର, ବିଞ୍ଝାରପୁର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବରୁଣେଶ୍ୱର କଲ୍ୟାଣମଣ୍ଡପଠାରେ ଆସନ୍ତା ତା. ୦୮.୦୧.୨୦୧୯ ରିଖ ଠାରୁ ତା.୧୩.୦୧.୨୦୧୯ରିଖ ସକାଳ ୧୦ ଘଟିକା ଠାରୁ ଅପରାହ୍ଣ ୫ ଘଟିକା ମଧ୍ୟରେ ଯୋଗାଯୋଗ କରି ନିର୍ଦ୍ଧାରିତ ଦେୟ ଦେଇ ରସିଦ୍ ଗ୍ରହଣ କରନ୍ତୁ। ଯୋଗାଯୋଗ ସମୟରେ ପୁରୁଣା ରସିଦ୍ ଓ ଆଧାରକାର୍ଡ ଆଣିବା ଜରୁରୀ ଅଟେ।

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଞ୍ଝାରପୁର
ସ୍ୱା. ତହସିଲଦାର, ବିଞ୍ଝାରପୁର

## Odisha State Medical Corporation Limited (OSMC)

Assuring Quality, Saving Lives

In front of Ram Mandir, Convent Square, Unit – III, Bhubaneswar -751 001
Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in

Date: 05.11.2019

**Notice Inviting E-Tender For Supply, Installation & Commissioning of Radio Imaging Equipments**

**No. CAD-1228:-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/EQP-RADIOLOGY/20 | Supply, Installation & Commissioning of Radio Imaging Equipments | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 05.01.2019, 3 PM | |
| 2. | Date & time of Pre-bid meeting | 14.01.2019, 11 AM Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time **22.01.2019, 3 PM** | End Date & Time **07.02.2019, 5 PM** |
| 4. | Date & time of online Technical bid opening | **11.02.2019, 11 AM** | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./- Managing Director OSMC Ltd., Odisha**

10112/11/0050/1819

## GOVERNMENT OF ODISHA ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT

No. 21339 /SSD, Bhubaneswar Dated. 15th November, 2018
STSCD-WOEP-CASE 3-0009-2015

## ORDER

No.86-V: Whereas a disciplinary proceeding has been initiated against Sri Manas Ranjan Pattnaik, Ex-W.E.O., Banarpal Block, Angul under Rule-15 of OCS (CC&A) Rules, 1962 vide Proceeding No.7917 dt.07.03.2002.

And whereas the Disciplinary Authority considered it necessary to appoint the A.D.M. Angul as the Inquiring Officer and the B.D.O., Banarpal as the Marshalling Officer Sub-Rule-4 & 5 of Rule-15 of OCS(CC&A) Rules,1962 vide ST & SC Development Department Office Order No.37394/SSD Dt.22.08.2003.

And whereas the Inquiring Officer submitted his enquiry report Dated.09.10.2015.

And whereas the enquiry report was sent to the Delinquent Officer through the 1st Show Cause Notice No.23013/SSD, dated.23.11.2015. The 1st Show Cause Notice was returned without being served upon the addressee. Hence, Sri Pattnaik was intimated through a notice published in two local dailies viz, “The Samaj” and “The Dharitri” (dtd. 12.05.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer within 15 days.

And whereas the Delinquent Officer has not responded to the above mentioned Notice and has not submitted his representation within the stipulated time.

And whereas the 2nd Show Cause Notice along with the proposed punishment was issued vide No.17156/SSD, dated.05.09.2018 calling upon him to submit his representation against the proposed punishment within 15 days of publication of the said notice. The same was also published in two local dailies viz, “The Samaj” and “The Dharitri” (dtd. 06.09.2018).

And whereas the Delinquent Officer has not submitted his representation against the proposed punishment within the stipulated time.

And whereas after careful consideration of article of charges, enquiry report of the Inquiring Officer, the Disciplinary Authority has been pleased to impose the following punishment on the Delinquent Officer on finalisation of the disciplinary proceeding.

1. Rs.18,700/- be recovered from the Delinquent Officer with interest from the date of receipt.
2. Suspension period is treated as such.

26001/11/0029/1819 **Sd./- Director (ST)-cum-Special Secretary to Govt.**

## GOVT. OF ODISHA
## e-procurement Notice for online tender

**Bid Id - GMID-II/10/2018-19**

No.1095-A

| | |
|---|---|
| Name of the Work | : Civil Construction Work |
| No. of Work | : 22 (Twenty Two) |
| Estimated Cost | : Varies from Rs. 15.15 Lakhs to Rs 57.85 Lakhs |
| Period of Completion | : 4 (Four) to 5(Five) Calendar months |
| Time for availability of bid for online bidding | : From 09.01.2019 to 19.01.2019 up to 5.00 P.M |
| Name and address of OIT | : Executive Engineer, M.I.Divn., Ganjam-II, Berhampur |

Further details can be seen from the website : **www.tendersorissa.gov.in**.

**Sd./- Er. M.R.Dash**
**Executive Engineer**
**M.I.Division, Ganjam-II, Berhampur**

32043/11/0007/1819

## ସଂକ୍ଷେପରେ

### ଭାଜପା ନେତାଙ୍କ ମଣ୍ଡି ଚଲୋ ଅଭିଯାନ

**ବାଲିଆ,୭।୧:** ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କୃଷକ ନେତା ସଞ୍ଜୟ ଦାସ ବିରିଡ଼ି ବ୍ଲକର ଅଲାଣ୍ଡୋ ଓ ଉତ୍ତରଶାସନ କୃଷି ସମବାୟ ସମିତି ପରିଦର୍ଶନ କରି ମଣ୍ଡି ଖୋଲିବାରେ ବିଳମ୍ବ ସମ୍ପର୍କରେ ସମିତି ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମେ ଅଲାଣ୍ଡୋ ସମବାୟ ସମିତିରେ ପହଞ୍ଚି ସେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଉତ୍ତରଶାସନ, ପୂରଣ ଓ ଅଢଙ୍ଗଗଡ଼ ସମବାୟ ସମିତିରେ ଧାନମଣ୍ଡୀ ଖୋଲି ନ ଥିବାରୁ ସମବାୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଯଦି ଚାଷୀଙ୍କ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ତାଙ୍କ ସହ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ଦାସ, କୃଷକ ମୋର୍ଚ୍ଚା ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, ଶୁଭ୍ରଜିତ ରାଉତରାୟ, ବିଜୟ ରାଉତ, ପ୍ରଶାନ୍ତ ରାଉତ, ନିହାର ରଞ୍ଜନ ଦଳାଇ, ତୋଫାନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଝଙ୍କଡ଼ ଗୀତିକବି ସମାଜ ଗଠନ

**ତିର୍ତ୍ତୋଲ,୭।୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପେଟ୍ରୋଲ ପମ୍ପ ଛକ ନିକଟ ସମ୍ପର୍କ ଭବନ ପରିସରରେ ସୋମବାର ଗୀତିକାର ଏବଂ ଗୀତିକବିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ଗୀତିକାର ଇନ୍ଦ୍ରମଣୀ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ଗୀତିକବି ଓ ଗୀତିକାର ଯୋଗ ଦେଇଥିଲେ। ଏହି ଅବସରରେ ଝଙ୍କଡ଼ ଗୀତିକବି ସମାଜ ନାମରେ ଏକ ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ଗଠନ କରାଯାଇଥିଲା। ଗୀତିକବିତା, ଭଜନ, ଜଣାଣ, ଆଧୁନିକ ଗୀତ ପ୍ରଭୃତି ରଚନା କରୁଥିବା ଏବଂ ଏଥିରେ ରୁଚୀ ରଖୁଥିବା ନବୀନ ଓ ପ୍ରବୀଣ ସାହିତ୍ୟିକଙ୍କୁ ସାହିତ୍ୟର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଏହି ଉଦ୍ୟମ କରାଯାଇଥିବା ଆବାହାକ ସୂଚନା ଦେଇଥିଲେ। ଡା.ଅନିଲ କୁମାର ମହାପାତ୍ର, ଗୌରାଙ୍ଗ ଚରଣ ସ୍ୱାଇଁ, ଅଧାପକ ଅଜିତ କୁମାର ସ୍ୱାଇଁ, ଉପେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ଦାଶ, ବିକ୍ରମ ମହାପାତ୍ର, ବାଦଲ କୁମାର ଲେଙ୍କା, ଅଜୟ କୁମାର ବାହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଏରସମାରେ ଧାନମଣ୍ଡି ଉଦ୍‌ଘାଟିତ

**ଏରସମା,୭।୧(ସ୍ୱ.ପ୍ର.):** ଏରସମା ବ୍ଲକ ସଦରମହକୁମାସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ସିସିବି ଏରସମା ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ, ସଭାପତି ରବୀନ୍ଦ୍ର କୁମାର ବେହେରା, ସୁପରଭାଇଜର ଅଜୟ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ଜିରାଇଲୋ ସରପଞ୍ଚ ଯଶୋବନ୍ତ ନାରାୟଣ ଦାସ, ଆମ୍ବିକି ସରପଞ୍ଚ ସୌଦାମିନୀ ପ୍ରଧାନଙ୍କ ସହିତ ପରିଚାଳନା କମିଟି ସଦସ୍ୟ ସୁରେନ୍ଦ୍ରନାଥ ଚୌଧୁରୀ, ଦେବେନ୍ଦ୍ର କୁମାର ଜେନା, ସ୍ୱପ ନାୟକ, ବଂଶୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଜନଶୁଣାଣି, ୧୬୧ ଅଭିଯୋଗ



**କୁଜଙ୍ଗ,୭।୧(ସ୍ୱ. ପ୍ର):** କୁଜଙ୍ଗ ସୂଚନା କେନ୍ଦ୍ର ପରିସରରେ ସୋମବାର ଜଗତ୍‌ସିଂହପୁର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏଥିରେ ଯୋଗଦେଇ ମୋଟ୍ ୧୬୧ ଅଭିଯୋଗରୁ ୧୨୧ଟି ତୁରନ୍ତ ସମାଧାନ କରିଥିଲେ। ଅବଶିଷ୍ଟ ଅଭିଯୋଗ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଅଭିଯୋଗ ମଧ୍ୟରେ ୧୪୯ଟି ବ୍ୟକ୍ତିଗତ ଥିଲା। ସେଥିରେ ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ସମ୍ବନ୍ଧୀୟ୧୦୮, ଭତ୍ତା ସମ୍ପର୍କୀତ ୧୬, ଜମିଜମା ସମ୍ବନ୍ଧୀୟ ୯, ଆଇନ ସହାୟତା ୩, ଅନ୍ୟାନ୍ୟ ୧୩ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏସ୍‌ପି ପ୍ରକାଶ ଆର, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଏସଡିପିଓ ଶିବଚରଣ ମଲ୍ଲିକ, ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଭାରପ୍ରାପ୍ତ ଅଭିଯୋଗ ଅଧିକାରୀ ରଞ୍ଜନ କୁମାର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧ୍ୟକ୍ଷା ପୁଷ୍ପଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର

# କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ

**କୁଜଙ୍ଗ, ୭।୧ (ସ୍ୱ.ପ୍ର.)**





ରାସ୍ତାରୋକୋ କରିଥିବା ଗ୍ରାମବାସୀ ଓ ଛାତ୍ରୀଛାତ୍ର।

■ପରୀଙ୍କୁ ସୁରକ୍ଷା ଦେବାରେ ପୋଲିସ ବିଫଳ

■ଅଭିଯୁକ୍ତଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

■୬ ଘଣ୍ଟା ରାସ୍ତାରୋକୋ, ଯାତାୟାତ ବାଧାପ୍ରାପ୍ତ

କୁଜଙ୍ଗ ଥାନା ଅନ୍ତର୍ଗତ ଏକ ବିଦ୍ୟାଳୟର ୨ଜଣ ୯ମ ଶ୍ରେଣୀ ଛାତ୍ରୀଙ୍କୁ ୨ଜଣ ଯୁବକ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଫଳ ହୋଇଥିବା ଅଭିଯୋଗ କରି ସୋମବାର ଲୋକମାନେ ଜିଲାନାସୀଠାରେ ତାଳଦଣ୍ଡା–ଜିଲାନାସୀ ରାସ୍ତା ଅବରୋଧ କରିଛନ୍ତି। ସରକାର ଶିଶୁକନ୍ୟା, ନାବାଳିକା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମ କରି ସଚେତନତା ସୃଷ୍ଟି କରୁଛନ୍ତି। ଏନେଇ ଆଇନରେ କଠୋର ଦଣ୍ଡ ବିଧାନ ରହିଛି। ମାତ୍ର ପୋଲିସ ଏ କ୍ଷେତ୍ରରେ କାର୍ଯ୍ୟାନସ୍ଥାନ ଗ୍ରହଣ କରିବା ତଥା ପରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨ ତାରିଖରେ ଛାତ୍ରୀମାନେ ବିଦ୍ୟାଳୟରେ ବସି ପାଠ ପଢୁଥିଲେ। ଏହି ସମୟରେ ରାକେଶ ମଲ୍ଲିକ ଓ ଚନ୍ଦ୍ରକାନ୍ତ ମଲ୍ଲିକ ନାମକ ୨ ଜଣ ଯୁବକ ଶ୍ରେଣୀଗୃହ ଝରକା ପଟେ ୨ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏ ସମ୍ପର୍କରେ ଛାତ୍ରୀମାନେ ସେମାନଙ୍କ ଅଭିଭାବକଙ୍କୁ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ଆଲୋଚନା କରାଯାଇ ଦୁଇ ଯୁବକଙ୍କ ନାମରେ କୁଜଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ମଧ୍ୟ ଏନେଇ ପାଲଟା ଅଭିଯୋଗ ହୋଇଥିଲା। ପୋଲିସ ଦୁଇଟି ମାମଲା ରୁଜୁ କରିଥିଲା। ତେବେ ଅଭିଯୁକ୍ତଙ୍କ ମିଥ୍ୟା ଅଭିଯୋଗ ପ୍ରତ୍ୟାହାର କରିବା ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ୬ ଘଣ୍ଟା ରାସ୍ତାରୋକୋ ପରେ ତିର୍ତ୍ତୋଲ ଏସଡିପିଓ ଶିବଚରଣ ମଲ୍ଲିକ ପହଞ୍ଚି ଦାବି ଅନୁଯାୟୀ ମାମଲା ପ୍ରତ୍ୟାହାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଦିଲୀପ ସାହୁ କହିଛନ୍ତି ଯେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା କଥା ଦୁଇ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରମୋଦ ସ୍ୱାଇଁଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ତପନ କୁମାର ସାମନ୍ତରାୟ, ଅଭୟ କୁମାର ପରିଡ଼ା, ସୁବାସ ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର, ଅର୍ଜୁନ ଚରଣ ମହାପାତ୍ର, ଲକ୍ଷ୍ମୀକାନ୍ତ ବେହେରା, ଭଗବାନ ବେହେରା, ରୋହିତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରକାଶ ପାଲ ନୂଆ ଏସ୍‌ଡିପିଓ

**ଜଗତ୍‌ସିଂହପୁର ଅଫିସ, ୭।୧**



■ପୁରୁଣା ଏସ୍‌ଡିପିଓଙ୍କ ସରକାରୀ କ୍ୱାର୍ଟର୍ସରୁ ହଟିନି ସାଇନବୋର୍ଡ

■ହଜିଯାଇଛି ବାରାକ ଚାବି

ଜଗତ୍‌ସିଂହପୁରର ନୂଆ ଏସ୍‌ଡିପିଓ ଭାବେ ଯୋଗ ଦେଇଛନ୍ତି ପ୍ରକାଶ ଚନ୍ଦ୍ର ପାଲ୍। ପାଲ୍ ପୂର୍ବରୁ ଆଠଗଡ଼ ଏସ୍‌ଡିପିଓ ଦାୟତ୍ୱରେ ଥିଲେ। ରାଜ୍ୟ ପୋଲିସ ନିର୍ଦ୍ଦେଶ ସଂଖ୍ୟା ୩୮୬୯/୬।୧୦।୧୮ ଅନୁଯାୟୀ ତାଙ୍କୁ ଜଗତ୍‌ସିଂହପୁରକୁ ବଦଳି କରାଯାଇଛି। କିନ୍ତୁ ବିଭିନ୍ନ କାରଣରୁ ସେ ନୂଆ ସ୍ଥାନରେ ଯୋଗଦେବାରେ ବିଳମ୍ବ ହୋଇଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଏକାଧିକ ଖବର ପ୍ରକାଶ ପାଇବା ପରେ ବିଭାଗ ତତ୍ପରତା ପ୍ରକାଶ କରିଥିଲା। ସୋମବାର ସେ ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର୍‌ଙ୍କ ନିକଟରେ ପହଞ୍ଚି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସାରଳା ମନ୍ଦିର ଯାଇ ମାଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ପାଲଙ୍କ ପୂର୍ବରୁ ଡିଏସ୍‌ପି ବାମଦେବ ସିଂହ ଅସ୍ଥାୟୀ ଭାବେ ଦାୟିତ୍ୱରେ ଥିଲେ। ତାଙ୍କ ପୂର୍ବରୁ ଜଗତ୍‌ସିଂହପୁର ଏସ୍‌ଡିପିଓ ଦାୟିତ୍ୱରେ ଥିବା ସୁଯୋଗ୍ୟ ମିଶ୍ରଙ୍କୁ ବାଲେଶ୍ୱର ଡିଆଇବି ଡିଏସ୍‌ପି ଭାବେ ବଦଳି କରାଯାଇଛି। କିନ୍ତୁ ସେ ରିଲିଭ୍ ହୋଇଯାଇଥିଲେ ସୁଦ୍ଧା ନୂଆ ଷ୍ଟେଶନ୍‌ରେ ଯୋଗ ଦେଇନାହାନ୍ତି। ଜଗତ୍‌ସିଂହପୁର ଥାନା ପରିସର ଏସ୍‌ଡିପିଓଙ୍କ ସରକାରୀ କ୍ୱାର୍ଟରରେ ସେ ଏ ପର୍ଯ୍ୟନ୍ତ ରହିଛନ୍ତି। ଉକ୍ତ କ୍ୱାର୍ଟର ଗେଟ୍‌ରେ ସୁଯୋଗ୍ୟ ମିଶ୍ର, ଏସ୍‌ଡିପିଓ, ଜଗତ୍‌ସିଂହପୁର ସାଇନ୍ ବୋର୍ଡ ଝୁଲୁଛି। ନୂଆ ଏସ୍‌ଡିପିଓ ଯୋଗଦେବା ପରେ ଏହି ସାଇନ୍‌ବୋର୍ଡ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିଛି। କାରଣ ଥାନା ଆଇଆଇସିଙ୍କ ଚାମ୍ବରକୁ ଲାଗି ଥିବା ଏହି କ୍ୱାର୍ଟରରେ ସାଇନ୍‌ବୋର୍ଡ ଝୁଲିରହିଥିବା ବେଳେ କାହିଁକି ଏହାକୁ ହଟାଯାଉନାହିଁ ସେନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ବରିଷ୍ଠ କର୍ମଚାରୀଙ୍କ ଏଭଳି ମନୋଭାବକୁ ଏସ୍‌ପି, ଆଇଜି କିପରି ହଜମ କରୁଛନ୍ତି ତାହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏତିକି ନୁହେଁ, ସେ ଜଗତ୍‌ସିଂହପୁର ଥାନା ପରିସର ନୂଆ ବାରାକ୍ ବିଲ୍ଡିଂ ଚାବି ରଖି ବିଭିନ୍ନ ସମୟରେ ଏହା ଭିତରେ ଯୋଗ, କସରତ କରୁଥିଲେ ସୁଦ୍ଧା ସୋମବାର ଏହା ହଜି ଯାଇଥିବା କୁହାଯାଇଛି । ତେବେ କିପରି ଓ କେଉଁଠି ହଜିଲା ସେ ସମ୍ପର୍କରେ କିଛି ସୂଚନା ନ ଥିବା ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି।

■ ଇଭିଏମ୍, ଭିଭିପାଟ୍ ଉପରେ ସଚେତନତା ପାଇଁ ବୁଲିଲା ରଥ

# ୪ ବିଧାନସଭା ନିର୍ବାଚନମଣ୍ଡଳୀ ପରିକ୍ରମା କରିବ

**ଜଗତସିଂହପୁର ଅଫିସ,୭।୧**

ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କରେ ସଚେତନ କରିବା ପାଇଁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହାକୁ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଉକ୍ତ ଭ୍ରାମ୍ୟମାଣ ରଥ ଜିଲାର ୪ ବିଧାନସଭାନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଆସନ୍ତା ଫେବୃୟାରୀ ୧୫ ପର୍ଯ୍ୟନ୍ତ ସଚେତନ କରିବ। ଏନେଇ ୨୮ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୫ ଜଣ ଲେଖାଏଁ ସଦସ୍ୟ ରହିବେ। ପ୍ରତି ଟିମ୍ ଦିନକୁ ୪ଟି ଗ୍ରାମ ଭ୍ରମଣ କରିବ। ଏହି ଟିମ୍ ଇଭିଏମ୍ ମାଧ୍ୟମରେ ଭୋଟ ଦେବା ପଦ୍ଧତି ଏବଂ ଭିଭିପାଟ୍ ପ୍ରଦର୍ଶନ କରିବେ। ପ୍ରତ୍ୟେକ ଗ୍ରାମରେ ବୁଥରେ ପ୍ରଦର୍ଶନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ସକାଳ ୮ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଭୋଟର ଏଥିରେ ଭାଗନେଇ ମେଶିନ୍‌ର ବ୍ୟବହାର ସମ୍ପର୍କରେ ବୁଝିପାରିବେ। ସାଧାରଣ ଲୋକଙ୍କ ମନରେ ଇଭିଏମ୍ ଉପରେ ଯାହା କିଛି ସନ୍ଦେହ ରହିଛି ସେମାନେ ବୁଝି ଦୂର କରିପାରିବେ। ଭୋଟର ଭୋଟ ଦେବା ସମୟରେ ଭିଭିପାଟ୍ ଦ୍ୱାରା କାହାକୁ ଭୋଟ ଦେଲେ ଜାଣିପାରିବେ। କାର୍ଯ୍ୟକ୍ରମରେ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ସହକାରୀ ଜିଲାପାଳ (ନିର୍ବାଚନ) ବିନୀତା ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ନିର୍ବାଚନ କାର୍ଯ୍ୟାଳୟର ନରେନ୍ଦ୍ର କୁମାର ସାହୁ, ଜୟନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଜଗତ୍‌ସିଂହପୁର ଅଫିସ, ୭।୧**

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଶେଷକରି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଓ ଜଗତ୍‌ସିଂହପୁର ସହରକୁ ପରିଷ୍କାର ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାତଃ ୪.୩୦ମିରେ ରାମଧୂନ, ୬ଟାରେ ପ୍ରଭାତ ଫେରୀ, ୭ଟାରେ ପତାକା ଉତ୍ତୋଳନ ଓ ୮.୩୦ରେ ଜିଲାସ୍ତରୀୟ ପତାକା ଉତ୍ତୋଳନ କରିବାକୁ କୁହାଯାଇଥିଲା। ଜାନୁୟାରୀ ୨୨ ଓ ୨୩ ତାରିଖ ଅପରାହ୍ଣ ୩ଟା ଓ ୨୪ ତାରିଖ ସକାଳ ୭.୩୦ରେ ପରେଡ୍ ଅଭ୍ୟାସ ହେବ। ଏହି ଅବସରରେ ଜିଲାର ୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିବେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏସ୍‌ପି ପ୍ରକାଶ ଆର୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଶ୍ୱନାଥ ମିଶ୍ର, ଉପଆରକ୍ଷୀ ଅଧିକ୍ଷକ ବାମଦେବ ସିଂହ, ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବହୁ ମାନ୍ୟାଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ବୈଠକ ପରିଚାଳନା କରିଥିଲେ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଛପଡ଼ାରେ ଧାନମଣ୍ଡି ଖୋଲିଲା



ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

**ରଘୁନାଥପୁର,୭।୧(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଛପଡା ସୋସାଇଟିରେ ସୋମବାର ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମଣ୍ଡି ପୂଜା ହୋଇଥିଲା। ସଭାପତି ପ୍ରମୋଦ କୁମାର ମହାନ୍ତି ଓ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ ନଡିଆ ବାଡେଇ ଧାନ କ୍ରୟର ଶୁଭାରମ୍ଭ କରିଥିଲେ। ଧାନ କ୍ରୟ କମିଟିର ସଭ୍ୟ ନିତ୍ୟାନନ୍ଦ ପାତ୍ର, ପ୍ରଦୀପ ବିଶ୍ୱାଳ, ଅଭୟ ରାୟ, ସୁବାସ ରାଟସିଂ ଓ ଦୀପ୍ତିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହିବା ସହ ମଣ୍ଡିକୁ ଆସୁଥିବା କ୍ରୟ ବିକ୍ରୟର ସୁପରିଚାଳନା ଦାୟିତ୍ୱରେ ରହିଛନ୍ତି। ରଘୁନାଥପୁର ଶାଖା ସିସିବିର ପରିଚାଳକ ଦୋଳଗୋବିନ୍ଦ ଖଟୁଆ ଓ ସୁପର ଭାଇଜର ଶାରଦା ପ୍ରସନ୍ନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଚାଷୀ ରଘୁନାଥ ମିଶ୍ର, ବୋର୍ଡ ଡାଇରେକ୍ଟର ଦେବବ୍ରତ ତ୍ରିପାଠୀ, ରଞ୍ଜିତ ଜେନା ଓ ହେମନ୍ତ କୁମାର ଜେନା ପ୍ରମୁଖ ଶାନ୍ତିଶୃଙ୍ଖଳାର ସହ ମଣ୍ଡି ଚାଲିବା ନେଇ ମତ ରଖିଥିଲେ। ସୋସାଇଟି ସହସମ୍ପାଦକ ସନ୍ତୋଷ କୁମାର ପାତ୍ର, ଡିଇଓ ସୋନାଲି ମଲ୍ଲ ଓ ରାଜକିଶୋର ବାରିକ ଏଥିରେ ସାହାଯତା କରିଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟରେ କୋଷ୍ଟଗାର୍ଡର ବୃକ୍ଷରୋପଣ

**ପାରାଦୀପ,୭।୧(ସ୍ୱ.ପ୍ର.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, କୋଷ୍ଟଗାର୍ଡ ଅଧିକାରୀ ଓ ଅନ୍ୟମାନେ।

ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସୋମବାର କୋଷ୍ଟଗାର୍ଡ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଏଥିସହ ବିଦ୍ୟାଳୟ ପରିସରରେ କରାଯାଇଥିବା ଜଙ୍ଗଲି ପ୍ରାଣୀଙ୍କ ପ୍ରତିକୃତିକୁ ଅନାବରଣ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷ୍ଟଗାର୍ଡ ଡିଆଇଜି ରାଜେଶ ମ୍ୟାକୱାନଙ୍କ ସ୍ତ୍ରୀ ଅଳକା ମ୍ୟାକୱାନ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଆର୍ଥିକ ଶୋଷଣର ଚିତ୍ର





**ଡ. ସୁରେନ୍ଦ୍ର କୁମାର ମିଶ୍ର**

**ଓଡ଼ିଶାରୁ ଚାଲି ଯାଇଥିଲା ଅସୁମାରୀ ଧନରତ୍ନ**

**ଖାଲି ହୋଇଯାଇଥିଲା ଓଡ଼ିଶାର ରାଜକୋଷ**

ଫିରିଙ୍ଗି ଶାସନ ଆରମ୍ଭରୁ ୧୫ଟି ପଦକ୍ଷେପ ନେଇ କିପରି ଓଡ଼ିଶାକୁ ଶୋଷଣ କରି ଚାଲିଥିଲେ, ତାହା ଆମେ ଜାଣିଲେ। ଚିତ୍ର ଖୁବ୍ ଭୟଙ୍କର ଥିଲା। କାରଣ ୫୧୨୦ଟି କଉଡ଼ିକୁ ଏକଟଙ୍କା ସଙ୍ଗେ ସମାନ କରିଦେବା ଫଳରେ ଅବମୂଲ୍ୟାୟନ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତାରାତି ଲୋକେ ନିଃସ୍ୱ ହୋଇଗଲେ। ତେଣେ ଗଜପତିଙ୍କ ଅମଳରେ ଶାସନ, କରବାଡ଼, ଗଡ଼, ପାଇକ ଗାଁ ଓ ପଡ଼ାଗୁଡ଼ିକ ନିଷ୍କର ଥିଲା। କର ଧାର୍ଯ୍ୟ କରି ଖଜଣା ଆଦାୟ କରିବା ଫଳରେ ଲୋକେ ତାହା ଦେଇ ନ ପାରି ଭୂମିହୀନ ଅବସ୍ଥାକୁ ଚାଲିଗଲେ। କାରଣ ଓଡ଼ିଶାର ସାମରିକ ବାହିନୀରେ ସୈନ୍ୟବାହିନୀର ସାହାଯ୍ୟ ପାଇଁ ପ୍ରାୟ ସବୁ ଜାତିର ଲୋକେ ସାମିଲ ଥିଲେ। ସେମାନେ ନିଷ୍କର ଜମି ଭୋଗଦଖଲରେ ଥିଲେ। ତାହା ଉପରେ କର ଧାର୍ଯ୍ୟ କରିଦେବା ଫଳରେ ଖଜଣା ଦେବାକୁ ସେମାନେ ସମର୍ଥ ହୋଇପାରି ନ ଥିଲେ। କେବଳ ସେତିକି ନୁହେଁ, ୧୮୦୬ରୁ ୧୮୧୬ ମସିହା ମଧ୍ୟରେ ଦୁଇହଜାରରୁ ଅଧିକ ଜମିଦାରି (ହାରାହାରି ୨୩୦୦) ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତାଠାରେ ନିଲାମ ହୋଇ ଯାଇଥିଲା। ପାଖାପାଖି ୩୬୦ଟି ଜମିଦାରି ନିଲାମ ଧରି ବଙ୍ଗାଳୀମାନେ ମାଲିକ ହୋଇଯିବା ପରେ ଜମିଦାର କେବଳ କାଙ୍ଗାଳ ହେଲେ ନାହିଁ, ଜମିଦାରି ଉପରେ ନିର୍ଭର କରୁଥିବା ଶହ ଶହ ଗ୍ରାମବାସୀ ଦିଗହରା ହୋଇପଡ଼ିଲେ। ୧୮୧୪ ମସିହା ବେଳକୁ ୧୦,୨୪୦ଟି କଉଡ଼ି ଅର୍ଥାତ୍ ୨ ଟଙ୍କା ବଦଳରେ ମହଣେ ମାତ୍ର ଲୁଣ ମିଳିଲା।



ଆକବର



ଜାହାଙ୍ଗୀର

| କ୍ର.ସଂ | ଘଟଣାର ସମୟ | ଆକ୍ରମଣକାରୀଙ୍କ ନାମ | ଲୁଣ୍ଠନର ବିବରଣୀ |
|---|---|---|---|
| ୧. | ୬୭୦ଖ୍ରୀ.ରୁ ୬୭୫ | ଆରବ୍ୟ ରକ୍ତବାହୁ | ଘର ଡୁମାଳ - ମହାକୁଡ) ଜଣାପଡ଼ି ନାହିଁ। |
| ୨. | ୧୩୪୦ ଖ୍ରୀ. | ବଙ୍ଗଳାର ନବାବ ଇଲିଆସ୍ ଶାହା | ଜଣାପଡ଼ି ନାହିଁ। |
| ୩. | ୧୩୬୦ ଖ୍ରୀ. | ଦିଲ୍ଲୀର ବାଦଶାହ ଫିରୋଜଶାହ ତୋଗଲକ୍ | ଚିଲିକାରେ ନରସଂହାର କରିବା ପରେ ୭୩ଟି ହାତୀ ସହିତ ହୀରା, ନୀଳା, ମୋତି, ମାଣିକ୍ୟ, ସୁନା ଓ ରୂପା ସହ ଦିଲ୍ଲୀ ପଳେଇ ଯାଇଥିଲେ। ସମ୍ପୂର୍ଣ୍ଣ ଲୁଣ୍ଠନ ତାଲିକା 'ତାରିଖେ ଫିରୋଜ ସାହି' ପୁସ୍ତକରୁ ଜଣାପଡ଼େ। |
| ୪. | ୧୫୦୯ ଖ୍ରୀ. | ଇସ୍‌ମାଇଲ ଗାଜି | ଶ୍ରୀମନ୍ଦିର ଚଳନ୍ତି ଭଣ୍ଡାରର ସମସ୍ତ ଧନରତ୍ନ ସେ ନେଇଯାଇ ଭେଟି ଦେଇଥିଲେ ବଙ୍ଗ ସୁଲତାନଙ୍କୁ ତାଙ୍କ ରାଜ ଉଆସରେ ଅର୍ଥାତ୍ ମନ୍ଦାରଣ ଦୁର୍ଗରେ। |
| ୫. | ୧୫୬୮ ଖ୍ରୀ. | କଳାପାହାଡ | ୩୦ଟି ହାତୀରେ ୩୦ ମହଣ ସୁନା, ସମଗ୍ର ଓଡ଼ିଶାରୁ ୭ ମହଣର ସୁନା ମୂର୍ତ୍ତି ଓ ଶ୍ରୀମନ୍ଦିରରରୁ ୭ ଶହ ସ୍ୱର୍ଣ୍ଣ ପ୍ରତିମା ଲୁଣ୍ଠନ କରିଥିଲେ (ମଖଜନ-ଇ-ଆଫଗାନୀ ଓ ଆକବରନାମା ପୁସ୍ତକରୁ ଏହା ଜଣାଯାଏ)। |
| ୬. | ୧୫୯୨ ଖ୍ରୀ. | ପଠାଣ ସୁଲେମାନ୍, ଓସ୍‌ମାନ୍ | ଏମାନେ ଶ୍ରୀଜଗନ୍ନାଥ ମନ୍ଦିର ଲୁଣ୍ଠନ କରିଥିଲେ ମଧ ବାଦଶାହ ଆକବରଙ୍କ ପାଖକୁ ଧନରତ୍ନ ନ ପଠାଇ ଓସମାନର ପିତା ଖ୍ୱାଜାଇଶା ଯେ କି ଓଡ଼ିଶାର ସର୍ବେସର୍ବା ଥିଲେ, ତାଙ୍କୁ ଦେଇଥିବାର ଜଣାଯାଏ। |
| ୭. | ୧୬୦୧ ଖ୍ରୀ. | ମିର୍ଜା ଖୁରୁମ୍ | ଏମାନେ ଲୁଣ୍ଠନ କରିଥିବା ଧନରତ୍ନ ମଧ ଆକବରଙ୍କ ପାଖରେ ନ ପହଞ୍ଚି ଓଡ଼ିଶା ଶାସକ ସଲିମ (ଜାହାଙ୍ଗୀର) ପାଖରେ ପହଁଚି ଥିଲା। ସେତେବେଳେ ସଲିମ ରହୁଥିଲେ ଆଲ୍ଲାହାବାଦରେ। |
| ୮. | ୧୬୦୭ ଖ୍ରୀ. | ହାସିମ୍ ଖାଁ | ପ୍ରଚୁର ଧନରତ୍ନ ଶ୍ରୀମନ୍ଦିରରୁ ନେଇଥିଲେ, ମାତ୍ର ତାହା ମଧ ବାଟମାରଣା ହୋଇଥିଲା। |

ଫିରିଙ୍ଗି ଶାସନ ପୂର୍ବରୁ ଆଫଗାନ, ମୁସଲମାନ, ମୋଗଲ ଓ ମରହଟ୍ଟାମାନେ ସେତେବେଳକୁ ପ୍ରାୟ ୫୦୦ ବର୍ଷରୁ ଊର୍ଦ୍ଧ୍ୱ ଓଡ଼ିଶାକୁ ଦୁଧିଆଳୀ ଗାଇ ଭାବି ଦୁହିଁ ଚାଲିଥିବାର ଇତିହାସ ଅଛପା ନୁହେଁ କି ଅଜଣା ନୁହେଁ। ଶ୍ରୀମନ୍ଦିର ତଥା ଖୋର୍ଦ୍ଧାଗଡ଼ ଉପରେ ବାରମ୍ବାର ଆକ୍ରମଣ କରି ଆମର ଆର୍ଥିକ ମେରୁହାଡ଼ ଭାଙ୍ଗି ଦେଇଥିଲେ। କେବଳ ଶ୍ରୀମନ୍ଦିର ଉପରେ ୧୮ ଥର ଆକ୍ରମଣ କରି ଯେଉଁ ଧନରତ୍ନ ଓଡ଼ିଶାରୁ ନେଇ ଯାଇଥିଲେ, ତାହା ଆମ ଇତିହାସ ପୁସ୍ତକ ଅପେକ୍ଷା ମୁସଲମାନ ଓ ମୋଗଲ ଇତିହାସରେ ଅଧିକ ବର୍ଣ୍ଣନା ହୋଇଛି। ପ୍ରସଙ୍ଗ ଦୃଷ୍ଟିରୁ ତାହାର ସାମାନ୍ୟ ଚିତ୍ର ଆମେ ଦେଖିବା ଜରୁରୀ। ୧୮ ଥର ଆକ୍ରମଣ ମଧ୍ୟରୁ ଆମେ ୧୫ ଥର ଆକ୍ରମଣର ସଂକ୍ଷିପ୍ତ ଇତିହାସ ପାଇଛୁ। ତିନିଥର ଆକ୍ରମଣର ସବିଶେଷ ଇତିହାସ କଥା ଛାଡ଼, ସାମାନ୍ୟ ଇତିହାସ ମଧ୍ୟ ଜଣାପଡ଼ି ନାହିଁ।

### ଲୁଣ୍ଠନର ସଂକ୍ଷିପ୍ତ ଚିତ୍ର

ଗୁଜରାଟର ସୋମନାଥ ମନ୍ଦିର ଉପରେ ୧୭ଥର ଆକ୍ରମଣ ହୋଇଥିବାବେଳେ ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇଥିଲା ୧୮ଥର। ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ଛାଡ଼ି ୨୨ ଥର ବାହାରେ ଲୀଳା କରିଛନ୍ତି। ଏ ପର୍ଯ୍ୟନ୍ତ ଗବେଷଣା ଫଳରେ ଜଣାପଡ଼ିଥିବା ୨୨ ଥର ଆହୁରି ବଢ଼ିପାରେ। କାରଣ ୫ଥର ଆକ୍ରମଣ କାଳରେ ମହାପ୍ରଭୁ କେଉଁଠିକି ବିଜେ କରିଥିଲେ ତାହା ଜଣାପଡ଼ି ନାହିଁ। ଲୀଳା କରିବାକୁ ଶ୍ରୀମନ୍ଦିର ବାହାରେ ୧୬୨ ବର୍ଷ ମହାପ୍ରଭୁ ରହିଥିବାର ଜଣାପଡୁଥିଲେ ମଧ୍ୟ ତାହା ଆହୁରି ଅଧିକ ବର୍ଷ ହେବାର ସମ୍ଭାବନା ରହିଛି।

# ମହିଳାଙ୍କ ବୟସ ବୃଦ୍ଧି ଓ ହରମୋନ୍ ଡିଏଚ୍ଇଏ



**ଡିଏଚ୍ଇଏ କ'ଣ :** ଡି ହାଇଡ୍ରୋଇପି ଏନ୍ଡ୍ରୋଷ୍ଟେରନ କିମ୍ବା ଡିଏଚ୍ଇଏ ଶରୀରର ଆଡ୍ରେନାଲ ଗ୍ରନ୍ଥି ଦ୍ୱାରା ଉତ୍ପନ୍ନ ହୋଇଥାଏ। ଏହି ଗ୍ରନ୍ଥିଗୁଡ଼ିକ କିଡ୍ନୀର ଠିକ୍ ଉପରେ ଅବସ୍ଥିତ। ଡିଏଚ୍ଇଏ 'ୟୁଥ ହର୍ମୋନ' ଭାବେ ମଧ୍ୟ ପରିଚିତ। ଏହା ଶରୀରର ଆଡ୍ରେନାଲ ଷ୍ଟେରୋଏଡ ହରମୋନ, ଯାହା ଆଡ୍ରେନାଲ ଗ୍ରନ୍ଥି ଦ୍ୱାରା ପ୍ରସ୍ତୁତ ହୋଇଥାଏ ଏବଂ ଆଣ୍ଡ୍ରୋଜେନ୍, ଇଷ୍ଟ୍ରୋଜେନ ପରି ଅନ୍ୟାନ୍ୟ ହରମୋନକୁ ପରିବର୍ତ୍ତିତ ହୋଇଥାଏ। ଏହି ହରମୋନଗୁଡ଼ିକ ଫ୍ୟାଟ ଏବଂ ମିନେରାଲ ମେଟାବୋଲିଜିମ୍, ସେକ୍ସୁଆଲ ଏବଂ ପ୍ରଜନନ କାର୍ଯ୍ୟକ୍ରମ ଏବଂ ଶକ୍ତିର ସ୍ତରକୁ ପରିଚାଳନା କରିବା ପାଇଁ ଦାୟୀ ହୋଇଥାଏ। ଆମ୍ଭମାନଙ୍କ ଶରୀରରେ ୨୦ ବର୍ଷ ଶେଷ ବେଳକୁ ଡିଏଚ୍ଇଏର ସ୍ତର ବୃଦ୍ଧି ପାଇଥାଏ ଏବଂ ଏହା ବୟସ ଅନୁଯାୟୀ କମ ହୋଇଥାଏ। ଲୋକମାନେ ଯୁବକ ଦେଖାଯିବା ପାଇଁ ଭଲ ଅନୁଭୂତି ଏବଂ ସେମାନଙ୍କ ଶରୀରର ସଂରଚନାକୁ ବୃଦ୍ଧି କରିବା ପାଇଁ ଡିଏଚଇଏ ସପ୍ଲିମେଣ୍ଟକୁ ବ୍ୟବହାର କରିଥା'ନ୍ତି। ଡିଏଚଇଏ ସପ୍ଲିମେଣ୍ଟ ମଧ୍ୟ ସେକ୍ସ ଡ୍ରାଇଭ୍, ମାଂସପେଶୀର ପ୍ରସ୍ତୁତି, ଆଣ୍ଟି-ଏଜିଂ ଇତ୍ୟାଦିକୁ ବୃଦ୍ଧି କରିବା ପାଇଁ ବ୍ୟବହୃତ ହୋଇଥାଏ।

**ଆସିଷ୍ଟେଡ୍ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆରଟି):** ଆସିଷ୍ଟେଡ୍ ରିପ୍ରଡକ୍ଟିଭ ଟେକ୍ନୋଲଜି ବନ୍ଧ୍ୟାତ୍ୱର ଚିକିତ୍ସା ପାଇଁ ଉପଯୋଗୀ। ଏଆରଟି ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଗର୍ଭଧାରଣରେ ଅସମର୍ଥ ଯୋଡିଙ୍କୁ ପିଲା ପ୍ରଦାନ କରିବାରେ ସହାୟକ ହୋଇପାରିଛି। ଏହି ଟେକ୍ନୋଲୋଜି ମଧ୍ୟରେ ପ୍ରଜନନର ଚିକିତ୍ସା ରହିଛି, ଯାହା ଗର୍ଭଧାରଣ ପାଇଁ ଅଣ୍ଡକୋଷ, ସ୍ପର୍ମ ଏବଂ ଶରୀରର ବାହାରେ ଏମ୍ବ୍ରିଓକୁ ମାନିପୁଲେଟ କରିଥାଏ। ମହିଳାଙ୍କ ଶରୀରରୁ ଅଣ୍ଡକୋଷର ଅପସାରଣରେ ଏହି ପଦ୍ଧତି କାମ କରିଥାଏ। ଏମ୍ବ୍ରିଓ ପ୍ରସ୍ତୁତି ପାଇଁ ଅଣ୍ଡାକୁ ସ୍ପର୍ମ ସହିତ ମିଶାଯାଇଥାଏ। ଏହା ପରେ ଏହାକୁ ପୁନଶ୍ଚ ମହିଳାଙ୍କ ଶରୀରରେ ସ୍ଥାପନା କରାଯାଇଥାଏ। ଆଇଭିଏଫ୍ ହେଉଛି ଇନ୍ ଭିଟ୍ରୋ ଫର୍ଟିଲାଇଜେସନ, ଯାହା ଏଆରଟିର ଏକ ସାଧାରଣ ଏବଂ ପ୍ରଭାବଶାଳୀ ପ୍ରକ୍ରିୟା।




**ଗର୍ଭଧାରଣରେ କିପରି ଡିଏଚ୍ଇଏ କାମ କରିଥାଏ :** ଏହାର ସୁବିଧାଜନକ ପ୍ରଭାବଗୁଡିକ ହେଉଛି-ଆଇଭିଏଫ୍ ଗର୍ଭଧାରଣ ହାରରେ ବୃଦ୍ଧି, ସ୍ୱୟଂକ୍ରିୟ ଗର୍ଭଧାରଣର ମାତ୍ରା ବୃଦ୍ଧି, ଗର୍ଭଧାରଣ ସମୟକୁ କମ୍ କରିଥାଏ, ଅଣ୍ଡା ଏବଂ ଏମ୍ବ୍ରିଓର ଗୁଣବତ୍ତା ଏବଂ ପରିମାଣ ବୃଦ୍ଧି, ଏମ୍ବ୍ରିଓରେ କ୍ରୋମୋଜୋମାଲ ଆବନରମାଲିଟଜ ଏବଂ ବିବାହର ଅସୁବିଧାକୁ କମ କରିଥାଏ ଓ ବନ୍ଧ୍ୟାତ୍ୱର ଚିକିତ୍ସାରେ ରୋଗୀଙ୍କ ମଧ୍ୟରେ ଗର୍ଭଧାରଣର ହାର ବୃଦ୍ଧି କରିଥାଏ।

**ଡିଏଚ୍ଇଏ ଏବଂ ପ୍ରଜନନ କ୍ଷମତା:** ଗବେଷଣା ଅନୁଯାୟୀ ପ୍ରି-ମାଚ୍ୟୁଅର ଏଜିଂ ହେତୁ ହ୍ରାସପ୍ରାପ୍ତ ଓଭାରିଆନ ରିଜର୍ଭ ମହିଳାଙ୍କ କ୍ଷେତ୍ରରେ ନିମ୍ନ ଆଣ୍ଡ୍ରୋଜେନ ସ୍ତର ସୃଷ୍ଟି କରିଥାଏ ଏବଂ ଏକ ଭଲ ଆଣ୍ଡ୍ରୋଜେନ ସ୍ତର ଯାହା ଓଭାରିରେ ଅଣ୍ଡାର ଆକାର ବୃଦ୍ଧି ପାଇଁ ଖୁବ ଆବଶ୍ୟକ। ଅଧିକାଂଶ ରୋଗୀ କହିଥା'ନ୍ତି ଯେ ଦାତାଙ୍କ ଅଣ୍ଡା ବ୍ୟବହାର ବିନା ଆମେ କେବେବି ପିଲାଟିଏ ପାଇ ପାରିନଥାନ୍ତୁ, ଏହା କେବଳ ସମ୍ଭବ ହୋଇଛି ଡିଏଚ୍ଇଏ ସପ୍ଲିମେଣ୍ଟ ବ୍ୟବହାର କରିବା ଦ୍ୱାରା ଆମେ ବିନା ଅସୁବିଧାରେ ଗର୍ଭଧାରଣ କରିବାରେ ସକ୍ଷମ ହୋଇପାରିଛୁ। ଡିଏଚ୍ଇଏ ସପ୍ଲିମେଣ୍ଟ ସାଧାରଣ ସ୍ତରରେ ସେମାନଙ୍କ ଓଭାରିଆନ ପରିବେଶ ମଧ୍ୟରେ ଆଣ୍ଡ୍ରୋଜେନ ସ୍ତର ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ, ଯାହା ଅଣ୍ଡାର ଗୁଣବତ୍ତା ବୃଦ୍ଧି କରିଥାଏ। ଉଚ୍ଚ-ଗୁଣବତ୍ତାର ସୁସ୍ଥ ଅଣ୍ଡା ଉଚ୍ଚ-ଗୁଣବତ୍ତାର ଏମ୍ବ୍ରିଓକୁ ବିକଶିତ ହୋଇଥାଏ, ଯାହାର ସଂଯୋଜନାର ସମ୍ଭାବନା ବୃଦ୍ଧି କରିଥାଏ ଏବଂ ଗର୍ଭନଷ୍ଟର ଆଶଙ୍କା କମ କରିଥାଏ। ବିଭିନ୍ନ ଗବେଷଣା ମାଧ୍ୟମରେ ଏହା ଜଣାଯାଇଛି ଯେ, ମହିଳାଙ୍କ ମଧ୍ୟରେ ଡିଏଚ୍ଇଏ ସପ୍ଲିମେଣ୍ଟେସ ସହିତ ଡିଓଆର ଆଣ୍ଡ୍ରୋଜେନ ସ୍ତରକୁ ବୃଦ୍ଧି କରିଥାଏ ଏବଂ ବିକଶିତ ଫଲିକିଲରେ ଆଣ୍ଡ୍ରୋଜେନ ଗ୍ରହୀତାଙ୍କ ମାଧ୍ୟମରେ ଗର୍ଭଧାରଣର ସମ୍ଭାବାନା ବୃଦ୍ଧି କରିଥାଏ। ଗର୍ଭଧାରଣର ସମ୍ଭାବନା ସେହି ମହିଳାଙ୍କ ମଧ୍ୟରେ ବୃଦ୍ଧି ପାଇଥାଏ, ଯେଉଁମାନଙ୍କ ମଧ୍ୟରେ ଡିଏଚ୍ଇଏ ସପ୍ଲିମେଣ୍ଟେସ ପରେ ଆଣ୍ଡ୍ରୋଜନ ସ୍ତର ସଫଳଭାବେ ବୃଦ୍ଧି ପାଇଥାଏ। ଡିଏଚ୍ଇଏ ସପ୍ଲିମେଣ୍ଟ ମହିଳାଙ୍କ ପାଇଁ ଅଭୂତପୂର୍ବ କାର୍ଯ୍ୟ କରିବା ସହିତ ଆଇଭିଏଫ୍ ଅଭ୍ୟାସ ଦ୍ୱାରା ଓଭାରିଆନ ରିଜର୍ଭ (ଡିଓଆର)ର ହ୍ରାସ ହୋଇଥାଏ। ଗର୍ଭଧାରଣର ଫଳାଫଳ ବୃଦ୍ଧି ପାଇଥାଏ, ଯେଉଁମାନେ ପ୍ରିମାଚ୍ୟୁଅର ଓଭାରିଆନ ଏଜିଂ (କିମ୍ବା ପିଓଏ)ରେ ପୀଡ଼ିତ ଥିବା ସହିତ ୪୦ବର୍ଷରୁ ଅଧିକ ବୟସ୍କ ମହିଳା ଯେଉଁମାନଙ୍କ ଓଭାରିଆନ ରିଜର୍ଭ ପ୍ରକୃତ ବୟସ ପ୍ରକ୍ରିୟା ସହିତ କମି ଆସିଥାଏ।

**କେଉଁ ଆଇଭିଏଫ୍ ରୋଗୀମାନେ ଡିଏଚଇଏ ବ୍ୟବହାର କରିପାରିବେ: ନିମ୍ନଲିଖିତ ମହିଳାମାନେ ପ୍ରାରମ୍ଭ କରିପାରିବେ:**

-୪୦ବର୍ଷରୁ ଅଧିକ ବୟସ୍କ ମହିଳା

-ମହିଳା ଯେଉଁମାନଙ୍କ ଓଭାରିଆନ୍ ରିଜର୍ଭ ଏହା ଦର୍ଶାଇଥାଏ ଯେ ସେମାନଙ୍କ କ୍ଷେତ୍ରରେ ହ୍ରାସପ୍ରାପ୍ତ ଓଭାରିଆନ୍ ରିଜର୍ଭ ରହିଛି ଓଭାରିଆନ୍ ପରିବେଶକୁ ଏହାର ସାଧାରଣ ସୁସ୍ଥ ରେଞ୍ଜରେ ଆଣ୍ଡ୍ରୋଜେନ ସ୍ତରକୁ ବୃଦ୍ଧି କରିବା ଡିଏଚଇଏ ସପ୍ଲିମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ। ଡିଏଚଇଏ ଆଇଭିଏଫ ଗର୍ଭଧାରଣ ହାର ଯାହା ଅଣ୍ଡାର ଉଚ୍ଚ-ଗୁଣବତ୍ତା ଏବଂ ପରିମାଣ ଉପରେ ପ୍ରଭାବ ପକାଇଥାଏ, ଯାହା ଆଇଭିଏଫ ଚକ୍ରରେ ମହିଳାମାନେ ଉତ୍ପନ୍ନ କରିଥା'ନ୍ତି। ମହିଳାଙ୍କ କ୍ଷେତ୍ରରେ ହ୍ରାସପ୍ରାପ୍ତ ଓଭାରିଆନ ରିଜର୍ଭରେ କମ ସଂଖ୍ୟାର ଏବଂ ନିମ୍ନମାନର ଅଣ୍ଡା ରହିଥାଏ। ନିମ୍ନ-ମାନର ଅଣ୍ଡା ପ୍ରଜନନ କରିବାରେ ଅସଫଳ ହୋଇଥାଏ। ସେମାନେ ମୁଖ୍ୟତଃ ନିମ୍ନମାନର ଏମ୍ବ୍ରିଓକୁ ବିକଶିତ ହୋଇଥାଏ, ଯାହା ଏମ୍ବ୍ରିଓର ଟ୍ରାନ୍ସଫର ପୂର୍ବରୁ ବିକାଶ ହେବା ବନ୍ଦ ହେବା ସହିତ ସ୍ଥାପନ ହେବା ପାଇଁ ଅସୁବିଧା କିମ୍ବା ଯୁଟ୍ରସର ବିକାଶ ହେବା ବନ୍ଦ ହୋଇଥାଏ ଏବଂ ଗର୍ଭନଷ୍ଟର କାରଣ ହୋଇଥାଏ। ଶ୍ରେଷ୍ଠ ଗୁଣବତ୍ତାର ଅଣ୍ଡା ଏବଂ ଫଳାଫଳ ପାଇଁ ଡିଏଚଇଏ ସପ୍ଲିମେଣ୍ଟ ଆଇଭିଏଫ ଚକ୍ର ପ୍ରାରମ୍ଭର ୬ରୁ ୮ ସପ୍ତାହ ପୂର୍ବରୁ ନେବା ଉଚିତ।

**ଡିଏଚ୍ଇଏର ସୁରକ୍ଷିତ ବ୍ୟବହାର:** ଲମ୍ବା ଅବଧି ପର୍ଯ୍ୟନ୍ତ ଡିଏଚଇଏ ବ୍ୟବହାର କରିବା ସୁରକ୍ଷିତ ନୁହେଁ। କାରଣ ଏହା ହରମୋନରେ ଅସନ୍ତୁଳନ କରିପାରେ। ବୟସ ବୃଦ୍ଧି ହେବା ସମୟରେ ଶରୀର ସ୍ୱତନ୍ତ୍ରଭାବେ ସର୍ବଦା ଡିଏଚଇଏ ଆବଶ୍ୟକ କରିନଥାଏ। ଆଇଭିଏଫର ସ୍ୱତନ୍ତ୍ର ଅଭ୍ୟାସକାରୀ ଡିଏଚଇଏର ସଠିକ ପରିମାଣ ଜାଣିଥାନ୍ତି ଏବଂ ସେମାନେ ରୋଗୀମାନଙ୍କୁ ଠିକ ଭାବେ ପରିଚାଳନା କରିଥାନ୍ତି। ବାୟୋ ଆଇଡେଣ୍ଟିକାଲ ଡିଏଚଇଏର ସୁରକ୍ଷିତ ପ୍ରୟୋଗରେ ଉପଦେଶ ପ୍ରଦାନ କରିଥାଏ। ବହୁ ଡିଏଚଇଏ ସପ୍ଲିମେଣ୍ଟସରେ ଉଚ୍ଚ-ଡୋଜର ଉପକରଣ ରହିଥାଏ ଏବଂ ଯଦି ଏହା ଅତ୍ୟଧିକ ମାତ୍ରାରେ ବ୍ୟବହାର ହୋଇଥାଏ, ତେବେ ତାହା ଶରୀରକୁ କ୍ଷତି ପହଞ୍ଚାଇଥାଏ।

-ଡା. ଅକ୍ଷୟ ମହାପାତ୍ର,
ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା
ଆଇଭିଏଫ୍ ହସପିଟାଲ, ଭୁବନେଶ୍ୱର

ଫ୍ୟାଶନ

# ୱିଣ୍ଟର ଜ୍ୟାକେଟ୍

**ଶୀତଦିନ ଆସିଲାମାତ୍ରେ ୱିଣ୍ଟରୱେର ଚାହିଦା ବଢ଼ିଯାଏ। ବିଶେଷଭାବରେ ଆଜିକାଲି ତରୁଣୀ ହୁଅନ୍ତୁ ଅବା ମହିଳା ଜ୍ୟାକେଟ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଅଲଗା ଅଲଗା ଅକେଜନ ପାଇଁ ଅଲଗା ଜ୍ୟାକେଟ୍ ଚୟନ କରନ୍ତୁ। ମନ ପସନ୍ଦର ଜ୍ୟାକେଟ୍ ଚୟନ କରିବା ସମରେ ଥଣ୍ଡା ମିଜାଜରେ ଚୟନ କରନ୍ତୁ। ଏଥିପାଇଁ ଏହି ପାଞ୍ଚଟି ଜ୍ୟାକେଟ୍‌କୁ ଗୁରୁତ୍ୱ ଦେଇପାରନ୍ତି...**

**ଟ୍ରକର ଜ୍ୟାକେଟ୍:** ଟ୍ରକର ଜ୍ୟାକେଟ୍ ଡେନିମ୍ ଜିନ୍ସ ଜ୍ୟାକେଟ୍, ଯେଉଁଥିରେ ଦୁଇସାଇଡ୍ ପକେଟ୍ ଥାଏ। ଏହି ଜ୍ୟାକେଟ୍‌ରେ ପେଣ୍ଟିଂ ହୋଇଥିବା ଡିଜାଇନ୍, ବିଡ୍ସ, ବ୍ରେଡ ଏମ୍ବୋଲିଶ୍‌ମେଣ୍ଟ ଓ ପ୍ୟାଚ୍ କାରଣରୁ ଟିକେ ଫିକା ଦେଖାଯାଇଥାଏ।

**ବ୍ଲୋଜନ୍ ଜ୍ୟାକେଟ୍:** ବ୍ଲୋଜନ୍ ଜ୍ୟାକେଟ୍ ଟିକେ ସାଧାରଣତଃ ଢିଲା ହୋଇଥାଏ। କିନ୍ତୁ ଏହା ଇଲାଷ୍ଟିକ୍ କପଡା ସହିତ ଫିଟ୍ ହୋଇଥାଏ। ଏହା ବିଭିନ୍ନ ଭେରାଇଟିରେ ମିଳିଥାଏ।

**ଆନାରକ୍ସ କିମ୍ବା ପରକସ୍:** ଦୁଇଟିଯାକ ଏକା ପରି ଜ୍ୟାକେଟ୍। ଏହି ଜ୍ୟାକେଟ୍ ପାଣିରୁ ବଞ୍ଚାଇଥାଏ। କିନ୍ତୁ ପରକସ୍ ସାଧାରଣତଃ ଆନାରକ୍ସ ତୁଳନାରେ ଲମ୍ବା ହୋଇଥାଏ ଏବଂ ଫର୍ ସହିତ ମଧ୍ୟ ଆସିଥାଏ।

**ବାଇକର୍ ଜ୍ୟାକେଟ୍:** ଲେଦର ବାଇକର ଜ୍ୟାକେଟ୍‌ରେ ବହୁତ ଜିପ୍ ଥାଏ। ବାଇକର ଜ୍ୟାକେଟ୍ ବାହାରେ କୁଆଡେ ବୁଲିଯିବାର ଥିଲେ କିମ୍ବା ରୋଡ୍ ଟ୍ରିପ୍ ଯିବାର ଥିଲେ ଏକଦମ୍ ଠିକ୍ ହେବ। ଏହା ଅନ୍ୟ ଜ୍ୟାକେଟ୍ ତୁଳନାରେ ଆପଣଙ୍କୁ ଏକ ଅଲଗା ଲୁକ୍ ଦେବ। ଧଳା ଟି ଶାର୍ଟ, କଳା ଜିନ୍ସ, ଉଚ୍ଚା ଜୋତା ସହ କଳା ରଙ୍ଗର ଜ୍ୟାକେଟ୍ ମସ୍ତ ଲାଗିଥାଏ।

**ବମ୍ବର ଜ୍ୟାକେଟ୍ :** ସାମାନ୍ୟ ଟି ଶାର୍ଟ ଓ ଜିନ୍ସ ସହ ଏହାକୁ ପିନ୍ଧିଲେ ଏହା ଆପଣଙ୍କୁ ଡ୍ୟାମ୍ପର ଲୁକ୍ ଦେବ। ଏହା ଶୀତଦିନେ ଆପଣଙ୍କୁ ଗରମ ରଖିବା ସହ ଷ୍ଟାଇଲିଶ୍ ଲାଗିଥାନ୍ତି। ଏହା ବିଭିନ୍ନ କପଡା ଯେମିତିକି ସିନ୍ଥେଟିକ୍, ଲେଦର, ପଲିକଟନ୍ ଏବଂ ସୁଏଡ୍‌ରେ ମଧ୍ୟ ମିଳୁଛି।



ଖାଦ୍ୟ ରୁଚି

# ଫ୍ରେଞ୍ଚ ଟୋଷ୍ଟ



**ଆବଶ୍ୟକ ସାମଗ୍ରୀ :** ୩ଟି କଞ୍ଚା ଅଣ୍ଡା, ୨ଟି ବ୍ରେଡ୍ ସ୍ଲାଇସ୍, ଲୁଣ, ଗୋଲମରିଚ ଗୁଣ୍ଡ,୪ଟି ଛୋଟ ଚାମଚ ଲହୁଣି।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଅଣ୍ଡାକୁ ଭାଙ୍ଗି ଏକ ପାତ୍ରରେ ରଖିଦିଅନ୍ତୁ। ଏଥିରେ ସ୍ୱାଦ ଅନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ମିଶାନ୍ତୁ। ଏହାପରେ ଏକ ନନ୍‌ଷ୍ଟିକ୍ ପ୍ୟାନ୍ ନିଅନ୍ତୁ। ଏହାପରେ ସେଥିରେ ଲହୁଣିକୁ ପକାଇ ଗରମ କରନ୍ତୁ। ଏବେ ବ୍ରେଡ ପିସ୍‌କୁ ନେଇ ଅଣ୍ଡା ମିଶ୍ରଣରେ ବୁଡାଇ ଦିଅନ୍ତୁ। ବ୍ରେଡକୁ ପ୍ୟାନ୍‌ରେ ପକାଇ ବ୍ରାଉନ୍ ହେବା ପର୍ଯ୍ୟନ୍ତ ସେକନ୍ତୁ। ଏହାପରେ ବ୍ରେଡକୁ ଓଲଟାଇ ତା'ର ଅନ୍ୟପଟରେ ଏମିତି ଓଲଟାଇ ସେକନ୍ତୁ। ଦୁଇ ସାଇଡ୍ ସେକି ହେଲାପରେ ଏହାକୁ ଏବେ ପ୍ଲେଟରେ ରଖନ୍ତୁ। ଏବେ ଏହାକୁ ସସ୍ ସହିତ ଖାଇପାରିବେ।

ସୌନ୍ଦର୍ଯ୍ୟ

# ଶୀତଦିନେ ମେକଅପ୍ ଟିପ୍ସ

ଶୀତଦିନ ଆସିଲାମାତ୍ରେ ତ୍ୱଚା ରୁକ୍ଷ ହୋଇଯାଏ। ଏହାର ଅନେକ କାରଣ ରହିଛି। ପାଗ ଶୁଷ୍କ ହେଲାମାତ୍ରେ ଏହାର ପ୍ରଭାବ ତ୍ୱଚାରେ ପଡିବାକୁ ଲାଗେ। ଏହାବ୍ୟତୀତ କମ୍ ପାଣି ପିଇବା ଦ୍ୱାରା ତ୍ୱଚା ଡ୍ରାଏ ହୋଇଥାଏ। ଏଥିଲାଗି ତ୍ୱଚା ପାଇଁ ଆପଣଙ୍କୁ ଖାସ୍ ଯତ୍ନ ନେବା ଜରୁରୀ। ମେକ୍‌ଅପ୍ କରିବା ସମୟରେ କେତୋଟି କଥାକୁ ଧ୍ୟାନ ଦେବା ଜରୁରୀ।

❖ଶୀତଦିନେ ସାଧାରଣତଃ ନିଜ ତ୍ୱଚାକୁ ନେଇ ସଫାସୁତୁରା ରହି ନ ଥାଆନ୍ତି। ଏଥିପାଇଁ କେତେକ ସ୍କିନ୍ ସମସ୍ୟା ବଢ଼ିଯାଏ। ଅଏଲୀ ସ୍କିନ୍ ଥିବା ତ୍ୱଚାକୁ ଦିନରେ ଦୁଇଥର ଫେସ୍‌ୱାଶ କରିବା ଆବଶ୍ୟକ। ଡ୍ରାଏ ସ୍କିନ୍ ଥିବା ତ୍ୱଚା ମଝିରେ ମଝିରେ ମଶ୍ଚରାଇଜର ଲଗାଇବା ଆବଶ୍ୟକ। ମୁହଁ ଧୋଉଥିଲେ କିମ୍ବା ଗାଧୋଉଥିଲେ ନଖ ଉଷୁମ ପାଣି ବ୍ୟବହାର କଲେ ଭଲ। ତ୍ୱଚାକୁ ହାଇଡ୍ରେଟ୍ ରଖିବାକୁ ହେଲେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ।

❖ସ୍କ୍ରବ୍ କରିବା ପରେ ମୁହଁରେ ଅଏଲ ବେସଡ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ। ଏହା ଆପଣଙ୍କ ମୁହଁର ଡ୍ରାଏନେସରୁ ରକ୍ଷା କରିଥାଏ।

❖ଏବେ ହାଇ କ୍ୱାଲିଟି ଥିବା ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ। ଯଦି ଫାଉଣ୍ଡେସନ୍ ବ୍ୟବହାର କରୁଥା'ନ୍ତି ତେବେ ମିନେରାଲ ଥିବା ଫାଉଣ୍ଡେସନ୍‌କୁ ଚୟନ କରନ୍ତୁ।

❖ରାଡିଏଣ୍ଟ ଲୁକ୍ ପାଇଁ ନିଜ ମୁହଁରେ ପିଙ୍କ, କୋରଲ, ବ୍ରାଉନ୍ କ୍ରିମି ବ୍ଲଶର ଲଗାନ୍ତୁ। ଏହା ଆପଣଙ୍କ ସ୍କିନ୍ କଲର ହିସାବରେ ମେକଅପ୍ ନିଅନ୍ତୁ।

❖ଶୀତଦିନରେ ସବୁ ରଙ୍ଗ ଭଲ ଲାଗିଥାଏ। କିନ୍ତୁ ଆପଣ ନ୍ୟୁଟ୍ରାଲ କଲର ଯେମିତିକି ବ୍ରାଉନ୍, ଗ୍ରେ କିମ୍ବା ପିଙ୍କ କଲର ଚୟନ କରନ୍ତୁ। ଏହା ଭଲ ହେବ।

❖ଆଖିର ସୁନ୍ଦରତା ପାଇଁ ଆପଣ ଚକୋଲେଟ୍ ବ୍ରାଉନ୍ କିମ୍ବା ଚାରକୋଲ ଲାଇନର ବ୍ୟବହାର କରନ୍ତୁ। ସ୍ମୋକି ଆଇଜ୍ ଶୀତଦିନରେ ଭଲ ଅପ୍‌ସନ୍।

❖ଶୀତଦିନରେ ତ୍ୱଚା ଏବଂ ଓଠ ଜଲ୍‌ଦି ଖରାପ ହୋଇଥାଏ। ଏଥିପାଇଁ ଲିପ୍‌ବାମ୍ ସବୁବେଳେ ପାଖରେ ନିଶ୍ଚିତ ରଖନ୍ତୁ ଏବଂ ମଝିରେ ମଝିରେ ଏହାର ବ୍ୟବହାର କରନ୍ତୁ।





> ୨୦୧୯-୨୦ ଆର୍ଥିକ ବର୍ଷରେ ୨ ଘରୋଇ ବଜାରରେ ୨ ନୂଆ ମଡେଲ ଆଣିବାକୁ ଯୋଜନା ଧାର୍ଯ୍ୟ ହୋଇଛି।
> – ଆର୍.ସି. ଭାର୍ଗବ, ଅଧ୍ୟକ୍ଷ,ମାରୁତି ସୁଜୁକି ଇଣ୍ଡିଆ



> ଗ୍ରାହକଙ୍କ ପ୍ରମୁଖ ଆବଶ୍ୟକତା ପୂରଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ।
> – ଷ୍ଟିଫେନ ନାପ୍, ନିର୍ଦ୍ଦେଶକ, ଫକ୍ସ ୱାଗନ



## ସଂକ୍ଷେପରେ

### ପୋଷ୍ଟ ଅଫିସରେ ଜମା ୯୩୯୫ କୋଟିର ଦାବିଦାର ନାହାନ୍ତି

**ନୂଆଦିଲ୍ଲୀ,୭-୧:** ସାରା ଦେଶର ବିଭିନ୍ନ ଡାକଘରେ ସଞ୍ଚୟ ଖାତାରେ ଜମା ହୋଇଥିବା ୯୩୯୫ କୋଟି ଟଙ୍କାର କେହି ଦାବିଦାର ନାହାନ୍ତି। କିଷାନ ବିକାଶ ପତ୍ରରେ ସର୍ବାଧିକ ୨୪୨୯ କୋଟି ଟଙ୍କା ରହିଛି। ଏହାପରେ ମାସିକ ଆୟ ଯୋଜନାରେ ୨,୦୫୬ କୋଟି ଟଙ୍କା, ଏନ୍ଏସ୍‌ସିରେ ୧,୮୮୮ କୋଟି ଟଙ୍କାକୁ ଦାବି କଲା ଭଳି କେହି ନାହାନ୍ତି। ଆଶ୍ଚର୍ଯ୍ୟର ବିଷୟ ଯେ, ଦାବିହୀନ ଟଙ୍କା ଭିତରୁ ଅର୍ଦ୍ଧାଧିକ ପଶ୍ଚିମବଙ୍ଗ, ଦିଲ୍ଲୀ, ପଞ୍ଜାବ ଓ ଉତ୍ତର ପ୍ରଦେଶର ପୋଷ୍ଟ ଅଫିସରେ ଜମା ରହିଛି। ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୮ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦାବିହୀନ ମୋଟ୍ ଅର୍ଥର ପରିମାଣ ୧୫,୧୬୬.୪୭ କୋଟି ଟଙ୍କା ଥିଲା। ଏମାନଙ୍କ ମଧ୍ୟରେ କେବଳ ଏଲ୍ଆଇସି ନିକଟରେ ୧୦,୫୦୯ କୋଟି ଟଙ୍କା, ଘରୋଇ କମ୍ପାନୀଙ୍କ ନିକଟରେ ୪,୬୫୭.୪୫ କୋଟି ଟଙ୍କାର କେହି ଦାବିଦାର ନାହାନ୍ତି।

### ୨୦୧୮-୧୯ରେ ୭.୨% ରହିବ ଜିଡିପି: ସିଏସ୍ଓ

**ନୂଆଦିଲ୍ଲୀ,୭-୧:** ଲୋକ ସଭା ନିର୍ବାଚନ ପୂର୍ବରୁ ଅର୍ଥନୀତି କ୍ଷେତ୍ରରେ ଏନ୍‌ଡିଏ ସରକାରଙ୍କ ଲାଗି ଶୁଭ ଖବର। ଚଳିତ ଆର୍ଥିକ ବର୍ଷ (୨୦୧୮-୧୯)ରେ ଦେଶର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ହାର ୭.୨% ରହିବ ବୋଲି କେନ୍ଦ୍ରୀୟ ପରିସଂଖ୍ୟାନ ସଂଗଠନ (ସିଏସ୍ଓ) ପକ୍ଷରୁ ସୋମବାର କୁହାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୬.୭% ରହିଥିଲା ବେଳେ ୨୦୧୬-୧୭ରେ ଏହା ୭.୧% ଓ ୨୦୧୫-୧୬ରେ ୮.୨% ଥିଲା। ସିଏସ୍ଓ କହିଛି ଯେ, କୃଷି ଏବଂ ବିନିର୍ମାଣ କ୍ଷେତ୍ରରେ ସୁଧାର ଯୋଗୁ ଅର୍ଥନୀତି ଅଭିବୃଦ୍ଧି ହାରରେ ଉନ୍ନତି ପରିଲକ୍ଷିତ ହୋଇଛି। ୨୦୧୮-୧୯ ବର୍ଷ ଲାଗି ପ୍ରଥମ ଅନୁମାନ ଜାରି କରି ସିଏସ୍ଓ କହିଛି ଯେ, ମୋଟ ମୂଲ୍ୟ ବୃଦ୍ଧି ଆଧାରିତ ଅଭିବୃଦ୍ଧି ହାର ବର୍ତ୍ତମାନ ବର୍ଷରେ ୭ ପ୍ରତିଶତ ରହିବ ବୋଲି ଆଶା କରାଯାଉଛି, ଯାହାକି ୨୦୧୭-୧୮ରେ ୬.୫% ରହିଥିଲା। ସିଏସ୍ଓର ଆକଳନ ଅନୁଯାୟୀ, କୃଷି ଓ ମତ୍ସ୍ୟପାଳନ ଭଳି ଆର୍ଥିକ ଗତିବିଧିରେ ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୩.୮% ରହିବ ବୋଲି ଅନୁମାନ କରାଯାଉଛି, ଯାହାକି ଗତ ଆର୍ଥିକ ବର୍ଷରେ ୩.୪% ରହିଥିଲା। ସେହିପରି ମାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଅଭିବୃଦ୍ଧି ହାର ୨୦୧୭-୧୮ରେ ୫.୭ ପ୍ରତିଶତ ରହିଥିବା ବେଳେ ୨୦୧୮-୧୯ରେ ଏହା ୮.୩%କୁ ବୃଦ୍ଧି ପାଇବ।

### ସରକାରଙ୍କୁ ୪୦ ହଜାର କୋଟି ଦେଇପାରେ ଆର୍‌ବିଆଇ

**ନୂଆଦିଲ୍ଲୀ,୭-୧:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା କେନ୍ଦ୍ର ସରକାରଙ୍କୁ ୩୦ ହଜାରରୁ ୪୦ହଜାର କୋଟି ଟଙ୍କା ଅନ୍ତରୀଣ ଲାଭାଂଶ ଦେବାକୁ ଯାଉଛି ବୋଲି ବିଭିନ୍ନ ସୂତ୍ରରୁ ସୂଚନା ମିଳିଛି। ଏହାଦ୍ୱାରା ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବା ଲାଗି ପ୍ରୟାସ ଚଳାଇଥିବା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସହାୟତା ମିଳିବ। ବଜେଟ୍ ଉପସ୍ଥାପନ ପୂର୍ବରୁ ଆର୍‌ବିଆଇ ଲାଭାଂଶ ପ୍ରଦାନ ନେଇ ନିଷ୍ପତ୍ତି ନେଇପାରେ ବୋଲି ପ୍ରାପ୍ତ ସୂଚନାରୁ ଜଣାପଡିଛି। ସୂଚନାଥାଉ କି, ଆର୍‌ବିଆଇର ଆର୍ଥିକ ବର୍ଷ ଜୁଲାଇରୁ ପରବର୍ଷ ଜୁନ୍ ପର୍ଯ୍ୟନ୍ତ ଚାଲିଥାଏ। ଏହି କାରଣରୁ ଏହା ପ୍ରତିବର୍ଷ ଜୁଲାଇରୁ ଅଗଷ୍ଟ ମଧ୍ୟରେ ସରକାରଙ୍କୁ ଲାଭାଂଶ ପ୍ରଦାନ କରିଥାଏ। ଆର୍‌ବିଆଇ ଆଇନ ଅନୁଯାୟୀ ସମସ୍ତ ଖର୍ଚ୍ଚ ତୁଲାଇବା ପରେ ଆର୍‌ବିଆଇ ଅବଶିଷ୍ଟ ଲାଭରୁ କିଛି ଅଂଶ ସରକାରଙ୍କୁ ଦେଇଥାଏ। କିନ୍ତୁ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ହେବାକୁ ଯାଉଛି। କେନ୍ଦ୍ରୀୟ ବ୍ୟାଙ୍କ ବଜେଟ୍ ପୂର୍ବରୁ ସରକାରଙ୍କ ନିଜର ଲାଭାଂଶ ଦେବାକୁ ଯାଉଛି ବୋଲି ସୂଚନା ମିଳିଛି। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ। ଏଭଳି ସ୍ଥିତିରେ ଆର୍‌ବିଆଇରୁ ଲାଭାଂଶ ମିଳିଲେ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୩.୩%ମଧ୍ୟରେ ରଖିବା ନେଇ ସରକାରଙ୍କ ବଜେଟ ଲକ୍ଷ୍ୟ ପୂରଣ ହୋଇଯିବ।

## ରାଜ୍ୟଗୁଡ଼ିକୁ ଚେତାଇଲେ ଗଭର୍ନର ଶକ୍ତିକାନ୍ତ

# କୃଷି ଋଣ ଛାଡ଼ ପୂର୍ବରୁ ରାଜକୋଷ ଦେଖ

**ନୂଆଦିଲ୍ଲୀ,୭-୧**

- ଋଣ ପ୍ରଦାନ ସଂସ୍କୃତି ବିଗୁଡିଛି
- ଋଣ ନେଉଥିବା ଚାଷୀଙ୍କ ବ୍ୟବହାର ବଦଳୁଛି
- ରାଜକୋଷ ପ୍ରଭାବିତ ହେବ
- ୭ରାଜ୍ୟ ସରକାର ଛାଡ଼ ଘୋଷଣା କରିସାରିଛନ୍ତି



ରାଜନୈତିକ ଉଦ୍ଦେଶ୍ୟରେ କେତେକ ରାଜ୍ୟ ସରକାର କୃଷି ଋଣ ଛାଡ଼ ଘୋଷଣା କରିଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ଏବେ ଚାପ ବଢ଼ିବାରେ ଲାଗିଛି। ଏ ଦିଗରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କି ପ୍ରକାର ପଦକ୍ଷେପ ନେବେ ତାହା ଭବିଷ୍ୟତ କହିବ। କିନ୍ତୁ କୃଷି ଋଣ ଛାଡ଼କୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ରାଜ୍ୟଗୁଡିକୁ ଚେତାବନୀ ଶୁଣାଇଛନ୍ତି। ଏହାଦ୍ୱାରା ଋଣ ପ୍ରଦାନ ସଂସ୍କୃତି ପ୍ରଭାବିତ ହେଉଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କୃଷି ଋଣ ଛାଡ଼ କରିବା ପୂର୍ବରୁ ରାଜ୍ୟ ସରକାରଗୁଡିକ ନିଜର ରାଜକୋଷକୁ ପ୍ରଥମେ ଦେଖିବା ଉଚିତ୍। ଋଣ ଛାଡ଼ ବ୍ୟବସ୍ଥା ଯୋଗୁ ଏହାକୁ ନେଉଥିବା ଚାଷୀଙ୍କ ବ୍ୟବହାର ମଧ୍ୟ ବଦଳିଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

ଇତିପୂର୍ବେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ ଓ କର୍ଣ୍ଣାଟକ ଆଦି ରାଜ୍ୟରେ ରାଜନୈତିକ ଦଳଗୁଡିକ କ୍ଷମତାକୁ ଆସିବା ମାତ୍ରେ କୃଷି ଋଣ ଛାଡ଼ ଘୋଷଣା କଲେ। ନିକଟରେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ କଂଗ୍ରେସ କ୍ଷମତାସୀନ ହେବା ମାତ୍ରେ ଚାଷୀ ନେଇଥିବା ଋଣ ଛାଡ଼ କରିଦେଲେ। ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ଛାଡ଼ ଘୋଷଣା କରିପାରନ୍ତି। କିନ୍ତୁ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଗଭର୍ନର ଦାସଙ୍କ ଉକ୍ତ ମନ୍ତବ୍ୟ ବେଶ୍ ପ୍ରଣିଧାନଯୋଗ୍ୟ। କୃଷି ଋଣ ଛାଡ଼କୁ ସେ କିଭଳି ଦୃଷ୍ଟିରେ ଦେଖନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ନିର୍ବାଚିତ ସରକାରଙ୍କର କୃଷି ଋଣ ଛାଡ଼ କରିବାର ଅଧିକାର ରହିଛି। ତେବେ ସମ୍ପୃକ୍ତ ରାଜ୍ୟ ସରକାରଗୁଡିକ ନିଜର ରାଜକୋଷରେ କେତେ ଅର୍ଥ ରହିଛି ତାହା ପ୍ରଥମେ ଜାଣିବା ଆବଶ୍ୟକ। କାରଣ ରାଜକୋଷ ସହ ଋଣ ଛାଡ଼ର ଗଭୀର ସମ୍ପର୍କ ରହିଛି। ଏହା ମଧ୍ୟ ଦେଖିବା ଦରକାର ଯେ, ସେମାନେ ତୁରନ୍ତ ବ୍ୟାଙ୍କଗୁଡିକୁ ଋଣ ଫେରସ୍ତ କରିପାରିବେ କି ନା। ଋଣ ଛାଡ଼ ବ୍ୟବସ୍ଥା ଦ୍ୱାରା ଋଣ ପ୍ରଦାନର ସଂସ୍କୃତି ପ୍ରଭାବିତ ହେଉଛି। ଏହାଦ୍ୱାରା ଭବିଷ୍ୟତରେ ଋଣ ନେବାକୁ ଥିବା ଚାଷୀଙ୍କ ବ୍ୟବହାର ମଧ୍ୟ ପ୍ରଭାବିତ ହେଉଛି ବୋଲି ଶକ୍ତିକାନ୍ତ କହିଛନ୍ତି।

### ନଗଦ ସମସ୍ୟା ଉପରେ ଆର୍‌ବିଆଇର ନଜର

ଅର୍ଥନୀତିରେ ଯଦି ନଗଦ ସମସ୍ୟା ଉପୁଜେ ଆବଶ୍ୟକ ସ୍ଥଳେ ଏ ନେଇ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେବ। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ଏହା କହିଛନ୍ତି। ନଗଦ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି ବୋଲି ଦାସ କହିଛନ୍ତି। ଶକ୍ତିକାନ୍ତ ନୂଆଦିଲ୍ଲୀରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ପ୍ରତିନିଧିଙ୍କୁ ଭେଟିଥିବା ବେଳେ ମଙ୍ଗଳବାର ଏନ୍‌ବିଏଫ୍‌ସି ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

### ବ୍ୟାଙ୍କର ଏନ୍‌ପିଏ ସ୍ତର ହ୍ରାସ ପାଉଛି

ବ୍ୟାଙ୍କଗୁଡ଼ିକ ଲାଗି ଅନାଦାୟ ଋଣ (ଏନ୍‌ପିଏ) ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ବର୍ତ୍ତମାନ ଏଥିରେ ହ୍ରାସ ହେଉଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ଏନ୍‌ପିଏ ହ୍ରାସ ନେଇ ବ୍ୟାଙ୍କିଙ୍ଗ ଶିଳ୍ପର କାର୍ଯ୍ୟଧାରାକୁ ନେଇ ଶକ୍ତିକାନ୍ତ ସନ୍ତୋଷବ୍ୟକ୍ତ କରିଛନ୍ତି। ବ୍ୟାଙ୍କିଙ୍ଗ ଶିଳ୍ପର ଗଭର୍ନାନ୍ସରେ ଉନ୍ନତି ଆଣିବା ଲାଗି ଅଂଶୀଦାରଙ୍କ ପରାମର୍ଶ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

## ଆଜିଠୁ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ

**ନୂଆଦିଲ୍ଲୀ,୭-୧**

**ପ୍ରଭାବିତ ହେବ ବ୍ୟାଙ୍କ ସେବା**



ବ୍ୟାଙ୍କ କର୍ମଚାରୀମାନେ ପୁଣିଥରେ ଧର୍ମଘଟରେ ସାମିଲ ହେବାକୁ ଯାଉଛନ୍ତି। ସେମାନେ ମଙ୍ଗଳବାର ଓ ବୁଧବାର ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦେଇଛନ୍ତି। ଏହି କାରଣରୁ ବ୍ୟାଙ୍କ ସେବା ପ୍ରଭାବିତ ହେବାକୁ ଯାଉଛି। ୧୦ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦୁଇଦିନିଆ ଦେଶବ୍ୟାପୀ ବନ୍ଦ ଡାକରାରେ ଦୁଇଟି ବ୍ୟାଙ୍କ ୟୁନିୟନ ସାମିଲ ହୋଇଛି। କେନ୍ଦ୍ର ସରକାର ବ୍ୟାଙ୍କ କର୍ମଚାରୀଙ୍କ ହିତରେ ଯଥେଷ୍ଟ ପଦକ୍ଷେପ ନେଇନାହାନ୍ତି ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇବିଇଏ) ଏବଂ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ (ବିଇଏଫ୍) ଅଭିଯୋଗ କରିଛନ୍ତି। ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ସମ୍ପର୍କରେ ସେମାନେ ପୂର୍ବରୁ ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ (ଆଇବିଏ)କୁ ଜଣାଇ ଦେଇଛନ୍ତି। ବ୍ୟାଙ୍କ କର୍ମଚାରୀ ସଂଗଠନ କେନ୍ଦ୍ର ସରକାରଙ୍କ ନୀତିକୁ ଶ୍ରମିକ ବିରୋଧୀ ବୋଲି ଦର୍ଶାଇଛି। ଦୁଇଦିନିଆ ଧର୍ମଘଟ ଯୋଗୁ ବ୍ୟାଙ୍କ ସେବା ପ୍ରଭାବିତ ହେବ ବୋଲି ଆଇଡିବିଆଇ ଏବଂ ଆଲ୍ଲାହାବାଦ ବ୍ୟାଙ୍କ ଇତିମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦେଇଛି। ତେବେ ସେବା ଯେପରି ପ୍ରଭାବିତ ନ ହୁଏ ସେଥିଲାଗି ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୂଚନାଥାଉ କି, ଗତବର୍ଷ ଡିସେମ୍ବର ୨୧ ଓ ୨୬ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ସମୟରେ ସରକାରୀ ଛୁଟି ପଡିଯିବାରୁ ସାଧାରଣ ଗ୍ରାହକଙ୍କୁ ହିନସ୍ତା ହେବାକୁ ପଡିଥିଲା।

## ନୀରବ ମାମଲାରୁ ଚେତିନି ପିଏନ୍‌ବି

# ସାମ୍ନାକୁ ଆସିଲା ୧୫୦୦ କୋଟି ଟଙ୍କାର ଠକେଇ

**ନୂଆଦିଲ୍ଲୀ,୭-୧**

ନୀରବ ମୋଦି ଏବଂ ମେହୁଲ ଚୋକସୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)କୁ ୧୪,୦୦୦ କୋଟି ଟଙ୍କାର ଚୂନ ଲଗାଇବା ପରେ ବ୍ୟାଙ୍କ ଏଭଳି ଘଟଣାକୁ ନେଇ ଚେତିନି। ପୁଣି ନୂଆ ଠକେଇର ପୁନରାବୃତ୍ତି ଘଟିଛି। ଠକେଇ ମାମଲାଗୁଡ଼ିକରେ ବ୍ୟାଙ୍କକୁ ପ୍ରାୟ ୧୫୦୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବ୍ୟାଙ୍କ ଏଭଳି କ୍ଷତି ହୋଇଥିବା ଏକ ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ୨୦୧୮ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବ୍ୟାଙ୍କରେ ୧୧୫ ଠକେଇ ଘଟଣା ସାମ୍ନାକୁ ଆସିଛି। ଏହି ମାମଲାରେ ୧୫୨୩.୦୩ କୋଟି ଟଙ୍କା ବୁଡିଯାଇଥିବା ତଥ୍ୟରୁ ଜଣାପଡ଼ିଛି।




ଆର୍‌ଟିଆଇ ଉତ୍ତରରେ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୫୮ ଠକେଇ ମାମଲାରେ ବ୍ୟାଙ୍କ ୩୨,୭୯୫ କୋଟି ଟଙ୍କା କ୍ଷତି ସହିଥିଲା। ସେହିଭଳି ଦ୍ୱିତୀୟ ତ୍ରୈମାସରେ ୫୭ ମାମଲା ସାମ୍ନାକୁ ଆସିଛି। ଜୁଲାଇ ୨୦୧୮ରୁ ସେପ୍ଟେମ୍ବର ମଧ୍ୟରେ ବ୍ୟାଙ୍କ ଏଭଳି ମାମଲାରେ ୧,୧୯,୫୦୭.୮୪ ଲକ୍ଷ କୋଟି ଟଙ୍କା ବୁଡ଼ିଥିବା ଜଣାପଡ଼ିଛି।

# ପ୍ରତ୍ୟକ୍ଷ ଟିକସ ଆଦାୟ ୮.୭୪ ଲକ୍ଷ କୋଟି

**ନୂଆଦିଲ୍ଲୀ,୭-୧**




ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମଧ୍ୟରେ ପ୍ରତ୍ୟକ୍ଷ ଟିକସ ଆଦାୟ ୧୪.୧୦ ପ୍ରତିଶତ ବୃଦ୍ଧି ପାଇ ୮.୭୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବଧିରେ ଆୟକର ବିଭାଗ ୧.୩୦ ଲକ୍ଷ କୋଟି ଟଙ୍କାର ରିଫଣ୍ଡ କରିଛି। ଏହା ଗତ ବର୍ଷର ଏହି ଅବଧିଠାରୁ ୧୭ ପ୍ରତିଶତ ଅଧିକ ରହିଛି। ଏହି ଅବଧିରେ ଅଗ୍ରିମ ଟିକସ ଆଦାୟ ମଧ୍ୟ ଗତବର୍ଷର ଏହି ସମୟ ତୁଳନାରେ ୧୪.୫୦ ପ୍ରତିଶତକୁ ବୃଦ୍ଧି ପାଇ ୩.୬୪ ଲକ୍ଷ କୋଟି ଟଙ୍କା ହୋଇଛି।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଡିସେମ୍ବର ୨୦୧୮ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଟିକସ ଆଦାୟର ପ୍ରାରମ୍ଭିକ ତଥ୍ୟରୁ ଜଣାପଡୁଛି ଯେ, ରିଫଣ୍ଡ ପରେ ମୋଟ ନିଟ୍ ଟିକସ ଆଦାୟ ୧୩.୬୦ ପ୍ରତିଶତ ବଢ଼ି ୭.୪୩ ଲକ୍ଷ କୋଟି ଟଙ୍କା ହୋଇଛି। ଚଳିତ ଆର୍ଥିକ ବର୍ଷରେ ବଜେଟ୍‌ରେ ୧୧.୫୦ ଲକ୍ଷ କୋଟି ଟଙ୍କାର ନିଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏଭଳି ଭାବେ ଦେଖିଲେ ଅଦ୍ୟାବଧି ବଜେଟ ଲକ୍ଷ୍ୟର ୬୪.୭୦ ପ୍ରତିଶତ ଟିକସ ଆଦାୟ ହୋଇଛି। ଏଥିରେ କୁହାଯାଇଛି ଯେ, କର୍ପୋରେଟ ଟିକସ କ୍ଷେତ୍ରରେ ୧୪.୮ ପ୍ରତିଶତ ଏବଂ ବ୍ୟକ୍ତିଗତ ଆୟକରରେ ମୋଟ ୧୭.୨ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ରିଫଣ୍ଡ ପରେ କର୍ପୋରେଟ ଟିକସ ସଂଗ୍ରହରେ ୧୬ ପ୍ରତିଶତ ତଥା ବ୍ୟକ୍ତିଗତ ଟିକସରେ ୧୪.୮ ପ୍ରତିଶତ ନିଟ୍ ବୃଦ୍ଧି ଦେଖାଯାଇଛି। ଉଲ୍ଲେଖଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ରେ ମୋଟ୍ ଘରୋଇ ଉତ୍ପାଦନ(ଜିଡିପି) ତୁଳନାରେ ପ୍ରତ୍ୟକ୍ଷ ଟିକସ ଆଦାୟ ୫.୯୮ ପ୍ରତିଶତ ରହିଛି, ଏହି ଅନୁପାତ ଗତ ୧୦ ବର୍ଷ ଭିତରେ ସର୍ବୋଚ୍ଚ ସ୍ତର କୁହାଯାଉଛି। ୨୦୧୬-୧୭ରେ ଏହା ୫.୫୭% ଓ ୨୦୧୫-୧୬ରେ ଏହା ୫.୪୭ ପ୍ରତିଶତ ଥିଲା।

## ଆଲ୍ଲାହାବାଦ ବ୍ୟାଙ୍କ-ଏସ୍‌ବିଆଇ ଲାଇଫ ବୁଝାମଣା

**ଭୁବନେଶ୍ୱର,୭-୧**

ଆଲ୍ଲାହାବାଦ ବ୍ୟାଙ୍କ ଏବଂ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଗ୍ରାହକଙ୍କ ନିକଟରେ ସାମଗ୍ରିକ ଆର୍ଥିକ ସମାଧାନ ଯୋଜନା ଉପଲବ୍ଧ କରାଇବା ଲକ୍ଷ୍ୟରେ ବ୍ୟାଙ୍କାସ୍ୟୁରାନ୍ସ ବୁଝାମଣାରେ ସାମିଲ ହୋଇଛନ୍ତି। ଏହା ଦେଶରେ ଏକ ବୃହତ୍ ବ୍ୟାଙ୍କାସ୍ୟୁରାନ୍ସ ସହଯୋଗିତା। ଏହି ପଦକ୍ଷେପ ଦ୍ୱାରା ଗ୍ରାହକମାନେ ଆଲ୍ଲାହାବାଦ ବ୍ୟାଙ୍କର ସାରା ଦେଶରେ ଥିବା ୩୨୩୮ ଶାଖାରେ ଏସ୍‌ବିଆଇ ଲାଇଫର ଉତ୍ପାଦ ଲାଭ କରିପାରିବେ। ଏହା ମଧ୍ୟରେ ପ୍ରୋଟେକ୍ସନ, ୱେଲଥ କ୍ରିଏଶନ, ସଞ୍ଚୟ ଉତ୍ପାଦ ସହ ଅନ୍ୟାନ୍ୟ ପ୍ରଡକ୍ଟ ସାମିଲ ରହିଛି।


**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 6 ରେ ପ୍ଲଟ ନଂ F/731 ଟିକୁ ଶ୍ରୀମତୀ କୁମୁଦିନୀ ମିଶ୍ର, ସ୍ୱାମୀ - ସ୍ୱ କୃଷ୍ଣଚନ୍ଦ୍ର ମିଶ୍ର, ସା - ପ୍ଲଟ ନଂ - F/731, ସେକ୍ଟର - ୬, ମର୍କତ ନଗର, ସି.ଡ଼ି.ଏ, ଜିଲ୍ଲା - କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ କୁମୁଦିନୀ ମିଶ୍ର ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କର କନ୍ୟା ଶ୍ରୀମତୀ ତୃପ୍ତି ମିଶ୍ର, ସା - ପ୍ଲଟ ନଂ - F/731, ସେକ୍ଟର - ୬, ସି.ଡି.ଏ, ପୋ - ବିଡାନାସୀ, ଥା - ମର୍କତ ନଗର, ଜିଲ୍ଲା - କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**KALAHANDI RWS&S DIVISON, BHAWANIPATNA**
Phone Mo: 06670-230784, e-mail: eerwsskld@nic.in, eerwsskld@gmail.com
No.1316-O

**INVITATION OF BID THROUGH e- TENDERING**
**Bid Identification No- 14/EE/RWSS/2018-19/Bpt Dated.02.01.2019**
01. Name of the work : Annexure - A- Attached

| Procurement Officer | Bid Identification No. | Availability of tender online for bidding on office hour only | | Last date for submission of bid security and bid cost in online | Last date and time of seeking tender clarification in office hour | Date of opening (Technical Bid) | Date of opening (Financial Bid) |
|---|---|---|---|---|---|---|---|
| | | From | To | | | | |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Kalahandi RWS&S Division, Bhawanipatna | 14/EE/ RWSS/ 2018-19 /Bpt Dated- 02.01.2019 | 11.01.2019 | 25.01.2019 | Up to 29.01.2019 at 11. 00 AM | 28.01.2019 | 29.01.2019 at 11.30 AM onwards | 31.01.2019 at 11.30 AM onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal **http://tenderodisha.gov.in**.
25005/11/0029/1819 **Sd./- Executive Engineer, Kalahandi RWS&S Division, Bhawanipatna**



OFFICE OF THE
NOTIFIED AREA COUNCIL, BOUDHGARH
**"e" Procurement Notice**
**Tender call Notice No: 61 / MAC/12 / 2018-19 Date:- 5.1.2019**

1. Name of work: Civil works as mentioned in website
2. No. of works: 12 No. of Civil works
3. Bid value: Rs. 8,76,500.00 to Rs.11,91,500.00
4. Date and time of availability, received of the bid documents in the portal: **From 10.00 A.M of dt. 8.1.2019 to dt. 17.1.2019 upto 5.00 PM only.**
5. Bids received online shall be opened on **Dt 19.1.2019 at 11.00AM**
6. Submission of original documents: **On or before 10.00AM of Dt.19.1.2019**
7. Name & Address of the Officer inviting Bid: EXECUTIVE OFFICER, BOUDHGARH NAC

For further details can be seen from the Procurement portal: **www.tendersorissa.gov.in**.

**Sd./- Executive Officer, Boudhgarh NAC**



**REGIONAL PLANT RESOURCE CENTRE**
**Ekamra Kanan, Nayapalli, Bhubaneswar - 751015, Odisha**
**FOREST & ENVIRONMENT DEPARTMENT, GOVERNMENT OF ODISHA**
**Tel no. 0674-2557925, 2552002, Email : rprcbbsr@gmail.com, website : www.rprcbbsr.com**

**T-16/2011(1) No. 71 / RPRC** **Dated : 07.01.2019**

**TENDER CALL NOTICE FOR LEASE OF RUNNING OF DAY TIME FOOD COURT**

Sealed tender is invited from the intending firms / restaurant owners / Hoteliers / Food Vendors having valid Food License / Trade Certificate for running of day time Food Court (without fresh cooking provision, only store, freezer microwave heating provision) in the Botanic Garden of Regional Plant Resource Centre, Bhubaneswar for two consecutive years on payment of monthly rent. The tender papers can be obtained from the Accounts Section of RPRC from **09/01/2019** during office hours on payment of **236/-** (200/- + 18% GST) (Non refundable) in shape of cash. The details can be obtained from the RPRC website "**www.rprcbbsr.in**" or from notice board of RPRC, Bhubaneswar. The tender be submitted along with solvency certificate, GST, PAN, original money receipt towards purchase of tender paper and EMD of Rs.10,000 /- (Rupees ten thousand only) in shape of Bank Draft drawn in favour of the Chief Executive, Regional Plant Resource Centre, Bhubaneswar at any Nationalized bank without which the tender will be liable for rejection. The sealed tender superscribed **"Tender for Food Court"** shall be received through Registered Post/Speed Post/ Courier or can be put to office tender box. Last date of receipt of tender is **28/01/2019.** Tender paper received beyond last date/ incomplete tender paper within the date shall be rejected. Tender shall be opened in presence of tenderes or their authorized representatives in the office of the undersigned on **29/01/2019 (11.30 AM)**. Those who have send their tender in response to Advertise No.2566/RPRC, Dt.01.12.2018 may not apply again. The authority reserves the right to cancel any or all tender without assigning any reason thereof.

**Sd/-**
**Administrative Officer**



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
O/o the Sr. General Manager (Construction), Zone-1, Technical Building, 1st Floor, Bhoinagar, Bhubaneswar - 751022.
Tel: 0674-2546353, E-mail: sgm.con1.bbs@optcl.co.in **CIN: U40102OR2004SGC007553**

**No.: Sr. GM(TP&C)/Publication/Gaz/08/(Vol.IV)45** **Dated: 05.01.2019**

**NOTIFICATION**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No.: R & R-II-10/2006/2353, Dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-1, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751 022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the work & Scope | Name of the Village in which the Line will pass | Tentative Estimated Amount (Rs. in Crores) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 220KV LILO line from existing 220KV Duburi-Paradeep DC line to proposed 220/33KV Grid Sub-station, Balichandrapur at palei. | **TAHASIL: DARPAN** **R.I. Circle:** Bandareswar **Revenue Village:** Matkatpur, Gobandia, Palei | Rs.1.84 Crore | D.G.M (Elect.), EHT (C) Division, Cuttack. | This will facilitate the un-interrupted power supply to the villages' covers under the Tahasil of Darpan & overall development of Odisha State in general. |

Sd/- **Chief General Manager (C), Zone-1**



**OFFICE OF THE DIVISIONAL FOREST OFFICER**
**ATHMALLIK FOREST DIVISION, ATHMALLIK**

**Memo No .218/Dt.05.01.2019**

**No.132-MM:-** Sealed tenders are invited in two Bid systems from established / reputed / registered / experienced and accredited manufactures for supply of following items for use in Athmallik Forest Division, Athmallik.

| Item | Quantity | Cost of Tender Paper | EMD to be deposited |
|---|---|---|---|
| Supply, Installation and commissioning of FRP Floating Jetty | 2 ( Two) | Rs. 1,000/- | 2% of the quoted price |

Non transferable tender documents for supply of the items stated above will be available and can be collected in person from the office of the Divisional Forest Officer, Athmallik Forest Division, Athmallik, Odisha on payment of tender document cost as specified above. The tender document cost which is nonrefundable, should be payable in shape of crossed Demand Draft drawn in favour of the Divisional Forest Officer, Athmallik Forest Division, Athmallik.

1. Sale of Tender papers/documents will be available in Division Office from Dt.09.01.2019 to 19.01.2019 (during office hours).
2. Receiving of Tender papers will be within Dt.09.01.2019 until 03.00 P.M of Dt.19.01.2019.
3. Tender opening 04.00 P.M. of Dt.19.01.2019.

08066/11/0002/1819 **Divisional Forest Officer, Athmallik Forest Division, Athmallik**

ଭାରତୀୟ ପେସ୍ ବାହିନୀ ଉପରୁ କାର୍ଯ୍ୟଭାର ଲାଘବ କରିବାକୁ ହେଲେ ଆହୁରି ୩ ପେସ୍ ବୋଲରଙ୍କ ଆବଶ୍ୟକତା ରହିଛି ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



ବର୍ତ୍ତମାନର ଭାରତୀୟ ବୋଲିଂ ଆଟାକ୍ ବିଶ୍ୱ ଶ୍ରେଷ୍ଠ। ବିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ସୃଷ୍ଟି କରିବାର ସାମର୍ଥ୍ୟ ରଖିଛି ।

–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ,୭।୧(ପି.ଟି.):** ଅଷ୍ଟ୍ରେଲିଆରେ ପ୍ରଥମ ଥର ଟେଷ୍ଟ ସିରିଜ୍ ଜିତି ଇତିହାସ ସୃଷ୍ଟି କରିଥିବା ଭାରତୀୟ ଦଳକୁ ଦେଶର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ଶୁଭେଚ୍ଛୁଙ୍କ ତାଲିକାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିଛନ୍ତି। ରାଷ୍ଟ୍ରପତି କୋବିନ୍ଦ ଟୁଇଟ କରିଛନ୍ତି, ଶେଷରେ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ୍ ଜିତିବାକୁ ସକ୍ଷମ ହୋଇଛି ଭାରତୀୟ ଦଳ। ଏଥିନେଇ ବିରାଟ କୋହଲି ଓ ତାଙ୍କ ନେତୃତ୍ୱାଧୀନ ଦଳକୁ ଶୁଭେଚ୍ଛା। ଜବରଦସ୍ତ ବ୍ୟାଟିଂ, ଚମତ୍କାର ଦ୍ରୁତ ବୋଲିଂ ଓ ମିଳିତ ଉଦ୍ୟମରେ ଆମେ ଏହି ସଫଳତା ପାଇଛୁ। ଏହାକୁ ଆମେ ଅଭ୍ୟାସ କରିଦେବା। ସେହିଭଳି ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ଅଷ୍ଟ୍ରେଲିଆରେ କ୍ରିକେଟ ଇତିହାସ ସୃଷ୍ଟି କରିବାର ଲକ୍ଷ୍ୟ ପୂର୍ଣ୍ଣ ହୋଇଛି। ଭାରତୀୟ ଦଳକୁ ବିଜୟ ଲାଗି କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ଭାରତୀୟ ଦଳକୁ ଶୁଭେଚ୍ଛା। ଏହି ସିରିଜ୍‌ରେ ଦଳ ସ୍ମରଣୀୟ ପ୍ରଦର୍ଶନ କରିଛି। ଆଗାମୀ ଟୁର୍ନାମେଣ୍ଟ ଲାଗି ଦଳକୁ ଶୁଭକାମନା।

### 'ସର୍ବଶ୍ରେଷ୍ଠ ସଫଳତା'

**ସିଡ୍‌ନୀ,୭।୧(ପି.ଟି.):** ଏହା ମୋର ସର୍ବଶ୍ରେଷ୍ଠ ସଫଳତା। ଏଠାରେ ବର୍ଡର-ଗାଭାସ୍କର ଟ୍ରଫି ହାତେଇବା ପରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏଭଳି ମନ୍ତବ୍ୟ ଦେଇଛନ୍ତି। ୮ ବର୍ଷ ତଳେ ଆଇସିସି ବିଶ୍ୱକପ୍ ଜିତିଥିବା ଦଳର ସଦସ୍ୟ ଥିଲେ ମଧ କୋହଲି ଅଷ୍ଟ୍ରେଲିଆରେ ସିରିଜ୍ ଜିତିବାକୁ ଅଧିକ ଗୁରୁତ୍ୱ ଦେଉଥିବା କହିଛନ୍ତି। ଏବେ ପର୍ଯ୍ୟନ୍ତ ଏହା ମୋର ସର୍ବଶ୍ରେଷ୍ଠ ସଫଳତା। ଆମେ ବିଶ୍ୱକପ୍ ଜିତିଥିଲାବେଳେ ମୁଁ ଦଳର ସର୍ବକନିଷ୍ଠ ଖେଳାଳି ଥିଲି। ସମସ୍ତଙ୍କୁ ଭାବବିହ୍ୱଳ ହେବାର ଦେଖିଛି। ଏହି ସିରିଜ୍ ବିଜୟ ଆମକୁ ଅଲଗା ପରିଚୟ ଦେବ। ଯାହା ସଫଳତା ପାଇଛୁ, ସେଥିନେଇ ଆମେ ଗର୍ବିତ ବୋଲି ମ୍ୟାଚ୍ ପରେ ୩୦ ବର୍ଷୀୟ କୋହଲି କହିଛନ୍ତି। ଉଲ୍ଲେଖଥାଉ କି, ଗତ ୨୦୧୪ ଗସ୍ତରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ପଦ ତ୍ୟାଗ କରିବା ପରେ କୋହଲିଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଥିଲା। ପ୍ରତ୍ୟେକଙ୍କ ଭଲ ପ୍ରଦର୍ଶନ ଯୋଗୁ ଏଠାରେ ଟିମ୍ ଇଣ୍ଡିଆ ଟେଷ୍ଟ ସିରିଜ୍ ଜିତିବାକୁ ସକ୍ଷମ ହୋଇଛି। ସ୍ୱତନ୍ତ୍ର ଭାବେ ଚେତେଶ୍ୱର ପୂଜାରା ଓ ଯଶପ୍ରୀତ ବୁମ୍‌ରା ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଯୁବ ଖେଳାଳି ମୟଙ୍କ ଅଗ୍ରୱାଲ ଓ ରିଷଭ ପନ୍ତଙ୍କ ମଧ ପ୍ରଶଂସା କରିବା ଭୁଲି ଯାଇ ନ ଥିଲେ।



ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ୍ ବିଜୟ ପରେ ଉଲ୍ଲସିତ ଟିମ୍ ଇଣ୍ଡିଆ।

# 'ଐତିହାସିକ ସଫଳତା'

**ନୂଆଦିଲ୍ଲୀ, ୭।୧(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୨–୧ରେ ଜିତି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ବର୍ଡର–ଗାଭାସ୍କର ଟ୍ରଫିକୁ କବ୍‌ଜା କରିନେଇଛି। ଭାରତ ଏଥିସହ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ଟେଷ୍ଟ ସିରିଜ ଜିତିବାର ସ୍ୱାଦ ଚାଖିଛି। ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଏକ ବର୍ଷ ଲାଗି ବାସନ୍ଦ ହୋଇଥିବା ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ବିନା ଅଷ୍ଟ୍ରେଲିଆ ଏହି ସିରିଜ ଖେଳିଥିଲା। ତେଣୁ ସବୁଠାରୁ ଦୁର୍ବଳ ଅଷ୍ଟ୍ରେଲିଆ ଟିମ୍ ବିପକ୍ଷରେ ଭାରତ ଟେଷ୍ଟ ସିରିଜ ଜିତିଥିବାନେଇ କେତେକେ ସମାଲୋଚନା କରିବା ପରେ ପ୍ରାକ୍ତନ ଭାରତୀୟ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଏହାର ଜବାବ୍ ରଖିଛନ୍ତି। 'ଅଷ୍ଟ୍ରେଲିଆ ଟିମ୍ ଡେଭିଡ୍ ୱାର୍ନର ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ବିନା ଖେଳିବାରେ ଭାରତର ଦୋଷ ନାହିଁ। ଅଷ୍ଟ୍ରେଲିଆ ଏହି ଦୁଇ ଖେଳାଳିଙ୍କୁ କମ୍ ସମୟ ପର୍ଯ୍ୟନ୍ତ ବାସନ୍ଦ କରିପାରିଥାନ୍ତା। କିନ୍ତୁ ଏହା କୁହାଯିବ ଯେ, ଗୋଟିଏ ବର୍ଷ ବାସନ୍ଦ ଅଷ୍ଟ୍ରେଲିଆ ଟିମ୍ ପାଇଁ ଭଲ। ଯେଉଁମାନେ ଖେଳକୁ ବଦନାମ କରିବାକୁ ଚାହିଁବେ ସେମାନଙ୍କ ଲାଗି ଏହା ଏକ ଉଦାହରଣ ହୋଇ ରହିବ' ବୋଲି ଗାଭାସ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି। ଭାରତୀୟ ଦଳର ଏହି ସଫଳତାକୁ ଗାଭାସ୍କର ଐତିହାସିକ ବୋଲି କହିବା ସହ ଦଳର ଫିଟ୍‌ନେସକୁ ବେଶ୍ ତାରିଫ୍ କରିଛନ୍ତି।

## ପ୍ରତିକ୍ରିୟା...

**ସଚିନ ତେନ୍ଦୁଲକର:** ଭାରତୀୟ କ୍ରିକେଟ୍ ପାଇଁ ଏହା ଏକ ଚମତ୍କାର ଦିନ। ଭାରତୀୟ ଦଳର ଦୃଢ଼ ମାନସିକତା ଓ ସଂକଳ୍ପବଦ୍ଧତା ସିରିଜ ଜିତିବାରେ ସହାୟକ ହୋଇଛି। ଖେଳାଳିଙ୍କ ଲାଗି ଗର୍ବିତ। ଉଭୟ ଯୁବ ଓ ସିନିୟର ଖେଳାଳି ଦାୟିତ୍ୱ ସମାନଭାବେ ତୁଲାଇଛନ୍ତି।

**ଭିଭିଏସ୍ ଲକ୍ଷ୍ମଣ:** ଅଷ୍ଟ୍ରେଲିଆରେ ଐତିହାସିକ ସିରିଜ ବିଜୟ ଲାଗି ଟିମ୍ ଇଣ୍ଡିଆକୁ ଅନେକ ଅନେକ ଅଭିନନ୍ଦନ। ଏହା ପ୍ରକୃତରେ ଏକ ଦଳଗତ ସଫଳତା, ଯେଉଁଥିରେ ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ରହିଛି।

**ବୀରେନ୍ଦ୍ର ସେହ୍ୱାଗ:** ସ୍ମରଣୀୟ ସିରିଜ ବିଜୟ ପାଇଁ ଅଭିନନ୍ଦନ। ଭାରତର ପ୍ରତ୍ୟେକ କ୍ରିକେଟପ୍ରେମୀ ଟିମ୍‌ର ଏହି ସଫଳତା ଲାଗି ଗର୍ବ ଅନୁଭବ କରୁଛନ୍ତି।

**ହରଭଜନ ସିଂ:** ଅଷ୍ଟ୍ରେଲିଆରେ ଉନ୍ନତ ପ୍ରଦର୍ଶନ କରି ଟେଷ୍ଟ ସିରିଜ ଜିତିଥିବାରୁ ଅଭିନନ୍ଦନ। ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିବା ଚେତେଶ୍ୱର ପୂଜାରା ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସଦୃଶ। ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂ ମଧ ଅଭୂତପୂର୍ବ। ଏହା ବଜାୟ ରହୁ।

**ସିକେ ଖାନ୍ନା (ବିସିସିଆଇ କାର୍ଯ୍ୟକାରୀ ସଭାପତି):** ବିରାଟ କୋହଲିଙ୍କ ଚମତ୍କାର ନେତୃତ୍ୱ ବଳରେ ଭାରତ ଅଷ୍ଟ୍ରେଲିଆରେ ସିରିଜ ଜିତିଛି। ଟିମ୍ ଇଣ୍ଡିଆକୁ ଅଭିନନ୍ଦନ।

**ମିଚେଲ ଜନସନ (ପ୍ରାକ୍ତନ ଅଷ୍ଟ୍ରେଲୀୟ କ୍ରିକେଟର):** ଐତିହାସିକ ସିରିଜ ବିଜୟ ଲାଗି ଭାରତୀୟ କ୍ରିକେଟ ଟିମ୍‌କୁ ଅଭିନନ୍ଦନ। ଅଷ୍ଟ୍ରେଲିଆରେ ପ୍ରଥମଥର ଲାଗି ଟେଷ୍ଟ ସିରିଜ ଜିତିଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗର୍ବର ଉପଲବ୍ଧି।

**ଗ୍ଲେନ ମ୍ୟାକ୍‌ଗ୍ରା (ପ୍ରାକ୍ତନ ଅଷ୍ଟ୍ରେଲୀୟ ବୋଲର):** ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଟେଷ୍ଟ ସିରିଜ ଜିତିଥିବାରୁ ବିରାଟ କୋହଲି ଏବଂ ଭାରତୀୟ ଟିମ୍‌କୁ ଅଭିନନ୍ଦନ। ସେମାନେ ସମସ୍ତ ବିଭାଗରେ ଭଲ ଖେଳିଲେ।

**ଗୌତମ ଗମ୍ଭୀର:** ଚମତ୍କାର ସିରିଜ ବିଜୟ ଲାଗି ଅଭିନନ୍ଦନ। କ୍ରୀଡ଼ାର ଦେଶ ଭାବେ ଆମ ଲାଗି ଏହା ଏକ ବହୁତ ବଡ଼ ଦିନ।

# ପୂଜାରା, ବୁମ୍‌ରାଙ୍କ ପ୍ରଭାବୀ ପ୍ରଦର୍ଶନ

**ସିଡ୍‌ନୀ, ୭।୧ (ପି.ଟି.):** ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ଲାଗି ଭାରତକୁ ଟେଷ୍ଟ ସିରିଜ ଜିତାଇବାରେ ଦୁଇ ପ୍ରମୁଖ ଭାରତୀୟ ଖେଳାଳି ଚେତେଶ୍ୱର ପୂଜାରା ଓ ଯଶ୍‌ପ୍ରୀତ୍ ବୁମ୍‌ରାଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ ରହିଥିଲା। ପୂଜାରା କ୍ରିଜରେ ଘଣ୍ଟା ପରେ ଘଣ୍ଟା ବିତାଇ ଚାଲିଥିବାବେଳେ ବୁମ୍‌ରା ନିଜର ନିଆରା ବୋଲିଂ ଟେକ୍‌ନିକ ଦ୍ୱାରା ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇବାରେ ସଫଳ ହୋଇଥିଲେ। ଏପରିକି ବିଦେଶ ମାଟିରେ ସର୍ବଦା ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଥିବା ଅଧିନାୟକ ବିରାଟ କୋହଲିଙ୍କୁ ମଧ ଏ ଦୁହେଁ ପଛରେ ପକାଇ ଦେଇଛନ୍ତି। ଏହି ସିରିଜରେ ପୂଜାରା ୭୪.୪୨ ଆଭରେଜରେ ମୋଟ୍ ୫୨୧ ରନ କରିଛନ୍ତି। ଯେଉଁଥିରେ ୩ଟି ଶତକ ସାମିଲ ରହିଛି। ସେହିଭଳି ସିରିଜରେ ୧୯୩ ରନ ପୂଜାରାଙ୍କ ଶ୍ରେଷ୍ଠ ସ୍କୋର ଥିଲା। ପୂଜାରା ଆଡିଲେଡ୍, ମେଲବୋର୍ନ ଓ ସିଡ୍‌ନୀରେ ଶତକ ହାସଲ କରିଥିଲେ। ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସୁଥିବା ଏହି ସୌରାଷ୍ଟ୍ର ତାରକାଙ୍କ ବ୍ୟତୀତ ଅନ୍ୟ କେହି ମ୍ୟାନ୍ ଅଫ୍ ଦି ସିରିଜ ଦାବିଦାର ନ ଥିଲେ। ସେହିଭଳି ବୁମ୍‌ରା ସିରିଜରେ ୨୧ ଉଇକେଟ୍ ଅକ୍ତିଆର କରିଥିଲେ। ଅନ୍ୟ ଦୁଇ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି (୧୬) ଓ ଇଶାନ୍ତ ଶର୍ମା (୧୧) ମଧ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାବାରେ ସଫଳ ହୋଇଥିଲେ। ସିରିଜରେ ଅଷ୍ଟ୍ରେଲିଆର ମୋଟ୍ ୭୦ ଉଇକେଟ୍‌ରୁ ଏହି ୩ ଦ୍ରୁତ ବୋଲର ୪୮ ଉଇକେଟ୍ ଅକ୍ତିଆର କରିଥିଲେ। ପୂଜାରାଙ୍କ ବ୍ୟତୀତ ଅଧିନାୟକ କୋହଲି ୨୮୨, ରିଷଭ ପନ୍ତ ୩୫୦, ମୟଙ୍କ ଅଗ୍ରୱାଲ ୧୯୫ ରନ କରିଛନ୍ତି। ସେହିଭଳି ଅନ୍ତିମ ଦୁଇ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ରବୀନ୍ଦ୍ର ଜାଡେଜା ୭ ଉଇକେଟ୍ ଏବଂ ଗୋଟିଏ ଅର୍ଦ୍ଧଶତକ ହାସଲ କରି ନିଜର ଅଲ୍‌ରାଉଣ୍ଡ ଦକ୍ଷତା ଦେଖାଇଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜରେ ଲର୍ଡ୍ସରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା କୁଲଦୀପ୍ ଯାଦବ ସିଡ୍‌ନୀରେ ୫ ଉଇକେଟ୍ ନେଇଛନ୍ତି। ବିଦେଶ ମାଟିରେ ଏହା ତାଙ୍କର ପ୍ରଥମ ୫ ଉଇକେଟ୍ ସଫଳତା ଥିଲା।



ଚେତେଶ୍ୱର ପୂଜାରାଙ୍କ ସହ ସାଥୀ ଖେଳାଳିମାନେ ଖୁସି ମନାଉଛନ୍ତି ।

# ଜାତୀୟ ଟିଟି: ପିଏସ୍‌ପିବି କବ୍‌ଜାରେ ମିକ୍ସଡ ଡବଲ୍ସ




ମିକ୍ସଡ୍ ଡବଲ୍ସର ସେମିଫାଇନାଲ୍ ଅବସରରେ ପ୍ରତିଯୋଗୀମାନେ।

**କଟକ ଅଫିସ,୭।୧**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଡବଲ୍ସ ଫାଇନାଲରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି)ର ଦୁଇଟି ଯାକ ଯୋଡ଼ି ପ୍ରବେଶ କରିଛନ୍ତି । ଫାଇନାଲରେ ଏସିଆନ ଗେମ୍ସର ବ୍ରୋଞ୍ଜ ପଦକ ବିଜେତା ଯୋଡ଼ି ଶରଥ କମଲ–ମନିକା ବାତ୍ରାଙ୍କ ସହ ମାନଭ ଠାକର–ଅର୍ଚ୍ଚନା ଗିରିଶ କାମଥଙ୍କ ମୁକାବିଲା ହେବ । ତେବେ ଏହି ଜାତୀୟ ପ୍ରତିଯୋଗିତାର ଇଭେଣ୍ଟରେ ପିଏସ୍‌ପିବି ଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛି। ରାଞ୍ଚିଠାରେ ଖେଳାଯାଇଥିବା ଗତ ସଂସ୍କରଣରେ ପିଏସପିବିର କୌଣସି ଖେଳାଳି ମିକ୍ସଡ ଡବଲ୍ସ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇ ପାରିନଥିବା ବେଳେ ଚଳିତ ସଂସ୍କରଣରେ ଦୁଇଟି ପଦକ ନିଶ୍ଚିତ କରିଛନ୍ତି । ଆୟୋଜକ ଓଡ଼ିଶା ଏହି ଇଭେଣ୍ଟରେ ପ୍ରାରମ୍ଭରୁ ବାଦ ପଡ଼ିଛି। ଅନ୍ୟପକ୍ଷରେ ସୋମବାର ସିଙ୍ଗଲ୍ସ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିବା ବେଳେ ଓଡ଼ିଶାର ୪ଜଣ ପୁରୁଷ ଖେଳାଳି ମୁଖ୍ୟ ଡ୍ରରେ ସ୍ଥାନ ପାଇଛନ୍ତି । ଏମାନେ ହେଲେ ଅସିଫ ହକ୍, ସ୍ନେହମୋଭ ମଲ୍ଲିକ, ଏମ ଈଶ୍ୱର ରାଓ ଓ କ୍ରୀଷ୍ଟା ପୃଷ୍ଟି । ମିକ୍ସଡ ଡବଲ୍ସର ପ୍ରଥମ ସେମିଫାଇନାଲ ପିଏସ୍‌ପିବିର ମାନଭ–ଅର୍ଚ୍ଚନାଙ୍କ ଯୋଡ଼ି ୧୧–୩, ୧୧–୫, ୧୧–୭ ପଏଣ୍ଟରେ ସିଧାସଳଖ ଆର୍‌ପିବିର ରବୀନ୍ଦ୍ର କୋଟିୟାନ–ସାଗରିକା ମୁଖାର୍ଜୀଙ୍କୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ । ପିଏସ୍‌ପିବିର ଅନ୍ୟ ଏକ ଯୋଡ଼ି ଶରଥ–ମନିକାଙ୍କ ସହ ହରିୟାଣାର ସୌରଭ ସାହା–ସୁତୀର୍ଥ ମୁଖାର୍ଜୀଙ୍କର ଦ୍ୱିତୀୟ ସେମିଫାଇନାଲରେ ଭେଟ ହୋଇଥିଲା । ଶରଥ–ମନିକା ୧୧–୯, ୧୧–୭, ୯–୧୧, ୧୧–୯ ପଏଣ୍ଟରେ ଜିତି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି ।

### ଶତକଶୂନ୍ୟ ଅଷ୍ଟ୍ରେଲିଆ

**ସିଡ୍‌ନୀ,୭।୧:** ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌କୁ ଭାରତ ୨-୧ ବ୍ୟବଧାନରେ ଜିତି ନେଇଛି। ଏହି ସିରିଜ୍‌ରେ ଅଷ୍ଟ୍ରେଲିଆ ଦଳ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ପ୍ରଥମ ଥର ଲାଗି କୌଣସି ଘରୋଇ ସିରିଜ୍‌ରେ ଗୋଟିଏ ହେଲେ ବି ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନ ଶତକ ମାରି ପାରିନାହାନ୍ତି। ଦୀର୍ଘ ୩୧ ବର୍ଷ ପରେ ଅଷ୍ଟ୍ରେଲିଆ ଦଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସିରିଜ୍‌ରେ ଘରୋଇ ଦଳର ଓପନର ମାର୍କସ ହାରିସ ୭୯ ରନ୍ କରିଥିଲେ, ଯାହାକି ସିରିଜ୍‌ରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କ ମଧରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର।

**OFFICE OF THE SR. GENERAL MANAGER (ELECTRICAL), UPPER INDRAVATI HYDRO ELECTRIC PROJECT, MUKHIGUDA, DIST: KALAHANDI-766026**
OHPC ISO 9001-14001 18001 Certified
Ph.No.06673-252201, Fax:252253, E-mail: sgmel_uihep@ohpcltd.com
**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963

**DETAIL TENDER CALL NOTICE NO. 44/2018-19 DATED. 05.01.2019**

**No. CAD-1230:-** Sealed tenders in duplicate are invited from the Manufacturers / Authorised Dealers / Reputed Suppliers for supply of the following materials to Upper Indravati Hydro Electric Project, Mukhiguda.

| Sl. No. | Description | Cost of the Tender paper | EMD in Rs. | Date of Selling of Tender Paper | Last Date / Time of receipt of Tender Paper | Date & Time of Opening of Tender |
|---|---|---|---|---|---|---|
| (1) | Supply of Industrial Safety Shoes & Formal Shoes. | Rs. 4720/- (Inclusive of GST) | Rs. 5740/- | Dtd.14.01.2019 to 12:00Hrs. of dtd.24.01.2019 | Upto 12:00 Hrs. of dtd. 24.01.2019 | 12:30 Hrs. of dtd. 30.01.2019 |

The Sale of Tender Paper will be from : Dtd.14.01.2019 to 12:00 Hrs. of dtd.24.01.2019
The Last Date & Time of receipt of Tender : 12:00 Hrs. of dtd.24.01.2019
The Date and Time of Opening of Tender : 12:30 Hrs. of dtd.30.01.2019
For details of Tender documents, Terms & Conditions, eligibility criteria and downloading please refer our Website www.ohpcltd.com.
32136/11/0072/1819 *Sd./- Sr. General Manager (EL), UIHEP, OHPC Ltd., Mukhiguda*

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN- 764051
Phones: 06861-232581(O)/ 232641(R), FAX: 06861-232541,
Email: unit.head_balimela@yahoo.com
No. BHEP: CW-5/95 Dated: 05.01.19
CAD-1227

**2nd CORRIGENDUM TO TENDER CALL NOTICE**
**NO. 6309, DTD.14.12.2018, BHEP, BALIMELA**

1. The last date and time of submission of the tender document is extended upto 12.00PM of Dtd. 14.01.2019 for above tender.
2. The last date and time of opening of the above tender is at 12.30PM of 14.01.2019.

All other terms and conditions of the above tender remain unchaged.

Further details like corrigendum to the Tender Call Notice etc. can be available in www.ohpcltd.com

*Sd./- SENIOR GENERAL MANAGER (EL.)*
04019/11/0095/1819

**State Health Assurance Society, Odisha**
**Department of Health & Family Welfare, Govt. of Odisha**
**Bhubaneswar-751012, District-Khordha (Odisha)**
**Phone No.-0674-2560311, Email ID, snaodisha@gmail.com**
No. 748-E

**Selection of Service Provider Agency for Engagement of Swasthya Mitra under State Health Assurance Society**

**Advt No. 13/2018** **Date:08.01.2019**

Sealed tenders are invited from eligible bidders for Selection of Service Provider Agency for Engagement of Swasthya Mitra under State Health Assurance Society. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 14.01.2019, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 28.01.2019, by 3:00 PM. The technical bid shall be opened on 28.01.2019, after 3:30 PM respectively.

The undersigned reserves the right to reject any or all the tenders or cancel the tender without assigning any reason thereof.

Sd/-
**Chief Executive Officer,**
**State Health Assurance Society, Odisha**
10001/11/0055/1819

**GOVERNMENT OF ODISHA** 406-C
**OFFICE OF THE EXECUTIVE ENGINEER, P.H. DIVISION, BHANJANAGAR AT CHATRAPUR**
E-Mail ID- eephchpr@gmail.com
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | Availability of Bid Document for Online Bidding To | Name & Address of Officer Inviting |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Jointing of missing links and repair of pipeline in different locations of Phulbani Municipality in connection with "Balance work of Augmentation of W/S to Phulbani Municipality under State Plan" | Identification No. 34/03/ SPH©/ 2018-2019 dt. 05.01.2019 | 14.19 | 2 (Two) Calendar Months | 11.00 Hrs. of 16.01.2019 | 17.00 Hrs. of 28.01.2019 | Executive Engineer, P.H. Division, Bhanjanagar at Chatrapur |
| 2 | Construction of drain with guard wall and CC road with toe wall in the campus of the WTP, Phulbani in connection with "Balance work of Augmentation of W/S to Phulbani Municipality under State Plan" | | 16.81 | 2 (Two) Calendar Months | | | |

The technical bid shall be opened on dt. 31.01.2019 at 11.30 AM
Further details can be seen from the e-Procurement portal http://tendersodisha.gov.in
13013/11/0003/1819 *Sd./- EXECUTIVE ENGINEER (PH)*



“ଚୟନକର୍ତ୍ତାମାନେ ଫିଟ୍‌ନେସକୁ ଠିକଣାରୂପେ ପରଖି ନ ଥିବାରୁ ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ମୁଁ ଦଳରୁ ବାଦ୍ ପଡ଼ିଛି ।

–ନାଥାନ କୋଲ୍‌ଟର ନାଇଲ, ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର

“ପରବର୍ତ୍ତୀ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ମହିଳା କ୍ରିକେଟ ଦଳକୁ ପ୍ରସ୍ତୁତ କରିବା ଲାଗି ଅନେକ କିଛି କରିବାକୁ ପଡ଼ିବ ।

–ଡବ୍ଲ୍ୟୁଭି ରମଣ, ଭାରତୀୟ ମହିଳା ଦଳର ନୂଆ କୋଚ୍



## ସଂକ୍ଷେପରେ

### ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରିବେ ଗଗନେନ୍ଦୁ



**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି):** ପୁଣେର ବାଲେୱାଡିସ୍ଥିତ ଶ୍ରୀ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତମାସ ୯ରୁ ଆରମ୍ଭ ହେବାକୁ ଯାଉଛି ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ। ଏହାର ଉଦ୍‌ଘାଟନୀ ସମାରୋହ ଏବଂ ପ୍ରତିଯୋଗିତା ସମୟରେ ଉପସ୍ଥିତ ରହିବା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ତଥା ଖେଲୋ ଇଣ୍ଡିଆର ପୂର୍ବାଞ୍ଚଳ ସଂଯୋଜକ ଗଗନେନ୍ଦୁ ଦାସଙ୍କୁ ନିମନ୍ତ୍ରଣ କରାଯାଇଛି। କିଟ୍ ଓ କିସ୍‌ରେ ସେ ଖେଲୋ ଇଣ୍ଡିଆ ଆଥଲେଟିକ୍ସ ଓ ଭାରୋତ୍ତୋଳନ ଏକାଡେମୀର ଇନ୍‌ଚାର୍ଜ ଅଛନ୍ତି। ଗଗନେନ୍ଦୁଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

### ଧୋନୀ, ରୋହିତଙ୍କ ଅଷ୍ଟ୍ରେଲିଆ ଗସ୍ତ

**ବମ୍ବେ, ୭।୧ (ପି.ଟି.):** ଶନିବାରଠାରୁ ଆରମ୍ଭ ହେବାକୁଥିବା ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଏମ୍. ଏସ୍. ଧୋନୀ ଓ ରୋହିତ ଶର୍ମାଙ୍କ ସମେତ ଭାରତୀୟ ଦଳର ଅନ୍ୟ କେତେଜଣ ସଦସ୍ୟ ସୋମବାର ଅଷ୍ଟ୍ରେଲିଆ ପ୍ରସ୍ଥାନ କରିଛନ୍ତି। ଖେଳାଳିମାନେ ଅପରାହ୍ଣରେ ବିମାନ ଯୋଗେ ଗସ୍ତ କରିଛନ୍ତି। ପ୍ରସ୍ଥାନ ପୂର୍ବରୁ ଦିନିକିଆ ଦଳର ଅନ୍ୟତମ ସଦସ୍ୟ ଅଲରାଉଣ୍ଡର କେଦାର ଯାଦବ ଧୋନୀ ଓ ରୋହିତଙ୍କ ସହିତ ଏକ ମିଳିତ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ରୋହିତ ଟେଷ୍ଟ ଦଳର ମଧ ସଦସ୍ୟ ଥିଲେ। ମାତ୍ର ତାଙ୍କ ନବଜାତ ସନ୍ତାନ ପାଇଁ ସେ ମୁମ୍ବାଇ ପଳାଇ ଆସିଥିଲେ। ଭାରତ ସୋମବାର ପ୍ରଥମ ଏସୀୟ ଦଳ ଭାବେ ଅଷ୍ଟ୍ରେଲିଆରେ ଏକ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିଛି।

### ଜାମିଲ ମୋହନ ବାଗାନର ମୁଖ୍ୟ କୋଚ୍

**କୋଲକାତା, ୭।୧ (ପି.ଟି.):** ଖଲିଦ ଜାମିଲ ମୋହନ ବାଗାନ ଫୁଟ୍‌ବଲ ଟିମ୍‌ର ପରବର୍ତ୍ତୀ ମୁଖ୍ୟ କୋଚ୍ ହେବେ। ଆଇ-ଲିଗ୍‌ରେ ନବାଗତ ରିଅଲ କଶ୍ମୀରଠାରୁ ପରାଜୟ ପରେ ଶଙ୍କରଲାଲ ଚକ୍ରବର୍ତ୍ତୀଙ୍କ ଇସ୍ତଫାର ୨୪ ଘଣ୍ଟା ନ ପୂରୁଣୁ କ୍ଲବ ତରଫରୁ ଏହି ଘୋଷଣା କରାଯାଇଛି। ଜାମିଲଙ୍କ କୋଚିଂରେ ଆଇଜଲ ଏଫ୍‌ସି ୨୦୧୬ରେ ଟାଇଟଲ ବିଜୟୀ ହୋଇଥିଲା। ଭାରତୀୟ ଘରୋଇ ଫୁଟ୍‌ବଲ ଇତିହାସରେ ଏହାକୁ ଅନ୍ୟତମ ବଡ଼ ସଫଳତା ବିବେଚନା କରାଯାଉଛି। ଏହି କୁଏତ ଜନ୍ମିତ ଭାରତୀୟ ପରବର୍ତ୍ତୀ ସିଜନରେ ଇଷ୍ଟବେଙ୍ଗଲ ଟିମ୍ ସହିତ ଚୁକ୍ତି କରିଥିଲେ। ମାତ୍ର ସେ ଦଳକୁ ଆଇ-ଲିଗ୍ କିମ୍ବା ସୁପର କପ୍ ଜିତାଇ ପାରି ନ ଥିଲେ।

# ରଣଜୀ ଟ୍ରଫି: ସନ୍ଦୀପ ରଖିଲେ ସମ୍ମାନ

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ବିକାଶ କ୍ରିକେଟ୍ ଗ୍ରାଉଣ୍ଡରେ ସୋମବାରଠାରୁ ଘରୋଇ ଓଡ଼ିଶା ଓ ଗୋଆ ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ଗ୍ରୁପ୍-ସି’ର ଏହି ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଓଡ଼ିଶା ଷ୍ଟମ୍ପ ଅପସାରଣ ସୁଦ୍ଧା ୯୦ ଓଭରରେ ୭ ଉଇକେଟ୍ ହରାଇ ୨୨୯ ରନ ସଂଗ୍ରହ କରିଛି। ଓପନର୍ ସନ୍ଦୀପ ପଟ୍ଟନାୟକଙ୍କ ଶତକ ପ୍ରଥମ ଦିନର ଉଲ୍ଲେଖନୀୟ ଘଟଣା ରହିଥିଲା। ଚଳିତ ରଣଜୀ ଟ୍ରଫି ସିଜନର ଓଡ଼ିଶାର ଏହା ଅନ୍ତିମ ମ୍ୟାଚ୍।

ଭ୍ରମଣକାରୀ ଗୋଆ ଦଳର ଅଧିନାୟକ ସଗୁନ କାମତ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇ ଓଡ଼ିଶାର ଦୁଇ ଓପନର୍ ଅନୁରାଗ ଷଡ଼ଙ୍ଗୀ ଓ ସନ୍ଦୀପ ପଟ୍ଟନାୟକ ବେଶ୍ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ତେବେ ୯ମ ଓଭରରେ ଦଳୀୟ ସ୍କୋର ୮ ରନ ହୋଇଥିବାବେଳେ ଓଡ଼ିଶାକୁ ପ୍ରଥମ ଝଟ୍‌କା ଲାଗିଥିଲା। ସିଜନରେ ଫର୍ମରେ ଥିବା ଅନୁରାଗ ବ୍ୟକ୍ତିଗତ ୨ ରନ କରି ଆଉଟ୍ ହୋଇଥିଲେ। ଅନୁରାଗଙ୍କୁ କ୍ଲିନ୍ ବୋଲ୍ଡ କରି କ୍ରୀଷ୍ଟନ ଦାସ ଗୋଆ ପାଇଁ ଏହି ପ୍ରାରମ୍ଭିକ ସଫଳତା ଆଣି ଦେଇଥିଲେ। ଏହାପରେ ଯୁବ ଖେଳାଳି ଦେବାଶିଷ ସାମନ୍ତରାୟ କ୍ରିଜରେ ଯୋଗଦେଇ ଡ୍ରିଙ୍କ୍ ବ୍ରେକ୍ ପର୍ଯ୍ୟନ୍ତ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। କିନ୍ତୁ ୨୩ ଓଭରରେ ଦଳୀୟ ସ୍କୋର ୪୮ ରନ ହୋଇଥିବାବେଳେ ଦେବାଶିଷଙ୍କ ରୂପରେ ଓଡ଼ିଶା ୨ୟ ଉଇକେଟ୍ ହରାଇଥିଲା। ପୂର୍ବ ମ୍ୟାଚ୍‌ରେ ସର୍ଭିସେସ ବିପକ୍ଷରେ ଶତକ ହାସଲ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ତଥା ପ୍ରଥମଥର ଲାଗି ଗୁରୁତ୍ୱପୂର୍ଣ୍ଣ ଅଧିନାୟକ ଦାୟିତ୍ୱ ସମ୍ଭାଳିଥିବା ଶୁଭ୍ରାଂଶୁ ସେନାପତି ମଧ ଟିମ୍‌କୁ ନିରାଶ କରିଥିଲେ। ମାତ୍ର ୪ ରନ କରିଥିବାବେଳେ ସେ କ୍ରୀଷ୍ଟନଙ୍କ ୨ୟ ଶିକାର ବନିଥିଲେ। ଓଡ଼ିଶା ୫ ରନ ବ୍ୟବଧାନରେ ୨ ଉଇକେଟ୍ ହରାଇବାରୁ ମଧ୍ୟାହ୍ନ ବେଳକୁ ଦଳୀୟ ସ୍କୋର ୬୬/୩ ସଙ୍କଟଜନକ ସ୍ଥିତିରେ ଥିଲା। ତେବେ ମଧ୍ୟକ୍ରମରେ ଶାନ୍ତନୁ ମିଶ୍ରଙ୍କ ସହ ଭାଗୀଦାରି କରି ସନ୍ଦୀପ ଓଡ଼ିଶାକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରିଥିଲେ। ଚତୁର୍ଥ ଉଇକେଟ୍ ଯୋଡ଼ିରେ ସନ୍ଦୀପ-ଶାନ୍ତନୁ ଯୋଡ଼ି ଗୋଆ ବୋଲରଙ୍କୁ ଧୈର୍ଯ୍ୟର ସହ ମୁକାବିଲା କରି ଦଳୀୟ ସ୍କୋରକୁ ୧୦୦ ଓ ପରେ ଦେଢ଼ଶହ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲେ। ତେବେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ତଥା ଲୟରେ ବ୍ୟାଟିଂ କରୁଥିବା



ଶତକ ହାସଲ ପରେ ସନ୍ଦୀପ ପଟ୍ଟନାୟକ।

ଓପନର୍ ସନ୍ଦୀପ ଇତିମଧ୍ୟରେ ନିଜ ଶତକ ହାସଲ କରି ଆଉଟ୍ ହୋଇଥିଲେ। ୧୯୩ ବଲରୁ ଶତକ ପୂରଣ କରିଥିବା ସନ୍ଦୀପ ଏହାର ଠିକ୍ ପରବର୍ତ୍ତୀ ବଲରେ ଆଉଟ୍ ହୋଇଥିଲେ। ୧୦୦ ରନର ଇନିଂସ ମଧ୍ୟରେ ସନ୍ଦୀପ ୧୦ ଚୌକା ଓ ଗୋଟିଏ ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ସନ୍ଦୀପ ୪ର୍ଥ ଉଇକେଟ୍ ଯୋଡ଼ିରେ ଶାନ୍ତନୁଙ୍କ ସହ ୧୧୭ ରନର ପାର୍ଟନରଶିପ୍ କରିଥିଲେ। ଏହାପରେ ଓଡ଼ିଶା ୧୦ ରନ ମଧ୍ୟରେ ୩ଟି ଉଇକେଟ୍ ହରାଇ ପୁଣିଥରେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଶାନ୍ତନୁ ୫୯ ରନ (୧୮୩ ବଲ, ୬ ଚୌକା) କରି ବିଦାୟ ନେଇଥିବାବେଳେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ (୭) ଓ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଉଇକେଟ୍‌କିପର ସୁଜିତ୍ ଲେଙ୍କା (୫) ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ। ଫଳରେ ଓଡ଼ିଶା ୨୦୦ ରନରେ ୭ଟି ଉଇକେଟ୍ ହରାଇଥିଲା। ତେବେ ଅଲ୍‌ରାଉଣ୍ଡର ଅଭିଷେକ ରାଉତ (୧୩ ରନ) ଓ ସୂର୍ଯ୍ୟକାନ୍ତ ପ୍ରଧାନ (୨୧ ରନ) ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୯୦ ଓଭରରେ ୭ ଉଇକେଟ ବିନିମୟରେ ୨୨୯ ରନ କରିଛି।

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ଇନିଂସ- ୨୨୯/୭, ୯୦ ଓଭର (ସନ୍ଦୀପ ୧୦୦, ଶାନ୍ତନୁ ୫୯, ବିପ୍ଳବ ୭, ଶୁଭ୍ରାଂଶୁ ୪, ଅନୁରାଗ ୨, କ୍ରିଷ୍ଟନ ୨/୪୪, ଅମୋଘ ସୁନୀଲ ଦେଶାଇ ୨/୪୪)।**

### ବୁକି ଚାୱଲାଙ୍କ ପ୍ରତ୍ୟର୍ପଣ ପଥ ପରିଷ୍କାର

**ଲଣ୍ଡନ, ୭।୧ (ପି.ଟି.)**

ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ହାନ୍‌ସୀ କ୍ରୋନିଏଙ୍କୁ ନେଇ ୨୦୦୦ରେ ହୋଇଥିବା କ୍ରିକେଟ ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲର ମୁଖ୍ୟ ଅଭିଯୁକ୍ତ ବୁକି ସଞ୍ଜୀବ ଚାୱଲାଙ୍କ ଭାରତ ପ୍ରତ୍ୟର୍ପଣ ପଥ ପରିଷ୍କାର ହୋଇଛି। ୫୦ବର୍ଷୀୟ ଚାୱଲାଙ୍କ ପ୍ରତ୍ୟର୍ପଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ ବୋଲି ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟ ତାଙ୍କ ରୁଲିଂରେ କହିଛନ୍ତି। ଆନୁଷ୍ଠାନିକ ପ୍ରତ୍ୟର୍ପଣ ନିର୍ଦ୍ଦେଶ ପାଇଁ ଏହି ମାମଲା ବର୍ତ୍ତମାନ ଗୃହ ସଚିବ ସାଜିଦ ଜାଭିଦ୍‌ଙ୍କ ନିକଟକୁ ଯିବ। କୋର୍ଟ ଡକୁମେଣ୍ଟ ଅନୁସାରେ ଦିଲ୍ଲୀ ଜନ୍ମିତ ଏହି ବିଜନେସ୍‌ମ୍ୟାନ ଜଣଙ୍କ ୧୯୯୬ରେ ଏକ ବିଜନେସ ଭିଜା ଦ୍ୱାରା ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଅବସ୍ଥାନ କରିବା ସହ ଭାରତ ଯିବା ଆସିବା କରୁଥିଲେ। ମାତ୍ର ୨୦୦୦ରେ ତାଙ୍କ ପାସ୍‌ପୋର୍ଟ ରଦ୍ଦ ହୋଇଯିବା ପରେ ଚାୱଲା ଏକ ବ୍ରିଟିଶ ପାସ୍‌ପୋର୍ଟ ହାସଲ କରିଥିଲେ। ବର୍ତ୍ତମାନ ସେ ଜଣେ ବ୍ରିଟିଶ ନାଗରିକ। ନୂଆଦିଲ୍ଲୀସ୍ଥିତ ତିହାର ଜେଲର ବନ୍ଦୀଙ୍କ ଲାଗି ଭାରତ ସରକାରଙ୍କଠାରୁ ସୁରକ୍ଷା ପ୍ରତିଶ୍ରୁତି ପାଇବା ପରେ ନଭେମ୍ବରରେ ଚାୱଲାଙ୍କୁ ଭାରତ ପ୍ରତ୍ୟର୍ପଣ ନେଇ ୟୁକେ ହାଇକୋର୍ଟ ଏକ ନିମ୍ନ ଅଦାଲତର ନିର୍ଦ୍ଦେଶକୁ ଖାରଜ କରିଦେଇଥିଲେ।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାର ୪ ଆଥ୍‌ଲେଟ



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ମନୋନୀତ ଓଡ଼ିଶା ଦଳ।

**କଟକ ଅଫିସ, ୭।୧**

ଚଳିତ ମାସ ୯ରୁ ୨୦ ତାରିଖ ପର୍ଯ୍ୟନ୍ତ ପୁଣେଠାରେ ୨ୟ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହେବ । ଯୁବ କ୍ରୀଡ଼ାବିତଙ୍କୁ ନେଇ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରାଳୟ ଦ୍ୱାରା ହେଉଥିବା ଏହି ପ୍ରତିଯୋଗିତାର ଆଥ୍‌ଲେଟ ଇଭେଣ୍ଟ ଗୁଡ଼ିକ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ କରାଯିବ । ଓଡ଼ିଶାର ୪ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି । ୧୦୦ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ, ୧୦୦ମିଟର ଦୌଡ଼ ଓ ଲଙ୍ଗଜମ୍ପରେ ମନୀଷା ମେରେଲ, ଜାଭେଲିନରେ ଧନମତୀ ଖେସ ଓ ୧୧୦ମିଟର ହର୍ଡଲ୍ସରେ ପୁଙ୍ଗା ସୋରେନ ଅଂଶ ଗ୍ରହଣ କରିବେ । ଦଳର କୋଚ ଓ ମ୍ୟାନେଜର ଭାବେ ସସ୍ମିତା ସେଠୀ ପୁଣେ ଯାତ୍ରା କରିବେ । ଏତଦବ୍ୟତୀତ ୪ଜଣ ଓଡ଼ିଆ ଟେକ୍ନିକାଲ ଅଫିସିଆଲ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ମଧ ପାଇଛନ୍ତି । ଏମାନେ ହେଲେ ପ୍ରବୋଧ କୁମାର ମହାନ୍ତି, ରୂପାନ୍ୱିତା ପଣ୍ଡା, ସୁସ୍ମିତା ଦତ୍ତ ଓ ଭବାନୀ ଶଙ୍କର ଜେନା । ଆଥଲେଟିକ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଏମାନଙ୍କୁ ମନୋନୀତ କରାଯାଇଛି ।

### ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ସେମିରେ

**ବାଙ୍କୀ, ୭।୧ (ସ୍ୱ.ପ୍ର):** ବାଙ୍କୀ ବ୍ଲକ ଅନ୍ତର୍ଗତ ପୁଥୁରୀପଡ଼ା ମହାବେରଣା କ୍ଲବ ଆନୁକୂଲ୍ୟରେ ଚାଲିଥିବା ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ କାଇପଦର ସତ୍ୟପ୍ରିୟ ସ୍ପୋର୍ଟିଂକୁ ୪୬ ରନରେ ହରାଇ ସେମିଫାଇନାଲକୁ ଉନ୍ନିତ ହୋଇଛି। ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ୍ ହରାଇ ୨୩୦ରନ୍ କରିଥିଲା। ଦଳର ଆଦର୍ଶ ମହାପାତ୍ର ୪୨ ବଲରୁ ୮୧ ଏବଂ ଆଲୋକ ବେହେରା ୧୬ ବଲରୁ ୨୭ ରନ୍ ସଂଗ୍ରହ କରିଥିଲେ। କାଇପଦର ଦଳର ଅଧିନାୟକ ସୁରେନ୍ଦ୍ର ଚମ୍ପତିରାୟ ୨ଉଇକେଟ ଅକ୍ତିଆର କରିଥିଲେ। ୨୩୧ ରନର ବିଜୟ ଲକ୍ଷ୍ୟ ନେଇ କାଇପଦର ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୬୭ ରନ କରିବାକୁ ସକ୍ଷମ ହୋଇଥିଲା। ବାଙ୍କୀର ଜିଲୁ ପଣ୍ଡା ୪ ଉଇକେଟ ଏବଂ ତ୍ରୈଲୋକ୍ୟ ମନ୍ତ୍ରୀ ୩ ଉଇକେଟ ନେଇଥିଲେ। ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନର ଆଦର୍ଶ ମହାପାତ୍ରଙ୍କୁ ପୂର୍ବତନ ସରପଞ୍ଚ ଫାଲଗୁନି ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଭଗବାନ ପ୍ରଧାନ ଓ ଶରତ ରାଉତ ଖେଳ ପରିଚାଳନା କରିଥିଲେ।

## ୮ କାଟେଗୋରିରେ ଉତ୍କଳ ଓପନ ଟେନିସ



ଉତ୍କଳ ଓପନ ଟେନିସ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି)**

ଏସ୍ ଟେନିସ କ୍ଲବ ଆନୁକୂଲ୍ୟରେ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟର ୬ଷ୍ଠ ସଂସ୍କରଣ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ୮ଟି କାଟେଗୋରି ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ୩ ପୁରୁଷ ଭେଟେରାନ ଡବଲ୍ସ (୪୦+, ୫୦+, ୬୦+) କାଟେଗୋରିରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। କ୍ୱାର୍ଟର ଫାଇନାଲିଷ୍ଟ ଏବଂ ତଦୂର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ଟି-ଶାର୍ଟ, କ୍ୟାପ୍, ଫଳକ ଏବଂ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆୟୋଜକ କମିଟି ସମ୍ପାଦକ ବିଶ୍ୱଜିତ ମିଶ୍ର। ଭେଟେରାନ ମ୍ୟାଚଗୁଡ଼ିକ କ୍ଲେ କୋର୍ଟ ଏବଂ ଅନ୍ୟ ମ୍ୟାଚ ସିନ୍ଥେଟିକ୍ କୋର୍ଟରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ(ଏଆଇଟିଏ) ନିୟମ ଅନୁସାରେ ଅନୁଷ୍ଠିତ ହେବ ଏବଂ ଆୟୋଜକ କମିଟି ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ସେ କହିଛନ୍ତି। ପ୍ରତିଯୋଗିତା ପୁରୁଷ ସିଙ୍ଗଲ୍ସ ପାଇଁ ୩୦୦, ଡବଲ୍ସ ୫୦୦, ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ସିଙ୍ଗଲ୍ସ ପାଇଁ ୨୦୦ ଲେଖାଏ, ମହିଳା ସିଙ୍ଗଲ୍ସ ୩୦୦ ଏବଂ ପୁରୁଷ ଭେଟେରାନ ଡବଲ୍ସ କାଟେଗୋରି ପାଇଁ ୫୦୦ଟଙ୍କାର ଏଣ୍ଟ୍ରି ଫି ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗୀଙ୍କୁ ୯ ତାରିଖ ସନ୍ଧ୍ୟା ୬ଟା ପୂର୍ବରୁ ନିଜ ନାମ ପଞ୍ଜୀକରଣ କରିବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ଓପନ ଟୁର୍ନାମେଣ୍ଟ ହୋଇଥିବାରୁ ଓଡ଼ିଶା ଶୀର୍ଷ ଖେଳାଳିଙ୍କ ବ୍ୟତୀତ ରାଜ୍ୟ ବାହାରୁ ପଶ୍ଚିମବଙ୍ଗ, ବିହାର ଓ ମୁମ୍ବାଇରୁ କେତେକ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସମ୍ଭାବନା ରହିଛି ବୋଲି ବିଶ୍ୱଜିତ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଏସ୍ ଟେନିସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନଭରତନ ବୋଥ୍ରା, ଯୁଗ୍ମ ସମ୍ପାଦକ ଗୌରବ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରାୟ, ଧିରଜ ପଣ୍ଡା, ଦୀପକ କୁମାର ନାୟକ, ବିଜୟ କୁମାର ଜେନ୍, ପ୍ରଶାନ୍ତ ପାତ୍ର ଓ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କଲ୍ୟାଣୀ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ବିଜୟୀ

**କଟକ ଅଫିସ, ୭।୧**

ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୫ଟି ମ୍ୟାଚ୍ ଖେଳାଯାଇଛି । ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ଓ ପାଟଣା ବିଶ୍ୱବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ହୋଇଥିଲା । କଲ୍ୟାଣୀ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ଏହି ମ୍ୟାଚ୍‌କୁ ଜିତିଛି । ପ୍ରଥମେ ବ୍ୟାଟିଂ କରିଥିବା ପାଟଣା ୬୭ରନ୍‌ରେ ଅଲଆଉଟ ହୋଇଥିଲା । ଜବାବରେ କଲ୍ୟାଣୀ ଦଳର ଓପନର ସୌମିକ ବସୁ(୨୪ରନ୍) ଓ ସୌମ୍ୟଜିତ ରାୟ(୪୧ରନ୍) ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ । ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଲିକତା ବିଶ୍ୱବିଦ୍ୟାଳୟ ୪ଉଇକେଟରେ ଭିଲାଇର ସିଏସ୍‌ଭିଟିୟୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ସଚିନ ଯାଦବଙ୍କ ୫୪ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଭିଲାଇ ଦଳ ସମସ୍ତ ଉଇକେଟ ହରାଇ ୧୬୩ରନ କରିଥିଲା । ୬ ଉଇକେଟ ବିନିମୟରେ କଲିକତା ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦଳ ପକ୍ଷରୁ ସୁପ୍ରିୟ କର୍ମକାର ସର୍ବାଧିକ ୬୦ରନ୍ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ହୋଇଥିଲା । ପୁଲ-ସିରେ ସ୍ଥାନିତ ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ସାମ୍ନାସାମ୍ନି ହୋଇଛନ୍ତି । ଏହି ମ୍ୟାଚ୍‌ରେ ବନାରସ ୯ ଉଇକେଟରେ ନର୍ଥବେଙ୍ଗଲକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ନର୍ଥବେଙ୍ଗଲ ୧୬୯ରନ୍‌ରେ ଅଲଆଉଟ ହୋଇଥିଲା । ସୌରଭ ବିଶ୍ୱକର୍ମାଙ୍କ ୬୭ରନ୍ ଓ ବିବେକ କୁମାରଙ୍କ ୫୭ରନ୍ ବଳରେ ବନାରସ ଏହି ମ୍ୟାଚ୍ ବିଜୟୀ ହୋଇଛି । ଡ୍ରିମ୍ସ ଗ୍ରାଉଣ୍ଡରେ ଗୁଆହାଟୀ ବିଶ୍ୱବିଦ୍ୟାଳୟ ୨ ଉଇକେଟରେ ଏପିଏସ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ଏପିଏସ୍ ପକ୍ଷରୁ ଧାର୍ଯ୍ୟ ୧୬୫ରନ୍‌ର ବିଜୟ ଲକ୍ଷ୍ୟକୁ ୮ ଉଇକେଟ ହରାଇ ଗୌହାଟୀ ହାସଲ କରିଥିଲା ।

## ■ ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ

**ବିରଜାକ୍ଷେତ୍ର, ୭।୧ (ଡି.ଏନ୍.ଏ)**

ଜିଲା କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ଯାଜପୁର ଅଶୋକ ମଇଦାନରେ ଅନୁଷ୍ଠିତ ୬ଷ୍ଠ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ସୋମବାର ଉଦ୍‌ଯାପିତ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ଓ ରାଞ୍ଚି ରେଲୱେ ମଧ୍ୟରେ ଫାଇନାଲ୍ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ୍ ହରାଇ ୧୯୭ ରନ୍ କରିଥିଲା । ଦଳ ପକ୍ଷରୁ ଅଭିଷେକ ଯାଦବ ୭୨ ରନ୍ କରି ଅପରାଜିତ ଥିବାବେଳେ ସମୀର ମହାନ୍ତି ୪୮ ଓ ସୁବିତ୍ ବିଶ୍ୱାଳ ୩୨ ରନ୍ ସଂଗ୍ରହ କରିଥିଲେ। ରାଞ୍ଚି ରେଲୱେ ବୋଲର ପୁଷ୍କର ୬ ଓଭର ବୋଲିଂ କରି ୩୬ ରନ୍ ଦେଇ ୩ଟି ଏବଂ ନବ୍‌ଜିତ୍ ଝା ୨ ଓଭର ବୋଲିଂ କରି ୯ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାଞ୍ଚି ରେଲୱେ ୨୯.୩ ଓଭର୍ ଖେଳି ସମସ୍ତ ଉଇକେଟ୍ ହରାଇ



ଚାମ୍ପିୟନ ଇଷ୍ଟକୋଷ୍ଟ ରେଲ୍‌ୱେ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

୧୬୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁପ୍ରିୟ ଚକ୍ରବର୍ତ୍ତୀ ସର୍ବାଧିକ ୪୪ରନ୍ ସ୍କୋର କରିଥିଲେ। ସୋମବାର ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ କ୍ରିକେଟର ତଥା ଜିଲା କ୍ରିକେଟ୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଜ୍ଞାନ ଚାନ୍ଦ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସମ୍ମାନିତ ଅତିଥିଭାବେ ତହସିଲଦାର ସୁନୀଲ୍ କୁମାର ମେହେର, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ବଟକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫାଇନାଲ୍‌ରେ ଇଷ୍ଟକୋଷ୍ଟ ରେଲୱେର ଅଭିଷେକ ଯାଦବଙ୍କୁ ଯାଜପୁର ସହରର ପ୍ୟାଶନ୍ ଇନ୍‌ଫୋସିସ୍ ମାଲିକ ରାହାନୁମା କାଦିର୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ରାଞ୍ଚି ରେଲୱେର ସୁପ୍ରିୟ ଚକ୍ରବର୍ତ୍ତୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ତ୍ରିବେଣୀ ଟେକ୍ସଟାଇଲ୍ ମାଲିକ ଅକ୍ଷୟ ପାତ୍ର, ବେଷ୍ଟ ବ୍ୟାଟ୍ସମ୍ୟାନ୍ ପୁରସ୍କାର ଇଷ୍ଟକୋଷ୍ଟ ରେଲୱେର ସୁବିତ୍ ବିଶ୍ୱାଳଙ୍କୁ ତାରିଣୀ ଭଣ୍ଡାରର ମାଲିକ ମାନସ ପାଣିଗ୍ରାହୀ ଓ ବେଷ୍ଟ ବୋଲ୍‌ର ରାଞ୍ଚି ରେଲୱେର ପୁଷ୍କରଙ୍କୁ ଡେନିମ୍ ପଏଣ୍ଟର ମାଲିକ ଅଜୟ ସାମଲ ପ୍ରଦାନ କରିଥିଲେ। ଚାମ୍ପିୟନ ଇଷ୍ଟକୋଷ୍ଟ ରେଲୱେକୁ ଅତିଥିମାନେ ୫୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରିକେଟ୍ ଆସୋସିଏଶନ୍‌ର ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ କ୍ରିକେଟର ଶ୍ରୀଜୟ ମହାପାତ୍ର, ଓସିଏ ଅମ୍ପାୟର୍ ଲୋକନାଥ ବେହେରା, ଯୁବନେତା ମନୋଜ ସାହୁ, ସ୍ୱସ୍ତିକ୍ ପହି, ସଚ୍ଚିଦାନନ୍ଦ ଜେନା, ସେକ୍ ସାହାଜୁଦ୍ଦିନ୍, ଆଶିଷ୍ ମହାନ୍ତି, ସଞ୍ଜୟ ବେହେରା, ଅନିଲ୍ କୁମାର ଦାସ, ଉମାକାନ୍ତ ସିଂ, ଦୀପକ ଦାସ, ଜଗନ୍ନାଥ ବେହେରା, ଶୁଭାଶିଷ୍ ରାଉତ, ଦେବ୍ କୁମାର, ଶଙ୍କର୍ଷଣ ବାରିକ, ସୁକାନ୍ତ ବେହେରା, ଶ୍ରୀକାନ୍ତ ଶାସ୍ତ୍ରୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଅମ୍ପାୟର ଖଗେଶ୍ୱର ମଲ୍ଲିକ୍ ଓ ଶରତ ଜେନା ମ୍ୟାଚ ପରିଚୋଳନା କରିଥିବାବେଳେ ସ୍କୋରର୍ ଭାବେ ଜଗନ୍ନାଥ ସାମଲ ଓ ଶୁଭ୍ରାଂଶୁ ଶେଖର ବେହୁରିଆ ଦାୟିତ୍ୱ ନିର୍ବାହ କରିଥିଲେ।

# 'କାଳିଆ' ତାଲିକାରେ ଅଯୋଗ୍ୟ ହିତାଧିକାରୀ

**ତିର୍ତ୍ତୋଲ, ୭।୧(ଡି.ଏନ.ଏ.)**

■ପ୍ରଥମ ତାଲିକାରେ ନାହାନ୍ତି ଯୋଗ୍ୟ ହିତାଧିକାରୀ
■ଆବେଦନ କରିବାକୁ ଫର୍ମ ମିଳୁନି
■ସରକାରୀ କର୍ମଚାରୀଙ୍କୁ ଆକ୍ରମଣ

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ପ୍ରକାଶିତ ପ୍ରଥମ ତାଲିକା ଓ ନୂତନ ଆବେଦନକୁ ନେଇ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବହୁ ପଞ୍ଚାୟତରେ ଆବେଦନ ପାଇଁ ଉର୍ଦ୍ଦିଷ୍ଟ ନୀଳ ରଙ୍ଗର ଫର୍ମ ହିତାଧିକାରୀଙ୍କୁ ମିଳୁ ନ ଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି ସୋମବାର ଆମ୍ବେରୀ ଓ ତୁଲଙ୍ଗ ପଞ୍ଚାୟତରେ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସେହିପରି କନକପୁର, କନିମୂଳ ପଞ୍ଚାୟତ ସହ ଅନ୍ୟ ସ୍ଥାନରେ ପଞ୍ଚାୟତକୁ ଯାଇଥିବା ସରକାରୀ କର୍ମଚାରୀଙ୍କୁ ଅଟକ ରଖିବା ଭଳି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଏହାବାଦ ବିଭିନ୍ନ ପଞ୍ଚାୟତରେ ଲଗାଯାଇଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହି ତାଲିକାରେ ଜିଲାପରିଷଦ ସଭ୍ୟଙ୍କ ସହ ବହୁ ସରକାରୀ କର୍ମଚାରୀ, ପେନସନ ଭୋଗୀ, ଗୋଟିଏ ପରିବାର ସ୍ୱାମୀ ଓ ସ୍ତ୍ରୀ, ଅବିବାହିତ ଯୁବକଙ୍କ ନାମ ସାମିଲ ହୋଇଛି। କେଉଁ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମବାୟ ସମିତିରେ ସଭ୍ୟ ନ ଥିବା, ସମବାୟ ସମିତିରୁ ଋଣ ନେଇ ନ ଥିବା, ମଣ୍ଡିରେ ଧାନ ଦେଉ ନ ଥିବା, କୃଷି କାର୍ଯ୍ୟାଳୟରେ କୃଷକ ପରିଚୟ ପଞ୍ଜିକରଣ କରି ନ ଥିବା ବ୍ୟକ୍ତିଙ୍କ ନାମ ଏହି ତାଲିକାରେ ଥିବା ଅଭିଯୋଗ ହେଉଛି। ତରଜଙ୍ଗା ପଞ୍ଚାୟତରେ ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀ ଏବଂ ତାଙ୍କର ଦୁଇ ଅବିବାହିତ ପୁଅଙ୍କ ନାମ ଏହି ତାଲିକାରେ ରହିଛି। କିନ୍ତୁ ପ୍ରତିବର୍ଷ ମଣ୍ଡିରେ ଧାନ ବିକ୍ରି କରୁଥିବା, ସମବାୟ ସମିତିରେ ସଭ୍ୟ ହୋଇଥିବା, ସମବାୟ ସମିତିରୁ କୃଷି ଋଣ ନେଉଥିବା ଚାଷୀଙ୍କ ନାମ ଏହି ତାଲିକାରେ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରକୃତ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବା ଦିଗରେ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି। ପ୍ରକୃତ ହିତାଧିକାରୀଙ୍କୁ ଏଥିରେ ସାମିଲ କରା ନ ଗଲେ ନବ ନିର୍ମାଣ କୃଷକ ସଙ୍ଗଠନ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚାଷୀ ନେତାମାନଙ୍କ ତରଫରୁ ଚେତାବନୀ ଦିଆଯାଇଛି।

## ମିଳୁନି ଫର୍ମ: ଏରଡ଼ଙ୍ଗାରେ ଚାଷୀଙ୍କ ରାସ୍ତାରୋକୋ

**ରଘୁନାଥପୁର,୭।୧(ଡି.ଏନ.ଏ.):**

କାଳିଆ ଯୋଜନାରେ ରଘୁନାଥପୁର ବ୍ଲକର କେତେଗୋଟି ପଞ୍ଚାୟତରେ ବିଳମ୍ବରେ ଫର୍ମ ପହଞ୍ଚିବା କିମ୍ବା ଆବଶ୍ୟକ ଅନୁଯାୟୀ ଫର୍ମ ଦିଆଯାଇ ନ ପାରିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ବ୍ଲକ ଅଧୀନ ଏରଡଙ୍ଗା ପଞ୍ଚାୟତରେ। ଦୈନିକ ବହୁଚାଷୀ ଫର୍ମ ନ ପାଇ ଫେରିବାକୁ ପଡୁଥିଲା। ସୋମବାର ଏହା ଉଗ୍ରରୂପ ନେଇଥିଲା। ପଞ୍ଚାୟତରେ ୩ ଶହ ଫର୍ମ ଉପଲବ୍ଧ ଥିବା ସତ୍ତ୍ୱେ ଏହାଠାରୁ ଯଥେଷ୍ଟ ଚାଷୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସକାଳୁ ଫର୍ମ ଦେବାରେ ବିଳମ୍ବ ଘଟିବାରୁ ଧୀରେ ଧୀରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଚାଷୀମାନେ ଅଧିକ ଫର୍ମ ଦାବି କରି କାର୍ଯ୍ୟାଳୟ ସମ୍ମୁଖରେ ହୋ ହଲ୍ଲା କରିବା ସହ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଜଇପୁର-ଜଗତ୍‌ସିଂହପୁର ରାସ୍ତା ଉପରେ ବସି ରହିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ସରପଞ୍ଚ ଛବିତା ମହାନ୍ତି ଉପଲବ୍ଧ ଥିବା ଫର୍ମ ନେବାକୁ ବୁଝାଇଥିଲେ ସୁଦ୍ଧା ଚାଷୀମାନେ ଅଧିକ ଫର୍ମ ଆସିଲେ ଏକା ଥରକେ ସମସ୍ତଙ୍କୁ ଦିଆଯିବ ବୋଲି କହି ଅଡି ବସିଥିଲେ। ତିର୍ତ୍ତୋଲ ଆଇଆଇସି ପି.କେ. ମାଝି ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଚାଷୀମାନେ ଗୋଟିଏ ଜିଦ୍‌ରେ ଅଟଳ ରହିଥିଲେ। ଏପରିକି ସେହି ବାଟ ଦେଇ ଯାଉଥିବା ଜିଲା ଏସ୍‌ପି ଓ ସବ୍‌କଲେକ୍ଟର୍‌ଙ୍କ କଥା ମଧ୍ୟ ଚାଷୀମାନେ ଶୁଣି ନ ଥିଲେ। ଶେଷରେ ଦାୟିତ୍ୱରେ ଥିବା କର୍ମଚାରୀ ବାଳକୃଷ୍ଣ ଭୋଇ ଅଧିକ ତିନିଶହ ଫର୍ମ ଆଣି ପଞ୍ଚାୟତରେ ପହଁଚିବା ପରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିଲେ। ତେବେ ଯାନବାହନଗୁଡ଼ିକ ଦୁଇଘଣ୍ଟା ରାସ୍ତା ଉପରେ ଠିଆ ହୋଇ ରହିଥିଲା। ଅପେକ୍ଷାରତ ଚାଷୀ ଘନଶ୍ୟାମ ମହାନ୍ତି, ବୈରାଗୀ ଚରଣ ସାହୁ, ଦୀପ୍ତିରଞ୍ଜନ ବିଶ୍ୱାଳ, ଭଗବାନ ଲେଙ୍କା ପ୍ରମୁଖ ଫର୍ମ ପ୍ରଦାନ ଅବ୍ୟବସ୍ଥା ସମ୍ପର୍କରେ ସରକାରଙ୍କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ଘର ପିଛା ୪ରୁ ୫ ଜଣ ଚାଷୀ ପରିଚୟ ଦେଇ ଫର୍ମ ନେଇଯାଉଥିବାରୁ ଫର୍ମର ଅଭାବ ହେଉଛି ବୋଲି ସମିତି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରକାଶ କରିଛନ୍ତି।


କାଳିଆ ଯୋଜନାରେ ଆବେଦନ ପାଇଁ ଫର୍ମ ନ ପାଇବାରୁ ରାସ୍ତାରୋକୋ କରିଥିବା ଚାଷୀ।

## ସଂକ୍ଷେପରେ

### ପୋଡିଯାଇଥିବା ନାବାଳିକା ଛାତ୍ରୀଙ୍କ ଚିକିତ୍ସାରେ ଅର୍ଥ ବାଧକ

**ରଘୁନାଥପୁର,୭।୧(ଡି.ଏନ.ଏ.):** କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ସ୍ୱାସ୍ଥ୍ୟସେବା ଲାଗି ବିଭିନ୍ନ ଯୋଜନା କରିଛନ୍ତି। ହେଲେ ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚୁ ନ ଥିବା ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗାଁର ନାରାୟଣ ଲେଙ୍କାଙ୍କ ଝିଅ ସସ୍ମିତା (୬)ଙ୍କ କ୍ଷେତ୍ରରେ। ଗତ ଶୁକ୍ରବାର ରାତିରେ ଡିବିରି ନିଆଁରେ ସସ୍ମିତା ପୋଡି ହୋଇ ଗୁରୁତର ହୋଇଥିଲେ। ଅର୍ଥ ଅଭାବରୁ ଅଧିକ ଚିକିତ୍ସା ପାଇଁ ସେ କଟକ ଯାଇ ପାରୁନାହାନ୍ତି। ଦିନ ମଜୁରିଆ ଭାବେ କାମ କଲେ ନାରାୟଣଙ୍କ ପରିବାର ଚଳେ। ବାପା ନାରାୟଣ ସେଦିନ ରାତିରେ ଝିଅଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଝିଅଙ୍କୁ କଟକ ବଡ ମେଡିକାଲକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ଅର୍ଥ ଯୋଗାଡ କରି ଝିଅଙ୍କୁ କଟକ ନେବେ ବୋଲି କହି ସସ୍ମିତାଙ୍କୁ ଘରକୁ ନେଇ ଆସିଥିଲେ। ୪ ଦିନ ବିତିଯାଇଥିଲେ ସୁଦ୍ଧା ପାଖରେ ଅର୍ଥ ନ ଥିବାରୁ ଝିଅକୁ ଅଧିକ ଚିକିତ୍ସା ପାଇଁ କଟକ ନେଇପାରୁନି ବୋଲି କୋହଭରା କଣ୍ଠରେ ନାରାୟଣ କହିଛନ୍ତି। କୌଣସି ସହୃଦୟ ବ୍ୟକ୍ତି କିମ୍ବା ସରକାରୀ ସହାୟତା ମିଳିଲେ ଝିଅ ବଞ୍ଚି ଯାଆନ୍ତା ବୋଲି ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ କି ସସ୍ମିତା ସ୍ଥାନୀୟ ପାଣ୍ଡରା ପ୍ରାଥମିକ ସ୍କୁଲର ପ୍ରଥମ ଶ୍ରେଣୀର ଛାତ୍ରୀ। ଖବରପାଇ ସିଆରସିସି ରତ୍ନାକର ବେହେରା ସସ୍ମିତାଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା କରିବା ସହ ଏହି ଦୁଃଖଦ ସମୟରେ କୁନି ଝିଅଙ୍କ ଚିକିତ୍ସା ପାଇଁ ଅନ୍ୟମାନେ ସହାୟତାର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି। ସମୟ ଗଡି ଯାଉଥିବା ବେଳେ ଚିକିତ୍ସା ନ ପାଇ ନାବାଳିକା ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡୁଛି। ଜଗତ୍‌ସିଂହପୁର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ନାବାଳିକା ଛାତ୍ରୀଙ୍କ ଉତ୍ତମ ଚିକିତ୍ସା ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି।

### ଜାତୀୟ କରାଟେ ପ୍ରତିଯୋଗିତା

**ଯାଜପୁରରୋଡ,୭।୧(ନି.ପ୍ର.):** ସ୍ଥାନୀୟ କଲ୍ୟାଣ ମଣ୍ଡପରେ ସର୍ବଭାରତୀୟ କରାଟେ ଆସୋସିଏଶନ୍ ପକ୍ଷରୁ ରବିବାର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ସବିତା ରାଉତ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଆସୋସିଏଶନ୍‌ର ଆୟୋଜକ ମନୋରଞ୍ଜନ ଭଞ୍ଜ ଓ ପୂର୍ବତନ ଉପନଗରପାଳ ସୁବାସ ବଳ ପ୍ରମୁଖ ଯୋଗ ଦେଇଥିଲେ। ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

### ୧୯୮୮ ବ୍ୟାଚ ବନ୍ଧୁମିଳନ

**ବାଲିଆ,୭।୧:** ବିରିଡ଼ି ବ୍ଲକ ଅଲାଣ୍ଡୋ ଉଚ୍ଚବିଦ୍ୟାଳୟର ୧୯୮୮ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ନାରାୟଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱକେତନ ଜେନା, ମନୋରଞ୍ଜନ ରାଉତ, ଜୟନ୍ତି ଖୁଣ୍ଟିଆ, ପ୍ରତାପ ସ୍ୱାଇଁ, ରଘୁନାଥ ନାୟକ, ବିଭୁତି ପ୍ରଧାନ ପରିଚାଳନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାକର ସ୍ୱାଇଁ, ଫକୀର ଖଟେଇ, ଶିକ୍ଷକ ପ୍ରଭାକର ଜେନା, ବ୍ରଜକିଶୋର ନାୟକ, ନଳିନୀପ୍ରଭା ରାଉତରାୟ, ବନବିହାରି ସାହୁ, ଭବାନି ପ୍ରସାଦ ପରିଜାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## କାଳିଆ ଫର୍ମ ପାଇଁ ଉତ୍ତେଜନା

**ବାଲିକୁଦା,୭।୧(ସ୍ୱ.ପ୍ର.)**

କାଳିଆ ଯୋଜନାରେ ଆବେଦନ ପାଇଁ ଫର୍ମ ମିଳୁ ନ ଥିବାରୁ ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ଦିନ ୧୦ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଏହି ଫର୍ମ ଉପଲବ୍ଧ ହେବା କଥା। ମାତ୍ର ଆବଶ୍ୟକ ମୁତାବକ ଫର୍ମ ବାଲିକୁଦା କୃଷି ବିଭାଗ ଓ ପଞ୍ଚାୟତ କାର୍ଯ୍ୟାଳୟରେ ମିଳୁନାହିଁ। ତେଣୁ କେତେକ ସ୍ଥାନରେ ଫର୍ମକୁ ନେଇ ଦଳାଚକଟା ଓ ଗଣ୍ଡଗୋଳ ଘଟିଛି। ଫର୍ମର ଜେରକ୍ସ କପି କାମରେ ଲାଗିବ ନାହିଁ ବୋଲି ସିଧାସଳଖ କୁହାଯାଇଛି। ତେଣୁ ଏହାକୁ ନେଇ ସମସ୍ୟା ବୃଦ୍ଧିପାଇଛି। ଫର୍ମ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ସକାଳ ୮ରୁ ଚାଷୀମାନେ ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। ଏପରିକି ମହିଳା ଚାଷୀମାନେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଥିଲେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ସୋମବାର ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଫର୍ମ ପାଇଁ ଅପେକ୍ଷାରତ ଚାଷୀମାନେ କାର୍ଯ୍ୟାଳୟ ଭିତରେ ଧସେଇ ପଶିଥିଲେ। କେତେକ ଚାଷୀ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ସହାୟତା ନିଆଯାଇଥିଲା।

## ଗୋଡ଼ା ପଞ୍ଚାୟତରେ ଛୁରାମାଡ଼

**ଏରସମା,୭।୧(ସ୍ୱ.ପ୍ର.)**

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତରେ ସୋମବାର କାଳିଆ ଯୋଜନାରେ ଫର୍ମ ବଣ୍ଟନକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଛୁରା ମାଡ଼ରେ ଜଣେ ବ୍ୟକ୍ତି ଆହତ ହୋଇ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏହାକୁ ନେଇ ପଞ୍ଚାୟତରେ ଉତ୍ତେଜନା ଲାଗି ରହିଛି। ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ନେଇଛି। ପ୍ରକାଶ ଯେ, କାଳିଆ ଯୋଜନାରେ ଫର୍ମ ପକାଇବା ପାଇଁ ଶତାଧିକ ଚାଷୀ ପଞ୍ଚାୟତ କାର୍ଯ୍ୟାଳୟରେ ରୁଣ୍ଡ ହୋଇଥିଲେ। ସେଠାରେ କାନ୍ଥରେ ମରାଯାଇଥିବା ଚାଷୀଙ୍କ ତାଲିକାରେ ଯେଉଁମାନଙ୍କ ନାଁ ନାହିଁ ସେମାନେ ପାଟିତୁଣ୍ଡ କରିଥିଲେ। ଫର୍ମ ପ୍ରଦାନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ କରି କେତେକ ବ୍ୟକ୍ତି ହୋହଲ୍ଲା କରିଥିଲେ। ଆଉ କେତେଜଣ ଆଗ ଫର୍ମ ଆଣିବାକୁ ଠେଲାପେଲା ହେବାରୁ ଗଣ୍ଡଗୋଳ ହୋଇଥିଲା। ଗୋଡ଼ାର ଜଣେ ଯୁବକ ବିଶ୍ୱନାଥପୁର ଗ୍ରାମର ଦିଗମ୍ବର ସ୍ୱାଇଁଙ୍କୁ ପଛକୁ ଆସିବାକୁ କହିବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଯୁବକ ଦିଗମ୍ବରଙ୍କୁ ଛୁରାମାଡ଼ କରିଥିଲେ। ପରେ ଅଭିଯୁକ୍ତ ଯୁବକ ଫେରାର ହୋଇଯାଇଥଲେ। ଦିଗମ୍ବରଙ୍କୁ ରକ୍ତାକ୍ତ ଅବସ୍ଥାରେ ଚିକିତ୍ସା ପାଇଁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପୋଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ପ୍ରଦ୍ୟୁମ୍ନ କିଶୋର ବେହେରା କହିଛନ୍ତି।

## ଗଡ଼ିଆରେ ବୁଡ଼ି ଶିଶୁପୁତ୍ର ମୃତ

**ପାରାଦୀପ,୭।୧(ସ୍ୱ.ପ୍ର.)**

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ଼ ବାଲିସାହି ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମ ନିକଟ ଏକ ଗଡ଼ିଆରେ ବୁଡି ନିତ୍ୟାନନ୍ଦ ବାରିକଙ୍କ ଶିଶୁପୁତ୍ର ପ୍ରତ୍ୟୁଷଙ୍କ ମୃତ୍ୟୁ ଘଟିଛି। ନିତ୍ୟାନନ୍ଦଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ପାଟଳିପଙ୍କ ଗ୍ରାମରେ। ତାଙ୍କ ସ୍ତ୍ରୀ ପୁଅ ପ୍ରତ୍ୟୁଷଙ୍କୁ ଆଣି ବାପଘରକୁ ଆସିଥିଲେ। ଅପରାହ୍ନରେ ପ୍ରତ୍ୟୁଷ ଶୌଚ କରିବା ପରେ ମା' ମଳ ବାହାରକୁ ପକାଇବାକୁ ଯାଇଥିଲେ। ଏହି ସମୟରେ ପ୍ରତ୍ୟୁଷ ଗଡ଼ିଆ ପାଖରେ ଚାଲି ଚାଲି ଘରକୁ ଫେରୁଥିବାବେଳେ ପାଣିରେ ପଡିଯାଇଥିଲେ। ପୁଅକୁ ନ ପାଇ ମା' ଭାବିଥିଲେ ପ୍ରତ୍ୟୁଷ ଘରକୁ ଯାଇଥିବ। ତେଣୁ ସେ ଘରକୁ ଆସି ଖୋଜାଖୋଜି କରିଥିଲେ ହେଁ ପୁଅକୁ ପାଇ ନ ଥିଲେ। ଶେଷରେ ଗଡିଆ ପାଖକୁ ଯାଇ ଦେଖିବା ବେଳକୁ ଶିଶୁପୁତ୍ରର ମୃତ୍ୟୁ ଘଟିସାରିଥିଲା। ଖୁସିରେ ମାମୁଘର ବୁଲିବାକୁ ଆସିଥିବା ପ୍ରତ୍ୟୁଷଙ୍କ ଏଭଳି ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏନେଇ ଲକ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଭିଭିପାଟ୍ ବ୍ୟବହାର ସଚେତନତା

**ବାଲିକୁଦା,୭।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକର ବିଭିନ୍ନ ବୁଥରେ ସୋମବାର ଇଭିଏମ ଏବଂ ଭିଭିପାଟ ମେସିନ ବ୍ୟବହାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ମେସିନ ଦ୍ୱାରା ଭୋଟର ନିଜ ପସନ୍ଦର ବ୍ୟକ୍ତିଙ୍କୁ ଭୋଟ ଦେଇଛନ୍ତି ନା ନାହିଁ ତାହା ଜାଣିପାରିବେ। ୧୫ ନମ୍ବର ବୁଥ ସିଙ୍ଗିରୀ ଉଚ୍ଚ ବିଦ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବା ସହିତ ମେସିନ ପ୍ରଦର୍ଶିତ ହୋଇଥିଲା। ଡେମନଷ୍ଟ୍ରେଟର ଭାବେ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ ଓ ଦିଲୀପ କୁମାର ଖଣ୍ଡାୟତ ରାୟ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ସିଙ୍ଗିରୀ 'ଖ' କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ତଥା ବୁଥ ଲେବୁଲ ଅଫିସର ଅନୁପମା ସ୍ୱାଇଁ, ୱାର୍ଡସଭ୍ୟ ହୃଷିକେଶ ସାହୁ, ଭୋଟର ଶରତ ମଲ୍ଲିକ, ନରେନ୍ଦ୍ର ମହାପାତ୍ର, ପ୍ରଦୀପ୍ତ ଦାସ, ଶଙ୍କର୍ଷଣ ରାଉତ, ନିରଞ୍ଜନ ଜେନା, ବ୍ରଜ କିଶୋର ଭୋଇ, ସୋନାଲି ପ୍ରୟଦର୍ଶିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




## ନାବାଳିକାଙ୍କୁ ଗଣବଳାତ୍କାର, ୪ ଅଭିଯୁକ୍ତ ଗିରଫ

**ରସୁଲପୁର,୭।୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତର ଜଣେ ନାବାଳିକା (୧୬)ଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନାବାଳିକାଙ୍କ ସମ୍ପର୍କୀୟ ମାମୁ ପୁଅ ଭାଇ ଶଶି ମଳିକ(୨୩) ଓରଫ ନାଲୁଆ ଓ ତାଙ୍କର ୩ ସାଥୀ ଯଥା ନରେନ୍ଦ୍ର ମଳିକ(୩୫) ଓରଫ ନରିଆ, ଶ୍ରୀକାନ୍ତ ମଳିକ(୨୫) ଓରଫ ଜଗା, ଚନ୍ଦନ ମଳିକ(୨୬) ଓରଫ ଚଣ୍ଡିଆ। ପ୍ରକାଶ ଯେ, ନାବାଳିକା ଜଣକ ଗତ କିଛିଦିନ ହେବ ତାଙ୍କ ମାମୁଘରେ ଆଈଙ୍କ ସହ ରହୁଥିଲେ। ଗତ ୩୧ ଡିସେମ୍ବର ରାତିରେ ଘରେ ଆଈ ନ ଥିବା ଖବର ପାଇ ନାଲୁଆ ଓ ତାଙ୍କ ସାଥୀମାନେ ନାବାଳିକାଙ୍କୁ ଘରୁ ଉଠାଇ ନେଇଥିଲେ। କିଛି ଦୂରରେ ଥିବା ଏକ ବିଲ ମଝିକୁ ଟେକି ନେଇ ୪ଜଣଯାକ ବଳାତ୍କାର କରିବା ପରେ ବିପଦପୂର୍ଣ୍ଣ ଭାବେ ସେଠାରେ ଛାଡି ଚାଲି ଯାଇଥିଲେ। ପରଦିନ ପୀଡ଼ିତା ଜଣକ ଘଟଣା ସମ୍ପର୍କରେ ନାଲୁଆଙ୍କ ସ୍ତ୍ରୀ ସମ୍ମୁଖରେ ପ୍ରକାଶ କରିବା ପରେ ଏହା ପ୍ରଘଟ ହୋଇଥିଲା। ଖବର ପାଇ ନାବାଳିକାଙ୍କ ମା'ବାପା ଉକ୍ତ ଗ୍ରାମରେ ପହଞ୍ଚି ଝିଅଠାରୁ ସମସ୍ତ ଘଟଣା ଶୁଣିବା ପରେ ଚିନ୍ତାରେ ପଡି ଯାଇଥିଲେ। ରବିବାର ଝିଅକୁ ସାଙ୍ଗରେ ଆଣି ଥାନାରେ ପହଞ୍ଚି ଥିଲେ। ପୋଲିସ ନାବାଳିକା ଓ ତାଙ୍କ ମା'ବାପାଙ୍କୁ ପଚରା ଉଚରା କରିବା ସହ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏହାପରେ ପୀଡ଼ିତାଙ୍କୁ ରବିବାର ରାତିରେ ଯାଜପୁର ଟାଉନସ୍ଥିତ ସ୍ୱାଧାର ଗୃହରେ ଛଡା ଯାଇଥିଲା। ଅଭିଯୁକ୍ତମାନେ ମାମଲାକୁ ରଫାଦଫା କରିବା ପାଇଁ ମସୁଧା କରି ବିଫଳ ହୋଇଥିଲେ। ତଦନ୍ତ ଅଧିକାରିଣୀ ମଧୁମିତା ମହାନ୍ତି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏ ସମ୍ପର୍କରେ ଏକ ମାମଲା (ନଂ. ୦୪/୧୨) ରୁଜୁ କରାଯାଇ ନାବାଳିକା ଓ ୪ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ସହ ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛି।


ଗିରଫ ୪ ଅଭିଯୁକ୍ତ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଜାନୁୟାରୀ, ୨୦୧୯



"ଅନ୍ୟକୁ ଘୃଣା କରିବା ଅର୍ଥ, ମୂଷାକୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ି ଦେବା ସଙ୍ଗେ ସମାନ।
- ଇମରସନ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ



**ନୟାଗଡ଼ ଅଫିସ,୭।୧:** ନୟାଗଡ଼ ବ୍ଲକ ରାଜପାଟଣା ଗୋଡ଼ିଆଳି ରାସ୍ତାରେ ରବିବାର ବିଳମ୍ବିତ ରାତ୍ରିରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଜାମୁସାହି ଗ୍ରାମର ନିରଞ୍ଜନ ରାଉତ (୩୨)। ନିରଞ୍ଜନ ବାଇକ୍‌ର ପଛରେ ବସିଥିବା ବେଳେ ଜଣେ ସମ୍ପର୍କୀୟ ବାଇକ୍ ଚଲାଉଥିଲେ। ଗୋଡ଼ିଆଳି ପାଣିପମ୍ପ ନିକଟରେ ଗାଡ଼ି ଖସି ପଡ଼ିଥିଲା। ଗାଡ଼ିରେ ବସିଥିବା ଦୁଇ ଜଣ ତଳେ ପଡ଼ି ଯାଇଥିଲେ। ସେଠାରେ ଯାଉଥିବା କିଛି ଲୋକ ଏହା ଦେଖି ଜାମୁସାହି ଗ୍ରାମରେ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ନିରଞ୍ଜନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ନିରଞ୍ଜନଙ୍କ ମୃତ୍ୟୁ ନେଇ ସନ୍ଦେହ ପ୍ରକାଶ ପାଇଛି। ବାଇକ୍ ପଡ଼ିଥିବା ସ୍ଥାନରେ କୌଣସି ଚିହ୍ନ ସୃଷ୍ଟି ହୋଇ ନ ଥିବାରୁ ସନ୍ଦେହ ଘନୀଭୂତ ହେଉଛି। ସଦର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ୧୪୬ ମାମଲାର ସମାଧାନ



**ନୟାଗଡ଼ ଅଫିସ,୭।୧:** ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ ଯୋଗଦେଇ ଜିଲାର ୧୯୧ଟି ଅଭିଯୋଗ ଶୁଣାଣି କରିଥିଲେ। ୧୮୦ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବାବେଳେ ୩ଟି ଗ୍ରାମ ସମସ୍ୟା ଓ ୮ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫାଣ୍ଡିରୁ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ଏଥିମଧ୍ୟରୁ ଜିଲାପାଳ ୧୪୬ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ। ସେହିଭଳି ୬ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡି ସହାୟତାରେ ୬୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଏପିଡ଼ି ସନ୍ତୋଷୀ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଶୁଣାଣି ଶିବିରରେ ଉପସ୍ଥିତ ଥିଲେ।

### ଶାକଦୀପ ବ୍ରାହ୍ମଣ ସମାଜର ଜିଲାସ୍ତରୀୟ କମିଟି ଗଠିତ



**ନୟାଗଡ଼ ଅଫିସ,୭।୧:** ନୟାଗଡ଼ ଜିଲା ଶାକଦୀପ ବ୍ରାହ୍ମଣ ସମାଜର ଏକ ବୈଠକ ରବିବାର ନୟାଗଡ଼ ସହର ଖଣ୍ଡପଡ଼ାରୋଡ଼ସ୍ଥିତ ହନୁମାନ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୧ ଜଣଙ୍କୁ ନେଇ ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ରାଜ୍ୟ ଶାକଦୀପ ବ୍ରାହ୍ମଣ ସମାଜର ସମ୍ପାଦକ ଅଚ୍ୟୁତାନନ୍ଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କମିଟି ଗଠନ କରିଥିଲେ। ନୂତନ କମିଟିରେ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, ଉପସଭାପତି ବାବାଜୀ ଚରଣ ଦାଶ, ସମ୍ପାଦକ ଶିଶିର କୁମାର ନାୟକ, ସହସମ୍ପାଦକ ମନୋଜ କୁମାର ନାୟକ, ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ନାୟକ ମନୋନୀତ ହୋଇଛନ୍ତି। ସେହିଭଳି ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ନାୟକ, କୁମୁଦ କୁମାର ନାୟକ, ଭାସ୍କର ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ଅଶୋକ କୁମାର ନାୟକ ମନୋନୀତ ହୋଇଥିଲେ।

## ଭାଜପା କାର୍ଯ୍ୟକ୍ରମରେ ଯୋଗଦେବା ମହଙ୍ଗା ପଡ଼ିଲା

# ଦଳିତ ପରିବାର ସଦସ୍ୟଙ୍କୁ ମାଡ଼

**ନୟାଗଡ଼ ଅଫିସ, ୭।୧**

ନୟାଗଡ଼ ବ୍ଲକ ଲାଠିପଡ଼ାଠାରେ ରବିବାର ଅନୁଷ୍ଠିତ ଭାଜପାର ଜବାବ ମାଗୁଛି ନୟାଗଡ଼ ସାଧାରଣ ସଭାରେ ଯୋଗଦେଇଥିବା କେତେକ ଦଳିତ ପରିବାର ସଦସ୍ୟଙ୍କ ଉପରେ ଆକ୍ରମଣ ହୋଇଛି। ଏପରି କି ସେମାନଙ୍କ ଘର ଭଙ୍ଗାରୁଜା ସହ ପୋଡି ଦିଆଯାଇଛି। ବିପକ୍ଷ ଦଳର ଜଣେ ସମର୍ଥକ ଏପରି ନାରକୀୟ କାଣ୍ଡ ଘଟାଇଛନ୍ତି। ଏହିଭଳି ଘଟଣା ଘଟିଛି ନୟାଗଡ଼ ବ୍ଲକ ଜେମାଦେଈପୁରପାଟଣା ପଞ୍ଚାୟତ ଲାଉସେଣା ଗ୍ରାମର ଦଳିତ ସାହିରେ।

ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ଲାଉସେଣା ଗ୍ରାମର ସଦାଶିବ ନାୟକ ଲାଉସେଣା ସାହିର ୧୦ରୁ ୧୨ ଜଣ ଲୋକଙ୍କୁ ନେଇ ଟାୱାର କାମରେ ଲଗାଇଛନ୍ତି। ନୂଆବର୍ଷ ଲାଗି ରବିବାର ଲାଉସେଣା ଗ୍ରାମର ଲୋକମାନେ ପାଣିପୋଇଲାକୁ ଭୋଜି କରିବାକୁ ଯାଇଥିଲେ। ଏହି ସମୟରେ ଜେମାଦେଈପୁରପାଟଣା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ମଧ୍ୟ ଅନ୍ୟ ଏକ ଭୋଜିକୁ ଯାଇଥିଲେ। ଉକ୍ତ ସ୍ଥାନରେ ସଦାଶିବ ଓ ବହ୍ମା ନାୟକଙ୍କ



ପୋଡ଼ି ଦିଆଯାଇଥିବା ଘର ।

ମଧ୍ୟରେ ଥିବା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେଠାରେ କିଛି ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମାଡ଼ ମରାମରି ହୋଇଥିଲା। ମାଡ଼ ଖାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ମାଧବ ମଲ୍ଲିକଙ୍କ ପୁଅ ମନୋଜ ଥିଲେ। ସନ୍ଧ୍ୟା ସମୟରେ ପୂର୍ଣ୍ଣଚନ୍ଦ୍ର ତାଙ୍କ ସାହିକୁ ଆସି ଏହାର ସମାଧାନ କରିବାକୁ କହି ତୁମେ ମହିଳାମାନେ କାହିଁକି ଭାଜପା କାର୍ଯ୍ୟକ୍ରମରେ ଯୋଗଦେଲ ବୋଲି ପଚାରି ଗାଳି କରିଥିଲେ। ସାଙ୍ଗରେ ଆଣିଥିବା ତାଙ୍କ ଏକାଡେମୀର କେତେକ ଛାତ୍ରଙ୍କୁ ଲଗାଇ ଦଳିତମାନଙ୍କୁ ମାଡ଼ ମାରିବା, ଘରଦ୍ୱାର ଭାଙ୍ଗିବା ସହିତ ଜଣଙ୍କ ୨ ବଖରା ଘରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ମାଧବଙ୍କ ଘର ପୋଡ଼ି ଯାଇଥିବାବେଳେ ମଧୁସୂଦନ ଓ ଭ୍ରମର ମଲ୍ଲିକଙ୍କ ଘର ଭାଙ୍ଗିଯାଇଛି। ସେହିଭଳି ମନୋଜ କୁମାର ମଲ୍ଲିକଙ୍କ ପାଇଖାନା ଘର ସହ କବାଟକୁ ଭାଙ୍ଗି ଦେଇଛନ୍ତି। ମାଡ଼ରେ ବୃନ୍ଦାବନ ମଲ୍ଲିକଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ଏ ନେଇ ଦଳିତ ପରିବାର ସଦସ୍ୟମାନେ ଥାନାରେ ଅଭିଯୋଗ କରିବାକୁ ଯାଇ ରାତ୍ରି ୨ଟାରେ ପହଞ୍ଚିଥିଲେ। ଥାନା ଅଧିକାରୀ ନ ଥିବାରୁ ଜଣେ କର୍ମଚାରୀଙ୍କୁ ଏତଲା ଦେଇ ଆସିଥିଲେ। ସୋମବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଥାନାର କୌଣସି କର୍ମଚାରୀ ମଧ୍ୟ ଘଟଣାସ୍ଥଳକୁ ଯାଇ ନ ଥିଲେ।

**ଘର ଭଙ୍ଗାରୁଜା, ପେଡ଼ାଜଳା**

ଅପରାହ୍ନରେ ଜିଲା କଂଗ୍ରେସର ସଭାପତି ରଣଜିତ୍ ଦାଶ କାର୍ଯ୍ୟକାରୀ ସଭାପତି ହୁସେନ ଖାଁ ଘଟଣାସ୍ଥଳରେ ପହଞ୍ଚି ଏହି ଘଟଣାକୁ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ମଧ୍ୟାହ୍ନ ୧୨ଟା ୨୦ରେ ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଭାଜପା ନେତା ଲାଲା ମନୋଜ ରାୟ ମଧ୍ୟ ଲାଉସେଣା ଦଳିତ ସାହିରେ ପହଞ୍ଚି ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ ସେ ଏହିଭଳି କୌଣସି କାଣ୍ଡ ଘଟାଇ ନ ଥିବା ପ୍ରକାଶ କରିଥିଲେ। ଏ ନେଇ ଥାନା ଅଧିକାରୀ ମନୋରମା ମଲ୍ଲିକ କୁହନ୍ତି ଏହି ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି। ପୂର୍ଣ୍ଣଚନ୍ଦ୍ରଙ୍କୁ ସେମାନେ ବାଡ଼େଇଥିବା ଅଭିଯୋଗ ହୋଇଛି। ନଂ.୩/୧୯ରେ ଲାଉସେଣା ଦଳିତ ସାହିର ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିଭଳି ମାଧବ ମଲ୍ଲିକଙ୍କ ସ୍ତ୍ରୀ ପ୍ରମିଳାଙ୍କ ଅଭିଯୋଗ ଆଧାରରେ ନଂ.୪/୧୯ରେ ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି।

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା

# ହତ୍ୟାକାରୀ ସ୍ୱାମୀ ପୁରୀରୁ ଗିରଫ

**ଗଣିଆ,୭।୧(ଡି.ଏନ.ଏ.)**

ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ପରେ ଫେରାର ସ୍ୱାମୀଙ୍କୁ ରବିବାର ଗଣିଆ ପୋଲିସ ପୁରୀରୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ସୂର୍ଯ୍ୟମଣି ଓରଫ ସୁଜନ ସାହୁ (୨୬) । ପୋଲିସ ସୁଜନଙ୍କୁ ଆଇପିସି ଦଫା ୩୦୨ ଓ ୪୯୮ରେ ସୋମବାର ଦଶପଲ୍ଲା କୋର୍ଟ ଚାଲାଣ କରିଛି ।

ଗଣିଆ ଥାନା ଆଡକଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମରେ ଗତମାସ ୨୮ ତାରିଖରେ ପାରିବାରିକ କଳହକୁ ନେଇ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଶୋଭାବଳୀ (୩୫) ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡ ଘଟାଇ ସୁଜନ ଫେରାର ହୋଇଯାଇଥିଲେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୭ବର୍ଷ ପୂର୍ବେ ସୁଜନ ପୁରୀ ଜିଲା ଚନ୍ଦନପୁରସ୍ଥିତ ମାଉସୀ ଘରେ ରହି ଗାଁ ଗାଁ ବୁଲି ବାସନ ବେପାର କରୁଥିଲେ। ଏହି ସମୟରେ କାକଟପୁର ଅଞ୍ଚଳର ଶୋଭାବଳୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା। କିଛି ଦିନ ପରେ ସୁଜନଙ୍କ ମାଉସୀ ପୁଅ କାବୁଲିଙ୍କ ସହ ଶୋଭାବଳୀଙ୍କ ବିବାହ ହୋଇଥିଲା। ହେଲେ କାବୁଲି ଜଣେ ଭିନ୍ନକ୍ଷମ ହୋଇଥିବାରୁ ବିବାହର ୪ଦିନ ପରେ ଶୋଭାବଳୀ ଶାଶୁଘର ଛାଡି ବାପଘରକୁ ଚାଲିଆସିଥିଲେ। ସୁଜନଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିବା ଶୋଭାବଳୀଙ୍କ ପରିବାର ଲୋକେ ଜାଣିବା ପରେ ଉଭୟଙ୍କ ବିବାହ କରାଇଥିଲେ। ପରେ ଉଭୟ କାକଟପୁର ନିକଟ କୁଣ୍ଢେଇହାଟ ବଜାରରେ ଏକ ଘରଭଡା ନେଇ ରହିଆସୁଥିଲେ। ଏକବର୍ଷ ପରେ



ଗିରଫ ସୂର୍ଯ୍ୟମଣି।

ସେମାନେ ସୁଜନଙ୍କ ଗାଁ ଜଗନ୍ନାଥପ୍ରସାଦକୁ ଫେରିଆସି ଶତ୍ରୁଘନ ସାହୁଙ୍କ ଘରେ ଭଡାସୂତ୍ରରେ ରହୁଥିଲେ। ଡିସେମ୍ବର ୨୮ ତାରିଖ ସକାଳେ ସୁଜନ ସ୍ତ୍ରୀଙ୍କୁ ଖାଇବାକୁ ମାଗିଥିଲେ। ଖାଇବାକୁ ଦେବା ବିଳମ୍ବ ହେବାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଏଥିରେ ସୁଜନ ଉତ୍‌କ୍ଷିପ୍ତ ହୋଇ ଶୋଭାବଳୀଙ୍କୁ ବାଡେଇବା ପାଇଁ ବାଡି ଖୋଜୁଥିବା ବେଳେ ହାତରେ ଏକ ଟାଙ୍ଗିଆ ପଡିଥିଲା । ଦୌଡି ପଳାଉଥିବା ଶୋଭାବଳୀଙ୍କ ମୁଣ୍ଡକୁ ଚୋଟ ପରେ ଚୋଟ ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ଶୋଭାବଳୀଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଶୋଭାବଳୀଙ୍କ ଭିଣୋଇ ରବୀନ୍ଦ୍ର ସାହୁଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଗଣିଆ ପୋଲିସ ୭୩/୧୮ରେ ମାମଲା ରୁଜୁ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଏଏସ୍‌ଆଇ ଅମୂଲ୍ୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ପୁରୀର କୁମ୍ଭାରପଡା ଅଞ୍ଚଳରୁ ସୁଜନଙ୍କୁ ଗିରଫ କରିଥିଲେ।

## ରଣପୁର ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନ ମୋହିଲା ମା' ଶାରଳା ଘଟନୃତ୍ୟ

**ରଣପୁର,୭।୧ (ସ୍ୱ.ପ୍ର.)**

ସ୍ଥାନୀୟ ବାଘସାଆନ୍ତ ପଡିଆ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ରଣପୁର ମହୋତ୍ସବ ଅର୍ଜୁନ-୨୦୧୯ର ସୋମବାର ତୃତୀୟ ସନ୍ଧ୍ୟାରେ ମା' ଶାରଳା ଘଟନୃତ୍ୟ ସହିତ ଭୁବନେଶ୍ୱରର ଶିଳ୍ପିକା ଡ୍ୟାନ୍ସଗ୍ରୁପ ଓ ଅଭିନେତ୍ରୀ ପ୍ରୀତିଙ୍କ ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ଅଞ୍ଚଳର କବି ସମ୍ମିଳନୀ ବେଶ୍ ଚିତ୍ତାକର୍ଷକ ହୋଇଥିଲା । ରଣପୁର ସଙ୍ଗୀତ କଳା ବିଦ୍ୟାନିକେତନ ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ସଭାରେ ନୟାଗଡ଼ ଜିଲାପାଳ ଏନ ତିରୁମାଲା ନାୟକ ମୁଖ୍ୟଅତିଥି, ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ମୁଖ୍ୟବକ୍ତା ଓ ରଣପୁର ଏନ୍‌ଏସି ଉପାଧ୍ୟକ୍ଷ



ମହୋତ୍ସବରେ କଳାକାରଙ୍କ ଦ୍ୱାରା ମା' ଶାରଳା ଘଟନୃତ୍ୟ ପରିବେଷଣ।

ପ୍ରିୟବ୍ରତ ପ୍ରହରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଶାନ୍ତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ରଣପୁର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରବଳ ଶୀତ ସତ୍ତ୍ୱେ ଆଖପାଖ ଅଞ୍ଚଳରୁ ବହୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

### ବନ ବିଭାଗର ଚଢାଉ, ଶାଳକାଠ ଜବତ

**ଖଣ୍ଡପଡା,୭।୧(ସ୍ୱ.ପ୍ର)**

ଖଣ୍ଡପଡା ବନ ବିଭାଗ କର୍ମଚାରୀମାନେ ସୋମବାର ବିଶେଷ ସୂତ୍ରରୁ ଖବର ପାଇ ଖଣ୍ଡପଡା ସହରର ୧୧ନଂ. ୱାର୍ଡ ଗଡଭିତର ସାହିରେ ଅଚାନକ ଚଢାଉ କରିଥିଲେ। ଏହି ସମୟରେ ସେମାନେ ୪ଟି ସାଇଜ୍ ଶାଳକାଠ ସହ ୨୦ଟି ଶାଳ ବହ୍ଲା ଜବତ କରିଥିଲେ। ବନପାଳ ଶ୍ରୀନିବାସ ମହାପାତ୍ର, ଶ୍ରୀନିବାସ ଦାଶଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ହୋଇଥିଲେ । ଜବତ କାଠର ମୂଲ୍ୟ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

### କଣ୍ଟିଲୋରେ ଖୋଲିଲା ଧାନମଣ୍ଡି

**ଖଣ୍ଡପଡା,୭।୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ କଣ୍ଟିଲୋ ସେବା ସମବାୟ ସମିତି ପରିସରରେ ରବିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ୧୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିଥିଲେ। ସମବାୟ ସମିତି ସମ୍ପାଦକ ବିଭୁ ପ୍ରସାଦ ସାହୁ, ସହସମ୍ପାଦକ ବଦ୍ରିନାରାୟଣ ମିଶ୍ର, ପରିଚାଳନା ବୋର୍ଡ ଉପସଭାପତି ଚପଳା ଦାସ ଓ ରବୀନ୍ଦ୍ର କୁମାର ବାରିକଙ୍କ ତତ୍ତ୍ୱାବଧାନରେ ୧୭୫୦ଟଙ୍କା ଦରରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କଠାରୁ ୧୦୪ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।



# ବିଜୁ ଯୁବବାହିନୀ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଦ୍ୱିତୀୟ ଦିବସରେ ଅତିଥିମାନଙ୍କ ସହିତ ଖେଳାଳିମାନେ।

**ନୟାଗଡ଼ ଅଫିସ,୭।୧**

ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ଇଟାମାଟି ଆନୁକୂଲ୍ୟରେ ରବିବାର ଇଟାମାଟି ବାମନ ଅବକାଶ ହାଇସ୍କୁଲ ପଡ଼ିଆଠାରେ ବିଜୁଯୁବବାହିନୀ ଫୁଟବଲ୍ ଟୁର୍ନାମେଣ୍ଟ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ସାଓଁରମଲ୍ଲ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଟାମାଟି ସରପଞ୍ଚ ସୋନାଲିକା ମନ୍ଥନ, ସମିତିସଭ୍ୟା ବବିତାରାଣୀ ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ା କମିଟିର ସଭାପତି ଆଶିଷ ଅଗ୍ରୱାଲ ଓ ସମ୍ପାଦକ ରଙ୍ଗନାଥ ବେହେରା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ମହାବୀର ସ୍ପୋର୍ଟସ କ୍ଲବ କୁହୁଡ଼ି ଓ ୭୨ କ୍ଲବ ଖୋର୍ଦ୍ଧା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟନ୍ତ ଖେଳ ଅମୀମାଂସିତ ରହିବା ଫଳରେ ଟାଇବ୍ରେକ୍‌ରର ସହାୟତା ନିଆଯାଇଥିଲା। କୁହୁଡ଼ି ଦଳର ୧୦ ନମ୍ବର ଖେଳାଳି ମହେନ୍ଦ୍ର ଯୋଶୀ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଫରି ଭାବେ ଅବିନାଶ ପଟ୍ଟନାୟକ, ଆମଜାନ୍ ଖାଁ, ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରତାପ ମୁଦୁଲି ଖେଳ ପରିଚାଳନା କରିଥିଲେ। ସେହିଭଳି ସୋମବାର ଗୋଲ୍‌ଷ୍ଟାର କ୍ଲବ ରାଜପାଟଣା ଓ ଏମ୍‌କେଏସ୍ ଖୋର୍ଦ୍ଧା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ସୁଦ୍ଧା କୌଣସି ଦଳ କାହାରିକୁ ଗୋଲ୍ ସ୍କୋର ଦେଇ ପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଖୋର୍ଦ୍ଧା ୩-୨ ଗୋଲ୍‌ରେ ବିଜୟୀ ହୋଇ ସେମି ଫାଇନାଲ୍‌ରେ ପ୍ରବେଶ କରିଥିଲା। ସୋମବାର ଖେଳରେ ନୟାଗଡ଼ ଏସଡ଼ିପିଓ (ପୋଲିସ) ସୁଧାକର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।

# କାଳିଆ ଯୋଜନାରେ ଆବେଦନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼

**ଖଣ୍ଡପଡା,୭।୧(ସ୍ୱ.ପ୍ର.)**

ସରକାରଙ୍କ କାଳିଆ ଯୋଜନାରେ ସାମିଲ ହେବା ପାଇଁ ଚଳିତମାସ ୨ରୁ ୧୦ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରାଯିବା ବ୍ୟବସ୍ଥା ହୋଇଛି । ଖଣ୍ଡପଡା ବ୍ଲକର ୨୨ ପଞ୍ଚାୟତରେ ଏହି ପ୍ରକ୍ରିୟା ଜାରି ରହିଛି। ଘୋଷଣା ଅନୁସାରେ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ, ଭାଗଚାଷୀ, କୃଷି ଶ୍ରମିକ, କୃଷିକାର୍ଯ୍ୟ ପାଇଁ ଅସମର୍ଥ କୃଷି ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ। ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ ତାଲିକାରେ କେତେକଙ୍କ ନାମ ସାମିଲ ହୋଇଥିବା ବେଳେ ଅନ୍ୟମାନେ ଏହି ଯୋଜନାର ଫାଇଦା ପାଇଁ ଆଶା ବାନ୍ଧି



ପଞ୍ଚାୟତ କାର୍ଯ୍ୟାଳୟରେ ଲୋକଙ୍କ ଭିଡ଼।

ରହିଛନ୍ତି। ତେଣୁ ଫର୍ମ ପାଇବା ପାଇଁ ବିଭିନ୍ନ ପଞ୍ଚାୟତରେ ଲମ୍ଫାଧାଡି ଲାଗୁଛି । ମାତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଆବଶ୍ୟକ ଫର୍ମ ମହଜୁଦ ନ ଥିବାରୁ ନିର୍ଦ୍ଧାରିତ ୧୦ ତାରିଖ ସୁଦ୍ଧା ଆବେଦନ କରିବା ପାଇଁ ଆଶା ରଖିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତରେ କାର୍ଯ୍ୟରତ କୃଷି ଅଧିକାରୀମାନେ ଅଳ୍ପକିଛି ଫର୍ମ ଆଣୁଥିବାବେଳେ ତାହା ସମୁଦ୍ରକୁ ଶଙ୍ଖେ। ଅନ୍ୟପକ୍ଷରେ କେତେକ ପଞ୍ଚାୟତରେ ଶାସକ ଦଳର କର୍ମୀମାନଙ୍କୁ ଅଗ୍ରାଧିକାର ଦେଇ ଫର୍ମ ଦିଆଯାଉଥିବା ଅଭିଯୋଗ ହେଉଛି। ଏହାକୁନେଇ ଗଣ୍ଡଗୋଳ ହେଉଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ତରଫରୁ ଆବଶ୍ୟକ ପରିମାଣର ଫର୍ମ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

## କେରଳରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଜିଲାପାଳଙ୍କୁ ଭେଟିଲେ ମୃତକଙ୍କ ଝିଅପୁଅ

**ନୟାଗଡ଼ ଅଫିସ,୭।୧**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ଗ୍ରାମର ବିପିନ ମହାପାତ୍ର କେରଳରେ ଶ୍ରମିକ ଭାବେ କାମ କରୁଥିବା ବେଳେ ତାଙ୍କୁ ନିଜ ଗ୍ରାମର ଜଣେ ଯୁବକ ହତ୍ୟା କରିଥିଲେ। ଏହି ଘଟଣା ଜଣାପଡିବା ପରେ ବିପିନଙ୍କ ପୁଅ ଝିଅ ଏକରକମର ବେସାହାରା ହୋଇଯାଇଛନ୍ତି। ସହାୟତା ପାଇଁ ସୋମବାର ସେମାନେ ପିଉସୀଙ୍କ ସହିତ ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ବାପାଙ୍କ ମୃତ୍ୟୁ ପରେ ସେମାନଙ୍କ ସାବତ ମାଆ ଶୁଦ୍ଧିକ୍ରିୟାରେ ସାମିଲ ନ ହୋଇ ଘର ଛାଡ଼ି ଚାଲିଯାଇଛନ୍ତି। ହେଲେ ବାପାଙ୍କ ହତ୍ୟାକାରୀକୁ ଗିରଫ ପାଇଁ ନୟାଗଡ଼ ଆସିଥିବା କେରଳ ପୋଲିସକୁ ସଦରଥାନା ସହଯୋଗ କରୁନାହିଁ। ଫଳରେ କେରଳରୁ ଖସି ଆସିଥିବା ବାପା ହତ୍ୟାକାରୀ ଗ୍ରାମରେ ବୁଲୁଥିବା ନେଇ ପୁଅ ଝିଅ କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଡିସେମ୍ବର ୨୩ ତାରିଖ ପିଆଜ କଟାକୁ କେନ୍ଦ୍ର କରି ବିପିନଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଥିଲା।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବିପିନଙ୍କ ଭଉଣୀଙ୍କ ସହ ଝିଅପୁଅ ।

# ଇଭିଏମ୍, ଭିଭିପାଟ୍ ସଚେତନତା ଅଭିଯାନ

**ନୟାଗଡ଼ ଅଫିସ,୭।୧**

ରାଜ୍ୟରେ ପ୍ରଥମଥର ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ସମସ୍ତ ବୁଥ୍‌ରେ ଇଭିଏମ୍ ଏବଂ ଭିଭିପାଟ (ଭୋଟର ଭେରିଫାଏଡ୍ ପେପର ଅଡ଼ିଟ ଟ୍ରାଏଲ) ବ୍ୟବହାର କରାଯିବ। ଏହି ଅବସରରେ ସୋମବାର ଲୋକମାନଙ୍କୁ ଇଭିଏମ୍ ଓ ଭିଭିପାଟ ବ୍ୟବହାର ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଅପରାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ୍ ଯାଦବ୍ ଓ ନୟାଗଡ଼ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଡା. ଏନ୍ ତିରୁମାଲା ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ୨୫ଟି ଗାଡ଼ି ଜିଲାରେ ପ୍ରାୟ ୨୦ରୁ ୨୫ ଦିନ ସମସ୍ତ ଗ୍ରାମରେ ବୁଲି ଇଭିଏମ୍ ଓ ଭିଭିପାଟ ବ୍ୟବହାର ବିଷୟରେ ଲୋକମାନଙ୍କୁ ମକ୍ ପୋଲ କରାଇବ। ଏହି ସଚେତନତା





କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ଜିଲାପାଳ। ନିକଟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ।

ଗାଡ଼ିରେ ୬୦ଜଣ ଅଧିକାରୀ, ୩୦ ଜଣ ପୋଲିସ , ୬୦ଜଣ ଚତୁର୍ଥଶ୍ରେଣୀ କର୍ମଚାରୀ ନିୟୋଜିତ ଅଛନ୍ତି। ସେହିଭଳି ଅପରାହ୍ନ ୩ଟାରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମିନି କନ୍‌ଫରେନସ ହଲରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ସନ୍ତୋଷୀ ସାହୁ, ଜିଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାକୁ ନେଇ ଆଲୋଚନା କରାଯାଇଥିଲା। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଇବା ପାଇଁ ଏବଂ ଯେଉଁମାନଙ୍କର ବୟସ ୧୮ବର୍ଷ ହୋଇଛି ସେମାନେ ନାମ ଦରଜ କରି ଭୋଟର ହେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅପରାହ୍ନ ୪ଟାରେ ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷାଅଧ୍ୟକ୍ଷ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଡକାଯାଇ ନିଜ ନିଜ ଅନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଇବା ପାଇଁ ଅତିରିକ୍ତ ଜିଲାପାଳ ଦାଶ ପରାମର୍ଶ ଦେଇଥିଲେ। ଆସନ୍ତା ୨୫ତାରିଖ ଭୋଟର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା କରାଯିବା ପାଇଁ ମଧ କହିଥିଲେ । ଏହି ବୈଠକରେ ଇଭିଏମ୍ ଏବଂ ଭିଭିପାଟ ବିଷୟରେ ଆଲୋଚନା କରାଯିବା ସହିତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଚୁନାବ କ୍ଲବ ଗଠନ କରାଯିବା ପାଇଁ କହିଥିଲେ ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଜାନୁୟାରୀ, ୨୦୧୯



ଆଜିର କାମ ଆସନ୍ତାକାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- କାର୍ଲାଇଲ



## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଜଳିଗଲା ୧ ବଖରା

**ଦଶପଲ୍ଲା,୭।୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନଛିପୁର ପଞ୍ଚାୟତର ପଥୁରିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୧ବଖରା ଜଳିଯାଇଛି। ଗ୍ରାମର ସନାତନ ଖମାରୀଙ୍କ ପୁଅ ରାଜେଶ ଖମାରୀ ଚୁଲିରେ ରୋଷେଇ କରି ଖାଦ୍ୟ ବସାଇ ବାହାରକୁ ଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଦଶପଲ୍ଲା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛି। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ପୋଡ଼ିଯାଇଛି।

### ବାର୍ଷିକ ଶିଶୁ କ୍ରୀଡ଼ା ପ୍ରତିଯୋଗିତା



**ଦଶପଲ୍ଲା,୭।୧(ଡି.ଏନ.ଏ.):** ସୋମବାର ଦଶପଲ୍ଲା ବ୍ଲକ ଏଲିମେଣ୍ଟାରୀ ବିଦ୍ୟାଳୟ ସ୍ତରୀୟ ଶିଶୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଏକ ମଶାଲ ଶୋଭାଯାତ୍ରା ସାତପାଟଣାଠାରୁ ବାହାରି ନେତାଜୀ ମୈଦାନ ପର୍ଯ୍ୟନ୍ତ ଯାଇଥିଲା। କ୍ରୀଡ଼ା ଉତ୍ସବର ପ୍ରାରମ୍ଭରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଅର୍ପଣ କରାଯାଇଥିଲା। ଏହାପରେ ନେତାଜୀ ମୈଦାନଠାରେ ପତାକା ଉତ୍ତୋଳନ କରାଯାଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏନଏସି ଅଧକ୍ଷା ବବିତା ସାହୁ , ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ପ୍ରମୋଦ ଚନ୍ଦ୍ର ପୃଷ୍ଟି , ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବଟକୃଷ୍ଣ ପଣ୍ଡା ଯୋଗଦେଇଥିଲେ। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଦଶପଲ୍ଲା ବ୍ଲକର ୧୩ଟି କ୍ଲଷ୍ଟରର ୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ାର ଉଦ୍‌ଯାପନ ଦିବସରେ ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ ପ୍ରମୁଖ ଯୋଗଦେଇଥିଲେ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଖଣ୍ଡପଡା,୭।୧(ସ୍ୱ.ପ୍ର.):** ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋର ୧୯୭୯ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ପଥରଚକଡାସ୍ଥିତ ମା' ନାରାୟଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ନୀଳମାଧବ ମହାବିଦ୍ୟାଳୟ ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ ଏଥିରେ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ଶିରୋମଣି ମୁଖ୍ୟବକ୍ତା ଓ ପୂର୍ବତନ କ୍ରୀଡା ଶିକ୍ଷକ ଭୀମସେନ ରାଉତ, ପୂର୍ବତନ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତି, ଗୋବର୍ଦ୍ଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପୁରାତନ ଛାତ୍ର ନରେନ୍ଦ୍ର କୁମାର ସାହୁ, ଅଜୟ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ବାରମ୍ୱାର ଡଙ୍ଗାବୁଡ଼ି ସତ୍ତ୍ୱେ ଚେତା ପଶୁନି

# ଚିଲିକାରେ ଏବେ ବି ଚାଲିଛି ବିପଜ୍ଜନକ ଯାତ୍ରା

■ଜଳଯାତ୍ରୀଙ୍କ ପାଇଁ ଲାଇଫ୍ ଜ୍ୟାକେଟ୍ ସ୍ୱପ୍ନ ପାଲଟିଛି
■ପ୍ରଶାସନିକ ତଦନ୍ତ ହେବ

**କୃଷ୍ଣପ୍ରସାଦ, ୭।୧(ଡି.ଏନ.ଏ.)**

ନଦୀ ଏବଂ ଚିଲିକାରେ ବାରମ୍ୱାର ମର୍ମନ୍ତୁଦ ଡଙ୍ଗାବୁଡ଼ି ଦୁର୍ଘଟଣା ସଂପ୍ରତି ଆଉ କାହାକୁ ଅଛପା ନାହିଁ । ତଥାପି ପ୍ରଶାସନ କିମ୍ୱା ସାଧାରଣ ଲୋକଙ୍କୁ ଏନେଇ କିପରି ଚେତା ପଶୁନି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା-ସାତପଡ଼ା, ଚିଲିକା ଏବଂ ପାରିକୁଦ ଗଡ଼ଠାରୁ ବାଲୁଗାଁ-ଚିଲିକା ଜଳପଥ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ତଥାପି ସାଧାରଣ ଲୋକେ ବୋଧହୁଏ ଅନ୍ୟ ଉପାୟ ନ ପାଇ ସବୁ ଜାଣିଶୁଣି ମଧ୍ୟ ଚିଲିକାରେ ଏଭଳି ବିପଜ୍ଜନକ ଯାତ୍ରା କରୁଛନ୍ତି। ନିଜ ଜୀବନ ପ୍ରତି ଲୋକଙ୍କ ଖାତିର ନ ଥିବା ବେଳେ ଏଥିପ୍ରତି ପ୍ରଶାସନିକ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ, ୨୦୧୭ ମସିହାରେ ଗଞ୍ଜାମ ଜିଲା ସାବୁଲିଆ-ଚିଲିକାରେ ଏକ ପିକ୍‌ନିକ୍ ପାର୍ଟି ଡଙ୍ଗା ବୁଡ଼ି ୪ ଜଣଙ୍କ ମୃତ୍ୟୁ ଘଟିଥିଲା । ୨୦୧୮ ମସିହା ରଜ ସଂକ୍ରାନ୍ତିରେ ଚିଲିକା କାଳିଜାଇରେ ଡଙ୍ଗା ବୁଡି ୩ ଜଣଙ୍କ ଅକାଳ ବିୟୋଗ ଘଟିଥିଲା। ବାରମ୍ୱାର ଡଙ୍ଗାବୁଡି ପରେ ମାତ୍ର କିଛିଦିନ ପାଇଁ ପ୍ରଶାସନିକ ତତ୍ପରତା ବୃଦ୍ଧି ପାଇଥିଲା। ସୁରକ୍ଷା ନିମନ୍ତେ ସମସ୍ତ ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ୍ ଯୋଗାଇ ଦେବା ବାଧ୍ୟତାମୂଳକ କରାଗଲା। ଡଙ୍ଗାରେ ଅଧିକ ଯାତ୍ରୀଙ୍କ ପ୍ରତିବାରଣ ରହିଲା। ମାତ୍ର ନିୟମ ଘୋଷଣା କରାଯିବାର ମାତ୍ର ମାସେ/ଦେଢ଼ମାସ ମଧ୍ୟରେ ଯାତ୍ରୀମାନେ ଲାଇଫ୍ ଜ୍ୟାକେଟ୍ ପାଇବା ସ୍ୱପ୍ନ ହୋଇପଡିଛି। ଦକ୍ଷିଣ ଓଡିଶାରୁ ମାଲୁଦ, ଜହ୍ନିକୁଦା, ସାତପଡ଼ା ଦେଇ ଶହ ଶହ ଯାତ୍ରୀ ଓ ପର୍ଯ୍ୟଟକ ପ୍ରତିଦିନ ଯାତାୟାତ କରୁଛନ୍ତି। ପୁରୀ ଶ୍ରୀକ୍ଷେତ୍ର ଯିବାକୁ ଏବେ ମଧ୍ୟ ଚିଲିକା ମୁଖ୍ୟରାସ୍ତା ପାଲଟିଛି । ସେହିଭଳି ପାରିକୁଦ ଗଡ-ବାଲୁଗାଁ-ଚିଲିକା ରାସ୍ତା ମୁଖ୍ୟ ବ୍ୟବସାୟିକ ପଥ ଭାବେ ପରଚିତ। ବିଶେଷ ଭାବେ ସମ୍ପ୍ରତି କାଳିଜାଇ ପୀଠକୁ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି। ତେବେ ବାରମ୍ୱାର ଡଙ୍ଗାବୁଡ଼ି ଘଟଣା ପ୍ରଶାସନ ନଜରକୁ ଆସୁଥିଲେ ମଧ୍ୟ ଲାଇଫ୍ ଜ୍ୟାକେଟ୍ କାହିଁକି ଯୋଗାଇ ଦିଆଯାଉ ନାହିଁ ସେନେଇ ଅଭିଯୋଗ ହେଉଛି। ଚଳିତ ୧୪ ତାରିଖରେ ପ୍ରସିଦ୍ଧ ମକରମେଳା ଯୋଗୁ ହଜାର ହଜାର ଶ୍ରଦ୍ଧାଳୁ ମା' କାଳିଜାଇ ପୀଠକୁ ଏବେଠାରୁ ଯାତାୟାତ ଆରମ୍ଭ କଲେଣି। ଏଥିନିମନ୍ତେ ୮ ଡଙ୍ଗାଚାଳକ ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ନେବା ଆଣିବା କରୁଛନ୍ତି। ଡଙ୍ଗାରେ ମଣିଷ, ପଶୁ, ଯାନବାହନ ଏବଂ ଜିନିଷପତ୍ର ପରିବହନ କରାଯାଉଛି। ତେବେ ଏଥିପ୍ରତି ସରକାରଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ନ ଥିବା ଅଭିଯୋଗ ହେଉଛି। ଆଉ କେତେ ଦୁର୍ଘଟଣା ଘଟିଲେ ସରକାର ଚେତିବେ ବୋଲି ସମାଲୋଚନା ସତ୍ତ୍ୱେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବା ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ କୁହାଯାଇଛି। ଏ ସମ୍ପର୍କରେ କୃଷ୍ଣପ୍ରସାଦ ତହସିଲଦାର କହିଛନ୍ତି ଯେ, ପ୍ରଶାସନ ତରଫରୁ ସମସ୍ତ ଡଙ୍ଗାକୁ ଲାଇଫ୍ ଜ୍ୟାକେଟ ଦିଆଯାଇଛି। ଯଦି ସେମାନେ ଯାତ୍ରୀମାନଙ୍କୁ ପିନ୍ଧିବା ପାଇଁ ଦେଉ ନାହାନ୍ତି ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ୍ ଦେଉ ନ ଥିବା ଡଙ୍ଗାର ଲାଇସେନ୍ସ ବାତିଲ କରିବୁ।



ବିପଜ୍ଜନକ ଅବସ୍ଥାରେ ଡଙ୍ଗାରେ ଯାଉଛନ୍ତି ଲୋକେ।

# ପୁରୀରେ କାଉ ମଡ଼କ, ବାର୍ଡ ଫ୍ଲୁ ସନ୍ଦେହ

**ପୁରୀ ଅଫିସ,୭।୧**

ପୁରୀ ସହରରେ କାଉ ମଡ଼କ ଦେଖା ଦେଇଛି। ବାର୍ଡ ଫ୍ଲୁ ଯୋଗୁ କାଉଙ୍କ ମୃତ୍ୟୁ ହେଉଥିବା ସନ୍ଦେହ କରି ସହରବାସୀ ଭୟଭୀତ ହୋଇପଡିଛନ୍ତି। ସୋମବାର ସକାଳେ ହୋଟେଲ ମେ ଫେୟାର ପଛ ପାର୍ଶ୍ୱ ବେଳାଭୂମିରେ ତିଆରି ଚାଲିଥିବା ପାର୍କ ପରିସରରେ ମୃତ କାଉ ପଡ଼ିଥିବା ଖବର ପ୍ରଚାରିତ ହୋଇଥିଲା। ଖବର ପାଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ସେଠାରେ ୭ଟି ମଲା କାଉ ପଡିଥିବା ଦେଖିଥିଲେ। ଏହି କାଉଙ୍କର ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହାକୁ ପରୀକ୍ଷା ପାଇଁ ଭୋପାଳସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇ ସିକ୍ୟୁରିଟି ଆନିମଲ ଡିଜିଜ୍ (ଏନ୍‌ଆଇଏଚ୍‌ଏସ୍‌ଏଡି)କୁ ପଠାଯିବ। ରିପୋର୍ଟ ଆସିବା ପରେ କାଉ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ବେଳାଭୂମିରେ କିଛି କାଉ ମରିଥିବା ଖବର ପହଞ୍ଚିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି। ଗତ ନଭେମ୍ବର ୨୬ରେ ଗୌଡ଼ବାଡ଼ ସାହିରେ କାଉ ଏବଂ କୁକୁଡ଼ାଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଜିଲା ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ହେଲେ ରିପୋର୍ଟ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା। ଅନ୍ୟପକ୍ଷରେ ଗତ ଡିସେମ୍ବର ୧୩ରେ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିଲା। ତେଣୁ ସହରବାସୀଙ୍କ ମନରେ ବାର୍ଡ ଫ୍ଲୁ ଭୟ ରହିଛି। ଏବେ କାଉ ମଡ଼କ ଲୋକମାନଙ୍କ ଚିନ୍ତା ବଢ଼ାଇ ଦେଇଛି।



ମରିପଡ଼ିଥିବା କାଉ।

# ସଦାଶିବ ମେମୋରିଆଲ କ୍ରିକେଟ୍: କୁମାରବସ୍ତ ସେମିରେ

**ଭାପୁର,୭।୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମର ନାଳିସାଗର ଖେଳପଡ଼ିଆରେ ଚାଲିଥିବା ୯ମ ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ରାଇଜିଙ୍ଗ ଷ୍ଟାର କ୍ରିକେଟ୍ କ୍ଲବ କୁମାରବସ୍ତ ଧବଳଗିରି କ୍ରିକେଟ୍ କ୍ଲବ ଯାଜପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କୁମାରବସ୍ତ ୨୫ ଓଭରରେ ୮ ଉଇକେଟ୍ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଯାଜପୁର ଦଳ୨୫ ଓଭରରେ ୮ ଉଇକେଟ ହରାଇ ୨୨୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପରାଜିତ ଦଳର ଉତ୍ତମ ସାମନ୍ତରାୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଜିତେନ୍ଦ୍ର କୁମାର ଘୋଷ। ସ୍କୋରର ଥିଲେ ପବିତ୍ର କୁମାର ସାହୁ ଓ ଧାରା ବିବରଣୀ ଦେଇଥିଲେ ସରୋଜ କୁମାର ମହାପାତ୍ର। ମଙ୍ଗଳବାର ମ୍ୟାଚ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ ଓ କାଇପଦର ସତ୍ୟପିର କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# କାଳିଆ ଯୋଜନା: ବିଭ୍ରାନ୍ତିରେ ଲୋକେ

**ଭାପୁର,୭।୧(ଡି.ଏନ.ଏ.)**

ରାଜ୍ୟରେ କୃଷକ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ଓ ଚାଷର ଉନ୍ନତି କରିବା ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଘୋଷଣା କରିଛନ୍ତି। ମାତ୍ର ଜନସାଧାରଣଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ପ୍ରଶାସନିକ ସ୍ତରରେ ପର୍ଯ୍ୟାପ୍ତ ସୁବିଧା ଓ ଚେଷ୍ଟା ନ ହେବାରୁ ଜନସାଧାରଣ ବର୍ତ୍ତମାନ ବିଭ୍ରାନ୍ତିରେ ରହିଛନ୍ତି। ସଂଖ୍ୟାଧିକ ଚାଷୀ ପୂର୍ବରୁ ଚାଷୀ ପଞ୍ଜିକରଣ ଯୋଜନାରେ ସାମିଲ ହୋଇନଥିଲେ। ଯେଉଁମାନେ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନାମ ପଞ୍ଚାୟତ ଅଫିସରେ ଲଗାଯାଇଥିବା ତାଲିକାରେ ନଥିବାରୁ ଚାଷୀ ବିଭ୍ରାନ୍ତିରେ ଅଛନ୍ତି। ଚାଷୀଙ୍କୁ ସହାୟତା ଦେବା ପାଇଁ ଆରମ୍ଭ ହୋଇଥିବା କାଳିଆ ଯୋଜନାରେ ସାମିଲ ପାଇଁ ପ୍ରତି ପଞ୍ଚାୟତରେ ଏବେ ଏକ ନୀଳ ଫର୍ମ ମିଳୁଛି। ମାତ୍ର ପଞ୍ଚାୟତମାନଙ୍କରେ ଯେତିକି ଚାଷୀ ଅଛନ୍ତି ସେମାନଙ୍କର ତୁଳନାରେ ମାତ୍ର ୧/୩ଭାଗ ଫର୍ମ ପଞ୍ଚାୟତକୁ ମିଳୁଥିବାରୁ ଏହା ପାଇବା ନିମନ୍ତେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବୟସ୍କ, ଯୁବକମାନେ ଲମ୍ବା ଧାଡ଼ିରେ ଠିଆ ହୋଇରହିଥିବା ଦେଖିବାକୁ ମିଳୁଛି। ବ୍ଲକର ବାଇଗୁଣିଆ ପଞ୍ଚାୟତ ଓ କେତେକ ପଞ୍ଚାୟତରେ ଫର୍ମ ଗୁଡ଼ିକ ୧୦ ଟଙ୍କାରେ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ଏ ନେଇ ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ କୁହନ୍ତି, ପ୍ରଥମ ଦଫାରେ ବ୍ଲକର ୨୦ ପଞ୍ଚାୟତ ପାଇଁ ୧୦ ହଜାର ଓ ଦ୍ୱିତୀୟ ଦଫାରେ ୫ ହଜାର ଫର୍ମ ଆସିଛି। ମାତ୍ର ଏହାଠାରୁ ଆଶାୟୀଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ପର୍ଯ୍ୟାୟକ୍ରମେ ଫର୍ମ ଲୋକମାନଙ୍କୁ ଦିଆଯାଉଛି।

# ସେବାଶ୍ରମରେ ଭକ୍ତ ସମ୍ମେଳନ

**ବୋଲଗଡ଼, ୭।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ଶ୍ରୀ ଶ୍ରୀ ରାମକୃଷ୍ଣ ସେବାଶ୍ରମଠାରେ ସୋମବାର ଭକ୍ତ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ମା'ସାରଦା ଦେବୀଙ୍କ ଜୀବନୀ ନାରୀ ଚରିତ୍ର ଗଠନର ପଥ ପ୍ରଦର୍ଶକ ବୋଲି ସମାରୋହରେ ଯୋଗଦେଇ ସେବାଶ୍ରମର ଅଧକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ପ୍ରକାଶ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ, ପ୍ରବଚନ ଆଦି ହୋଇଥିଲା। ସମ୍ମେଳନରେ ସ୍ଥାନୀୟ ମା'ସାରଦା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ନଳିନୀ ସାହୁ ଆଧ୍ୟାତ୍ମିକ ବକ୍ତବ୍ୟ ପ୍ରଦାନ କରିଥିଲେ।

# ୧୧ରୁ ଦଶପଲ୍ଲା କପ୍ ଫୁଟବଲ୍

**ଦଶପଲ୍ଲା,୭।୧ (ଡି.ଏନ.ଏ.)**

ସବୁବର୍ଷ ପରି ଚଳିତ ବର୍ଷ ସ୍ୱୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ୨୦ ତମ ଦଶପଲ୍ଲା କପ୍ ଫୁଟବଲ୍ ପ୍ରତିଯୋଗିତା ଆସନ୍ତା ୧୧ତାରିଖରୁ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୧୧ଟି ପ୍ରମୁଖ ଫୁଟବଲ୍ ଦଳ ଅଂଶଗ୍ରହଣ କରିବେ ବୋଲି ସ୍ୱୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାର ଏ ଗ୍ରୁପରେ ଦଶପଲ୍ଲା, ଟାଉନ୍ କ୍ଲବ ଫୁଲବାଣୀ, ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର, ସଂଘର୍ଷ ସ୍ୱୋର୍ଟିଭ ଭୁବନେଶ୍ୱର, ମଙ୍ଗଳା କ୍ଲବ କଟକ ସ୍ଥାନ ପାଇଥିବାବେଳେ ବି ଗ୍ରୁପରେ ରେଙ୍ଗାଲୀ, ଝାରସୁଗୁଡ଼ା, ଓଡ଼ିଶା ପୋଲିସ କଟକ, ହାଲ୍ ସୁନାବେଡ଼ା, କେଏଫସି ଖୋର୍ଦ୍ଧା, ଜୁଭେନଷ୍ଟସ୍ କୋଟପାଡ୍ ଓ ଇଷ୍ଟକୋଷ୍ଟ ରେଲୱେ ଦଳ ସ୍ଥାନ ପାଇଛନ୍ତି। ଖେଳର ପ୍ରଥମ ସେମିଫାଇନାଲ୍ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେଉଥିବାବେଳେ ୨ୟ ସେମିଫାଇନାଲ୍ ୧୯ ତାରିଖରେ ହେବ। ଏହାର ଫାଇନାଲ୍ ମ୍ୟାଚ୍ ୨୦ ତାରିଖରେ ଅନୁଷ୍ଠିତ ହେବ।

# ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତି ବୈଠକ

**ବୋଲଗଡ଼,୭।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ଉଚ୍ଚ ବିଦ୍ୟାଳୟଠାରେ ବାଙ୍କୋଇ ଜୋନ୍ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଶିକ୍ଷାବିତ୍ କୁଳମଣି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୧୨୦ଜଣ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ନନ୍ଦକିଶୋର ନାୟକ ଗୀତାପାଠ, ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ଗୁରୁବନ୍ଦନା ଓ ନାରାୟଣ ମିଶ୍ର ବୈଦିକ ଶ୍ଳୋକ ଆବୃତ୍ତି କରିଥିଲେ। ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ସମିତିର ୧୦ ଜଣ ବର୍ଷିୟାନ ସଦସ୍ୟଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ୫ଜଣ ନୂତନ ସଦସ୍ୟ ସମିତିରେ ଯୋଗଦେଇଛନ୍ତି। ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ବଂଶୀଧର ବଳିୟାରସିଂହ, ମୀନକେତନ ସୁବୁଦ୍ଧି, ଜୟକୃଷ୍ଣ ଫତେସିଂହ, ନବଘନ ସାହୁ, ଲକ୍ଷ୍ମୀଧର ମହାପାତ୍ର ଓ ସୁଦର୍ଶନ ଛୋଟରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।


## CORRIGENDUM

No. 248 Date: 07.01.19

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

In pursuance to Advt. No. 11810 dt- 28.12.2018, Walk-In-Interview for the post of ADDL.ANM which was scheduled to be held on dt.09.01.2019 is hereby rescheduled to dt.10.01.2019 due to Bharat Bandh on dt.09.01.2019. The other terms and conditions remain unchanged.

**Sd./- Chief District Medical & PHO Cum District Mission Director, NHM, Bargarh**

## ନିବେଦନ

ଏତଦ୍ୱାରା ବଲାଙ୍ଗୀର ଜିଲ୍ଲାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଯେ, ନିଜ ଘରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରି ବ୍ୟବହାର କରନ୍ତୁ। ବେସଲାଇନରେ ଚିହ୍ନିତ ଥିବା ହିତାଧିକାରୀମାନେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରି ସରକାରଙ୍କ ପ୍ରଦତ୍ତ ପ୍ରୋତ୍ସାହନ ରାଶି ପାଇବାରେ ସୁଯୋଗ ନିଅନ୍ତୁ ଏବଂ ବଲାଙ୍ଗୀର ଜିଲ୍ଲାକୁ ଖୋଲାମଳ ମୁକ୍ତ ଜିଲ୍ଲା ଗଠନ କରିବାରେ ସହାୟକ ହୁଅନ୍ତୁ।

"ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା" "ସ୍ୱଚ୍ଛ ବଲାଙ୍ଗୀର, ସୁସ୍ଥ ବଲାଙ୍ଗୀର"

**ନିବେଦକ- ଜିଲ୍ଲା ଜଳ ଓ ପରିମଳ ମିଶନ, ବଲାଙ୍ଗୀର**

## ବରୁଣେଶ୍ୱର ମେଳା ପାଇଁ ବିଜ୍ଞପ୍ତି

ପତ୍ର ସଂଖ୍ୟା :୧ ତା.୦୭.୦୧.୨୦୧୯

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶ୍ରୀ ବାବା ବରୁଣେଶ୍ୱର ମେଳା ଆସନ୍ତା ତା.୧୪.୦୧.୨୦୧୯ରିଖ (ସୋମବାର)ଠାରୁ ତା. ୨୨.୦୧.୨୦୧୯ରିଖ (ମଙ୍ଗଳବାର) ପର୍ଯ୍ୟନ୍ତ ଅରେଇସ୍ଥିତ ବରୁଣେଶ୍ୱର ମେଳା ପଡିଆରେ ଅନୁଷ୍ଠିତ ହେବ। ଏହି ମେଳା ପଡ଼ିଆରେ ଇଚ୍ଛୁକ ବ୍ୟକ୍ତି ଦୋକାନ ବଜାର ଦେବା ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ ସ୍ଥାନୀୟ ତହସିଲଦାର, ବିଞ୍ଝାରପୁର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବରୁଣେଶ୍ୱର କଲ୍ୟାଣମଣ୍ଡପଠାରେ ଆସନ୍ତା ତା. ୦୮.୦୧.୨୦୧୯ ରିଖ ଠାରୁ ତା.୧୩.୦୧.୨୦୧୯ରିଖ ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଯୋଗାଯୋଗ କରି ନିର୍ଦ୍ଧାରିତ ଦେୟ ଦେଇ ରସିଦ୍ ଗ୍ରହଣ କରନ୍ତୁ। ଯୋଗାଯୋଗ ସମୟରେ ପୁରୁଣା ରସିଦ୍ ଓ ଆଧାରକାର୍ଡ ଆଣିବା ଜରୁରୀ ଅଟେ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଞ୍ଝାରପୁର
ସ୍ୱା. ତହସିଲଦାର, ବିଞ୍ଝାରପୁର

## Odisha State Medical Corporation Limited (OSMC)

Assuring Quality, Saving Lives

**In front of Ram Mandir, Convent Square, Unit – III, Bhubaneswar -751 001**
**Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in**
**Date: 05.11.2019**

### Notice Inviting E-Tender For Supply, Installation & Commissioning of Radio Imaging Equipments

**No. CAD-1228:-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-RADIOLOGY/20 | Supply, Installation & Commissioning of Radio Imaging Equipments | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 05.01.2019, 3 PM | |
| 2. | Date & time of Pre-bid meeting | 14.01.2019, 11 AM<br>Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>**22.01.2019, 3 PM** | End Date & Time<br>**07.02.2019, 5 PM** |
| 4. | Date & time of online Technical bid opening | **11.02.2019, 11 AM** | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./-**
**Managing Director**
**OSMC Ltd., Odisha**

10112/11/0050/1819

## GOVERNMENT OF ODISHA
## ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT

No. 21339 /SSD, Bhubaneswar Dated. 15th November, 2018
STSCD-WOEP-CASE 3-0009-2015

### ORDER

No.86-V: Whereas a disciplinary proceeding has been initiated against Sri Manas Ranjan Pattnaik, Ex-W.E.O., Banarpal Block, Angul under Rule-15 of OCS (CC&A) Rules, 1962 vide Proceeding No.7917 dt.07.03.2002.

And whereas the Disciplinary Authority considered it necessary to appoint the A.D.M. Angul as the Inquiring Officer and the B.D.O., Banarpal as the Marshalling Officer Sub-Rule-4 & 5 of Rule-15 of OCS(CC&A) Rules,1962 vide ST & SC Development Department Office Order No.37394/SSD Dt.22.08.2003.

And whereas the Inquiring Officer submitted his enquiry report Dated.09.10.2015.

And whereas the enquiry report was sent to the Delinquent Officer through the 1st Show Cause Notice No.23013/SSD, dated.23.11.2015. The 1st Show Cause Notice was returned without being served upon the addressee. Hence, Sri Pattnaik was intimated through a notice published in two local dailies viz, "The Samaj" and "The Dharitri" (dtd. 12.05.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer within 15 days.

And whereas the Delinquent Officer has not responded to the above mentioned Notice and has not submitted his representation within the stipulated time.

And whereas the 2nd Show Cause Notice along with the proposed punishment was issued vide No.17156/SSD, dated.05.09.2018 calling upon him to submit his representation against the proposed punishment within 15 days of publication of the said notice. The same was also published in two local dailies viz, "The Samaj" and "The Dharitri" (dtd. 06.09.2018).

And whereas the Delinquent Officer has not submitted his representation against the proposed punishment within the stipulated time.

And whereas after careful consideration of article of charges, enquiry report of the Inquiring Officer, the Disciplinary Authority has been pleased to impose the following punishment on the Delinquent Officer on finalisation of the disciplinary proceeding.

1. Rs.18,700/- be recovered from the Delinquent Officer with interest from the date of receipt.
2. Suspension period is treated as such.

26001/11/0029/1819 **Sd./- Director (ST)-cum-Special Secretary to Govt.**

## GOVT. OF ODISHA
### e-procurement Notice for online tender

**Bid Id - GMID-II/10/2018-19**

| | | |
|---|---|---|
| Name of the Work | : | Civil Construction Work |
| No. of Work | : | 22 (Twenty Two) |
| Estimated Cost | : | Varies from Rs. 15.15 Lakhs to Rs 57.85 Lakhs |
| Period of Completion | : | 4 (Four) to 5(Five) Calendar months |
| Time for availability of bid for online bidding | : | From 09.01.2019 to 19.01.2019 up to 5.00 P.M |
| Name and address of OIT | : | Executive Engineer, M.I.Divn., Ganjam-II, Berhampur |

No.1095-A

Further details can be seen from the website : **www.tendersorissa.gov.in**.

**Sd./- Er. M.R.Dash**
**Executive Engineer**
**M.I.Division, Ganjam-II, Berhampur**

32043/11/0007/1819